DIGITAL EDITION

ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୪ Vol. 22 No-24 24 APRIL 2025 THURSDAY BHUBANESWAR ଗୁରୁବାର, ୨୪ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


# Odisha Bhaskar Live

## Presents

# THE VOICE

CONCLAVE OF

# IDEAS

27th April, 2025

**When voices unite, ideas find wings and the world begins to change**


Explore Bold Insights on Business, Health, Education, Media, Real Estate & Spiritualism

## The Conclave will be Enlighten by



**Shri Dharmendra Pradhan**
(Hon'ble Union Minister for Education)

## Valedictory Session



Chief Guest
**Shri Jitan Ram Manjhi**
(Hon'ble Union Minister for MSME)



Guest of Honour
**Smt. Pravati Parida**
(Hon'ble Deputy Chief Minister of Odisha)

## Along with Inspiring presence of



**Shri Suryabanshi Suraj**
Hon'ble Minister of Higher Education, Sports & Youth Services, Odia Language, Literature & Culture




**Dr. Mukesh Mahaling**
Hon'ble Minister of Health and Family Welfare, Parliamentary Affairs, Electronic and Information Technology




**Shri Prithviraj Harichandan**
Hon'ble Minister of Law, Works and Excise


## Eminent Minds to Contribute




**Tilak Raj Mohanty**
(Founder, TK Digital)




**Ms. Tisca Chopra**
(Bollywood Actress)




**Mr. Aman Gupta**
(Co-Founder Boat, Investor in Sony TV's business reality show Shark Tank India)




**Mr. Rohit Kapoor**
(Co-Founder Swiggy)




**Shri Aniruddhacharya Ji**
(Spiritual leader and Story-Teller, & Founder of Gouri Gopal Ashram)




**Shri Rahul Dev Ji**
(Pandit Hari Dutt Sharma Awardee and Honorary Advisor to the Speaker's Research Initiative, Parliament of India & Managing Trusteeof the Samyak Foundation)




**Padma Shri Alok Mehta**
(Sr Journalist and Author)




**Dr. Vertika Nanda**
(President awardee for Stree Shakti Puraskar and Sr. Journalist)




**Shri Ruben Banerjee**
(Sr Journalist and Author)



**Shri Aakash Ohri**
(Joint Managing Director, DLF)



**Ms Ruby Sinha**
(President of BRICS CCI WE Women's Vertical)



**Binny Advani**
(Moderator)

For Registration, Scan



ବିହାର ଗସ୍ତରେ ଯିବେ ମୋଦୀ | ୬

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR ଯାହା ଆପଣଙ୍କ କଥା କହେ



'ଡନ୍-୩' ର ନାୟିକା ହେବେ କ୍ରୀତି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୪ Vol. 22 No-24 24 APRIL 2025 THURSDAY BHUBANESWAR ଗୁରୁବାର, ୨୪ ଏପ୍ରିଲ ୨୦୨୫ ପୃଷ୍ଠା: ୮ ମୂଲ୍ୟ: ୭.୦୦





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
ସଦୟ ଉପସ୍ଥିତିରେ

## ରାଜ୍ୟସ୍ତରୀୟ ସମାରୋହ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
**ଶକ୍ତି ବିଭାଗ, ଓଡ଼ିଶା ସରକାର**

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର**

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

DSPL - 39

OIPR 19001/13/0016/2526

ଓଡ଼ିଶା ଭାସ୍କର
# ମହାନଗର




କଟକ(ଭାସ୍କର ନ୍ୟୁଜ୍): କାଶ୍ମୀରର ପହଲଗାଁଅରେ ଆତଙ୍କବାଦୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା ପ୍ରତିବାଦରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଆତଙ୍କବାଦୀଙ୍କୁ ମୃତ୍ୟୁଦଣ୍ଡ, ପୀଡିତ ହିନ୍ଦୁ ପରିବାରଙ୍କୁ ଆର୍ଥିକ ସହଯୋଗ ଏବଂ ସରକାରୀ ଚାକିରୀ ପ୍ରଦାନ, ସମସ୍ତ ଧାର୍ମିକ ସ୍ଥଳର ସୁରକ୍ଷା ଓ ନିରାପଦ ଯାତ୍ରା ପାଇଁ ଏକ 'ରାଷ୍ଟ୍ରୀୟ ସୁରକ୍ଷା ନୀତି' କରିବାକୁ ଦାବି କରାଯାଇଛି। ଧର୍ମକୁ ଆଧାର କରି କରାଯାଉଥିବା ହତ୍ୟାକୁ ରାଷ୍ଟ୍ରଦ୍ରୋହ ଶ୍ରେଣୀଭୁକ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଜେହାଦୀ ଆତଙ୍କବାଦ ପ୍ରଶିକ୍ଷଣ ଦେଉଥିବା ମଦ୍ରାସା ଗୁଡିକୁ ପ୍ରତିବନ୍ଧିତ କରିବାପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ଦୀପକ କୁମାର ମହାନ୍ତ, ଦୀନବନ୍ଧୁ ସିଂହ, ସ୍ୱାମୀ ମାନସ ଚୈତନ୍ୟ ମହାରାଜ, ବୃନ୍ଦାବନ ନାୟକ, ଲଲାଟେନ୍ଦୁ ରାଉତରାୟ ଦେଇଥିଲେ।



## ବିଭିନ୍ନ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧିନସ୍ଥ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁଁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷ ଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁଁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ କାଜୁ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫ ପ୍ରତିଶତ ପ୍ରଦାନ କରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ।

## ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ଛଡା ଯିବନି : ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜମ୍ମୁ କାଶ୍ମୀରର ପହେଲଗାଓଁରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖି କହିଛନ୍ତି ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ଛଡା ଯିବ ନାହିଁ। ଆତଙ୍କବାଦୀଙ୍କ ଏଭଳି ବର୍ବରତାର କାଣ୍ଡର କ୍ଷମା ନାହିଁ। ଆତଙ୍କବାଦୀ ଲଢ଼େଇରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ସହିତ ଅଛି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ପହେଲଗାଓଁରେ ଆତଙ୍କବାଦୀ ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ତାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ। କେନ୍ଦ୍ର ସରକାର କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା କରିଥିବା ବେଳେ ଆତଙ୍କବାଦୀଙ୍କ ଏଭଳି ବର୍ବରତାର କାଣ୍ଡର କ୍ଷମା ନାହିଁ। କେନ୍ଦ୍ର ସରକାରଙ୍କ ସହିତ ଓଡ଼ିଶାର ସାଢେ ଚାରି କୋଟି ଓଡ଼ିଆ ଅଛନ୍ତି।

## କ୍ରେଡ଼ାଇ ଓଡିଶା ହୋମ୍ ଏବଂ ଡେକର୍ ଏକ୍ସପୋ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କ୍ରେଡାଇ ଓଡିଶା ହୋମ୍ ଏବଂ ଡେକର୍ ଏକ୍ସପୋ ୨୦୨୫ ପ୍ରତିଦିନ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରି ସହରର ସବୁଠାରୁ ଜୀବନ୍ତ ଇଭେଣ୍ଟ୍ ମାନଙ୍କ ମଧ୍ୟରେ ଅନ୍ୟତମ ହୋଇଉଠିଛି। ଏପ୍ରିଲ ୨୦ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମେଦାନରେ ଅନୁଷ୍ଠିତ ଏହି ନଅ ଦିନିଆ ମେଳାରେ ରିଏଲ୍ ଏଷ୍ଟେଟ୍, ଘର ସଜାଣି, ନିର୍ମାଣ ସାମଗ୍ରୀ ଏବଂ ଲାଇଫଷ୍ଟାଇଲ୍ ଇନୋଭେସନ୍ ଏକାଠି ପ୍ରଦର୍ଶିତ ହେଉଛି। ଏବର୍ଷର ଏକ୍ସପୋ କେବଳ ସାଧାରଣ ଲୋକଙ୍କୁ ନୁହେଁ, ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଆକର୍ଷିତ କରିଛି। ମଙ୍ଗଳବାର ରାଜ୍ୟପାଳ ଡଃ ହରିବାବୁ କମ୍ଭାଟି ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ପ୍ରଦର୍ଶକମାନଙ୍କ ସହ କଥାବାର୍ତ୍ତା କରି ପ୍ରଦର୍ଶିତ ନବୀନ ପ୍ରଯୁକ୍ତିକୁ ପ୍ରଶଂସା କରିଥିଲେ। ଏହାଛଡା କଟକ ବିଧାୟିକା ସୋଫିଆ ଫିର୍ଦୋସ୍ ମଧ୍ୟ ଏକ୍ସପୋ ପରିଦର୍ଶନ କରିଥିଲେ। ଗୁରୁବାର ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପତ୍ର ଏବଂ ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ୍ୟ ଏହି ଇଭେଣ୍ଟ ପରିଦର୍ଶନ କରି ବିଭିନ୍ନ ପ୍ରଦର୍ଶନୀ ଏବଂ ପ୍ରତିଭାଗୀମାନଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ରେଡାଇ ଓଡିଶାର ପ୍ରେସିଡେଣ୍ଟ୍ ସ୍ୱଦେଶ କୁମାର ରାଉତରାୟ, ୨୦୩୬ ସୁଦ୍ଧା ସମସ୍ତଙ୍କ ପାଇଁ ଆବାସର ସୁନିଶ୍ଚିତତାକୁ ଲକ୍ଷ୍ୟ କରି ବିକଶିତ ଓଡିଶାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଏକ୍ସପୋରେ ଶୀର୍ଷ ବିଲଡର୍ମାନେ, ବ୍ୟାଙ୍କ୍, ନିର୍ମାଣ ସାମଗ୍ରୀ ପ୍ରସ୍ତୁତକାରୀ, ଇଲେକ୍ଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ୍ କମ୍ପାନୀ, ଇଣ୍ଟେରିୟର୍ ଡିଜାଇନର୍, ଟାଇଲ୍ ଏବଂ ସାନିଟାରୱେୟାର୍ ବ୍ରାଣ୍ଡ୍ ଆଦି ସମେତ ଅନେକ ପ୍ରଦର୍ଶକ ଯୋଗଦାନ କରିଛନ୍ତି, ଯାହା ଘର ଖୋଜୁଥିବା ଲୋକଙ୍କ, ବିନିଯୋଗକାରୀଙ୍କ, ଆର୍କିଟେକ୍ଟମାନଙ୍କ ଏବଂ ଡେକର୍ ଉତ୍ସାହୀଙ୍କ ପାଇଁ ଏକାଠି ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ଦର୍ଶକମାନେ ଏଠାରେ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ସସଟେନେବଲ୍ ବିଲଡିଂ ସମାଧାନ ଏବଂ ଭବିଷ୍ୟତମୁଖୀ ଲାଇଫଷ୍ଟାଇଲ୍ ଉତ୍ପାଦ ବିଷୟରେ ଅବଗତ ହୋଇପାରିବେ। ଏହା ଛଡା, ଆବାସ, ଇଣ୍ଟେରିୟର୍ ଡେକର୍ ଏବଂ ସହରୀ ଜୀବନ ଉପରେ କେନ୍ଦ୍ରିତ ବିଶେଷଜ୍ଞ ଆଲୋଚନା, ଇଣ୍ଟରାକ୍ଟିଭ୍ ସେସନ୍ ଏବଂ ଟ୍ରେଣ୍ଡ୍ ବିଶ୍ଳେଷଣ ମଧ୍ୟ ଏହି ଇଭେଣ୍ଟ୍‌ରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଏକ୍ସପୋରେ କ୍ରେଡାଇ ଓଡିଶାର ଉପ-ଚେୟାରମ୍ୟାନ୍ ବିନୟ କୃଷ୍ଣ ଦାସ, ସେକ୍ରେଟାରୀ ଅନିଲ୍ ଅଗ୍ରୱାଲ୍, ପ୍ରେସିଡେଣ୍ଟ୍ (ଇଲେକ୍ଟ) ଉମା ଶଙ୍କର ପାଣିଗ୍ରାହୀ, ଉପ-ପ୍ରେସିଡେଣ୍ଟ୍ ଉମେଶ ଖଣ୍ଡେଲୱାଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଇଣ୍ଡଷ୍ଟ୍ରି ନେତାମାନେ ଉପସ୍ଥିତ ଥିଲେ।

## ବିଏମ୍‌ସି ପକ୍ଷରୁ ଖାଦ୍ୟ ଯାଞ୍ଚ ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଏମ୍‌ସି ପକ୍ଷରୁ ଖାଦ୍ୟ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି । ଗ୍ରୀଷ୍ମ ଋତୁରେ ସାଧାରଣତଃ ପାନୀୟ ଜଳ ଏବଂ ଥଣ୍ଡା ଖାଦ୍ୟ ଇତ୍ୟାଦିରେ ଲୋକମାନଙ୍କର ଆଗ୍ରହ ଜନିତ ଖାଦ୍ୟର ବିକ୍ରି ବଢୁଥିବା ଲକ୍ଷ୍ୟ କରାଯାଉଛି । ବିଶେଷ କରି ଖାଦ୍ୟର ସଂକ୍ରମଣ ହେତୁ ବିଭିନ୍ନ ପ୍ରକାର ଜଳବାହିତ ରୋଗ ଯାହାକି ଜଣ୍ଡିସ, ତରଳ ଝାଡା ଇତ୍ୟାଦି ହୋଇପାରେ । ତେଣୁ ଏ ଦିଗରେ ଜନ ସଚେତନତା ସହିତ ଖାଦ୍ୟ ଦ୍ରବ୍ୟ ବିକ୍ରୟକାରୀଙ୍କୁ ସଚେତନ କରାଯାଇଛି । ଏହି ଉପଲକ୍ଷେ ଆଜି ନିଳାଦ୍ରୀ ବିହାର ଅଂଚଳରେ ଥିବା କେୟାର ହସପିଟାଲ ନିକଟସ୍ଥ ଖାଦ୍ୟ ଦୋକାନଗୁଡିକରେ ପରିମଳ ଜନିତ ତନଖି କରାଯାଇଥିଲା । ଟିମ୍ ସାଇନ୍ ଏବଂ ଫୁଡ ସ୍କାର୍ଡର ସଦସ୍ୟମାନେ ବିଭିନ୍ନ ଖାଦ୍ୟ ଦୋକାନକୁ ଯାଇ ହଠାତ ଯାଞ୍ଚ କାର୍ଯ୍ୟ କରିଥିଲେ । ଟିମ୍ ସାଇନ ପରିମଳ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ ବାବଦରେ ନିରୀକ୍ଷଣ କରିଥିଲେ । ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ହକର, ଦହିବରା ଠେଲା ଇତ୍ୟାଦିଙ୍କର ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଇଥିଲା । ଅପରିଷ୍କାର ପରିବେଶରେ ଅସ୍ୱାସ୍ଥ୍ୟକର ଏବଂ ବାସୀ ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀମାନଙ୍କୁ ତାଗିଦ କରିବା ସହ ୪୦-୮୦ କେଜି ଖାଦ୍ୟ ନଷ୍ଟ କରାଯାଇଥିଲା । ଅସ୍ୱାସ୍ଥ୍ୟକର ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ୫ ଜଣ ଦୋକାନୀଙ୍କଠାରୁ ୧୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଆଉ କିଛି ଦୋକାନୀଙ୍କୁ ନୋଟିସ ଜାରି କରାଯାଇଛି । ପରିଷ୍କାର ପରିବେଶ ମଧ୍ୟରେ ସୁଷମ ଏବଂ ପୃଷ୍ଟିକର ଖାଦ୍ୟ ବିକ୍ରି କରିବା ପାଇଁ ସମସ୍ତଙ୍କୁ ତାଗିଦ କରାଯାଇଛି । ସୂଚନାଯୋଗ୍ୟ କି ଏହି ଯାଞ୍ଚ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଂଚଳରେ ଜାରି ରହିବ । ସଂପୃକ୍ତ ବ୍ୟବସାୟୀମାନେ ନିରାପଦ ଖାଦ୍ୟ ପାନୀୟକୁ ଗୁରୁତ୍ୱ ଦେବାକୁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି ।

## ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଲା ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଉରକେଲାରେ ଆଦିବାସୀଙ୍କୁ ବୁଲଡୋଜର ଚଢାଇ ହତ୍ୟା ପ୍ରସଙ୍ଗରେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି କହିଛନ୍ତି ଆଦିବାସୀମାନେ ଶାନ୍ତିପୂର୍ଣ୍ଣ ବିରୋଧ କରୁଥଲେ। ଏତୋ ଏକ୍କାଙ୍କୁ ପୋଲିସ ପ୍ରଶାସନ ଉପସ୍ଥିତିରେ ବୁଲଡୋଜର ଚଢାଇ ହତ୍ୟା କରାଗଲା। ସିଦ୍ୟୁଲ ଅଂଚଳରେ ଏକ୍ସପାନସନ କାମ ହେଲେ ଗ୍ରାମସଭା ହୁଏ। ଏହି ପ୍ରସ୍ତାବ ଗ୍ରାମସଭାରେ ପଡି ପାରିଥାନ୍ତା। ସିଦ୍ୟୁଲ ଅଞ୍ଚଳରେ ପେଶା ଆଇନ ମାନିନାହାନ୍ତି।ବୁଲଡୋଜର ସରକାର ୟୁପିରେ ଚାଲିଛି ବୋଲି ଶୁଣାଯାଉଥିଲା। କିନ୍ତୁ ଓଡ଼ିଶାରେ ବିଜେପି ଆସିବା ପରେ ଏଠି ସେମିତି ହେଉଛି। ବିଜେପି ଗଣତାନ୍ତ୍ରିକ ବ୍ୟବସ୍ଥା ଆଧାରରେ ଲୋକଙ୍କ ସହ ଆଲୋଚନା କରି ବିକାଶମୂଳକ କାର୍ଯ୍ୟ ହୋଇପାରିବ। ବିଜେଡି ଏହି ଲଢ଼େଇକୁ ଆଗକୁ ନେବ। ନିରୀହ ଆଦିବାସୀଙ୍କୁ ହତ୍ୟା ଏକ କୋଲଡ଼୍ ବ୍ଲଡେଡ଼୍ ମର୍ଡର। କାଲି ଏସଟି କମିଶନ ଯାଇଥିଲା ବିଜେଡି ଓ ଆଜି ମାନବାଧିକାର କମିଶନ ଆସିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି କେଉଁଠି ବୁଲଡୋଜର ଚଢାଯାଇପାରିବ ନାହିଁ। ମାନବାଧିକାର

## ପହଲଗାମ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଏବିଭିପିର ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜମ୍ମୁ ଓ କାଶ୍ମୀରର ପାହଲଗାମ ଠାରେ ହୋଇଥିବା ଆତଙ୍କବାଦୀଙ୍କ ବର୍ବର ଆକ୍ରମଣକୁ ଦୃଢ଼ ନିନ୍ଦା କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୨୨ ତାରିଖରେ କାଶ୍ମୀରର ପହଲଗାମ ଠାରେ ନୀରିହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ଏବଂ ଆକ୍ରମଣରେ ୨୭ ଜଣ ପର୍ଯ୍ୟଟକମାନଙ୍କ ଦେହାନ୍ତ ଅତ୍ୟନ୍ତ ଦୁଃଖଦ ଏବଂ ନିନ୍ଦନୀୟ ଘଟଣା। ଧର୍ମକୁ ଆକ୍ଷେପ କରି ହିନ୍ଦୁ ପର୍ଯ୍ୟଟକ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ବର୍ବୋରଚିତ ଏବଂ ଘୃଣ୍ୟ। ଏହି ବର୍ବରତାକୁ ବିଦ୍ୟାର୍ଥୀ ପରିଷଦ ତରଫରୁ ଦୃଢ଼ ନିନ୍ଦା କରାଯିବା ସହ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି ଏବଂ ଭାରତ ସରକାରଙ୍କ ତରଫରୁ କଟ୍ଟରପନ୍ଥୀ ଆତଙ୍କବାଦୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଏବିଭିପି ଭୁବନେଶ୍ୱର ତରଫରୁ ରାମ ମନ୍ଦିର ଠାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଦୀପ ଦାନ କରାଯାଇଥିଲା । ଏହା ପରେ ରାମ ମନ୍ଦିର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପାକିସ୍ତାନ ପତାକା ପୋଡି କରାଯାଇଥିଲା । ଏହି ବିକ୍ଷୋଭ ପ୍ରଦର୍ଶନରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର, ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଭୁବନେଶ୍ୱର ପୂର୍ବ ଓ ଉତ୍ତର ଜିଲ୍ଲା ସଂଗଠନ ସମ୍ପାଦକ ଅରିଜିତ ପଟ୍ଟନାୟକ, ରାଜ୍ୟ ସହ ସମ୍ପାଦକ ରାଜକୁମାର ମିଶ୍ର, ମହାନଗର ସହ ସମ୍ପାଦକ ଗଙ୍ଗାଧର ପାଢୀ, ରତିକାନ୍ତ ବାରିକ ସମେତ ଭୁବନେଶ୍ୱର ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ନିଆଳୀର ଶତାଧିକ ବିଜେଡି କର୍ମୀ ବିଜେପିରେ ଯୋଗଦେଲେ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି । ବିଜେଡି ଉପରୁ ଆସ୍ଥା ହରାଇ ଶତାଧିକ ବ୍ୟକ୍ତି ବିଜେପିକୁ ଅନୁପ୍ରାଣିତ କରି ଆଜି ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର, ନିଆଳୀ ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ମାଧବ ମଣ୍ଡଳ ସଭାପତି ଶାନ୍ତନୁ କୁମାର ଦାସ, ପୂର୍ବତନ ମଣ୍ଡଳ ସଭାପତି ପତିତପାବନ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ଆଦିତ୍ୟ ପାଣି, ତିହୁଡି ପଂଚାୟତ ସମିତିସଭ୍ୟ ଶଶିକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ହେବ ୨୦ ନୂଆ ଏନ୍‌ଏସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗଠନ ହେବ ୨୦ ନୂଆ ଏନ୍‌ଏସି। ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନ୍‌ଏସି ପାଇଁ ଜିଲ୍ଲାରୁ ବିସ୍ତୃତ ରିପୋର୍ଟ ଆସିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପଞ୍ଚାୟତିରାଜ ବିଭାଗକୁ ପଠାଇଛି। ପଂଚାୟତିରାଜ ବିଭାଗର ତର୍ଜମା ପରେ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବେ। ଏହା ପରେ ନୂଆ ଏନଏସି ଗଠନ ହେବ ବୋଲି କହିଛନ୍ତି ମନ୍ତ୍ରୀ।

## ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ପାଇଁ ପିସିସି ପକ୍ଷରୁ ଶୋକ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ ନବ ଗଠିତ ରାଜନୈତିକ ବ୍ୟାପାର କମିଟିର ପ୍ରଥମ ବୈଠକ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାର ଥିଲା କିନ୍ତୁ ଜମ୍ମୁ କାଶ୍ମୀରର ପହଲଗାମରେ ଗତକାଲି ଆତଙ୍କବାଦୀ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ ଶୋକ ପ୍ରସ୍ତାବ ଆଗତ କରାଯାଇ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଉକ୍ତ ଶୋକପ୍ରସ୍ତାବକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆଗତ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏହାକୁ ସମର୍ଥନ କରିଥିଲେ। ଗତକାଲି ଜାମ୍ମୁ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ଯେଉଁଭଳି ଭାବରେ ନିରୀହ ପର୍ଯ୍ୟଟକମାନଙ୍କୁ ବର୍ବୋରଚିତ ହତ୍ୟା କରାଗଲା ତାହା ଦୁର୍ଭାଗ୍ୟଜନକ। ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ ଦେଶର ସୁରକ୍ଷାପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ପିସିସି ସହପ୍ରଭାରୀ ରୋଜାଲିନ ତିର୍କୀ ଓ ଶାହନୱାଜ ଚୌଧୁରୀ, ନଗେନ୍ଦ୍ର ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଅମର ନାଥ ପ୍ରଧାନ, ସୁଶିଳା ତିରିଆ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ମହମ୍ମଦ ମୋକିମ, ବିଶ୍ୱରନ ମହାନ୍ତି, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ରଣଜିତ ପାତ୍ର, ଉଦିତ ପ୍ରଧାନ ଙ୍କ ସମେତ କଂଗ୍ରେସ ଦଳର ଅନେକ ବରିଷ୍ଠ ନେତା ଶ୍ରଦ୍ଧାଳି ଅର୍ପଣ କରିଥିଲେ।

## ରାଜ୍ୟରେ ପ୍ରତିଷ୍ଠା ହେବ ୫ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରତିଷ୍ଠା ହେବ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ହାଇକୋର୍ଟଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ହେଲେ ମହିଳା ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବ। ପ୍ରାରମ୍ଭିକ ଭାବେ ୫ଟି କୋର୍ଟ କରାଯିବ ଏବଂ ପରେ କୋର୍ଟ ସଂଖ୍ୟା ବୃଦ୍ଧି କରାଯିବ। ଏହାସହ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି । ସରକାର ଗ୍ରାମ୍ୟ ନ୍ୟାୟାଳୟ ମଧ୍ୟ ପ୍ରତିଷ୍ଠା କରିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

## ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ରଙ୍କୁ ବିଦା କରିବାକୁ ଏବିଭିପିର ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ରୁ ଅଣଛାତ୍ରଙ୍କୁ ବିଦା କରିବା ଓ ଏବଂ ନିଶା କାରବାରରେ ଅଣଛାତ୍ରମାନଙ୍କର ସମ୍ପୃକ୍ତିକୁ ମୂଳପୂଛ କରିବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୋଲିସ କମିସନର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟି ଲିଖତ ଆକାରରେ ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ଦେଇଛି । ଏବିଭିପି ରାଷ୍ଟ୍ର କାର୍ଯ୍ୟ କାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ୨୪ଘଣ୍ଟା ଭିତରେ ସ୍ଥାୟୀ ସମାଧାନ ନହେଲେ ବିଶ୍ୱବିଦ୍ୟାଳୟ ଆଗରେ ଅନସନରେ ବସିବାକୁ ଚେତାବନୀ ଦେଇଛନ୍ତି ।

## ସିଡିପିଓଙ୍କ ବିରୁଦ୍ଧରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): କଟକ ସିଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତାକୁ ଓହ୍ଲାଇଲେ ଶହ ଶହ ଅଙ୍ଗନୱାଡି କର୍ମୀ। କେବଳ ସେତିକି ନୁହେଁ କଟକ ସହରରେ ବୁଧବାର ପ୍ରାୟ ଦେଢ଼ଶହ ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ ରଖି ସିଏମ୍‌ସି କାର୍ଯ୍ୟାଳୟ ଆଗରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିଡିପିଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଛି । ଏହା ସହିତ ଅଙ୍ଗନବାଡି କର୍ମୀ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାର ମଧ୍ୟ ଏକାଧିକ ଅଭିଯୋଗ ରହିଛି । ବିଭାଗୀୟ ତଦନ୍ତ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ବିରୋଧରେ ଏଭଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ଅଭୟ ସାମନ୍ତରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




କଟକ,(ଭାସ୍କର ନ୍ୟୁଜ୍): ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, ସମାଜସେବୀ, ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଂପାଦକ ଅଭୟ ସାମନ୍ତରାୟଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ଏହି ସଭାକୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଓ ଓଡ଼ିଶା ରାଜ୍ୟ ବିଧି ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ଡ଼ଃ ପ୍ରମୋଦ କୁମାର ମହାପାତ୍ର, ମୁଖ୍ୟ ଅତିଥି, ପ୍ରଫେସର ସରୋଜିନୀ ଷଡ଼ଙ୍ଗୀ ସମ୍ମାନୀତ ଅତିଥି, ଡ଼ଃ ବୈଜୟନ୍ତୀ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ମହାପାତ୍ର ମ□କୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ । ପ୍ରାରମ୍ଭରେ ମାତୃବନ୍ଦନା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଅଭୟ ବାବୁ ଓଡ଼ିଆ ଭାଷାକୁ ପ୍ରଚାର ପ୍ରସାରଣ ନିମନ୍ତେ ଜୀବନ ତମାମ ଉଦ୍ୟମ ଜାରୀ ରଖିଥିଲେ । ଓଡ଼ିଆରେ ଲେଖିବା, ପଢ଼ିବା ଓ କହିବାକୁ ପ୍ରତ୍ୟେକ ସ୍ତରରେ ପ୍ରାଧାନ୍ୟ ଦେଉଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନନ୍ୟା ସାମନ୍ତରାୟ, ଡ଼ଃ ବସନ୍ତ ମଞ୍ଜରୀ ନନ୍ଦ ପ୍ରମୁଖ ଅଭୟବାବୁଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ । ଅବନୀ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ଼ଃ ସତ୍ୟ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ବିଏମ୍‌ସିର ୩୦ତମ ସାଧାରଣ ବୈଠକରେ ମେୟର ସୁଲଚନା ଦାସ, କମିଶନର ରାଜେଶପ୍ରଭାକର ପାଟିଲ ଓ ଅନ୍ୟମାନେ

### ମଣିପାଲ ହସ୍ପିଟାଲ୍ ଦ୍ୱାରା ପୂର୍ବ ଭାରତର ପ୍ରଥମ ଆଡ୍‌ଭାନ୍ସଡ ବାୟୋନିକ୍ସ ୩ଡି କୋହଲର୍ ଇମ୍ପ୍ଲାଣ୍ଟ

## ପୁଣିଥରେ ଶ୍ରବଣ ଶକ୍ତି ଫେରିପାଇଲା ୩ ବର୍ଷର ଶିଶୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ସଫଳତାର ସହିତ ପୂର୍ବଭାରତର ପ୍ରଥମ ଆଡ୍‌ଭାନ୍ସଡ ବାୟୋନିକ୍ସ ୩ଡି କୋହଲର୍ ଇମ୍ପ୍ଲାଣ୍ଟ ଲଗାଯାଇଛି । ଅନୁଗୁଳରୁ ଆସିଥିବା ଏକ ୩ ବର୍ଷର ଶିଶୁ ଠାରେ ଏହି ଲଗାଯାଇଛି । ଶିଶୁଟି ଜନ୍ମରୁ ଶ୍ରବଣ ଶକ୍ତି ୯୦ ଡ଼େସିବେଲରୁ କମ୍ ଥିଲା , ବୁଦ୍ଧିମତା ୯୨ ଥିବା ସର୍ତ୍ତେ ଶିଶୁଟି ମାନସିକ ସ୍ତରରେ ମଧ୍ୟ ବିକଶିତ ହୋଇନଥିଲା । ଶିଶୁଟି ଦୀର୍ଘ ୯ମାସ ଧରି ମୁଣ୍ଡ ଟେକି ବସିପାରୁ ନଥିଲା, କେବଳ ସେତିକି ନୁହେଁ ଏମ୍.ଆର.ଆଇ ପରୀକ୍ଷା କରିବା ପାଇଁ ପିଲାଟିକୁ ୬ମାସରୁ ଉର୍ଦ୍ଧ ସମୟ ଲାଗିଥିଲା । ଫଳରେ ଖୁବ୍ ଯନ୍ତ୍ରଣାଦାୟକ ଥିଲା ପିଲାଟିର ଜୀବନ । ଚିକିତ୍ସା ପାଇଁ ପିଲାଟିର ବାପାମାଆ ଅନେକ ହସ୍ପିଟାଲ ଓ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଶେଷରେ ଅନେକ ଆଶା ନେଇ ସେମାନେ ମଣିପାଲ ହସ୍ପିଟାଲର ଇଏନଟି ବିଶେଷଜ୍ଞ ଡାକ୍ତର ପ୍ରିତି ଶର୍ମାଙ୍କ ସହ ପରାମର୍ଶ କରିଥିଲେ । ସମସ୍ତ ପ୍ରକାର ପରୀକ୍ଷା ପରେ ଡାକ୍ତର ପ୍ରିତ ଶର୍ମା ଓ ତାଙ୍କ ଟିମ୍ ପିଲାଟିର ଆଡ୍‌ଭାନ୍ସଡ ବାୟୋନିକ୍ସ ୩ଡି କୋହଲର୍ ଇମ୍ପ୍ଲାଣ୍ଟ ଲାଗଯାଇଥିଲା । ବର୍ତ୍ତମାନ ପିଲାଟି ତାର ଶ୍ରବଣ ଶକ୍ତି ଫେରିପାଇଲା, ଏବଂ ଏକ ସାଧାରଣ ପିଲାଙ୍କ ଭଳି ଜୀବନ ଅତିବାହିତ କରୁଛି । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଇଏନ୍ଟି ବିଶେଷଜ୍ଞ ଡାକ୍ତର ପ୍ରିତି ଶର୍ମା ମତରେ, 'ଏହି ଆଡ୍‌ଭାନ୍ସଡ ବାୟୋନିକ୍ସ ୩ଡି କୋହଲର୍ ଇମ୍ପ୍ଲାଣ୍ଟ ବିଶେଷ ଭାବରେ ଶ୍ରବଣ ଶକ୍ତି କମ ଥିବା ଶିଶୁଙ୍କ ପାଇଁ ଏକ ବରଦାନ । ଏଥିପାଇଁ ଡାକ୍ତର ପ୍ରୀତି ଶର୍ମା। ମଣିପାଲ ହସ୍ପିଟାଲର ଆନେସ୍ଥେସିଆ ଟିମ୍, ଓଟି ଟିମ୍ର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ଫଳରେ ପିଲାଙ୍କ ଶ୍ରବଣ ଶକ୍ତି ଫେରିବା ସହିତ ମାନସିକ ସ୍ତରରେ ମଧ୍ୟ ବିକାଶ ହୋଇଥାଏ । ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡ଼ିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ପୂର୍ବ ଭାରତରେ ଉନ୍ନତ ପିଡିଆଟ୍ରିକ୍ ଇଏନ୍‌ଟି ଚିକିତ୍ସାରେ ଆମେ ଅଗ୍ରଣୀ ଭୂମିକା ଆମେ ଗର୍ବିତ। ଏହି ସଫଳତା ଆମ ପ୍ରତିବଦ୍ଧତାର ପ୍ରମାଣ-ଆମେ ନିରନ୍ତର ଭାବେ ଅଞ୍ଚଳରେ ନୂତନ ଚିକିତ୍ସା ପ୍ରଯୁକ୍ତି ଆଣିବାରେ ଲାଗିରହିଛୁ ଓ ଓଡିଶାରେ ପ୍ରତ୍ୟେକ ଶିଶୁ ପାଇଁ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଉପଲବ୍ଧ କରାଯିବାକୁ ସୁନିଶ୍ଚିତ କରୁଛୁ। କନସଲ୍ଟାଣ୍ଟ ଇଓ ଅଡିଓଲୋଜିଷ୍ଟ ସଞ୍ଜୟ କୁମାର ବେହେରାଙ୍କ ଅନୁସାରେ, ଏହି ଶିଶୁ ଏବେ ପରବର୍ତ୍ତୀ ଦୁଇ ବର୍ଷ ଧରି ମଣିପାଲ୍ ହସ୍ପିଟାଲ୍‌ରେ ଅଡିଟୋରି ଭର୍ବାଲ୍ ଥେରାପି ଗ୍ରହଣ କରିବେ, ଯାହା ତାଙ୍କର କଥାବାର୍ତ୍ତା ଓ ଭାଷା କୌଶଳ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ।





୨୦୨୬ରେ ପରଦାକୁ ଆସିବ ରାଣୀଙ୍କ 'ମର୍ଦାନୀ-୩' | ୮


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କତାରରେ ବିଳାସପୂର୍ଣ୍ଣ ଘର କିଣିଲେ ସୈଫ୍ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୪ | Vol. 22 No-24 | 24 APRIL 2025 THURSDAY BHUBANESWAR | ଗୁରୁବାର, ୨୪ ଏପ୍ରିଲ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ସିସିଏସ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପାକ୍ ନାଗରିକଙ୍କୁ ଭାରତ ମନା



- ଅଟ୍ଟାରି-ୱାଘା ସୀମା ବନ୍ଦ
- ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ
- ୪୮ଘଣ୍ଟା ମଧ୍ୟରେ ଭାରତଛାଡ଼ ନିର୍ଦ୍ଦେଶ
- ୧୯୬୦ ସିନ୍ଧୁଜଳ ବୁଝାମଣା ରଦ୍ଦ
- ପାକ୍ ରାଷ୍ଟ୍ରଦୂତଙ୍କୁ ଭାରତ ଛାଡ଼ ନୋଟିସ
- ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ/ଶ୍ରୀନଗର,୨୩।୪: ମଙ୍ଗଳବାର ଜାମ୍ମୁକାଶ୍ମୀର ପହଲଗାମରେ ଆତଙ୍କୀ ଆକ୍ରମଣରେ ୨୬ଜଣଙ୍କ ପ୍ରାଣହାନି ଘଟଣାକୁ ଭାରତ ସରକାର ଗମ୍ଭୀରତାର ସହ ନେଇଛନ୍ତି। ଏହି ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇଯାଇଛି। ଏପରିକି ଆମେରିକା, ରୁଷ, ଇସ୍ରାଏଲ, ଅଷ୍ଟ୍ରେଲିଆ ସମେତ ବହୁ ରାଷ୍ଟ୍ର ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସାଉଦୀଆରବ ଗସ୍ତ ଅଧାରୁ ବାତିଲ କରି ବୁଧବାର ସକାଳେ ଦିଲ୍ଲୀରେ ପହଞ୍ଚିବା ପରେ ସନ୍ଧ୍ୟାରେ ସୁରକ୍ଷା ସଂପର୍କୀତ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ତିନି ସେନାର ମୁଖ୍ୟ ଯୋଗ ଦେଇଥିଲେ। ବୈଠକ ପରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ପାକ୍ ଆତଙ୍କବାଦୀମାନେ ସୀମାପାର ହୋଇ ଆସୁଥିବାରୁ ଅଟ୍ଟାରୀ-ୱାଘା ସୀମାକୁ ବନ୍ଦ କରି ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଭାରତରେ ସାର୍କ ଭିସାରେ ଥିବା ସମସ୍ତ ପାକ୍ ନାଗରିକଙ୍କୁ ୪୮ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପାକିସ୍ତାନ ନାଗରିକ ଭାରତ ଆସିବା ଉପରେ ସଂପୂର୍ଣ୍ଣ ବାରଣ କରାଯାଇଛି। ୧୯୬୦ ମସିହାରେ ଭାରତ ଓ ପାକ୍ ମଧ୍ୟରେ ● ପୃଷ୍ଠା ୫ ଦେଖନ୍ତୁ

### କ୍ୟାବିନେଟ୍ ବୈଠକରେ ୬ ପ୍ରସ୍ତାବ ଅନୁମୋଦିତ

## ଇଏମ୍ଏଏସ୍ ଯୋଜନାକୁ ମଞ୍ଜୁରି




- ଉତ୍ପାଦ ଶୁଳ୍କ ନିୟମରେ ସଂଶୋଧନ
- ଅବକାରୀ କନେଷ୍ଟବଳଙ୍କ ନିଯୁକ୍ତିରେ ସଂସ୍କାର
- ପ୍ରମୁଖ ଜଳସେଚନ ପ୍ରକଳ୍ପର ଅଗ୍ରଗତିକୁ ଅନୁମୋଦନ
- ଓଡ଼ିଶା କଲ୍ୟାଣ ସେବାର ପୁନର୍ଗଠନ

ଭୁବନେଶ୍ୱର,୨୩।୪(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟର ଏକ ବୈଠକ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୫ ଟି ବିଭାଗର ୬ ଟି ପ୍ରସ୍ତାବ ଆଗତ କରାଯାଇଥିଲା ଓ ସମସ୍ତ ପ୍ରସ୍ତାବ ଗୁଡ଼ିକ ଆଲୋଚନା ପରେ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ ୭୯ରେ ସଂଶୋଧନ ସମ୍ବନ୍ଧୀୟ ଯେଉଁଥିରେ 'ଡିଷ୍ଟିଲାରୀ ଏବଂ ଅନ୍ୟାନ୍ୟ ଉତ୍ପାଦନ ୟୁନିଟ୍‌ରେ କାର୍ଯ୍ୟ କରିବାର ନିୟନ୍ତ୍ରଣ' ବିଷୟରେ ଉଲ୍ଲେଖ ରହିଛି । ଓଡ଼ିଶା ଅବକାରୀ ଅଧିନିୟମ, ୨୦୦୮ର ଧାରା ୯୦ ଅଧୀନରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ ୭୯ରେ ଥିବା ଏକ୍ସଟ୍ରା ଆୱାର ଅପରେସନ ଫିକୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୱେରୀ ୟୁନିଟ୍ ଗୁଡିକ ନିମନ୍ତେ ଛାଡ କରିବାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବ୍ୟବସାୟକୁ ସୁଗମ କରିବାରେ ସହାୟକ ହେବ ଯାହା ଦ୍ୱାରା ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସମନ୍ୱିତ ରୋଗୀ ପରିବହନ ଏବଂ ସ୍ୱାସ୍ଥ୍ୟ ସହାୟତା ସେବା ଅନ୍ତର୍ଗତ ଜରୁରୀକାଳିନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଜନା ଓଡିଶାରେ ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର ଏବଂ ଓଡିଶା ସରକାରଙ୍କ ମିଳିତ ପଦକ୍ଷେପ ୦୫,୦୩.୨୦୧୩ ଠାରୁ ଆରମ୍ଭ ହୋଇଛି । ୧୦୮ ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଓଡିଶାବାସୀଙ୍କ ପାଇଁ ଏକ ଲାଇଫ୍ ଲାଇନ୍ ହୋଇଛି। ଏହି ଯୋଜନା ରାଜ୍ୟର ୪.୫ କୋଟି ନାଗରିକଙ୍କ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ସେବାରେ ଉନ୍ନତି ଆଣିବା ନିମନ୍ତେ ଉଦ୍ଦିଷ୍ଟ । ରାଜ୍ୟର ସମସ୍ତ ବର୍ଗର ଲୋକଙ୍କର ● ପୃଷ୍ଠା ୫ ଦେଖନ୍ତୁ


### ଭାରତୀୟ ପାଣିପାଗ ବିଭାଗର ସୂଚନା

## ୨୬ଯାଏ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୪ (ବ୍ୟୁରୋ): ଗତ ଦୁଇଦିନ ହେବ ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରାରେ ଅଚାନକ ବୃଦ୍ଧି ଘଟିଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି। ୨୬ ଏପ୍ରିଲ ଯାଏ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ, ଗରମ ଓ ଆର୍ଦ୍ର ରାତିର ସମ୍ଭାବନା ଅଧିକ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମ୍ଭାବନା ରହିଥିବାବେଳେ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲ୍ଲାପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ସ୍ଥିତିର ଅଧିକ ସମ୍ଭାବନା ରହିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବାକୁ ଥିବାବେଳେ ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ସମ୍ଭାବନା ଥିବା ଆଇଏମ୍‌ଡି କହିଛି। ଅନ୍ୟପକ୍ଷରେ ପ୍ରଚଣ୍ଡକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ କଳାହାଣ୍ଡି, ନୂଆପଡ଼ା, ଦେବଗଡ଼, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ● ପୃଷ୍ଠା ୫ ଦେଖନ୍ତୁ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ପୁଲଓ୍ୱାମା ବର୍ବରତାର ପୁନରାବୃତ୍ତି

# କାଶ୍ମୀରରେ ପର୍ଯ୍ୟଟକଙ୍କ ରକ୍ତରେ ହୋଲି

ଭାରତର ଭୂସ୍ୱର୍ଗ ରୂପେ ପରିଚିତ ଜାମ୍ମୁ-କାଶ୍ମୀର ଆକାଶରେ ପୁଣି ଆତଙ୍କବାଦର କଳା ବାଦଲ। ପାକିସ୍ତାନରୁ ପ୍ରେରିତ ତଥା ତାଲିମ୍‌ପ୍ରାପ୍ତ ଆତଙ୍କବାଦୀ ବର୍ବରତାର ସବୁ ସୀମା ଲଙ୍ଘନ କରି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପହଲଗାମ୍‌କୁ କରିଛନ୍ତି ରକ୍ତ ରଞ୍ଜିତ। ସେଠାକୁ ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକମାନଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରି ୨୮ଟି ନିରୀହ ଜୀବନ ଲୁଟି ନେଇଛନ୍ତି। ଗତ ୨୦୧୯ ମସିହା ଫେବୃଆରୀ ୧୪ ତାରିଖ ପୁଲଓ୍ୱାମା ଆକ୍ରମଣର ଠିକ୍ ଛ'ବର୍ଷ ପରେ ପହଲଗାମ୍‌ର ଏହି ବର୍ବରୋଚିତ କାଣ୍ଡ ସାରା ଦେଶକୁ ସ୍ତବ୍ଧ କରିଥିବା ବେଳେ ଭାରତ ପ୍ରତି ବିଶ୍ୱ ନେତାମାନଙ୍କର ସହାନୁଭୂତି ଓ ସମର୍ଥନର ସୁଅ ଛୁଟି ଚାଲିଛି। ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଅବସ୍ଥିତ ପହଲଗାମ୍‌କୁ ବିଶ୍ୱର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ରୂପେ ଗଣ୍ୟ କରାଯାଇଥାଏ। କାଶ୍ମୀରରେ ଏବେ ଭ୍ରମଣ ଋତୁ ଆରମ୍ଭ ହେଉଥିବାରୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସି ମନଭରି ପ୍ରାକୃତିକ ଶୋଭା ଉପଭୋଗ କରୁଥିବା ସମୟରେ ହିଁ ଆତଙ୍କବାଦୀ ଏହି ବିଭୀଷିକାମୟ କାଣ୍ଡ ଘଟାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ୪/୫ଜଣ ସଶସ୍ତ୍ର ଆତଙ୍କବାଦୀ ପୋଲିସ ବେଶରେ ଆସି ପର୍ଯ୍ୟଟକମାନଙ୍କ ଉପରକୁ ୪୦ରୁ ୫୦ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଏହି ଆକ୍ରମଣରେ ୨୮ଜଣ ପ୍ରାଣ ହରାଇଥିବାର ସରକାରୀ ସୂତ୍ରରୁ କୁହାଯାଉଥିଲେ ହେଁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି। କାରଣ ଅନେକ ଲୋକ ଗୁରୁତର ଆହତ ହୋଇ ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ବିଦେଶୀ ପର୍ଯ୍ୟଟକ ରହିଥିବା ବେଳେ ଜଣେ ଓଡ଼ିଆ ମଧ୍ୟ ଅନ୍ତର୍ଭୁକ୍ତ ଥିବାର ଜଣାପଡିଛି। ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳରେ ପ୍ରଶାନ୍ତ ଶତପଥୀ ନିଜର ପତ୍ନୀ ଓ ପୁଅଙ୍କୁ ନେଇ ଗତ ୧୯ ତାରିଖ ଦିନ ଜାମ୍ମୁ-କାଶ୍ମୀରକୁ ବୁଲି ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ବାପା, ମା' ଓ ପୁଅ ପହଲଗାମ୍‌ରେ ପ୍ରାକୃତିକ ଶୋଭା ଉପଭୋଗ କରୁଥିବା ସମୟରେ ଆତଙ୍କୀଙ୍କ ଗୁଳିମାଡ଼ରେ ପ୍ରଶାନ୍ତ ଢଳି ପଡ଼ିଥିଲେ। ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଉଛି, ଆତଙ୍କବାଦୀମାନେ କୌଣସି ମୁସଲିମ୍‌ଙ୍କୁ ହତ୍ୟା ନକରି କେବଳ ଅଣ-ମୁସଲିମ୍‌ଙ୍କୁ ହିଁ ଟାର୍ଗେଟ୍ କରୁଥିଲେ। ହତ୍ୟା ପୂର୍ବରୁ ପ୍ରତି ପର୍ଯ୍ୟଟକଙ୍କୁ ସେ କେଉଁ ଧର୍ମର ବୋଲି ପଚାରି ବୁଝୁଥିଲେ ଏବଂ ହିନ୍ଦୁ ଧର୍ମର ଲୋକ ବୋଲି ଜାଣିବା ମାତ୍ରେ ତାଙ୍କୁ ଗୁଳି ଚଳାଇ ମାରି ଦେଉଥିଲେ। ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍.ଆଇ.ଏ)କୁ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବକୁ ଦୁଇଦିନିଆ ଗସ୍ତରେ ଯାଇଥିବା ବେଳେ ମଙ୍ଗଳବାର ଏହି ଦୁଃଖଦ ଖବର ପାଇ ଅତ୍ୟନ୍ତ ବ୍ୟଥିତ ହେବା ସହିତ ସାଉଦି ଗସ୍ତକୁ ସ୍ଥଗିତ ରଖି ସ୍ୱଦେଶକୁ ବାହୁଡ଼ି ଆସିଛନ୍ତି। ଏହି ବର୍ବରକାଣ୍ଡର କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ଘୃଣ୍ୟ ଏଜେଣ୍ଡା କେବେହେଲେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ମୋଦି ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୃହମନ୍ତ୍ରୀ ଅମିତ୍ ଶାହ ତୁରନ୍ତ ଜାମ୍ମୁ-କାଶ୍ମୀରକୁ ଗସ୍ତରେ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ପର୍ଯ୍ୟଟକମାନଙ୍କ ମରଶରୀର ପ୍ରତି ଶେଷ ସମ୍ମାନ ଜଣାଇବା ସହିତ ହସ୍ପିଟାଲରେ ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥାକୁ ଗୃହମନ୍ତ୍ରୀ ତଦାରଖ କରିଥିଲେ। ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଦିଲ୍ଲୀ, ମୁମ୍ବାଇ ସମେତ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ହାଇଆଲର୍ଟ ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କ ସମେତ ବହୁ ବିଶ୍ୱନେତା ଏହି ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି ଏବଂ ଭାରତକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ମୋଦି ବିଦେଶରୁ ଫେରିବା ମାତ୍ରେ ଯେପରି ଘନଘନ ବୈଠକ ଡକାଇ ସହକର୍ମୀମାନଙ୍କ ସହ ମନ୍ତ୍ରଣା ଚଳାଇଛନ୍ତି, ସେଥିରୁ ଆଗାମୀ ଦିନରେ ଭାରତ ଏକ ବଡ଼ ପ୍ରତିଶୋଧ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ଭଳି ମନେହେଉଛି।

# ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ବିକାଶ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ଭାରତୀୟ ଜନତାଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଗ୍ରାମାଞ୍ଚଳରେ ବାସ କରିଥାନ୍ତି ବୋଲି ସର୍ବେକ୍ଷଣ କହେ। ଯଦି ଆମେ ଭୌଗୋଳିକ ଦୃଷ୍ଟିରୁ ବିବେଚନା କରିବା ତେବେ ଆପାତତଃ ୯୬ ପ୍ରତିଶତ ଭାଗ ଗ୍ରାମାଞ୍ଚଳର ସୀମା ଅନ୍ତର୍ଭୁକ୍ତ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ବିକାଶକୁ ଆଖି ଆଗରେ ରଖି ସେମାନଙ୍କର ସାମାଜିକ, ଆର୍ଥିକ ବିକାଶକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି କାରଣ ସେହିମାନେ ହେଉଛନ୍ତି ସରକାରଙ୍କର ଅସଲ ଭୋଟ ବ୍ୟାଙ୍କ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ସେଦିନର ନେହେରୁଙ୍କ ଅମଳରୁ ଆଜିର ମୋଦିଙ୍କ ଶାସନ କାଳ ଭିତରେ ଆଜିର ଗ୍ରାମ୍ୟ ଭାରତ ର ଅବସ୍ଥା ଯେମିତି ରହିଛି, ଯେଉଁଠି ପାନୀୟ ଜଳ, ବିଦ୍ୟୁତ, ସଡ଼କ, ବାସଗୃହ, ଖାଦ୍ୟ ଏବଂ ବସନ ଭଳି ମୌଳିକ ଆବଶ୍ୟକତାର ଅଭାବ ମର୍ମେ ମର୍ମେ ଅନୁଭବ କରି ବସିଲେ ଯେକୌଣସି ଭାରତୀୟ ଚିନ୍ତାରେ ଆହତ ହେବା ସ୍ୱାଭାବିକ। ଆଜକୁ ୭ ବର୍ଷ ତଳର କଥା, ମାସ ଥିଲା ଏହି ଏପ୍ରିଲ। ମହାରାଷ୍ଟ୍ରର ଲାଟୁରବାସୀଙ୍କୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ମୋଦିଜୀ ଲକ୍ଷ ଲକ୍ଷ ଟନ୍ ଜଳ ପ୍ରେରିତ କରି ଲାଟୁର ବାସୀଙ୍କଠାରୁ ବାଃ ବାଃ ସାଉଣ୍ଟିଥିଲେ କେବଳ ଲାଟୁରବାସୀ ନୁହଁନ୍ତି ତାଙ୍କର ଏଭଳି ଆଶୁ ପଦକ୍ଷେପ ଯୋଗୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଠାରୁ ଆରମ୍ଭ କରି ବହୁ ଉଚ୍ଚ ସୋପାନ ବ୍ୟକ୍ତି ତାଙ୍କୁ ବଧାଇ ଜଣାଇଥିଲେ। କେବଳ ଲାଟୁର ନୁହଁ, ଦେଶର ବହୁ ରାଜ୍ୟ ଏପରିକି ନଦୀ ବହୁଳ ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଜଳସଙ୍କଟର ଶିକାରରୁ ବାଦ୍ ଯାଇ ନାହିଁ। ଖରାଦିନେ ପାନୀୟ ଜଳଠାରୁ ଆରମ୍ଭ କରି ବର୍ଷାଦିନେ ବର୍ଷାର ଅଭାବ ଯୋଗୁଁ କୃଷି ଜଳର ସଙ୍କଟ ଖାଦ୍ୟାଭାବର ପରିଣତିକୁ ଉଦବେ୍ଗ ଜନକ ପରିଣତିରେ ଆଣି ପହଞ୍ଚାଇ ସାରିଛି। ଯେଉଁଥିପାଇଁ କି ଏ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଏକ ଗୁରୁତର ବିଷୟ ହୋଇଯାଇଛି। ଏବେ କ୍ରମାନ୍ୱୟରେ ପ୍ରତୀୟମାନ ହେଉଛି ଯେ ଗ୍ରାମ ଉନ୍ନୟନ ପ୍ରକଳ୍ପ ଏବଂ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରତି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ ନକଲେ କୌଣସି ଯୋଜନା ଫଳବତୀ ହେବା ସମ୍ଭବ ନୁହେଁ। ଏହି ଉଦ୍ଦେଶ୍ୟରେ ସମଗ୍ର ଦେଶରେ ଚାରିଆଡେ ଗ୍ରାମବାସୀଙ୍କୁ ଦୃଷ୍ଟିରେ ରଖି ଅନେକ ନୂତନ ପ୍ରକଳ୍ପର ଭିତ୍ତି ସ୍ଥାପନା ଚାଲୁଛି। ଏବଂ ତା ସଙ୍ଗେ ସଙ୍ଗେ ପଡିରହିଥିବା ପୁରୁଣା ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଛି।

ଏକଦା ଗାନ୍ଧିଜୀ ତାଙ୍କର ପ୍ରିୟ ଲେଖକ ମୁଲକରାଜ ଆନନ୍ଦଙ୍କୁ ସାକ୍ଷାତ କାଳରେ କହିଥିଲେ ଭାରତୀୟ ଗ୍ରାମ୍ୟ ଉନ୍ନୟନ ତ୍ୱରାନ୍ୱିତ ହୋଇ ନପାରିଲେ ଆମେ ବିଶାଳ ଭାରତକୁ ମନ ମୁତାବକ ଗଢି ପାରିବା ନାହିଁ। ଗାନ୍ଧିଜୀ ଇଚ୍ଛା କରିଥିଲେ ଭାରତୀୟ ଗ୍ରାମଗୁଡିକ ସ୍ୱାଧୀନ ଗଣତାନ୍ତ୍ରୀକ ଢାଞ୍ଚାରେ ଶାସନରେ ସ୍ୱାଧୀନତା ଅବଲମ୍ବନ କରି ଦୈନନ୍ଦିନର ଚାହିଦା ପୁରଣ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ଯୋଗାଡ କରି ଗ୍ରାମବାସୀଙ୍କ ଦ୍ୱାରା ନିଜକୁ ନିଜେ ଶାସନ କରି ଚାଲନ୍ତୁ। ଭାରତ ଯେହେତୁ ଏକ କୃଷି ପ୍ରଧାନ ଦେଶ, ତେଣୁ ଗାଉଁଲି ଲୋକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମତୁଲ ଦୃଷ୍ଟିଭଙ୍ଗି ଏବଂ ପୁଞ୍ଜି ନିବେଶର ଆବଶ୍ୟକତା ଜରୁରୀ ଅଟେ। ଆମ ଗାଁ ଗହଳିରେ ଜନସଂଖ୍ୟାର ହାର ଅଧିକ ଥିବାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛଳତା ଦିଗରୁ ବହୁ ପଛରେ ଗତି କରୁଥିବାରୁ ସରକାର ଏବେ ଗ୍ରାମାଞ୍ଚଳର ଲୋକଙ୍କ ସୁବିଧା ନିମନ୍ତେ ବେଶ ଦୃଷ୍ଟି ଦେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ଚିନ୍ତାଧାରା ସ୍ୱୟଂ ସମ୍ପୂର୍ଣ୍ଣ ତଥା ସୁଦୂର ପ୍ରସାରୀ। ସେଇଥିପାଇଁ ଏକଦା ବିଶେଷଜ୍ଞ ଜି. ସାହା ଏମିତି ବିନ୍ୟାସ କରିଥିଲେ, "ଗ୍ରାମ୍ୟ ଉନ୍ନୟନ ହେଉଛି ଗ୍ରାମାଞ୍ଚଳର ବିକାଶ; ସମୟେ ସମୟେ ଜଳସେଚନର ସୁବିଧା, ବ୍ୟାପକ ବିଦ୍ୟୁତିକରଣ, କୃଷି ପ୍ରଣାଳୀରେ ଉନ୍ନତି, ବିଦ୍ୟାଳୟ ନିର୍ମାଣ, ଶିକ୍ଷା ସୁବିଧା ଓ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ଆଦିକୁ ଗ୍ରାମ୍ୟ ଉନ୍ନୟନ ବୁଝାଇଥାଏ।" ଅନେକ ଏହାକୁ ଏକପାଖିଆ ମତ ବୋଲି କହିଥିଲେ ମଧ୍ୟ ପଲ୍ଲୀ ସମାଜରେ ଯେଉଁ ପଟ୍ଟ ପରିବର୍ତ୍ତନ ଘଟି ଚାଲୁଛି ତାହାହିଁ ଗ୍ରାମ୍ୟ ଉନ୍ନୟନର ଜଟିଳ ତଥା ଦୀର୍ଘସୂତ୍ରୀ ଧାରା ଭାବେ ଗ୍ରହଣ କରାଯାଉଛି। କାରଣ ଗାଉଁଲି ଲୋକଙ୍କ ଜୀବନ ଶୈଳୀରେ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ଯୋଜନାଭିତ୍ତିକ ଯେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ଏହା ସେଗୁଡିକର ପ୍ରତିନିଧିତ୍ୱ କରେ।

ଆଜି ଭାରତବର୍ଷରେ ୭୦ ପ୍ରତିଶତ ଲୋକ ଗାଁରେ ବାସ କରୁଥିଲେ ସୁଦ୍ଧା ଗ୍ରାମ୍ୟ ସ୍ତରରେ ଅଭିବୃଦ୍ଧି ନିମନ୍ତେ ଯେତେ ପ୍ରାଧାନ୍ୟ ଦେବା କଥା ତାହା ଦିଆ ଯାଉନାହିଁ। ଆମ ମିତବ୍ୟୟତା ଦ୍ରୁତ ଅଭିବୃଦ୍ଧି ଅଭିମୁଖେ ଆଗେଇ ଚାଲିଛି। କୋହଳ ନୀତି ଅନୁସୃତ ହେବାରୁ ଉତ୍ପାଦ, ସେବାକ୍ଷେତ୍ର ଓ ସୂଚନା ପ୍ରଯୁକ୍ତିରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଶିଳ୍ପ ତଥା ବଡ ବଡ ନିଗମ ଯଦୀଓ ଜଗତୀକରଣରେ ସାମିଲ ହେଲେଣି; କିନ୍ତୁ କେହି ଏହିସବୁ ଅଭିବୃଦ୍ଧି ପରି ଗ୍ରାମାଂଚଳର ଅଭିବୃଦ୍ଧି ଘଟୁ ବୋଲି ଚିନ୍ତା କରୁନାହାଁନ୍ତି। ଗ୍ରାମାଂଚଳର ଆଭ୍ୟନ୍ତରୀଣ ଅଭିବୃଦ୍ଧି ଘଟିବା ଫଳରେ ସମୁଦାୟ ଗ୍ରାମ୍ୟବିକାଶର ପଟ୍ଟ ପରିବର୍ତ୍ତନ ହେବ ବୋଲି ଯାହା ଗାନ୍ଧିଜୀ କହୁଥିଲେ ତାହା ସମ୍ପୂର୍ଣ୍ଣ ଠିକ୍। ଭାରତରେ ଗ୍ରାମ୍ୟ ଉନ୍ନୟନର ସମୀକ୍ଷା କଲାବଳେ ବୁଝାପଡେ ସମୟର ଅଗ୍ରଗତି ମଧ୍ୟରେ ଏହାର ଚିନ୍ତାଧାରାରେ ପରିବର୍ତ୍ତନ ଘଟିଛି। ଡେରିରେ ହେଲେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ କହିଲେ, "କୃଷିର ବ୍ୟାପକତା, ଅଭିବୃଦ୍ଧି ଏବଂ ଜନସଂଖ୍ୟାର ୩୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବାବେଳେ ବହୁ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ଏହାକୁ ପ୍ରକୃତ ଅଭିବୃଦ୍ଧି ବୁଝାଯିବ ନାହିଁ। ଗ୍ରାମ୍ୟ ଉନ୍ନୟନ ଗ୍ରାମ୍ୟ ମିତବ୍ୟୟତାର ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଚାହେଁ। ସେହି କ୍ଷେତ୍ରଗୁଡିକ ପ୍ରାଥମିକ ଶ୍ରେଣୀୟ, ଦ୍ୱିତୀୟ ଶ୍ରେଣୀୟ ଏବଂ ଆଞ୍ଚଳିକ ଶ୍ରେଣୀୟ ହୋଇଥିବା ଦରକାର। ଆମେ ଏକବିଂଶ ଶତାବ୍ଦୀର ସାମ୍ପ୍ରତିକ ଯେ କୌଣସି ଏକ ଦଶକରେ କୌଣସି ଗାଁ କୁ ବୁଲିଗଲେ ଦେଖିବା ଯେ ସେହି ଗାଁ ଭିତରେ ଅବସ୍ଥିତ ଘରଗୁଡିକ ମାଟି କାନ୍ଥ, ନଡା ବାଉଁଶରେ ତିଆରି ଚାଳ ଛପରରେ ନିର୍ମିତ। ଚାଳରେ ଠାବେ ଠାବେ କଣା ହୋଇ ଦିନରେ ସୂର୍ଯ୍ୟ କିରଣ ଓ ରାତିରେ ଚନ୍ଦ୍ରକିରଣ ଘର ଭିତରକୁ ପଡିଥାଏ। ସେହି ଅବସ୍ଥାରେ ସେମିତି ଦୁଃଖ କଷ୍ଟରେ ସେମାନେ ମୁଣ୍ଡ ଗୁଞ୍ଜି ରହିଥାନ୍ତି। ଭୋକ ଉପାସରେ ଦିନ କାଟିବା ସତ୍ତ୍ୱେ ପାଣିର ଅଭାବ ଅଧିକାଂଶ ଗ୍ରାମବାସୀଙ୍କ ପକ୍ଷେ ଯେଉଁଭଳି କଷ୍ଟଦାୟକ ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହୁଏନାହିଁ। ଝିଅ ବୋହୂମାନେ ଖରା ଦିନେ ପାଣି ମୁନ୍ଦିଏ ପାଇଁ କାହିଁ କେତେ ଦୂର ଝରଣା ପାଖକୁ ଡେକ୍‌ଚି, ମାଠିଆ ବୋହି ଯାଆନ୍ତି। ଏସବୁ କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ନିମନ୍ତେ ଦୂର ଦୂରାନ୍ତ ଯାଇ ଦୈନନ୍ଦିନ କାର୍ଯ୍ୟ କରିବା କ୍ଲାନ୍ତିକର ଏବଂ କଷ୍ଟକର ସମସ୍ୟା। କେବେଳ ନଳ ପାଇପ୍ ବ୍ୟବସ୍ଥା ଦ୍ୱାରା ଏହାର ଅନେକାଂଶରେ ସମାଧାନ ହୋଇପାରେ। ଗ୍ରାମାଞ୍ଚଳ ଉନ୍ନୟନ ନିମନ୍ତେ ବୃତ୍ତିଗତ ତାଲିମ ଏବଂ ଶିକ୍ଷାଗତ ସୁବିଧା ସହ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସୁବିଧା ତଥା ନିଯୁକ୍ତି ସୁଯୋଗର ବ୍ୟବସ୍ଥା କରାଗଲେ ଗ୍ରାମୀଣ ଲୋକଙ୍କର ଜୀବନ ଧାରଣର ମାନ ନିଶ୍ଚୟ ବୃଦ୍ଧି ପାଇପାରନ୍ତା। ବର୍ତ୍ତମାନ ଆମକୁ ବୁଝିବାକୁ ହେବ କୃଷି ବିକାଶ ସେତେବେଳେ ଠିକ୍ ସମ୍ଭବ ହେବ, ଯେତେବେଳେ ଆମ ଦେଶରେ ଭୂସଂସ୍କାର ପଦ୍ଧତି ସମ୍ପୂର୍ଣ୍ଣ ଫଳପ୍ରଦ ଅବସ୍ଥାରେ ଲାଗୁହେବ, ଜଳ ଯୋଗାଣର ଚାହିଦା ଠିକ୍ ରହିବ ଏବଂ ଜମିର ଚାହିଦା ଅନୁସାରେ ଉତ୍ତମ ବିହନ, ଉପଯୋଗୀ ଖତ, ସାର ଏବଂ ଔଷଧ ବ୍ୟବହାରରେ କୌଣସି ପ୍ରକାର ଅସୁବିଧା ରହିବ ନାହିଁ। ଗ୍ରାମାଂଚଳରେ ଦ୍ରୁତ ବିକାଶ ଘଟାଇବାକୁ ଭାରତ ସରକାର ଯେ ବଦ୍ଧପରିକର ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଗାଁ ଗହଳିରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଯଥାଯଥ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଅନେକଙ୍କ ମନେଥିବ ୧୯୫୨ ମସିହାରେ ଦେଶର ପ୍ରାଥମିକ ଗ୍ରାମ୍ୟ ଯୋଜନା ଭାବେ ଏକ ଗୋଷ୍ଠୀ ଉନ୍ନୟନ ଯୋଜନାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ଉଚ୍ଚମାନର ବିହନ ସମେତ ଆଧୁନିକ କୃଷି ଯନ୍ତ୍ରପାତି ଏବଂ ରାସାୟନିକ ଔଷଧ ଯୋଗାଇବା। ଏହାଛଡା ଜଳସେଚନରେ ଯେପରି ଉନ୍ନତି ଘଟିବ ସେହି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଗ୍ରାମ୍ୟ ପଶୁପାଳନ, କ୍ଷୁଦ୍ରଶିଳ୍ପ ଯୋଜନାର ଉନ୍ନତି ଏସବୁକୁ ଆଖିରେ ରଖି ଗ୍ରାମ୍ୟ ପୁନର୍ନିର୍ମାଣ ମନ୍ତ୍ରଣାଳୟ ଗଠିତ ହୋଇଥିଲା ଯାହାର ପ୍ରମୁଖ କାର୍ଯ୍ୟ ଥିଲା ଗ୍ରାମ ଉନ୍ନୟନ। ମନେ ରଖିବାକୁ ହେବ ଯେ ସ୍ୱାସ୍ଥ୍ୟ ଏବଂ ଶିକ୍ଷାପରି କଲ୍ୟାଣକର ଯୋଜନାର ଉନ୍ନତି ହିଁ ଗ୍ରାମ୍ୟ ଉନ୍ନୟନର ସାମାଜିକ ଆକୃତି ଗଠନରେ ସହାୟକ ହୋଇଥାଏ। ଗ୍ରାମ୍ୟ ଉନ୍ନୟନ ଦିଗରେ ପଞ୍ଚାୟତିରାଜର ଅବଦାନକୁ କେବେହେଲେ ଅସ୍ୱୀକାର କରାଯାଇ ନପାରେ। ନୂତନ ପଦକ୍ଷେପ ଭାବରେ ଏବେ ସାରା ଦେଶରେ ଗ୍ରାମସଭା ଏକ ସ୍ୱଚ୍ଛ ଅନୁଷ୍ଠାନ ଭାବେ ଉଭା ହୋଇଛି।

# ରାମ ରୂପ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧


ଶ୍ରୀରାମଚରିତମାନସରେ କିଛି ବି ଅନୈଚିତ୍ୟ, ଅପ୍ରିୟ ନୁହେଁ। ଏହା ସବୁଧର୍ମ ଆଉ ପ୍ରାଣୀଙ୍କର ହିତର ସମର୍ଥକ ଗ୍ରନ୍ଥ ଅଟେ। ଏଥିରେ ନା କୌଣସି ବିବାଦ ଅଛି, ନା କୌଣସି ତ୍ୟାଗ। ମାନସରେ ତୁଳସୀଦାସ ବିନା କୌଣସି ଧର୍ମ ଆଉ ଜାତିର ନାମ ନେଇ କୁହନ୍ତି କି ଧନ୍ୟ ସେହି ପୁତ୍ରର ଜନ୍ମ, ଯାହାର ସୁନ୍ଦର ଚରିତ୍ରର ଚର୍ଚ୍ଚା ଶୁଣିକରି ପିତାଙ୍କୁ ଆନନ୍ଦ ଆସିଥାଏ। 'ଧନ୍ୟ ଜନମ ଜଗତୀ ତଳ ତାସୁ। ପିତହି ପ୍ରସାଦୁ ଚରତ୍ର ସୁନୁ ଜାସୁ'। ଏହା ହିଁ ଶ୍ରୀରାମଚରିତମାନସର ସର୍ବକାଳିକ ବ୍ୟାପକ ଆଉ ପ୍ରାସଙ୍ଗିକ। ଶ୍ରୀଭରତ ଚିତ୍ରକୂଟ ଯାଇକରି ଭଗବାନ ଶ୍ରୀରାମଙ୍କୁ କହିଲେ,'ମହାରାଜ ଅବ କିଜିଏ ସୋହ। ସବକର ଧରମ ରହିତ ହିତ ହୋଇ'। ଭଗବାନ ଶ୍ରୀରାମ ଭରତଙ୍କୁ ନିଜର ପାଦୁକା ଦେଇଦେଲେ। ଭରତଙ୍କୁ ଲାଗିଲାକି ଏହା ପାଦୁକା ନୁହେଁ, ସାକ୍ଷାତ ଶ୍ରୀରାମ ଆଉ ସୀତା ଅଟନ୍ତି। ମାନସତ ଜଡରୁ ମଧ୍ୟ ଚୈତନ୍ୟକୁ ହିଁ ଦର୍ଶନ କରେଇଥାଏ। ଯଦି ଆମମାନଙ୍କ ସମ ଜଡିତ ହେଇ ଦେଖ ତାହେଲେ ଏହା କହିବ କି,'ମୁକୁର ମିଳନ ଅରୁ ନୟନ ବିହୀନା। ରାମ ରୂପ ଦେଖ ହିଁ କିମି ଦୀନା'। ଅର୍ଥାତ୍ ଯାହାର ମନର ଦର୍ପଣ ମଇଳା ଥାଏ ଆଉ ରାମଙ୍କୁ ଦେଖିବା ବାଲା ନେତ୍ରର ଅଭାବ ଥାଏ, ତାଙ୍କୁ ରାମ କେମିତି ଦେଖା ଦେବେ? ଶ୍ରୀରାମଚରିତମାନସର ପରମ ଲକ୍ଷ୍ୟ ସମାଜ କଲ୍ୟାଣ ଆଉ ସମସ୍ତଙ୍କ ହିତରେ ହେଉ। ଏହି କଥା ସମ୍ପୂର୍ଣ୍ଣ ଲୋକର ହିତ କରିବା ବାଲା ଅଟେ। "କଥା ଜୋ ସକଳ ଲୋକ ହିତକାରୀ। ସୋଇ ପୁଛନ ଚହ ସେଲ କୁମାରୀ"। ସମସ୍ତଙ୍କ କଲ୍ୟାଣର ଭାବ ହିଁ ତୁଳସୀଦାସଙ୍କ ଉଦ୍ଦେଶ୍ୟ ଅଟେ। ମାନସର ରାମ ତ ନିଜର ବିରୋଧୀର ମଧ୍ୟ ହିତ ଚାହିଁଥିଲେ। ଅଙ୍ଗଦଙ୍କୁ ଲଙ୍କାକୁ ପଠେଇବା ସମୟରେ ଶ୍ରୀରାମ କହିଲେ, ହେ ଅଙ୍ଗଦ! ରାବଣଙ୍କ ସହିତ ସମ୍ବାଦ କରିବା ସମୟରେ ଏହି କଥାର ଧ୍ୟାନ ରଖିବ କି ଆମର କାର୍ଯ୍ୟ ହେଇଯାଉ ଆଉ ରାବଣର ମଧ୍ୟ କୌଣସି ଅହିତ ନହେଉ। ରାମ ସମସ୍ତଙ୍କର ପ୍ରିୟ ଏବଂ ହିତକାରୀ ଅଟନ୍ତି। ଦୁଃଖ, ସୁଖ, ପ୍ରଶଂସା ଅଥବା ଅପଶବ୍ଦ ଶୁଣିକରି ମଧ୍ୟ ଏକ ରସ ରହିଥାନ୍ତି।

# ନଦୀ ଜଳ ପିଏନି, ବୃକ୍ଷ ଫଳ ଖାଏନି



କିଶୋର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୭୩୭୭୪୩୯୦୭୭

ଆମ ସମସ୍ତଙ୍କ ଜୀବନରେ ଧର୍ମର ମହତ୍ତ୍ୱ ରହିଛି। ସବୁ ଧର୍ମର ଲୋକ ନିଜ ନିଜ ମାନତ୍ୟା ଅନୁଯାୟୀ ପ୍ରାର୍ଥନା କରିଥାନ୍ତି ଏବଂ ଈଶ୍ୱରଙ୍କୁ ସ୍ମରଣ କରିଥାନ୍ତି। ଏପରି କରିବା ଦ୍ୱାରା ଆମକୁ କଠିନ ସମୟରେ ମଧ୍ୟ ନିଜର ଲକ୍ଷ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବାରେ ସହାୟତା ମିଳିଥାଏ। ଆସନ୍ତୁ କେତେକ ବିନ୍ଦୁ ଆଧାରରେ ଜାଣିବା ଯେ କିପରି ଆଧ୍ୟାତ୍ମ ଆମର ଜୀବନ, ବିଚାରଧାରା, କୃତ୍ୟ ଏବଂ ଆଚରଣକୁ ପ୍ରଭାବିତ କରିଥାଏ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧ୍ୟାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ପୁଟ୍ଟପର୍ତ୍ତୀ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଗୋଟିଏ ଛୋଟିଆ ଗାଁ। ସେଇ ଗାଁରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀସତ୍ୟସାଇ ବାବା। ୧୯୨୬ ମସିହା ନଭେମ୍ବର ୨୩ ତାରିଖ କାର୍ତ୍ତିକ ମାସ ସୋମବାର ଦିନ। ପାରମ୍ପରିକ ସତ୍ୟନାରାୟଣ ପୂଜା ସରିବା ପରେ ମାତା ଈଶ୍ୱରାମ୍ମା ସତ୍ୟନାରାୟଣଙ୍କ ପ୍ରସାଦ ଗ୍ରହଣ କରିଥିଲେ ଏବଂ ତା'ପରେ ଜନ୍ମ ନେଇଥିଲେ ସତ୍ୟସାଇ ବାବା; ସତ୍ୟନାରାୟଣଙ୍କ ପ୍ରସାଦରୁ ଜନ୍ମ ନେଇଥିବାରୁ ନାମ ଦିଆହେଲା ସତ୍ୟ ନାରାୟଣ ରାଜୁ, ଜନ୍ମ ହେବା ପୂର୍ବରୁ ଏବଂ ଜନ୍ମ ହେବା ପରେ ବହୁ ଅଲୌକିକ ଘଟଣା ଘଟି ଚାଲିଥିଲା। ସାତବର୍ଷ ବୟସରେ ସେ ସ୍କୁଲରୁ ଫେରି ଗୃହତ୍ୟାଗ କରି ନିଜକୁ ସତ୍ୟସାଇ ବୋଲି ଘୋଷଣା କରିଥିଲେ, ସେ ଆଜି ମର ଶରୀରରେ ନାହାନ୍ତି ସତ, କିନ୍ତୁ ପୃଥିବୀରେ ବର୍ତ୍ତମାନ ଏପରି କୌଣସି ଦେଶ ନାହିଁ, ଯେଉଁଠି ଭକ୍ତମାନେ ତାଙ୍କ ଅନୁଗ୍ରହ ଉପକାର ଅନୁଭବ କରୁନାହାନ୍ତି। ଦୈବସତ୍ତା ସବୁବେଳେ ଭକ୍ତମାନଙ୍କୁ ଡାକରାକୁ କାନ ଦେଇ ବସିଥାଏ। ଆବଶ୍ୟକତା ଅନୁଯାୟୀ ଯୁଗାବତାରମାନେ ନିଜର ସ୍ୱଭାବ ପ୍ରକଟ କରନ୍ତି।



ଯୋଗୀରାଜ ଶ୍ରୀ ଅରବିନ୍ଦଙ୍କ ମତରେ 'ସବୁଯୁଗରେ ଅବତାରଙ୍କର କର୍ମ କୌଶଳ ସମାନ ରହିବ ବୋଲି ଆଶା କରାଯାଇ ନପାରେ।' ଆଜିର ସଂଶୟାତ୍ମକ ଯୁଗରେ ଦୈବଶକ୍ତିର ପ୍ରତ୍ୟକ୍ଷ ନିଦର୍ଶନ ନଦେଖିଲେ, ଲୋକମାନେ ତାଙ୍କ ଠାରେ ଆତ୍ମସମର୍ପଣ କରନ୍ତି ନାହିଁ। ଭଗବାନ କେବଳ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ଅଛନ୍ତି ବୋଲି ଆମେ ଭାବିବା ଠିକ୍ ନୁହେଁ। ଭଗବାନଙ୍କ ଆସନ ହେଉଛି ଭକ୍ତର ହୃଦୟ। ସେଥିପାଇଁ ଗୀତାରେ କୁହାଯାଇଛି - 'ପଶ୍ୟନ୍ନପି ଚ ନ ପଶ୍ୟତି'। ଆମ୍ଭେମାନେ ବାହାରେ ଦେଖୁଥିବା ପ୍ରତ୍ୟେକ ବସ୍ତୁ କେବଳ ଆମ ମାନଙ୍କର ଅନ୍ତରାତ୍ମାର ପ୍ରତିଫଳନ। 'ସର୍ବତଃ ପାଣିପାଦଂ ତତ୍ ସର୍ବତୋକ୍ଷି ଶିରୋମୁଖମ୍।' ସମସ୍ତ ପାଦ, ହାତ, ଆଖି, ମସ୍ତକ ସବୁ ତାଙ୍କର। ଏହାର ଅର୍ଥ ସେ ପ୍ରତ୍ୟେକ ଜୀବ ଭିତରେ ଅଛନ୍ତି।

କେବଳ ସଂଗଠନର ନିୟମ ଅନୁଯାୟୀ ସେବାଦଳ ହୁଅନ୍ତୁ ବା ଯେକୌଣସି ବିଭାଗ, ସେମାନଙ୍କୁ ଦିଆଯାଉଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏନାହିଁ। ପ୍ରେମଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ। ସେବା କରିବା ମାଧ୍ୟମରେ ଆମେମାନେ ଉପଲବ୍ଧ କରିବା ଯେ ଆମେ ସମସ୍ତେ ସେହି ଦୈବୀ ସାଗରର ତରଙ୍ଗ ମାତ୍ର। ଅନ୍ୟାନ୍ୟ କୌଣସି ସାଧନା ମାଧ୍ୟମରେ ସମସ୍ତ ଜୀବନ୍ତ ପ୍ରାଣୀମାନଙ୍କ ମଧ୍ୟରେ ଥିବା ଐକ୍ୟ ଉପଲବ୍ଧ ହୋଇପାରିବନାହିଁ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବେ ଦେଖିବା, ଅନ୍ୟର ସଫଳତାକୁ ନିଜର ସଫଳତା ଭାବେ ଗ୍ରହଣ କରିବା, ଅନ୍ୟ ମାନଙ୍କୁ ନିଜ ପରି ଦେଖିବା ଓ ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ। ସେବା ଆତ୍ମୋଲବ୍ଧି ପାଇଁ ଉଦ୍ଦିଷ୍ଟ ନବଧା ଭକ୍ତି ମଧ୍ୟରୁ ଏକ ସୋପାନ। ସେ ଦୃଷ୍ଟିରୁ ଆମେମାନେ ଏଥିପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଦରକାର। ପ୍ରେମଭାବ କଠିନତମ ହୃଦୟ ପାଇଁ ମଧ୍ୟ ଶ୍ରେଷ୍ଠ ଦ୍ରାବକ। ପ୍ରେମଭାବ ଆମ ମାନଙ୍କ ହୃଦୟ ପଦ୍ମକୁ ବିକଶିତ କରୁ, ଯେଉଁ ସେବା କର୍ମରେ ଆମେ ନିୟୋଜିତ ହେଉଛେ ସେ ସମସ୍ତ କାର୍ଯ୍ୟରେ ବିଜୟୀ ପାଇଁ ଅଗ୍ରସର ହେବା ଉଚିତ। ନଦୀ ବହି ଚାଲେ କେତେକ ଅଞ୍ଚଳର ଉପକାର କରିବା ପାଇଁ କିନ୍ତୁ ନିଜେ ଜଳପାନ ଦରକାର କରେନା। ବୃକ୍ଷ ନିଜର ଫଳ ଖାଇନଥାଏ ଆମ ମାନଙ୍କୁ ସୁସ୍ୱାଦୁ ଫଳ ବିତରଣ କରେ। ମେଘ ବର୍ଷି ଚାଲେ ଅନ୍ୟର ଉପକାର ପାଇଁ। ଗୋ ମାତା ଦୁଗ୍ଧ ଦେଇ ଚାଲେ ଆମର ଆବଶ୍ୟକତା ପୂରଣ ପାଇଁ। ନିଜେ ତ ଟୋପାଏ ପିଇ ନଥାଏ ତେଣୁ କୁହାଯାଏ 'ପରୋପକାରାର୍ଥଂ ଇଦମ୍ ଶରୀରମ୍'। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱ ନିୟନ୍ତାଙ୍କ ସନ୍ତାନସନ୍ତତି ମଣି କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ସାଇ ସେବକର ହୃଦୟ ପବିତ୍ରତା, ନିର୍ମଳତା ଓ ପ୍ରେମ ପ୍ରବାହରେ ପ୍ଲାବିତ ହୋଇଥିବା କଥା। ଭଗବାନ ଶ୍ରୀସତ୍ୟସାଇ ସେବା ସୁଯୋଗର ଏହି ଦିବ୍ୟ ଅବସର ଆମ୍ଭ ମାନଙ୍କୁ ପ୍ରଦାନ କରିଛନ୍ତି। ନିଃସ୍ୱାର୍ଥପର ଭାବରେ ଅନ୍ୟର ଦୁଃଖ, ଯନ୍ତ୍ରଣା ଓ ଅଭାବ ଲାଘବ କରିବା ହେଉଛି ଏକ ମହତ୍ କର୍ମ। ଭଗବାନ କୁହନ୍ତି ବୁବୁକ୍ଷୁଭ ଠାରେ ଖାଦ୍ୟରୂପୀ ଭଗବାନ, ରୁଗଣକୁ ଔଷଧରୂପୀ ଭଗବାନ, ବସ୍ତ୍ରହୀନକୁ ବସ୍ତ୍ରୀରୂପୀ ଭଗବାନ ଓ ତୃଷ୍ଣାର୍ଥିକୁ ଜଳରୂପୀ ଭଗବାନ ପହଞ୍ଚାଇ ଦିଅ। ପ୍ରତ୍ୟେକ ଅସହାୟ ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କର ମନ୍ଦିର। ଯେଉଁଠି ଆମେ ସେବ ରୂପକ ନୈବେଦ୍ୟ ଅର୍ପଣ କରିପାରିବା। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା। ଆଜି ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୪ତମ ମହାପ୍ରୟାଣ ତିଥି ଯାହା ଆରାଧନା ମହୋତ୍ସବ ଭାବେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'।

# ଆପଣ ବି ଦେଇପାରିବେ ଅମୂଲ୍ୟ ଜୀବନ

ଅଶ୍ୱିନୀ କୁମାର ବାରିକ
ବୁଦ୍ଧିସାହି, କୁନ୍ଦେଶ୍ୱର, ବାଲିକୁଦା
ଜଗତସିଂହପୁର, ମୋ: ୯୩୩୭୦୫୫୬୨୨

ଅନ୍ୟର ଜୀବନ ବଞ୍ଚାଇବା ଠାରୁ ବଡ଼ ପୁଣ୍ୟ କ'ଣ ହୋଇପାରେ? ବୋଧହୁଏ ଏଥିପାଇଁ ଲୋକମାନେ ରକ୍ତଦାନ କରିବାରେ ସନ୍ତୋଷ ପାଆନ୍ତି। ଯେ କୌଣସି ସ୍ୱାସ୍ଥ୍ୟବାନ ବ୍ୟକ୍ତି ରକ୍ତଦାନ କରିପାରନ୍ତି, କାରଣ ଏଥିରେ କୌଣସି କ୍ଷତି ନଥାଏ। ଆମ ଦେଶରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଶହୀଦ ଦିବସ ଆଦି ଅବସରରେ ଗଣରକ୍ତଦାନ ଶିବିରମାନ ଆୟୋଜିତ ହେଉଥିବାବେଳେ ବର୍ଷର ବିଭିନ୍ନ ଦିବସରେ ରେଡ଼କ୍ରସ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ନିୟମିତ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଅନେକଙ୍କ ମନରେ ରକ୍ତଦାନକୁ ନେଇ ଭୟ ରହିଛି। କିଛି ଲୋକ ଭାବନ୍ତି ରକ୍ତଦେଲେ ଶରୀର ଦୁର୍ବଳ ହୋଇଯାଇପାରେ। ତା'ହେଲେ ଆସନ୍ତୁ ଜାଣିବା ରକ୍ତଦାନ ସମ୍ପର୍କରେ କିଛି ତଥ୍ୟ।

ରକ୍ତଦାନ ପାଇଁ ଜଣଙ୍କର ଆବଶ୍ୟକୀୟ ଯୋଗ୍ୟତା ହେଉଛି ସେ ୧୮ରୁ ୬୦ ବର୍ଷ ବୟସ ଭିତରେ ହୋଇଥିବେ। ଓଜନ ୪୫ କିଗ୍ରା ବା ତା'ଠାରୁ ଅଧିକ। ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିବ। ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବ। ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି। ରକ୍ତଦାନର ଚବିଶ ଘଣ୍ଟା ପୂର୍ବରୁ ନିଶାଦ୍ରବ୍ୟ ବା ମଦ୍ୟପାନ କରିଥିବା ଲୋକଙ୍କ କ୍ଷେତ୍ରରେ ସତର୍କତା ଲୋଡ଼ା ପଡ଼ିଥାଏ। ଏହାର ପ୍ରଭାବ ରକ୍ତ ନେଉଥିବା ବ୍ୟକ୍ତିର ରକ୍ତକୁ ଯାଉନାହିଁ ବରଂ ରକ୍ତଦାନ କରୁଥିବା ବ୍ୟକ୍ତିର ଅଙ୍ଗ ଅସୁସ୍ଥ ହୁଏ। କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ। ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ। ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ। ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ। ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ। ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି। ଥାୟରଏଡ଼ କିମ୍ବା ହରମୋନ ଅସନ୍ତୁଳନ ରୋଗ ଥିଲେ। ଯେଉଁବ୍ୟକ୍ତି ନିଜେ ରକ୍ତ ନେଇଥିବେ ବର୍ଷେ ପୂର୍ବରୁ ସେ ରକ୍ତଦାନ କରିପାରିବେ ନାହିଁ। ଜେନେଟିକ୍ ଡିଜଅର୍ଡ଼ର ବା ମାନସିକ ରୋଗ ଥିବା ବ୍ୟକ୍ତିମାନେ। ଡିପ୍ରେସନ ଔଷଧ ଖାଉଥିବା ଲୋକମାନେ ମଧ୍ୟ ରକ୍ତ ଦେଇପାରିବେ ନାହିଁ। ଯେଉଁ ମହିଳାମାନଙ୍କର ୬ମାସ ମଧ୍ୟରେ ଗର୍ଭପାତ ହୋଇଛି କିମ୍ବା ୧ବର୍ଷ ମଧ୍ୟରେ ଅସ୍ତ୍ରୋପଚାର ହୋଇଛି। କୁକୁର କାମୁଡ଼ା ଇଞ୍ଜେକ୍ସନ ନେଇଥିବା ଲୋକମାନେ ୧ବର୍ଷ ମଧ୍ୟରେ ରକ୍ତ ଦେଇପାରିବେ ନାହିଁ। କୁକୁର କାମୁଡ଼ିବା ପରେ ଇଞ୍ଜେକ୍ସନ ନେଇନଥିବା ବ୍ୟକ୍ତିମାନେ ସାରା ଜୀବନ ରକ୍ତ ଦେବେ ନାହିଁ। ହାଡ଼ ଭାଙ୍ଗିଥିଲେ, ଅସ୍ତ୍ରୋପଚାର ଏବଂ ଗଲ୍ ବ୍ଲାଡ଼ର ରିମୁଭ ହୋଇଥିବା ବ୍ୟକ୍ତିମାନେ ୬ ମାସ ମଧ୍ୟରେ ଦେଇପାରିବେ ନାହିଁ। ଅପସ୍ମାର କିମ୍ବା କୁଷ୍ଠରୋଗୀମାନେ ରକ୍ତଦାନ କରିପାରିବେ ନାହିଁ। ଏକାଧିକ ଯୌନ ସାଥୀ ଥିବା ବ୍ୟକ୍ତିମାନେ। ଟାଟୁ କରିଥିଲେ ୬ ମାସ ମଧ୍ୟରେ। ଦାନ୍ତ ଫିଲିଂ କରିଥିଲେ କିମ୍ବା ଚିକିତ୍ସା କରିଥିଲେ ୩ ମାସ ପର୍ଯ୍ୟନ୍ତ। ମ୍ୟାଲେରିଆ ହୋଇଥିଲେ ୩ମାସ ପର୍ଯ୍ୟନ୍ତ ଏବଂ ଟାଇଫଏଡ଼ ହୋଇଥିଲେ ୧ ବର୍ଷ ପର୍ଯ୍ୟନ୍ତ। ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି। ଯେଉଁମାନଙ୍କ ଠାରେ ଏଡ଼୍‌ସର କୌଣସି ଲକ୍ଷଣ ଅଛି। ଯେଉଁମାନଙ୍କର ହିମୋଗ୍ଲୋବିନ୍ ୧୮ ବା ୧୯ ଉପରକୁ ଚାଲିଯାଇଥିବ। ଯେଉଁମାନେ ଇନ୍‌ସୁଲିନ୍ ନେଉଛନ୍ତି। ଯଦି ରକ୍ତ ଶର୍କରା ଔଷଧ ଦ୍ୱାରା ନିୟନ୍ତ୍ରଣରେ ଅଛି ତା'ହେଲେ ରକ୍ତଦାନ କରିପାରିବେ। ଯେଉଁମାନଙ୍କର ମୁଣ୍ଡ ବ୍ୟଥା ବା ପେଟରୋଗ ଅଛି।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅନ୍ୟତମ ସମ୍ଭ୍ରାନ୍ତ କ୍ଲବ କଟକ କ୍ଲବରେ ରାଜ୍ୟର ଅଗ୍ରଣୀ ସମାଜ ସେବୀ ସଂଗଠନ ନାରାୟଣ ଚାରିଟେବଲ ଟ୍ରଷ୍ଟ ଓ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ନିର୍ଭରଯୋଗ୍ୟ ଓ ପ୍ରଖ୍ୟାତ ଶାନ୍ତି ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୨୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ କ୍ଲବର ସଭାପତି ତଥା ବିଶିଷ୍ଟ ସମାଜ ସେବୀ ସୁନାମଧନ୍ୟ ଡାକ୍ତର ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ, ଉପସଭାପତି ଦେବେଶ ଦାସ, କୋଷାଧ୍ୟକ୍ଷ ସୁଦୀପ୍ତ ପୋଦାର ଓ ନାରାୟଣ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡ଼ା, ଚନ୍ଦ୍ରଜିତ ମହାନ୍ତି ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବରେ କ୍ଲବର ପୂର୍ବତନ ସଭାପତି ଡାକ୍ତର ଜୟନ୍ତ ପଣ୍ଡା ଯୋଗଦାନ କରି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ବାସ୍ତବରେ ହଜାର ବର୍ଷର ସହର କଟକରେ ଏପରି ରକ୍ତଦାନ ପାଇଁ ଯୁବ ବର୍ଗଙ୍କ ଭିତରେ ଆଗ୍ରହ ନିଶ୍ଚିନ୍ତ ଭାବେ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇବ।

ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତିଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗୀମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ। ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ। ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ। ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ। ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ। ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ପାରାଦୀପ, (ଭାସ୍କର ନ୍ୟୁଜ୍): ପିପିଏଲ ଡିଏଭି ସ୍କୁଲ ପରିସରରେ ବୁଧବାର ଦିନ ୱାର୍ଲ୍ଡ ବୁକ୍ ଆଣ୍ଡ କପି ରାଇଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲେଖକ ପ୍ରଶାନ୍ତ କୁମାର କାଠ ଓ ଲେଖିକା ଶର୍ମିଷ୍ଠା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ସାହୁ ପୁସ୍ତକର ଗୁରୁତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା କାଠ ତାଙ୍କ ଭାଷଣରେ ପିତାମାତା ଓ ଗୁରୁଜନମାନଙ୍କୁ ସର୍ବଦା ସମ୍ମାନ ଦେବା ସହ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭବ ତୁଳନାରେ କବିତା ଓ କାବ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଲେଖିକା ମହାନ୍ତି କିଶୋର ବୟସରେ ପିଲାମାନଙ୍କୁ ସାହିତ୍ୟ ମାଧ୍ୟମରେ ଶତପଥରେ ପରିଚାଳିତ କରିବା ପାଇଁ ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଆହାନ ବିସ୍ୱଲ ଲେଙ୍କା ବକ୍ତବ୍ୟ ପ୍ରତିପାଦନ କରିବା ସହ ଛାତ୍ରୀ ଆନହିକା ବର୍ମା ଏକ ସୁନ୍ଦର କବିତା ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ଦାଶ , ପ୍ରେରଣା ଦାସ ଓ ମନୀଷା ମହାରଣା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ତତ୍ତ୍ୱାବଧାରକ ବୃନ୍ଦାବନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ ସନ୍ତୋଷ ବ୍ୟକ୍ତ କରି ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ନିମାପଡ଼ାରେ ପାଗଳ ବିଲୁଆ ଆତଙ୍କ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପାଗଳ ବିଲୁଆର ଆତଙ୍କ ଖେଳିଯାଇଛି। ଜନବସତି ଭିତରକୁ ପାଗଳା ବିଲୁଆ ପଶି ଆସି ଲୋକଙ୍କୁ କରୁଛନ୍ତି ଆକ୍ରମଣ। ଯାହାଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗ୍ରାମରେ ତାଟିକବାଟ ପଡ଼ିଯାଇଛି। ବିଲୁଆର ଆକ୍ରମଣରେ ୫ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚଅଁରପଦା ପଞ୍ଚାୟତ ଚଅଁରପଦା ଗ୍ରାମରେ ବୁଧବାର ମଧ୍ୟାହ୍ନ ସମୟରେ ଲୋକମାନେ ବସିଥିବା ବେଳେ ହଠାତ୍ ୧୦ଟି ପାଗଳା ବିଲୁଆ ଜନବସତି ଭିତରକୁ ପଶିଆସି ଅତର୍କିତ ଭାବେ ଲୋକମାନଙ୍କୁ ଝୁଣିବାରେ ଲାଗିଥିଲେ। ଚଅଁରପଦା ଗ୍ରାମର ଗିରିଧାରୀ ମଲ୍ଲିକ (୪୯), ମହିଳା ଦେବକୀ ମଲ୍ଲିକ (୫୩) ଉମାକାନ୍ତ ମଲ୍ଲିକ (୨୪), ବିଶ୍ୱଜିତ ମଲ୍ଲିକ (୨୧) ପ୍ରମୁଖଙ୍କୁ ପାଗଳା ବିଲୁଆ କାମୁଡ଼ି ଥିଲେ। ଏକ ସାଙ୍ଗରେ ୮ରୁ ୧୦ ବିଲୁଆ ଏକତ୍ରିତ ଭାବେ ଲୋକ ମାନଙ୍କୁ ଝୁଣି ଦେଇଥିବାରୁ ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ହୋଇ ପଡ଼ିଥିଲେ। ଗ୍ରାମବାସୀ ମାନେ ସେମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଥିମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ପାଗଳା ବିଲୁଆ ଆତଙ୍କ ରଚିଥିବା ବେଳେ ସବୁ ଜାଣି ମଧ୍ୟ ବନବିଭାଗ ନୀରବ ସାଜିବାରୁ ଲୋକ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ଆଗାମୀ ଦିନରେ ପାଗଳା ବିଲୁଆ ଆତଙ୍କରେ ଆହୁରି ଲୋକମାନେ ଆକ୍ରମଣର ଶୀକାର ହେବେ ବୋଲି ଜଣାପଡିଛି।

# ପହଲଗାମ ଆତଙ୍କବାଦୀ ଆକ୍ରମଣ, ମାନବିକତାର ହତ୍ୟା : ଅପରାଜିତା ଷଡ଼ଙ୍ଗୀ





ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନିଜ ଜାମ୍ମୁ କାଶ୍ମୀର ଗସ୍ତ ଅବସରରେ, ମଙ୍ଗଳବାର ଜାମ୍ମୁ କାଶ୍ମୀରର ପେହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଅକାଳ ନିଧନ ହୋଇଥିବା ନାଗରିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି ଆକ୍ରମଣରେ ମୃତ୍ୟୁବରଣ କରିଥିବା ଓଡ଼ିଶା ବାଲେଶ୍ୱରର ପ୍ରଶାନ୍ତ କୁମାର ଶତପଥୀଙ୍କ ପରିବାର ବର୍ଗଙ୍କ ସହ ସାକ୍ଷାତ କରି ସମବେଦନା ଜ୍ଞାପନ କରିବା ସହ ସୁବିଧା ଅସୁବିଧା ବୁଝି ସମସ୍ତ ପ୍ରକାର ସହଯୋଗ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ। ଚାରିଦିନ ଛୁଟିରେ ସପରିବାର ବୁଲି ଯାଇଥିବା ସମୟରେ ଆତଙ୍କବାଦୀ ମାନଙ୍କ ବର୍ବୋରଚିତ ଆକ୍ରମଣ ସମୟର ଘଟଣା ବାବଦରେ ପରିବାର ବର୍ଗଙ୍କ ଠାରୁ ଶୁଣିବା ପରେ ଦୁଃଖରେ ମ୍ରିୟମାଣ ହୋଇ ଏହାକୁ ମାନବିକତାର ହତ୍ୟା ରୂପେ ଅଭିହିତ କରିଛନ୍ତି ଅପରାଜିତା ଷଡ଼ଙ୍ଗୀ। ଏଠାରେ ସୂଚନା ଯୋଗ୍ୟ ମଙ୍ଗଳବାର ମଧ୍ୟାହ୍ନ ସମୟରେ ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଥିବା ଜମ୍ମୁ-କାଶ୍ମୀରର ପେହେଲଗାମ ଆତଙ୍କବାଦୀ ଆକ୍ରମଣରେ ଦୁଇ ବିଦେଶୀଙ୍କ ସମେତ ମୋଟ୍ ୨୬ ଜଣ ମୃତ୍ୟୁବରଣ କରିଥିଲେ। ଯେଉଁମାନଙ୍କ ମଧ୍ୟରେ ଓଡ଼ିଶାରୁ ପ୍ରଶାନ୍ତ କୁମାର ଶତପଥୀଙ୍କ ମୃତ୍ୟୁ ହୋଇଥିଲା।

## କୂଅ ସଫା କରୁଥିବା ବେଳେ ୨ଜଣଙ୍କ ମୃତ୍ୟୁ

ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ର ବନ୍ଦ୍ରୀ ଗ୍ରାମରେ ଅଘଟଣ ଘଟିଛି। ଆଜି ବାନ୍ଦ୍ରି ଗାଁ'ର କାଳିମା ସାହିରେ କୂଅ ସଫା କରୁଥିବା ବେଳେ ଦୁଇଜଣ ବ୍ୟକ୍ତି କୂଅରୁ ବାହାରି ପାରି ନଥିଲେ। କୂଅ ଭିତରେ ମୋଟର ପମ୍ପ ଲଗାଇବା ପାଇଁ ଓହ୍ଲାଇଥିଲେ। ସେଠାରେ ସେମାନେ ଅଣନିଶ୍ୱାସି ହୋଇଯିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କୁ ଅଗ୍ନିଶମ ବିଭାଗ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଦୁଃଖର ଲହରୀ ଖେଳିଯାଇଛି। ମୃତକ ମାନେ ହେଲେ ତେତେ ଟାଙ୍ଗାରାଙ୍ଗା (୨୫), ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୩୦)। ଏହି ଦୁଇ ଜଣ ବାନ୍ଦ୍ରୀ ଗାଁ'ର କାଳିମା ସାହିରେ କୂଅ ପାଣି ସଫା କରିବା ସମୟରେ ମୃତ୍ୟୁବରଣ କରିଛନ୍ତି।

# ରାଜନଗର ବ୍ଲକର ପିଛା ଛାଡୁନି ମନରେଗା ଦୁର୍ନୀତି

ରାଜନଗର, (ଭାସ୍କର ନ୍ୟୁଜ୍): ନିଜ ଅଞ୍ଚଳରେ ୧୦୦ ଦିନରୁ ଅଧିକା କାମ କରି ପାରିଶ୍ରମିକରେ ପରିବାର ପୋଷଣ କରିବା ଲକ୍ଷ୍ୟରେ ଗ୍ରାମପଞ୍ଚାୟତ ଓ ବ୍ଲକମାନଙ୍କୁ ପ୍ରାଧାନ୍ୟ ଦେଇ କୋଟିକୋଟି ଟଙ୍କା ଅନୁଦାନ ସରକାର ଯୋଗାଇ ଆସୁଛନ୍ତି। ହେଲେ ଦୁର୍ନୀତିଖୋର ଅସାଧୁ ଜେଇ, ଏଇ ଓ ବିଡିଓଙ୍କ ଭଳି ଅଧିକାରୀଙ୍କ ଯୋଗୁଁ ମେସିନରେ କାର୍ଯ୍ୟ ହେବା ଦ୍ୱାରା ଲୋକଙ୍କୁ ସୁଫଳ ନ ମିଳିବାରୁ ସେମାନେ ପେଟ ପୋଷିବାକୁ ସୁଦୂର ବାହାର ରାଜ୍ୟକୁ ଯାଇ ନିର୍ଯାତନା ସହିବା ସହ ଦାଦନ ଖଟୁଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ। ଏହି ବ୍ଲକର କଣ୍ଡିରା ପଞ୍ଚାୟତ ନୁଆଗାଁ'ରେ ମନରେଗା ଯୋଜନାର ଦୁର୍ନୀତିର ଦର୍ପଣ ଦିଶୁଛି। ଏଠାରେ ମଶାଣୀ ପୋଖରୀ ମଶାଣି ଠାରୁ ଅନତୀ ଦୂରରେ ଗୋଚର ଜମିରେ ପୋଖରୀ ଖୋଳା ବାବଦକୁ ୫ଲକ୍ଷ ଓ ଏହି ପୋଖରିରୁ ଖୋଳାଯାଇଥିବା ମାଟିକୁ ଗୋପିନାଥେଶ୍ୱର କଲ୍ୟାଣ ମଣ୍ଡପ ଓ ମନ୍ଦିର ପଡିଆରେ ମାଟି ପକାଇ ୫ଲକ୍ଷ ବିଲ୍ ହୋଇଥିବା ବେଳେ ସେହି ମାଟିକୁ ସ୍କୁଲ ପଡିଆରେ ପକାଯାଇ ୫ଲକ୍ଷ ଟଙ୍କା ଅଟକଳ ଲେଖାଯାଇଛି। ହେଲେ ଏସବୁ କାର୍ଯ୍ୟ ଶ୍ରମିକ କରିବାର ନିୟମ ଥିବା ବେଳେ ଦୁର୍ନୀତିଖୋର ଯନ୍ତ୍ରୀ ପ୍ରଭାତ ମାଝିଙ୍କୁ ପଚାରିବାରୁ ସେ ସଫେଇ ଦେଉଛନ୍ତି ମୁଁ ସେମାନଙ୍କୁ ମନା କରିବା ସତ୍ତ୍ୱେ ସେମାନେ ମେସିନରେ କାମ କରୁଛନ୍ତି। ଏଥିରେ ଯନ୍ତ୍ରୀଙ୍କର ସଫେଇ ଦେବା ହାସ୍ୟାସ୍ପଦ, ଯଦି ଯନ୍ତ୍ରୀଙ୍କ କଥା ନମାନୀ ମେସିନରେ କାର୍ଯ୍ୟ ହେଉଛି, ତେବେ ଯନ୍ତ୍ରୀ ମାଝି କାମ ପାଖକୁ ନଯାଇ ବିଲ୍ କରୁଛନ୍ତି କିପରି ? ସେତେବେଳେ କ'ଣ ମେସିନ୍ କଥା ମନେ ନଥାଏ ନା ରାଧେ ରାଧେ ତୋର ଅଧାକୁ ମୋର ଅଧାରେ କାର୍ଯ୍ୟ ସମାପନ ହୁଏ। ତେଣୁ ଏହି ଅନୀୟମିତ କାର୍ଯ୍ୟକୁ ନେଇ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ବିଡିଓ ଅନୁଧାନ କରି ପଦକ୍ଷପ ଗ୍ରହଣ କରିବେ ବୋଲି କହୁଛନ୍ତି।

## ଧର୍ମ ପରାୟଣା ମହିଳାଙ୍କ ଦ୍ୱାଦଶାହ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଠାରେ ସମାଜସେବୀ ହରପ୍ରସାଦ ମିଶ୍ରଙ୍କ ସହଧର୍ମିଣୀ ସ୍ୱର୍ଗୀୟା ଜୟନ୍ତୀ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ମୌସୁମୀ ସମ୍ପାଦକ କବି ପ୍ରସନ୍ନ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ରାପଡା ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ପରିଜା, କଟକ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର କିଶୋର ଚନ୍ଦ୍ର ଦାଶ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱର୍ଗୀୟା ଜୟନ୍ତୀ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁ ମୁଖୀ ପତିଭା ସମ୍ପର୍କରେ ଗଭୀଭାବେ ଆଲୋକପାତ କରିଥିଲେ। ଶେଷରେ ସମାଜସେବୀ ହରପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିଷଦ ଭାବେ ସର୍ବାଧିକ ବାର ନିର୍ବାଚିତ କାମ୍ଭାଲା ଜଗନ୍ନାଥ ରାଓ



ପାରାଦୀପ, (ଭାସ୍କର ନ୍ୟୁଜ୍): ଓଡ଼ିଶାର ପୁରୀ ଠାରେ ଜନ୍ମ ଗ୍ରହଣ କରିଥିବା ତେଲୁଗୁ ଭାଷୀ କାମ୍ଭାଲା ଜଗନ୍ନାଥ ରାଓ ପାରାଦୀପର ଷଣ୍ଢକୁଦ ବସ୍ତିରେ ପିଲା ଦିନରୁ ଦୀର୍ଘ ୫୦ ବର୍ଷ ହେବ ବସବାସ କରିଆସୁଛନ୍ତି। ସେ ୧୯୯୫ ମସିହାରେ କଂଗ୍ରେସ ଦଳରୁ ଷଣ୍ଢକୁଦର ୧୪ ନମ୍ବର ୱାର୍ଡ ଲଗାତାର ତିନିଥର ସର୍ବାଧିକ ଭୋଟରେ ଜିତିଥିବା ବେଳେ ୨୦୧୫ ରେ ବିଜେଡିରୁ ଏବଂ ୨୦୨୨ ମସିହା ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସର୍ବାଧିକ ଭୋଟରେ ବିଜୟଲାଭ କରି ନିଜ ଲୋକପ୍ରିୟତା ପ୍ରତିପାଦିତ କରିଥିଲେ। ପୌରାଞ୍ଚଳର ସର୍ବବୃହତ ବସ୍ତିରେ ଥିବା ତିନୋଟି ୱାର୍ଡରେ ବିଭିନ୍ନ ସେବାମୂଳକ ଓ ଉନ୍ନୟନ କାର୍ଯ୍ୟ କରି ବେଶ ପ୍ରଶଂସିତ ହେବା ସହ ବସ୍ତିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ ଯୋଗାଣ, ବିଦ୍ୟୁତକରଣ ପ୍ରତ୍ୟେକ କ୍ଷେତ୍ରରେ ରାଓ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଯେଉଁଥି ପାଇଁ ଦଳମତ ନିର୍ବିଶେଷରେ ଷଣ୍ଢକୁଦ ବସ୍ତି ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ପାରାଦୀପ ପୌରାଞ୍ଚଳର ସମସ୍ତ ୧୯ ଟି ୱାର୍ଡରେ କାମ୍ଭାଲା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ଅମାୟିକ ବ୍ୟକ୍ତିତ୍ୱ, ମିଷ୍ଟଭାସି ଓ ପରୋପକାରୀ ଗୁଣ ଯୋଗୁଁ ସେ ସର୍ବାଦୃତ ହୋଇପାରିଛନ୍ତି।

# ହାଇୱା ଜବତ କଲା ଖଣି ବିଭାଗ, ଥାନାରେ ମାମଲା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଚୋରା ଲଘୁ ଖଣିଜ ଦ୍ରବ୍ୟ ବ୍ୟାପକ ମାତ୍ରାରେ ଲୁଣ୍ଠନ ହେଉଥିବା ବେଳେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ଘଟୁଛି। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଖଣି ବିଭାଗ ନାମକୁ ମାତ୍ର କେତେକ ଗାଡ଼ିକୁ ଧରିଥିବା ବେଳେ ଅନେକ ଗାଡ଼ିକୁ ଛାଡ଼ି ଦେଉ ଥିବାରୁ ବେଳକୁ ବେଳ ଲୁଣ୍ଠନ ବଢ଼ିଚାଲିଛି। ଖଣି ବିଭାଗ ପକ୍ଷରୁ ନିମାପଡ଼ା ଅଞ୍ଚଳରେ ଚଢ଼ଉ କରି ଏକ ବାଲି ବୋଝେଇ ହାଇୱାକୁ ଖଣି ବିଭାଗ ଜବତ କରି ପୋଲିସର ଜିମା ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ିରେ ବାଲି ମାଟି ଚାଲାଣ କରାଯାଉଛି। ଦଣ୍ଡିଆମାନେ ମାଲେମାଲ୍ ହେଉଛନ୍ତି। ଖବର ପାଇ ପୁରୀ ଜିଲ୍ଲା ବିଭାଗ ଅଧିକାରୀଙ୍କର ଏକ ଟିମ୍ ନିମାପଡ଼ା ଉପକଣ୍ଠରେ ଚଢ଼ଉ କରି ହାଇୱାକୁ ନିମାପଡ଼ା ଗୋଲେଇ ଛକରୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ଜଟଣି, ପିପିଲି ଅଞ୍ଚଳରୁ ବ୍ୟାପକ ମାତ୍ରାରେ ପଥର ବାଲି ନିମାପଡ଼ା ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ନିମାପଡ଼ା ଅଞ୍ଚଳରୁ ଅନେକ ଗାଡ଼ି ମଧ୍ୟ ଚାଲାଣ କରାଯାଉଛି। ଯାହାକୁ ନେଇ ରାତ୍ର ଦିନ ଶହ ଶହ ସଂଖ୍ୟକ ହାଇୱାରେ ବାଲି ବୋଝେଇ ହୋଇ ଚାଲାଣ କରାଯାଉଛି। ଗୋଟିଏ ହାଇୱାକୁ ଜବତ କରି ଦେଲେ ଖଣି ବିଭାଗର କାର୍ଯ୍ୟ ସରୁ ନାହିଁ। ଅନ୍ୟ ହାଇୱାକୁ ଗିରଫ କରିବା ପାଇଁ ନିମାପଡ଼ା ଅଞ୍ଚଳର ସଚେତନ ନାଗରିକମାନେ ଦାବୀ କରିଛନ୍ତି।

# ସକାଳୁଆ ଅଫିସ, ହେଲେ ବିଳମ୍ବରେ ଆସୁଛନ୍ତି କର୍ମଚାରୀ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଟାଙ୍ଗୀରେ ସରକାରୀ କର୍ମଚାରୀମାନେ ଏବେ ଲଗାମ ବିହୀନ ନୀତିରେ ଚାଲିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ହିତ ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁଆ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନୟମାନୁସାରେ ସମସ୍ତ ଅଫିସ ସକାଳ ୭ ଘଟିକା ଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଖୋଲିବା ପାଇଁ (କାର୍ଯ୍ୟକ୍ଷମ) ନିର୍ଦ୍ଦେଶ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀ ହୁଅନ୍ତୁ ଅବା କର୍ମଚାରୀମାନେ ସମସ୍ତେ ସକାଳ ୯ ଘଟିକା ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ଆସୁନଥିବା ଦେଖାଯାଉଛି। ଏଭଳି ଚିତ୍ର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଏରିଆରେ ଦେଖିବା ପାଇଁ ମିଳିଛି। ଯାହା ଫଳରେ ଖରାରୁ ରକ୍ଷା ପାଇବାପାଇଁ ଜନସାଧାରଣ ସକାଳ ୭ଟା ସମୟରୁ ଆସି କର୍ମଚାରୀ ମାନଙ୍କୁ ଅପେକ୍ଷା କରି ରହୁଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ସଦର ମହକୁମାରେ ଥିବା ସମସ୍ତ କାର୍ଯ୍ୟାଳୟର ପ୍ରାୟ ୯୦% (ପ୍ରତିଶତ) ବିଭାଗୀୟ ଅଧିକାରୀ ମାନେ ହେଡକ୍ୱାଟରରେ ନରହି ଭୁବନେଶ୍ୱରରୁ ଯିବା-ଆସିବା କରୁଛନ୍ତି। ଯେହେତୁ ଅଧିକାରୀ ମାନେ ଉପସ୍ଥିତ ରହୁନାହାନ୍ତି ତେଣୁ କର୍ମଚାରୀମାନେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଅଫିସକୁ ନଆସି ସେମାନେ ତାଙ୍କର ମନ ଇଚ୍ଛାରେ ଏପରି ବହୁ ବିଳମ୍ବରେ ଅଫିସ ଆସୁଥିବା ସାଧାରଣରେ ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବୋଲେରୋ ଦୁର୍ଘଟଣାରେ ଛାତ୍ରଛାତ୍ରୀଙ୍କ ସମେତ ୧୦ ଆହତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଥାନା ଅଧିନ ଉଜ୍ଜଳେଶ୍ୱରୀ ମନ୍ଦିର ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ଏକ ବୋଲେରୋ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାଜପଥର ତଳକୁ ଖସି ପଡିଛି। ଏଥିରେ ଛାତ୍ରୀଛାତ୍ର, ଅଭିବାବକ, ଗାଡି ଚାଳକଙ୍କ ସମେତ ୧୦ ଜଣ ଆହତ ହୋଇଛନ୍ତି, ଆହତ ଛାତ୍ରୀଛାତ୍ରମାନେ ହେଲେ ଲିଜା ଶବର, ରୁପାଲୀ ଶବର, ବର୍ଷା ରାଣୀ ଶବର ଓ ଲକ୍ଷ୍ମୀ ଶବର। ସେହିପରି ଆହତ ଅଭିଭାବକ ମଦନ ଦଳବେହେରା, ଦେବରାଜ ଶବର, ମନୁ ଶବର, ସନ୍ୟାସୀ ଶବର ଓ ଗାଡି ଚାଳକ କଳା କୃଷ୍ଣ ମହାପାତ୍ର। ସ୍କୁଲ ଖରା ଛୁଟି ହୋଇଯିବା ପରେ ଏମାନେ ସମସ୍ତେ ଏକ ବୋଲେରୋ ଗାଡ଼ି ଯୋଗେ ନିଜ ଘରକୁ ଫେରୁଥିବା ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଜନସାଧାରଣ ଓ ପୋଲିସ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା।

## ଟିହିଡ଼ିରେ ଡ୍ରେନେଜ ନିର୍ମାଣ ପ୍ରତିଶ୍ରୁତି ପାଣିର ଗାର



ଟିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଟିହିଡ଼ି ବଜାରରେ ଡ୍ରେନେଜ ଓ ଟ୍ରାଫିକ୍ ସମସ୍ୟା ବଡ଼ ଜଟିଳ ହେଉଥିଲା। ଯାହା ପାଇଁ ସମସ୍ତେ ଚିନ୍ତିତ ହୋଇପଡ଼ିଥିଲେ। ଏପରି ପରିସ୍ଥିତିରେ ଟିହିଡ଼ି ବଜାରର ଥିବା ୧୨୩ ଦୋକାନକୁ ଉଚ୍ଛେଦ କରାନଗଲେ ଡ୍ରେନେଜ ନିର୍ମାଣ ଓ ଟ୍ରାଫିକ୍ ସମସ୍ୟା ଦୂର ହେବନି ବୋଲି ସମସ୍ତଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ଏଥିପାଇଁ ଅନେକ ସମୟରେ ଦୋକାନ ଉଚ୍ଛେଦ କରାଯିବାକୁ ଦାବି କରାଯାଉଥିଲା। ଟିହିଡ଼ି ବଜାରରେ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ସରକାରୀ ଦଳ ଓ ବାସୁଦେବପୁର ବିଧାୟକ ପ୍ରତିଶ୍ରୁତି ଦେଇ ଆସୁଥିଲେ। ଏଥି ସହିତ ମଧ୍ୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ କୁହାଯାଉଥିଲା। ମାତ୍ର ଟିହିଡ଼ି ବଜାରର ୧୨୩ ଦୋକାନ ଉଚ୍ଛେଦ କରାଯିବାକୁ ପ୍ରଶାସନ ଉପରେ ସରକାରୀ ଦଳ ଓ ବିଧାୟକଙ୍କର ଚାପ ପଡ଼ିଥିଲା। ପ୍ରଶାସନ ବହୁ ସମସ୍ୟା ଭିତରେ ଗତ ୧ମାସ ତଳେ ଦୋକାନ ଗୁଡ଼ିକୁ ଉଚ୍ଛେଦ କରିଥିଲା। ଉଚ୍ଛେଦ ପରେ ବଜାରର ଦୁଇ ପାର୍ଶ୍ୱ ସମ୍ପୂର୍ଣ୍ଣ ଖାଲି ହୋଇଯାଇଥିବା ବେଳେ ଡ୍ରେନେଜ ନିର୍ମାଣ ପାଇଁ ଉପଯୁକ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ର ଡ୍ରେନେଜ ନିର୍ମାଣ ହେବାର କୌଣସି ଶୁଣାଶବ୍ଦ ନାହିଁ। ସେହିପରି ବସ୍ ଷ୍ଟାଣ୍ଡ ନିର୍ମାଣର ମଧ୍ୟ ନାଁ ଗନ୍ଧ ଉଠୁନାହିଁ। ଏବେ ଗ୍ରୀଷ୍ମଋତୁ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଛି। ଏହି ବର୍ଷାରେ ବଜାରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ବଜାର ଭାଙ୍ଗିଥିବା ରାସ୍ତା ଦେଇ ହାଟପିଣ୍ଡିକୁ ଲୋକ ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଉଚ୍ଛେଦ ହୋଇଥିବା ସ୍ଥାନରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଠିଆ ହୋଇ ରହୁଛି। ଯାହାଫଳରେ ଲୋକେ ମାର୍କେଟିଂ ପାଇଁ ହାଟ ପିଣ୍ଡି ପାଖରେ ପହଞ୍ଚିବା କଷ୍ଟସାଧ ହେଉଛି। ଆଗକୁ ଆସୁଛି ବର୍ଷା ଦିନ। ବର୍ଷାଦିନରେ ବଜାରର ଅବସ୍ଥା ଏମିତି ହେବ ଯେ ତାହା ନକହିବା ଭଲ। ଯେଉଁ ଟ୍ରାଫିକ୍ ସମସ୍ୟା ଦୂର ଉଦ୍ଦେଶ୍ୟ ନେଇ ବଜାର ଉଚ୍ଛେଦ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେବେ ବଜାରରେ ଡ୍ରେନେଜ ନିର୍ମାଣ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ବସଷ୍ଟାଣ୍ଡ ଓ ଡ୍ରେନେଜ ନିର୍ମାଣ କରାଯିବାକୁ ସାଧାରଣରେ ଦାବି କରାଯାଉଛି।

# ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ସ୍ଥିତିରେ ବିଜେଡି ଉପରୁ ଆସ୍ଥା ହରାଇ ଶତାଧିକ ବ୍ୟକ୍ତି ବିଜେପିକୁ ଅନୁପ୍ରାଣିତ କରି ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ନିଭରଣ ପଞ୍ଚାୟତ ସରପଞ୍ଚ ମାନସ ରଞ୍ଜନ ସ୍ୱାଇଁ; ସମିତି ସଭ୍ୟ କାଳନ୍ଦୀ ପୃଷ୍ଟି; ନାୟବ ସରପଞ୍ଚ ପରେଶ ପରିଡା; ପୂର୍ବତନ ସମିତି ସଭ୍ୟ ତୋଫାନ କାଣ୍ଡି; ୱାର୍ଡ ମେମ୍ବର ଅଭିମନ୍ୟୁ ବାରିକ, କାଳନ୍ଦୀ ମଲ୍ଲିକ, ଧୁଶାସନ ପରିଡା, ଅଭିମନ୍ୟୁ ମହାରଣା, ସୁରେଶ ପୋଲାଇ, ଲକ୍ଷ୍ମୀଧର ବିଶ୍ୱାଳ, ଦିପକ ପରିଡା; ବରିଷ୍ଠ କର୍ମୀ ଲମ୍ବୋଧର ନାୟକ, ମାନସ ପରିଡା, ତ୍ରିଲୋଚନ ପରିଡା, ପାଣ୍ଡବ ବେହେରା, ବସନ୍ତ ସ୍ୱାଇଁ, ଶରତ ମହାନ୍ତି, ବୈଷ୍ଣବ ବାରିକ, ସନାତନ ମହାନ୍ତି, ଅଭୟ ମହାନ୍ତି, ଟୁକୁନା ସାହୁ, ଧରଣୀ ସ୍ୱାଇଁ, ନିକୁଳ ପରିଡା, ଦିଲିପ ପୋଲାଇ, ମାନସ ବାରିକ, କୈଳାଶ ବାରିକ, ଧନୁ ପୋଲାଇ, ରମେଶ ବିଶ୍ୱାଳ, ବିଷ୍ଣୁ ମୁଦୁଲି, ନାରାୟଣ ପରିଡା, ପ୍ରତାପ କାଣ୍ଡି, ମନୋଜ ସ୍ୱାଇଁ, ସଦାଶିବ ନାୟକ, କୈଳାଶ ସ୍ୱାଇଁ, ତ୍ରିନାଥ ନାୟକ, ଲକ୍ଷ୍ମୀଧର ନାୟକ, ଲମ୍ବୋଧର ପରିଡା, ସମ୍ପଦ ପରିଡା, ଟୁନା ପରିଡା, ଭାଗ୍ୟଧର ଦିକ୍ଷିତ, ବିଷ୍ଣୁ ଦିକ୍ଷିତ, କିଶୋର ଦିକ୍ଷିତ, ସୌରଭ ନାୟକ, କୁଞ୍ଜ ପରିଡା, ସପ୍ନେଶ୍ୱର ଜେନା, ସୁଦାମ ରାଉତ, ଶତ୍ରୁଘ୍ନ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଲିକୁ ସ୍ୱାଇଁ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନା ବାଳା ଭୋଇ; ନାୟବ ସରପଞ୍ଚ ଦେବେନ୍ଦ୍ର ପ୍ରଧାନ; ସରପଞ୍ଚ ପ୍ରତିନିଧି ପ୍ରମୋଦ କୁମାର ଭୋଇ; ୱାର୍ଡ ମେମ୍ବର ବୃନ୍ଦାବନ ମୁଦୁଲି, ସମୀର କୁମାର ପରିଜା, ହେମନ୍ତ ଚନ୍ଦ୍ର ବେହେରା, ନରେନ୍ଦ୍ର ଗୋଛାୟତ, ଅଶୋକ ମହାରଣା, ନିତ୍ୟାନନ୍ଦ ବାରିକ, ପବିତ୍ର ବେହେରା, ସଞ୍ଜୟ ଭୋଇ, ଡମ୍ବୁରଧର ରାୟ, ଭ୍ରମର ସେଠୀ; ବରିଷ୍ଠ କର୍ମୀ ଯୁବ ବିଜେଡି ସଭାପତି ଶିବ ସୁନ୍ଦର ପଣ୍ଡା, ପ୍ରକାଶ ପ୍ରଧାନ, ସୁରେନ୍ଦ୍ର ସାହୁ, ରୋହିତ କୁମାର ସାହୁ, ରଶ୍ମୀ ରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ଚିତ ରଞ୍ଜନ ଭୋଇ, ଅମରେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଶିଶିର କୁମାର ମହାରଣା, ଅକ୍ଷୟ ନାୟକ, କାର୍ତ୍ତିକ ବାରିକ ପ୍ରମୁଖ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ବିନିଶପୁର ପଞ୍ଚାୟତ ସରପଞ୍ଚ ବବୁଲ ଦାସ; ନାୟବ ସରପଞ୍ଚ ନାରାୟଣ ଲେଙ୍କା; ୱାର୍ଡ ମେମ୍ବର ଜୟନ୍ତ ଭୋଇ, ପବିତ୍ର ମୋହନ ଖୁଣ୍ଟିଆ, ସରତ ସେଠୀ, ପ୍ରକାଶ ବେହେରା, ଗୁଣନିଧି ସାହୁ; ବରିଷ୍ଠ କର୍ମୀ ନିମାଇଁ ଚରଣ ସାହୁ, କୁଷା ବେହେରା, ବାବନ ମାଣିକ, ବେନୁ ଦାସ, ପ୍ରତାପ ଭୋଇ, କାଳନ୍ଦୀ ଭୋଇ, ଆଲୋକ ଦାସ, ସୁନାକର ବେହେରା, ଭୀମସେନ ଭୋଇ, ପ୍ରକାଶ ପାଲ, ଦୀପୁ ଭୋଇ, ସରୋଜ ପୃଷ୍ଟୀ, ଦିଲ୍ଲିପ ଭୋଇ, ଶିବ ଖୁଣ୍ଟିଆ, ଜୟଦେବ ମାଣିକ, କାର୍ତିକ ପ୍ରଧାନ, ଅର୍ଜୁନ ଭୋଇ, ବନମାଳି ଭୋଇ, ସୁମନ ସିଂ, ପରେଶ ଖୁଣ୍ଟିଆ, ବେଣୁଧର ଭୋଇଙ୍କ ସମେତ ଶତାଧିକ କର୍ମୀ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଚାରିଛକ ଥାନା ଜୁଣୁପୁର ଗ୍ରାମର ସୁକାନ୍ତ ଦାସଙ୍କୁ ମାରଣାତ୍ମକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖବରରୁ ଜଣାଯାଇଛି ଯେ, ଏହି ଥାନା ଅନ୍ତର୍ଗତ ଜୁଣୁପୁର ଗ୍ରାମର ସୁକାନ୍ତ ଦାସ ଶୁକ୍ରବାର ରାତିରେ ଘରେ ଶୋଇଥିବା ସମୟରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଫୋନ୍ କଲ୍ ପାଇ ସୁକାନ୍ତ ସେହି ରାତି ୧୦ଟା ସମୟରେ ଏହି ଥାନା ଅନ୍ତର୍ଗତ ଅଗରାଶାସନ ଗ୍ରାମକୁ ଯାଉଥିବା ସମୟରେ ପୂର୍ବରୁ ସେଠାରେ ଯୋଜନା ବଦ୍ଧ ଭାବେ ପ୍ରସ୍ତୁତ ଥିବା କେତେକ ଯୁବକ ସୁକାନ୍ତକୁ ବିଭିନ୍ନ ମାରଣା ଅସ୍ତ୍ରରେ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ମୁମୂର୍ଷୁ ଅବସ୍ଥାରେ ସୁକାନ୍ତ ସେଠାରେ ପଡ଼ିଥିବା ଖବର ପାଇ ଚାରିଛକ ପୋଲିସ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ସୁକାନ୍ତଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ସୁକାନ୍ତର ମାଆ ଗୁରୁବାରୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ଏହି ଘଟଣାରେ ଅଗରାଶାସନ ଗ୍ରାମର ଭରତ ଭୋଇଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ସକାଳୁ ଗଡ଼ଅମରପ୍ରସାଦ ଗ୍ରାମର ଅଜୟ ଭୋଇ ଜୁଣୁପୁର ଗ୍ରାମରେ ସୁକାନ୍ତଙ୍କ ଘରେ ପହଞ୍ଚି ସୁକାନ୍ତଙ୍କ ମାଆ ଗୁରୁବାରୀଙ୍କୁ ଗାଳି ଗୁଲଜ କରିବା ସହ ଘରର ଆସବାବପତ୍ର ଫୋପଡ଼ା ଫୋପଡ଼ି କରି ତାଙ୍କୁ ଅସଦାଚରଣ କରିଥିବା ନେଇ ଗୁରୁବାରୀ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରୁ ଏକ ବାଇକ୍ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ୱାନ୍ ନେଶନ, ୱାନ ଇଲେକ୍ସନ କର୍ମଶାଳାରେ ଯୋଗଦେଲେ ଭୁବନର ଗୁଲସନ୍ କୁମାର

ଭୁବନ, (ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀ ସ୍ଥିତ ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ 'ଷ୍ଟୁଡେଣ୍ଟ ଫର୍ ୱାନ ନେସନ୍ ୱାନ ଇଲେକ୍ସନ' କର୍ମଶାଳାରେ ଢେଙ୍କାନାଳ ଜିଲ୍ଲା ପ୍ରତିନିଧି ଭାବେ ଭୁବନରୁ ଗୁଲାସନ୍ କୁମାର ରାଉତ ଯୋଗ ଦେଇଛନ୍ତି। ଓଡ଼ିଶାରୁ ୨୦ ଜଣଙ୍କ ସମେତ ସାରା ଦେଶରୁ ପ୍ରାୟ ଏକ ହଜାରରୁ ଅଧିକ ଯୁବ ଛାତ୍ର ଯୋଗ ଦେଇଥିଲେ। 'ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ'ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଭବିଷ୍ୟତ ତଥା ଯୁବପିଢ଼ି ଏକ ଅର୍ଥପୂର୍ଣ୍ଣ ଆଲୋଚନାରେ ଭାଗ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ପ୍ରସଙ୍ଗ ଏବେ ଆଇନଗତ ଏବଂ ରାଜନୈତିକ ଆଲୋଚନାରୁ ଆଗକୁ ବଢ଼ି ଦେଶର ମୁଖ୍ୟ ଏଜେଣ୍ଡାର ଏକ ଅଂଶ ପାଲଟିଛି। 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚରଣ ସଂହିତା ମଧ୍ୟରେ ସୀମିତ ବିଷୟ ନୁହେଁ ବରଂ ଏହା ଦେଶର ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶକୁ ଏକ ନୂତନ ଦିଗଦର୍ଶନ ଦେବାର ଏକ ମାଧ୍ୟମ। ଆଜି ସମୟ ଆସିଛି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ 'ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ'କୁ ଏକ ସାର୍ବଜନୀନ ଅଭିଯାନ, ସାର୍ବଜନୀନ ଆଲୋଚନା ଏବଂ ସାର୍ବଜନୀନ ଆନ୍ଦୋଳନରେ ପରିଣତ କରିବାର। 'ଏକ ରାଷ୍ଟ୍ର ଏକ ନିର୍ବାଚନ' ହେଉଛି ବିକଶିତ ଭାରତର ଦୃଷ୍ଟିକୋଣର ମୂଳଦୁଆ, ଯାହା ଏକ ଶକ୍ତିଶାଳୀ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ପ୍ରମାଣିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମନସୁଖ ମାଣ୍ଡଭ୍ୟ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ମହାମନ୍ତ୍ରୀ ସୁନିଲ ବଂଶଲ୍ ଯୋଗଦେଇ ସାରା ଦେଶରୁ ଆସିଥିବା ଛାତ୍ର ନେତାମାନଙ୍କୁ ସମ୍ବୋଧିତ କରିଥିଲେ। ଯେକୌଣସି ପ୍ରମୁଖ ଜାତୀୟ ନିଷ୍ପତ୍ତିକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେବା ପାଇଁ, ନୀତି, ଯୋଜନା, ରଣନୀତି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ-ଜନଭାଗୀଦାରୀ ଆବଶ୍ୟକ। ଆଗାମୀ ସମୟରେ କିପରି ନିଜ ରାଜ୍ୟରେ ଥିବା ସ୍କୁଲ୍, କଲେଜ୍ ଏବଂ ଜନଗହଳି ସ୍ଥାନରେ ଅଭିଯାନ ଆରମ୍ଭ କରି 'ୱାନ ନେସନ୍ ୱାନ ଇଲେକ୍ସନ'କୁ କିପରି ଜନ ଆନ୍ଦୋଳନରେ ପରିଣତ କରାଯିବ ସେଥିପାଇଁ ଯୋଜନା ଏବଂ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା।

# ବଡ଼ଚଣା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ଭୁଶୁଡ଼ି ପଡ଼ିଛି। ଅଧିକାଂଶ ବିଦ୍ୟାଳୟରେ ଅତି ଦୟନିୟ ଅବସ୍ଥାରେ ଶିକ୍ଷାଦାନ କରାଯାଉଛି। ୫୫ ଜିଲ୍ଲାର ଏକ ଅଗ୍ରଣୀ ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ବଡ଼ଚଣାରେ ଶିକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଏଠାରେ ଶିକ୍ଷା ବ୍ୟବସ୍ଥାର ସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। କୌଣସି ଅନୁନ୍ନତ ଅଞ୍ଚଳ ନୁହେଁ ବିକାଶର ମଡେଲ କୁହାଯାଉଥିବା ବଡ଼ଚଣା ବ୍ଲକ୍‌ରେ ଶିକ୍ଷାର ଏଭଳି ଅବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ବ୍ଲକ୍‌ର ୧୧୧ଟି ସ୍କୁଲରେ ପିଇବା ପାଣିର ସୁବିଧା ନାହିଁ। ସେହପରି ୭୪ଟି ସ୍କୁଲରେ ଶୌଚାଳୟ ନାହିଁ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଥିବା ୧୧୯ ସ୍କୁଲରେ ପାଚେରି ନଥିବା ବେଳେ ୧୧ଟି ସ୍କୁଲରେ ଆବଶ୍ୟକତା ବିଦ୍ୟୁତ୍ ସଂଯୋଗ ନାହିଁ। ୧୩୪ଟି ସ୍କୁଲରେ ଆବଶ ତଥା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଶ୍ରେଣୀଗୃହ ଗୃହ ନାହିଁ। ୫୫ଟି ସ୍କୁଲର ମଧ୍ୟ ମରାମତି ଆବଶ୍ୟକ ଥିବାବେଳେ ଏହା ଏପର୍ଯ୍ୟନ୍ତ ହୋଇନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଏତେ ସବୁ ଅସୁବିଧା ଥିବା ସତ୍ତ୍ୱେ ପ୍ରଥମରୁ ଦଶମ ଶ୍ରେଣୀର ପିଲାଙ୍କୁ କେମିତି ଶିକ୍ଷାଦାନ କରାଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ଅନିୟମିତତା, ଶିକ୍ଷକ ଶିକ୍ଷୟିତ୍ରୀ ଠିକ୍ ସମୟରେ ଆସୁନଥିବା, ମଧ୍ୟାହ୍ନ ଭୋଜନ ନିମ୍ନମାନର ଦେବା, ମୋ ସ୍କୁଲ ଅଭିଯାନର ଅର୍ଥ ଦୁରୁପଯୋଗ କରିବା ଆଦି ଅଭିଯୋଗ ଜିଲ୍ଲାପାଳଙ୍କୁ ଗ୍ରାମବାସୀ କରିଥିଲେ। ଏଥିପାଇଁ ତଦନ୍ତକାରି ଏକ ଦଳ ଆସି ହୋଇଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ତେବେ ଦୁଇ ବର୍ଷର ଖେଳ ସାମଗ୍ରୀ ଓ ସାଇନ୍ସ ଲେବରୋଟାରି ସାମଗ୍ରୀ ଠିକ୍ ଥିବା ତଦନ୍ତକାରି ଦଳ ସନ୍ତୋଷ ପ୍ରକାଶ କରିଥିବା ବେଳେ ବାକି କେତେ ଗୁଡ଼ିଏ ସାମଗ୍ରୀ କ୍ରୟର ବିଲ ଦେଖାଇଥିବା ଓ ମୋ ସ୍କୁଲ ଅଭିଯାନର ହୋଇଥିବା ଖର୍ଚ୍ଚ ଏବଂ ବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ରାତ୍ର ଜଗୁଆଳି ସମ୍ପର୍କରେ ମୋ ସ୍କୁଲ ଅଭିଯାନ କମିଟି କିମ୍ବା ଏସ୍‌ଏମ୍‌ସି ସଭାପତି ଜାଣି ନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। କ୍ରୟ କରାଯାଇଥିବା ଜିନିଷ ଏବଂ ମୋ ସ୍କୁଲ ଅଭିଯାନର ଖର୍ଚ୍ଚ କରାଯାଇଥିବା ଅର୍ଥର ସଠିକ ପ୍ରମାଣ କରିବା ପାଇଁ ତଦନ୍ତକାରୀ ଦଳ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଖମାରିଙ୍କୁ ୧୫ ଦିନ ସମୟ ଦେଇଛନ୍ତି। ଏହି ତଦନ୍ତକାରୀ ଦଳରେ ଏବିଇଓ କମଳାକାନ୍ତ ଦଳବେହେରା, ସରସରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ସାମିଲ ଥିବାବେଳେ ଏସ୍‌ଏମ୍‌ସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପୂର୍ବତନ ସଭାପତି କିରିଟି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଆର୍ତ୍ତତ୍ରାଣ ମେହେର, ମନରଞ୍ଜନ ପୁରୋହିତ ଓ ସୁଧାଂଶୁ ଶେଖର ମିଶ୍ର ତଦନ୍ତରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିହନ ଓ ଖାଦ୍ୟ ମହୋତ୍ସବ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟସ୍ଥିତ ସ୍ଥାନୀୟ ନିଶାଣିମୁଣ୍ଡା ଠାରେ ରାଜ୍ୟସ୍ତରୀୟ ଦେଶୀ ବିହନ ଓ ଖାଦ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ପ୍ରଗତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏନ୍‌ସିଏନ୍‌ଏଫ୍- ଓଡିଶା, ଆରଆରଏଏନ-ଓ୍ୱାସନ, ସମ୍ଭବ, ଦେଶୀ ବିହନ ସୁରକ୍ଷା ମଂଚ, ଟିପିଏସଓଡିଏଲ, ଆଇଆର୍‌ଆର୍‌ଆଇ, ସିଆର୍‌ଆଇ, କର୍ମା, ସେଲକୋ ଫାଉଣ୍ଡେସନ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଦେଶୀ ବିହନ ଓ ଖାଦ୍ୟ ପ୍ରଦର୍ଶନୀ ନିମନ୍ତେ ୨୬ଟି ଷ୍ଟଲ ଖୋଲାଯାଇଛି। ମୁଖ୍ୟଅତିଥି ଭାବେ ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ନତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ସେଲକୋ ଫାଉଣ୍ଡେସନର ଗୌତମ ପ୍ରଧାନ, ଅବସରପ୍ରାପ୍ତ ପ୍ରଫେସର ଡ. ଶରତ କୁମାର ପାଳିତ, ଜ୍ଞାନଦୀପ ପାଣ୍ଡିଆ, ସାଇକ୍ରିଷ୍ଣା, ଡ. ନିମାଇଁ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଲୁନା ପଣ୍ଡା କାର୍ଯ୍ୟକ୍ରମ ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବର ଲକ୍ଷ୍ୟ ସଂପର୍କରେ ସରୋଜ ମହାନ୍ତି ସୂଚନା ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ରାଧାମୋହନ ପ୍ରକୃତିସେବା ସମ୍ମାନ ନବରଙ୍ଗପୁରର ଶଙ୍କର ପଟ୍ଟନାୟକଙ୍କୁ, ପଦ୍ମଶ୍ରୀ କମଳା ପୂଜାରୀ ବିହନ ମା' ସମ୍ମାନ କୋଟପାଡର ପରିମା ମୁଦୁଲିଙ୍କୁ ଏବଂ ଡ. ରୀଚା ରାୟ ସମ୍ମାନ ନରେଶ ବିଶ୍ୱାସଙ୍କୁ ପ୍ରଦାନ କରାଯାଇଥିଲା । ଜୟପୁରର ମା' ପୂର୍ଣ୍ଣମାସୀ ଏସ୍‌ଏଚ୍‌ଜି, କୋଟପାଡ଼ର ଚିତ୍ରିଦୋରା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନି ସହ ପ୍ରଗତି ଓ ଆଇଆର୍‌ଆର୍‌ଆଇ ଏମଓୟୁ କରିଥିଲେ । ଏହି ଗ୍ରୁପ୍ ଜିଆଇ ଟ୍ୟାଗ୍ ପାଇଥିବା କଳାଜିରା ଧାନରେ କେକ୍(ବିସ୍କୁଟ) ତିଆରି କରି ସ୍ଥାନୀୟ ବଜାରରେ ବିକ୍ରି କରିବେ । ଏହି ଅବସରରେ ଗୁଣ୍ଡିଚା ମନ୍ଦିରରୁ ନିଶାଣିମୁଣ୍ଡା ଯାଏଁ ୩୦୦ ମହିଳା ଦେଶୀ ବିହନ ମୁଣ୍ଡାଇ ପଦଯାତ୍ରା କରିଥିଲେ। ପଦଯାତ୍ରାକୁ ପୌରାଧ୍ୟକ୍ଷ ଲଲାଟ ରଂଜନ ସେଠୀ ଆରମ୍ଭ କରିଥିଲେ । ବୈଷୟିକ କର୍ମଶାଳାରେ ସାଧନକର୍ମୀ ଭାବେ କେସିସି ବ୍ୟାଙ୍କ ଅଧ୍ୟକ୍ଷ ଇଂ ଈଶ୍ୱର ଚନ୍ଦ୍ର ପାଣିଗ୍ରାହି ସଭାପତିତ୍ୱ କରିଥିବା ବେଳେ ଡ. ପ୍ରିୟବ୍ରତ ରାୟ, ଓରମାସ ଡେପୁଟି ସିଇଓ ରୋଶନ କାର୍ତ୍ତିକ, ଜାକେବ ପ୍ରମୁଖ ଯୋଗଦେଇଥିଲେ। ଜୈବିକଶ୍ରୀ ନିର୍ଦ୍ଦେଶକ ସୁରେନ୍ଦ୍ର ମସ୍ତି ସଂଯୋଜନା କରିଥିଲେ।

# ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ ଅଭିଯୋଗ
## ବିନା ଆଇଡିରେ ଚାଲିଛି ଜନସେବା କେନ୍ଦ୍ର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଓଡିଶାରେ କାର୍ଯ୍ୟକାରୀ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ବର୍ଷକୁ ୫ ଲକ୍ଷ ଓ ମହିଳା ମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସେବା ପାଇବା ପାଇଁ କାର୍ଡ ବଣ୍ଟନ କରାଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଅଞ୍ଚଳର କେତେକ ଜନସେବା କେନ୍ଦ୍ରକୁ ଆୟୁଷ୍ମାନ କାର୍ଡ ଦେଇ ଆଉ କେତେକ କେନ୍ଦ୍ରକୁ ପାତର ଅନ୍ତର ନୀତି ଅବଲମ୍ବନ କରାଯାଇଥିବା ଦେଖାଦେଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ୨ଟି କିମ୍ବା ୩ଟି ଲେଖାଏଁ ଜନସେବା କେନ୍ଦ୍ର ରହିଥିବା ବେଳେ ମାତ୍ର ବ୍ଲକର କିଛି ହାତଗଣତି ଜନସେବା କେନ୍ଦ୍ରକୁ ଆୟୁଷ୍ମାନ ଆଇଡ଼ି ଦେଇ ଇ-କେଓ୍ୱାଇସି ଅନଲାଇନି କରିବାକୁ ଅନୁମତି ଦିଆଯାଇଛି। ଜନସେବା କେନ୍ଦ୍ରମାନଙ୍କରେ ଅନଲାଇନିରେ ଇ -କେଓ୍ୱାଇସି କରିବାକୁ ପଡୁଛି । ସେଥିପାଇଁ ସରକାର ପ୍ରତ୍ୟେକ ଜନସେବା କେନ୍ଦ୍ରରେ ବିନା ମୂଲ୍ୟରେ ଅନଲାଇନ କରିବାକୁ ସୁବିଧା କରାଇଛନ୍ତି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ କେତେକ ଜନସେବା କେନ୍ଦ୍ରରେ ଆୟୁଷ୍ମାନ କାର୍ଡ ପାଇବା ପାଇଁ ଅନଲାଇନ ମାଧ୍ୟମରେ ଇ -କେଓ୍ୱାଇସି କରିବାକୁ ପଡୁଥିବା ବେଳେ ହିତାଧିକାରୀମାନଙ୍କ ଠାରୁ ୩୦ରୁ ୫୦ଟଙ୍କା ଲେଖାଏଁ ଆଦାୟ କରୁଥିବା ଜଣାପଡିଛି। କିନ୍ତୁ ଏଥିନେଇ ସରକାରଙ୍କ ପକ୍ଷରୁ କାର୍ଡ଼ ପିଛା ଆଶାକର୍ମୀଙ୍କୁ ଏକ ଟଙ୍କା ଓ ଜନସେବା କେନ୍ଦ୍ରକୁ ୩ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କହିଛନ୍ତି ଆୟୁଷ୍ମାନ କାର୍ଡ ପାଇଁ କେହି ଅର୍ଥ ଦାବି କରୁଥିଲେ। ଏ ସମ୍ପର୍କରେ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହା ସହିତ ଜନସେବା କେନ୍ଦ୍ର ଗୁଡିକ ଜିଲ୍ଲାପାଳ କାର୍ଯ୍ୟାଳୟ ଅଧୀନରେ ଥିବାରୁ ଏ ସମ୍ପର୍କରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମା,ମୋତ୍ୟାଲୁ ମା'ଙ୍କ ଘଟଯାତ୍ରା ସମାପନ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ଅଧିଷ୍ଠାତ୍ରୀ ଦେବୀ ମା'ମୋତ୍ୟାଲୁ ମା'ଙ୍କ ନବ ଦିନାତ୍ମକ ଘଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ନଅ ଦିନ ଧରି ମା' ଅସ୍ଥାୟୀ ମନ୍ଦିରରେ ରହି ସହର ପରିକ୍ରମା କରି ନିଜ ଆସ୍ଥାନକୁ ଫେରିଛନ୍ତି। ମା' ଅସ୍ଥାୟୀ ମନ୍ଦିରରୁ ସ୍ଥାୟୀ ମନ୍ଦିରକୁ ଫେରିବା ବେଳେ ପାରମ୍ପାରିକ ବାଜା ମହୁରୀ ଘଣ୍ଟ ଶବ୍ଦରେ ମନ୍ଦିର ପାଖ କମ୍ପି ଉଠିଥିଲା। ଗତ ୧୪ ତାରିଖ ଦିନଠୁ ଆରମ୍ଭ ହୋଇଥିବା ଏହି ଘଟ ଯାତ୍ରା ପାଇଁ ସାମଗ୍ରହ ସହର ଉତ୍ସବ ମୁଖର ହୋଇ ଉଠିଥିଲା। ମିନା ବଜାର ସାଙ୍ଗକୁ ଦେସୀଆ ନାଟକ ଓ ମେଲୋଡ଼ି କାର୍ଯ୍ୟକ୍ରମ ସବୁରି ମନ ମହିଥିବା ବେଳେ ଲକ୍ଷ୍ମୀପୁର ଥାନା ନିଆଁ ଦେଖିବାକୁ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା। ସୋମବାର ଦିନ ପାହାନ୍ତିଆରେ ଯାତ୍ରା ପଦାରେ ଦୁଇଟି ଘଟଣାକୁ ନେଇ ପୋଲିସ ସତର୍କ ହୋଇ ଏକ ପ୍ଲାଟୁନ ଫୋର୍ସ ମୃତୟନ କରିବାକୁ ବାଧ ହୋଇଥିଲା। ଶେଷ ଦିନରେ ମା' ଅସ୍ଥାୟୀ ମନ୍ଦିରରୁ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ମାନସିକ ଧାରି ମାନେ ଛେଳି କୁକୁଡା ବଳି ପକାଇଥିଲେ। ଫଳରେ ମା'ଙ୍କ ପୀଠ ରକ୍ତ ରଞ୍ଜିତ ହୋଇ ଉଠିଥିଲା। ଗହଳି ନିୟନ୍ତ୍ରଣ ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ କର୍ମୀ ନିୟୋଜିତ କରାଯାଇଥିଲା।

# ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ସରକାରୀ ସହାୟତା ସଚେତନତା କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସତ୍ୟନାରାୟଣ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ମାଣ ଶ୍ରମିକ ସଂଘ ତରଫରୁ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ବିଭିନ୍ନ ସରକାରୀ ସହାୟତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଛାତ୍ରୀଛାତ୍ରମାନେ କିପରି ଶିକ୍ଷା ଉପରେ ସହାୟତା ପାଇପାରିବେ ଏବଂ ସେଥିପ୍ରତି ଥିବା ସରକାରୀ ନିର୍ଦ୍ଦେଶନାମା ଉପରେ ଆଲୋଚନା କରାଯାଇଥିଲା। ଆର୍‌ଟିଆଇ ତଥ୍ୟ ଅନୁଯାୟୀ ୨୦୨୧-୯୯, ୯୦୯୯-୨୩, ୨୦୨୩-୨୪ ଶିକ୍ଷାବର୍ଷରେ ଯଥାକ୍ରମେ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ମାତ୍ର ୩୪୦, ୪୪୨ ଓ ୨୪ ଜଣ ଆର୍ଥିକ ସହାୟତା ପାଇଛନ୍ତି ; ଯେଉଁଠାରେ କି ଡିସେମ୍ବର ୨୪ ସୁଦ୍ଧା ଜିଲ୍ଲାରେ ମୋଟ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକୃତ ସଂଖ୍ୟା ପ୍ରାୟ ୭୦ ହଜାର। ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ସଂଖ୍ୟା ପ୍ରାୟ ୭୫ ହଜାର। ସଚେତନତା ସାଙ୍ଗକୁ କିଭଳି ଅଧିକରୁ ଅଧିକ ପିଲା ଏହି ଯୋଜନାରୁ ଉପକୃତ ହୋଇପାରିବେ ସେଥିପାଇଁ ଏଭଳି ପଦକ୍ଷେପ ନେଇଥିବ ସଂଘ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ସତ୍ୟନାରାୟଣ ମହାବିଦ୍ୟାଳୟର ନିର୍ଦ୍ଦେଶକ ସଞ୍ଜୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନେ ନିର୍ମାଣ ଶ୍ରମିକ ସଂଘ କର୍ମକର୍ତ୍ତାଙ୍କ ସମସ୍ୟା ଉପରେ ଆଲୋଚନା କରିଛନ୍ତି।

# ମୁକୁଳା ପାଚେରୀ ପାଲଟିଛି ମଦୁଆଙ୍କ ଆଡ୍ଡା ସ୍ଥଳୀ



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ ସଦରମହକୁମା ସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପାଚେରୀ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ନହୋଇଥିବା ଯୋଗୁଁ ମୁକୁଳା ପଡିରହିଛି। ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଏହି ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ପାଚେରୀ ନଥିବା ଯୋଗୁଁ ସନ୍ଧ୍ୟା ହେଲେ ମଦୁଆଙ୍କ ଅଡ୍ଡା ସ୍ଥଳୀ ପାଲଟିଛି। ବିଭିନ୍ନ କାର୍ଯ୍ୟାଳୟର ନିର୍ମାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରୁଥିବାବେଳେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବହୁବର୍ଷ ଧରି ପାଚେରୀ ନିର୍ମାଣ ନେହୋଇ ମୁକୁଳା ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର କାଗଜରେ ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନଜରରେ ପଡୁନାହିଁ। ଖୋଦ ଜାତୀୟ ରାଜପଥରେ ଏହି କାର୍ଯ୍ୟାଳୟଟି ଥିବାରୁ ଏଥିରେ ପାଚେରୀ ନଥିବା ସହିତ ରାତ୍ରିରେ ଆଲୋକୀକରଣ ନଥିବା ଯୋଗୁଁ କାର୍ଯ୍ୟାଳୟରେ ଥିବା ଅନ୍ଧାରିଆ ପରିବେଶ ନିଶାଡିକୁ ସୁଯୋଗ ଦେଉଛି। ପାଚେରୀ ନ ଥିବା ଯୋଗୁଁ ଦିନ ବେଳା ଗାଇ, ଗୋରୁ, କୁକୁର ପ୍ରାଦୁର୍ଭାବ ବଢ଼ିବା ସହିତ କର୍ମଚାରୀ ମାନଙ୍କ ଯାନ ଚୋରି ହେବାର ଆଶଙ୍କା ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି ହୋଇଛି।

# ୧୦୮ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ

ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଚାଳିଶା ପଠନ ଉତ୍ସବ ଯଥା ରୀତିନୀତି ମୁତାବକ ପୂଜାର୍ଚ୍ଚନା ପୂର୍ବକ କର୍ମ କର୍ମାଣୀ କରି ଫଟୋଚିତ୍ର ସ୍ଥାପନା କରାଯାଇ ୧୦୮ ଥର ବ୍ରାହ୍ମଣ ମାନଙ୍କ ଦ୍ୱାରା ହନୁମାନ ଚାଳିଶା ସହିତ ସୁନ୍ଦରାକାଣ୍ଡ ପଢା ଯାଇଥିଲା। ପୂଜାସ୍ଥଳରେ କର୍ତ୍ତା ଭାବେ ଦମ୍ପତି ଦୁଃଶାସନ ବେହେରା ଓ ସୌଦାମିନୀ ବେହେରା କାର୍ଯ୍ୟ ନିର୍ବାହ କରିଥିଲାବେଳେ, ପୁରୋହିତ ଶ୍ରୀକାନ୍ତ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରରୁ ପାଞ୍ଚ ଜଣ ପୂଜକ ଯୋଗଦେଇ ଭିନ୍ନ ଭିନ୍ନ ୪୦ପ୍ରକାର ସ୍ୱରରେ ବାଦ୍ୟଯନ୍ତ୍ର ମାଧ୍ୟମରେ ୧୦୮ଥର ଚାଳିଶା ପଠନ ହୋଇଥିଲା। ସର୍ବ ରିଷ୍ଟ ଖଣ୍ଡନ ପାଇଁ ଦୀର୍ଘ ଦିନରୁ ଦୈନିକ ଶ୍ରୀମତୀ ବେହେରାଙ୍କ ଦ୍ୱାରା ହନୁମାନ ଚାଳିଶା ପଠନ ଜାରି ରହିଥିବା ବେଳେ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପ୍ରିୟ ବୈଶାଖ ମାସ ମଙ୍ଗଳବାରରେ ପୂର୍ଣ୍ଣାହୁତି ଦେଇ ଉଦଯାପିତ ହୋଇଥିଲା ।ଏହି ଉତ୍ସବରେ ଉପସ୍ଥିତ ଥିବା ଗ୍ରାମର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା ବେଳେ, ସମସ୍ତେ ହନୁମାନଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ ।

# ସମବାୟବିତର ନିଶାମଣିଓଙ୍କ ସ୍ମୃତିଚାରଣ ସଭା

ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଭଣଗାଁ ଗ୍ରାମର ସମବାୟବିତ୍ ନିଶାମଣି ବେହେରାଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସୁଖଦାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ରତିକାନ୍ତ କାନୁନ୍‌ଗୋ, ବିଧୁଭୂଷଣ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଧୁସୁଦନ ଘଡ଼େଇ, ରାଜକିଶୋର ମିଶ୍ର, ପ୍ରଫୁଲ୍ଲ ଦାସ, ଦିଲ୍ଲିପ ମହାନ୍ତି, ପ୍ରମୋଦ କୁମାର ପ୍ରତାପ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ବେହେରା ଏକାଧାରରେ ଜଣେ ସଂସ୍କୃତିପ୍ରେମୀ କଳାକାର, ସଂଗଠକ, ପ୍ରତିଷ୍ଠିତ ବ୍ୟବସାୟୀ, ବ୍ୟବସାୟୀ ସଂଘର ଦୀର୍ଘ ବର୍ଷଧରି ସମ୍ପାଦକ ଓ ସଭାପତି, କୃଷି ସମବାୟ ସମିତିର ସଭାପତି ଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଂଗଠକ ଭାବେ



# ସଂପୁର ସେବା ସମବାୟର ବାର୍ଷିକ ସାଧାରଣ ସଭା



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ସେବା ସମବାୟ ସମିତି ଲିଃର ବାର୍ଷିକ ୨୦୨୫ ସାଧାରଣ ସଭା ସମିତିର ସଭାପତି ଭଗବାନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ସେବା ସମବାୟ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାରାୟଣ ମହାପାତ୍ର, ସଂମ୍ମାନିତ ଅତିଥିଭାବେ ପରିଚାଳନା କମିଟିର ସଦସ୍ୟ ଚିତ୍ତରଞ୍ଜନ ମିଶ୍ର, ସଦସ୍ୟ ନିରଞ୍ଜନ ନାୟକ, ବିଜୟ ମହାନ୍ତି, ରାମଚନ୍ଦ୍ର ଜୟସିଂ, ରମେଶ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର ଦେଓ, ଲକ୍ଷ୍ମୀଧର ସେଠି, ବୁଢ଼ା ସୁବୁଦ୍ଧି ଓ ପ୍ରଭାସିନୀ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ସଭା ପ୍ରାରମ୍ଭରେ ସେବା ସମବାୟର ସମ୍ପାଦକ ଜ୍ଞାନ ରଞ୍ଜନ ବେହେରା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ୨୦୨୪-୨୫ ଆୟ ବ୍ୟୟରେ ବିବରଣୀ ପଠନ, ୨୦୨୫-୨୬ର ବଜେଟ ଉପସ୍ଥାପନ, କୃଷି ଋଣ ପ୍ରଦାନ ସଂଖ୍ୟା, ଖୀଲାପି ସଂଖ୍ୟା, ବିଭିନ୍ନ ପ୍ରକାର ଋଣ ପ୍ରଦାନ ତଥ୍ୟ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସାଧାରଣ ସଭାରେ ସଂପୁର, ଯୋଡ଼ାପଡା, ଖଙ୍ଗୁରିଆ, ଗବଡ଼ିଗ୍ରାମର ଚାଷୀ ଭାଇ ଭାଇ ମାନେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ସେବା ସମବାୟ କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଇବା ପାଇଁ ପରିଚାଳନା କମିଟିକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେବା ସମବାୟର କର୍ମଚାରୀ ତ୍ରିନାଥ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଲେଙ୍କା ଓ ମୁନିଆ ଲେଙ୍କା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

## କାଳ ବୈଶାଖୀର ପ୍ରଭାବ
# ଉମରକୋଟ-ରାଇଘର ରାସ୍ତା ଅବରୋଧ



ଉମରକୋଟ, (ଭାସ୍କର ନ୍ୟୁଜ୍ ) : ୨୩ତାରିଖ ସନ୍ଧ୍ୟା ୪ ଟା ସମୟରେ ଉମରକୋଟରେ ଘଟିଥିବା କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହେଇଥିବା ଖବର ଆସିଛି। ବର୍ଷା ନ ହୋଇଥିଲେ ମଧ୍ୟ ଭିଷଣ ପବନ ଯୋଗୁଁ ଚିକଲପଦର ଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ଥିବା କପା ଫ୍ୟାକ୍ଟରି ସମ୍ମୁଖରେ ଗୋଟାଏ ବଡ଼ ଗଛ ଉପୁଡ଼ି ପଡ଼ି ଉମରକୋଟ-ରାଇଘର ରାସ୍ତା ଉପରେ ପଡ଼ି ଯାଇଥିଲା। ଫଳରେ ଉମରକୋଟ ଓ ରାଇଘର ରାସ୍ତା ମଧ୍ୟରେ ପ୍ରାୟ ଘଣ୍ଟାଟି କାଳ ଯାନବାହାନ ଚଳାଚଳ ବନ୍ଦ ଥିଲା। ଖବର ପାଇଁ ଉମରକୋଟ ଅଗ୍ନିଶ୍ରମ ବିଭାଗର କେନ୍ଦ୍ର ଅଧିକାରୀ ଭାଗିରଥି ବାଣୁଆ, ହରି ଶଙ୍କର ସୁନାନି, ଜଗଦୀଶ କାଣ୍ଡ, ଯଦୁମଣି ଏକକ ଓ ଶଙ୍କର ମାଝି ପ୍ରମୁଖ କର୍ମଚାରୀ ମାନେ ପହଞ୍ଚି ଗଛକୁ କାଟିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହେଇଥିଲା। ସେହିପରି ଏହି ଫେକ୍ଟରି ନିକଟରେ ନୂତନ ଭାବେ ନିର୍ମାଣ ହେଇଥିବା ଡ୍ରାଇଭର ମହାସଂଘ କାର୍ଯ୍ୟାଳୟର ଟିଣ ଛାତଟି ସଂପୂର୍ଣ୍ଣ ଭାବେ ଉଡ଼ିଯାଇଛି। ଫଳରେ କାର୍ଯ୍ୟାଳୟ ଭିତରେ ଥିବା କିଛି ଆସବାବ ପତ୍ର ନଷ୍ଟ ହୋଇଥିବା ଜଣା ପଡ଼ିଛି। ସେହିପରି ମୃତମା, ସୁକିଗା ଇତ୍ୟାଦି ଗ୍ରାମ ପଞ୍ଚାୟତରେ ମକା ଗଛ ଗୁଡ଼ିକ ଭାଙ୍ଗି ଯାଇଥିବା ଖବର ମିଳିଛି।

# ପାଣି ପାଇଁ ତାରିଣୀ ମନ୍ଦିର ଅଞ୍ଚଳର ଲୋକେ ହନ୍ତସନ୍ତ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସେଥିମଧ୍ୟରୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମା ସ୍ଥିତ ତାରିଣୀ ମନ୍ଦିର ସାହିରେ ଜଳାଭାବ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଛି । ଗତ ଆଠଦିନ ଧରି ମୋଟର ଅଚଳ ହେବା ଯୋଗୁଁ ଜଳ ଯୋଗାଣ ବନ୍ଦ ରହିଛି। ଲୋକଙ୍କ ମଧ୍ୟରେ ପାଣି ମୁନ୍ଦାଏ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ମୁତାବକ ତାରିଣୀ ମନ୍ଦିର ସାହିରେ ୭୦ ପରିବାରର ପାଖାପାଖି ତିନିଶହ ଲୋକ ବସବାସ କରୁଛନ୍ତି। ଏହି ଜନବସତିରେ ଜଳ ଯୋଗାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ତିନି ଏଚପି ମୋଟର ଲଗା ଯାଇଥିଲା। ତେବେ ଆଠଦିନ ପୂର୍ବେ ଏହି ମୋଟରଟି ଅଚଳ ହୋଇ ପଡିବାରୁ ତାରିଣୀ ମା'ମନ୍ଦିର ସାହିକୁ ଜଳ ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇଗଲା। ଏ ନେଇ ସାହି ବାସିନ୍ଦା ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଇ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟ କାଲିମେଳା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅଞ୍ଚଳବାସୀ ଏ ନେଇ ଅବଗତ କରିବା ପରେ ଏହା ୩ ଏଚପି ମୋଟର ହୋଇଥିବାରୁ ଏତେ ମାତ୍ରାରେ ଅର୍ଥ ବ୍ୟୟବରାଦ ତୁରନ୍ତ ହୋଇପାରିବ ନାହିଁ, ଏଥିପାଇଁ ସ୍ଥାନୀୟ ଲୋକ ନିଜ ଭିତରେ ଅର୍ଥ ସଂଗ୍ରହ କରି ମୋଟର କିଣିବାକୁ କହିଛନ୍ତି। ସେହିପରି ଘଟଣା ବାବଦରେ ଜାଣିବା ପରେ ସ୍ଥାନୀୟ ସରପଞ୍ଚ ମଧ୍ୟ ସମାନ କଥା କହିଛନ୍ତି। ତେବେ ଖରାଦିନେ ଏତେବଡ଼ ଜନବସତି ନିମନ୍ତେ ଜଳଯୋଗାଣ ବ୍ୟବସ୍ଥା ଏକ ମୌଳିକ ସମସ୍ୟା ହୋଇଥିବା ବେଳେ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରିବା ସହ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ଅନ୍ୟପଟେ ତାରିଣୀ ମା'ମନ୍ଦିର ସାହିରେ ତୁରନ୍ତ ଜଳ ଯୋଗାଣ ନିମନ୍ତେ ପ୍ରଶାସନ ପକ୍ଷରୁ ନୂତନ ମୋଟର ଲଗାଇବାକୁ ସ୍ଥାନୀୟ ବାସିନ୍ଦା ବୃନ୍ଦାବନ ଜେନା, ଚନ୍ଦ୍ରଭାନୁ ସେଠୀ, ପ୍ରଭାକର ପାଢ଼ୀ, ସନ୍ତୋଷ ସୁନ୍ଦର ରାୟ, ଡମ୍ବୁରୁ ନାୟକ, ବୁଲୁ ସେଠୀ ଓ ମନୋଜ ଜୋର୍ଦ୍ଦାର୍ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାରୀ ସ୍ୱାତୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଲୋକେ ବର୍ଷ ତମାମ ପାଣି ନେଉଥିବା ବେଳେ ଏନେଇ କୌଣସି ଟିକସ ପଇଠ କରୁ ନାହାନ୍ତି। ଟିକସ ପଇସାରେ ହିଁ ଏହି ନୂତନ ମୋଟର ଲଗାଇବା, ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ହେବା କଥା। ଯେହେତୁ ଲୋକେ ଟିକସ ପଇଠ କରୁ ନାହାନ୍ତି ଓ ଯଥେଷ୍ଟ ଅର୍ଥ ନଥିବାରୁ ମରାମତି ହୋଇ ପାରୁନାହିଁ। ଲୋକେ ଟିକସ ବାବଦରେ ବକେୟା ଅର୍ଥ ଜମା ନ କଲେ ମୋଟର ମରାମତି ସହଜରେ ହୋଇପାରିବ ବୋଲି କହିଥିବା ସ୍ୱୀକାର କରିଛନ୍ତି। ଆସନ୍ତା କାଲି ସେ ନିଜେ ଉକ୍ତ ସ୍ଥାନକୁ ଯାଇ କିପରି ଯଥା ଶୀଘ୍ର ସମସ୍ୟାର ସମାଧାନ କରାଯିବ ସେନେଇ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଶୋଭାଯାତ୍ରା କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ସଭାପତି ସୁଧାକର ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି ନିରନ ପାଢୀ, ଯୁଗ୍ମ ସମ୍ପାଦକ ପି ନାଗେଶ୍ୱର ରାଓ, ସାଂଗଠନିକ ସଂପାଦକ ସରୋଜ ରଥ, ଉପଦେଷ୍ଟା ଭଗବାନ ନାହାକ, ବସନ୍ତ ପଣ୍ଡା, ହୃଷିକେଶ ପାଢି, ସୂର୍ଯ୍ୟ ପ୍ରକାଶ ଯାଦବ, ରାମନାଥ ପଣ୍ଡା ପ୍ରମୁଖଙ୍କ ସହ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଦେବେନ୍ଦ୍ର ରାଉତ ଦାବିପତ୍ର ଗ୍ରହଣ କରିଥିଲେ । ୧୯୭୨ପେନସନ ଆଇନର ସଂଶୋଧନ ଏବଂ ୨୦୨୫ ସଂଶୋଧିତ ପେନସନ ଆଇନର ଚତୁର୍ଥ ପରିଚ୍ଛେଦ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିବା ସଂଘ ସଂପାଦକ ମାର୍କଣ୍ଡ ପାଢି କହିଛନ୍ତି ।

# ୩୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟରୁ ବିହାରକୁ ଗଞ୍ଜେଇ ଚୋରା ଚାଲାଣ ସମୟରେ ମାଡ଼ି ବସିଛି ପୋଲିସ । ରାତ୍ର ୯ଟା ସମୟରେ କୋରାପୁଟ ରେଳ ଷ୍ଟେସନରୁ ୩୦କିଲୋ ଗଞ୍ଜେଇ ଜବତ କରିଛି ଜିଆରପି ପୋଲିସ। ମାମଲାରେ ବିହାରର ଅରବନ୍ଦି କୁମାର ଶର୍ମାଙ୍କୁ ଗିରଫ କରାଯାଇଥିବା କହିଛନ୍ତି ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ। ହାଓ୍ୱଡାରୁ ଜଗଦଲପୁର ଅଭିମୁଖେ ଯାଉଥିବା ସମଲେଶ୍ୱରୀ ଟ୍ରେନରେ ଗଞ୍ଜେଇ ନେଇ ଚଢିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଆରପି ପୋଲିସ ଅରବିନ୍ଦଙ୍କୁ କାବୁ କରିଥିଲେ । ଯାଂଚ ସମୟରେ ଦୁଇଟି ଟ୍ରଲି ବ୍ୟାଗରୁ ଗଞ୍ଜେଇ ପ୍ୟାକେଟ ଜବତ ହୋଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଏହି ବ୍ଲକର ରହଣିଆ ପଞ୍ଚାୟତ ନୌରଙ୍ଗପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୁଧବାର ପ୍ରଦାନ କରାଯାଇଛି। ପ୍ରାକ୍ତନ ଶିକ୍ଷକ ପବନ କୁମାର ନାୟକଙ୍କ ଅଧକ୍ଷତାରେ ଏଥିନେଇ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତ ମୁଖ୍ୟବକ୍ତା, ସରପଞ୍ଚ ରଞ୍ଜନ କୁମାର ପରିଡା, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ସାମଲ, ସଞ୍ଜିତ କୁମାର ସାମଲ, ଯଦୁମଣି ଦାସ, ରାମଚନ୍ଦ୍ର ମହାନ୍ତି, ସତ୍ୟରଞ୍ଜନ ସାମଲ, ନୀଳମଣି ନାୟକ, ରାମଚନ୍ଦ୍ର ରାଉତ, ନିରାକାର ରାଉତ, ଦୁର୍ଗାଚରଣ ମହାକୁଡ, ସଞ୍ଜୁଲତା ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିତାମ୍ବର ରାଉତ ଅତିଥି ପରିଚୟ, ଜୟନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଓ ତାପସୀ ବାରିକ ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀଙ୍କୁ ମିଳିବ ନୂଆ ରଙ୍ଗର ରାସନ କାର୍ଡ

- ବ୍ଲକର ୫ ଶହ ପରିବାର ପାଇବେ ନୂଆକାର୍ଡ
- ୨୪ରେ ଭିଡିଓ କନଫରେନ୍ସ ରେ ହେବ ବଣ୍ଟନ
- ଆବେଦନ କରିଛନ୍ତି ୪ହଜାରରୁ ଉର୍ଦ୍ଧ୍ୱ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସବୁଜ ରଙ୍ଗରୁ ଗେରୁଆ ରଙ୍ଗ ହେବାକୁ ଯାଉଛି ରାସନ କାର୍ଡ। ଏହି ନୂଆ ରାସନ କାର୍ଡ ଅସ୍ତରଙ୍ଗ ବ୍ଲକର ୧୭ଶହ ମେମ୍ବର ପାଇବାକୁ ଯାଉଛନ୍ତି। କିନ୍ତୁ ନୂଆ କାର୍ଡ ପାଇବାକୁ ପାଖାପାଖି ୪ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଦରଖାସ୍ତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟନ ଦିନ ୫ଶହ ହିତାଧିକାରୀଙ୍କୁ ନୂଆକାର୍ଡ ଦିଆଯିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୬୯ହଜାର ୪ଶହ ୨୯ଟି ସବୁଜ ରଙ୍ଗ କାର୍ଡ ରହିଛି। ତେବେ ନୂଆ କରି ୪ହଜାରରୁ ଉର୍ଦ୍ଧ୍ୱ ଆବେଦନକାରୀ ରାସନ କାର୍ଡ ନେବାକୁ ଦରଖାସ୍ତ ଦେଇଥିବା ବେଳେ ଏମାନଙ୍କ ମଧ୍ୟରୁ ପାଖାପାଖି ୫ଶହ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସାମିଲ କରାଯାଉଛି। ଅପ୍ରେଲ ୨୪ତାରିଖ ପଞ୍ଚାୟତିରାଜ ଦିବସ ଦିନ ନୂଆ



ଖାଉଟିଙ୍କୁ ନୂଆକାର୍ଡ ବଣ୍ଟନ ହେବ। ଏଥିପାଇଁ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ୪ରୁ ୫ଟି ନୂଆକାର୍ଡ ବଣ୍ଟାଯିବ। ଅନ୍ୟ ସମସ୍ତ ସବୁଜ ରଙ୍ଗ କାର୍ଡକୁ ୩ମାସ ମଧ୍ୟରେ ଗେରୁଆ ରଙ୍ଗ କରାଯିବ। ତେବେ ୩ମାସ ହୋଇଗଲା ରାସନ କାର୍ଡ ପୋର୍ଟାଲ ବନ୍ଦ ରହିଛି। ଏଥିରେ ଯୋଗ କି ବିୟୋଗ କରାଯାଇ ପାରୁନାହିଁ। ପ୍ରତିଦିନ ଯୋଗାଣ କାର୍ଯ୍ୟାଳୟକୁ ଲୋକେ କାଗଜପତ୍ର ଧରି ଆସୁଛନ୍ତି ନିଜ ରାସନ କାର୍ଡରେ ନୂଆ ସଦସ୍ୟଙ୍କୁ ଯୋଡିବା ପାଇଁ। ତେବେ ପୋର୍ଟାଲ ବନ୍ଦ ରହିଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଠିକ୍ ଏହି ସମୟରେ ଜାନୁୟାରୀ ମାସ ଠାରୁ ଆବେଦନ କରିଥିବା ନୂଆ ହିତାଧିକାରୀଙ୍କୁ ଜାତୀୟ ପଞ୍ଚାୟତିରାଜ ଦିବସରେ ନୂଆ ରଙ୍ଗର କାର୍ଡ ଦିଆଯିବ।

## ନମ୍ବରବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ, ମାମଲା ରୁଜୁ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଏହି ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତର ଦାଣ୍ଡକୂଳ ଗ୍ରାମ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ସହ ପରିବହନ କରୁଥିବା ଏକ ନମ୍ବରବିହୀନ ଟ୍ରାକ୍ଟର ଭଣ୍ଡାରିପୋଖରୀ ପୋଲିସ ଗତ ମଙ୍ଗଳବାର ରାତିରେ ଜବତ କରି ମାମଲା ରୁଜୁ କରିଥିବା ଜଣାଯାଇଛି। ସଂପୃକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଦଳ ଦାଣ୍ଡକୂଳ ରାସ୍ତାରେ ବେଆଇନ ବାଲି ବୋଝେଇ କରି ଟ୍ରାକ୍ଟରଟି ପରିବହନ କରୁଥିବା ଦେଖିଥିଲେ। ଏ ସମ୍ପର୍କରେ କୌଣସି ବୈଧ କାଗଜପତ୍ର ନଥିବାରୁ ନମ୍ବରବିହୀନ ଟ୍ରାକ୍ଟର ଜବତ କରିବା ସହ ଚାଳକ ବିରୋଳି ଗ୍ରାମର ପ୍ରଦୀପ ଜେନା(୨୬)କୁ ଗିରଫ କରିଥିଲେ। ସବଇନ୍ସପେକ୍ଟର ଇଭାରାଣୀ ପରିଡାଙ୍କ ଏତାଲା କ୍ରମେ ଥାନାରେ ୧୯୯/୨୫ନଂ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

## ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ ଜରୁରି ବୈଠକ

କରଞ୍ଜିଆ(ଭାସ୍କର ନ୍ୟୁଜ୍): କରଞ୍ଜିଆରେ ଟ୍ରାଫିକ ସମସ୍ୟା ବିଗିଡି ଯାଉଥିବାରୁ ସମସ୍ୟା ଦେଖାଯାଉଥିଲା ତେଣୁ ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ କରଞ୍ଜିଆର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରଯାଇଥିଲା। ଏ ସଂପର୍କରେ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କେନ୍ଦ୍ରରେ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାପାଳ କରଞ୍ଜିଆ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉପଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜରୁରି ବୈଠକ ଆହ୍ୱାନ କରିଥିଲେ। ବୈଠକରେ ଉପଜିଲ୍ଲାପାଳଙ୍କ ସହିତ ଉପଖଣ୍ଡ ପୋଲିସ ଅଧିକାରୀ ନବକ୍ରିଷ୍ଣ ନାଏକ, ତହସିଲଦାର ଦିବାକର ମାଝୀ, କରଞ୍ଜିଆ ଆଇଆଇସି ଶରତ କୁମାର ମହାଲିକ, କରଞ୍ଜିଆ ଏନ୍ଏସି ଅଧକ୍ଷା ପପୀ ପୃଷ୍ଟି, ଉପାଧକ୍ଷ ସ୍ୱରୂପ କୁମାର




ପରିଡା, ବରିଷ୍ଠ ୱାର୍ଡ କାଉନସିଲର ବିଶ୍ୱଜିତ ଚୌଧୁରୀ, କରଞ୍ଜିଆ ଓକିଲ ସଂଘ ସଭାପତି ମଦନ ମୋହନ ମହନ୍ତ, ସମ୍ପାଦକ ସରୋଜ କୁମାର ରାଉଳ, ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା, ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସେକ୍ସନ୍ ଅଫିସର ଧିରେନ କୁମାର ଭୋଇ ଘରଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହିତ ସାମ୍ବାଦିକ ଜିତେନ୍ଦ୍ର ରାଜ ଓ ପାର୍ଥ ପ୍ରଶ୍ନ ମିଶ୍ର ଉପସ୍ଥିତ ରହି ଜବରଦଖଲକାରୀଙ୍କୁ ହଟିଯିବ। ୫ଦିନ ପୂର୍ବରୁ ନୋଟିସ୍ ପ୍ରଦାନ ସହିତ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯିବ। ଏହି ଉଚ୍ଛେଦ ପ୍ରକ୍ରିୟା ମାଣିକ ଛକ ଠାରୁ ସିନେମା ହଲ୍ ପର୍ଯ୍ୟନ୍ତ ହେବ। ଏହି ପ୍ରକ୍ରିୟା ଆସନ୍ତା କାଲି ଠାରୁ ଲାଗୁହେବ। ପୁଣି ସହରରେ ୱାନ୍ ୱେ ପ୍ରଚଳନ ହେବ ବୋଲି ନିଷ୍ପତି ଗ୍ରହଣ କଲେ। ୩୦ ତାରିଖ ପୂର୍ବରୁ ଏହି ପ୍ରକ୍ରିୟା ଶେଷ ହେବ ବୋଲି ଉପଜିଲ୍ଲାପାଳ ସମସ୍ତଙ୍କୁ ଜଣାଇଛନ୍ତି।

## ବ୍ରଜରାଜନଗର ମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଆସନ୍ତା ୨୬ ଓ ୨୭ ତାରିଖରେ ହେବାକୁ ଥିବା ବ୍ରଜରାଜନଗର ମହୋତ୍ସବ ପାଇଁ ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଖୁଣ୍ଟି ସ୍ଥାପନ କରିଥିଲେ। ଏହା ସହିତ ମହୋତ୍ସବର ଆୟୋଜନ ପାଇଁ ଚାଲିଥିବା ପ୍ରସ୍ତୁତି ବାବଦରେ ଜିଲ୍ଲାପାଳ କମିଟିର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ଓ ତଦାରଖ କରିଛନ୍ତି। ଏହି ଅବସରରେ ବ୍ରଜରାଜନଗର ଭାରପ୍ରାପ୍ତ ନଗରପାଳ କୃଷ୍ଣ ଗୋପାଳ



ସୀତାନୀ, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ମହୋତ୍ସବ କମିଟି ସଭାପତି ବିଜୟ ପଟ୍ଟନାୟକ, ସାଧାରଣ ସଂପାଦକ ଅମରେନ୍ଦ୍ର ରାୟ, ଉପସଭାପତି ନିର୍ମଳ ସିଂହ ଚାୱଲା, ସହ ସଂପାଦକ ତପନ ସ୍ୱାଇଁ, କବି ସ୍ୱାଇଁ, ମୁଖ୍ୟ ସଂଯୋଜକ ଉପନ ଚରଣ ସାହୁ, ସାଂସ୍କୃତିକ ସଂପାଦକ ସୁଶୀଲ ପୁରୋହିତ, କୋଷାଧକ୍ଷ ବିନୟ ଜୟସ୍ୱାଲ, ସତ୍ୟାନନ୍ଦ ଦାଶ, ତ୍ରିଲୋଚନ ଦାଶ ଓ ଆଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଆସିକା ବିଜ୍ଞାନ ମହାବିଦ୍ୟାଳୟ ହିନ୍ଦୀ ଏବଂ ରାଜନୀତି ବିଭାଗର ସଫଳତା

## 'ଅକ୍ଳାନ୍ତ ପରିଶ୍ରମ ହିଁ ଶ୍ରେଷ୍ଠତାର ମୂଳମନ୍ତ୍ର'

ଆସିକା (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ହିନ୍ଦୀ ଅନର୍ସ ଛାତ୍ର ସମିର ସ୍ୱାଇଁ ମୋଟ ୧୨୫୨ (୮୯.୪୨%) ମାର୍କ ରଖି ସ୍ନାତକ ହିନ୍ଦୀ ଭାଷା ସାହିତ୍ୟରେ ଏବଂ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ରୀ ମାମୁନୀ ନାହାକ ୧୨୩୧ (୮୮%)ମାର୍କ ରଖି ସ୍ନାତକ ରାଜନୀତି ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଳଙ୍କୃତ କରି ସଫଳତା ହାସଲ କରିଛନ୍ତି। ଛାତ୍ର ଶ୍ରୀ ସ୍ୱାଇଁ ଆସିକା ବ୍ଲକ ଅଧୀନସ୍ଥ ଚେ଼ରମାରିଆ ଗ୍ରାମ ନିବାସୀ ଅମୀର ସ୍ୱାଇଁ ଏବଂ ସକୁନ୍ତଳା ସ୍ୱାଇଁଙ୍କ ସୁଯୋଗ୍ୟ ସନ୍ତାନ ଅଟନ୍ତି। ଛାତ୍ରୀ ସୁଶ୍ରୀ ନାହାକ ଆସିକା ବ୍ଲକ ଅନ୍ତର୍ଗତ କେ. ଲଚ୍ଛମନପଲ୍ଲୀ ଗ୍ରାମ ନିବାସୀ ପବିତ୍ର ନାହାକ ଏବଂ ନର୍ମଦା ନାହାକଙ୍କ ସୁଯୋଗ୍ୟା କନ୍ୟା ଅଟନ୍ତି। ଉଭୟେ ଏହି ସଫଳତାର ଶ୍ରେୟ ନିଜର ଅକ୍ଳାନ୍ତ ପରିଶ୍ରମ, ମହାବିଦ୍ୟାଳୟ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପରିମାର୍ଜିତ ଶୈକ୍ଷିକ ବାତାବରଣ ଏବଂ ଯୋଜନାବଦ୍ଧ ପଦକ୍ଷେପ, ହିନ୍ଦୀ ବିଭାଗ ମୁଖ୍ୟ ଡ. ଜିନିତ୍ ସବା, ହିନ୍ଦୀ ଅଧାପକ ରାଜେଶ୍ କୁମାର ସାହୁ ଏବଂ ହିନ୍ଦୀ ଅଧାପିକା ସୁଶ୍ରୀ କୁନିକା




ଦାଶ ତଥା ଏବଂ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ.ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଅଧାପିକା ସୁଶ୍ରୀ ମିନତୀ ବେହେରା ଏବଂ ଅଧାପକ ଗୌତମ ମାଝୀଙ୍କ ବଳିଷ୍ଠ ପ୍ରେରଣା ତଥା ମାର୍ଗ ଦର୍ଶନ ଏବଂ ପରିଶେଷରେ ଉଭୟେ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟ ବିଭାଗଗୁଡିରେ ସ୍ନାତକ ଫଳାଫଳ ମଧ ଅତ୍ୟନ୍ତ ଉନ୍ନତମାନର ପରଲକ୍ଷିତ ହୋଇଅଛି। ସେହି ବିଭାଗ ଗୁଡିକ ହେଲା - ପୁନଃ ରାଜନୀତି ବିଜ୍ଞାନ ସମ୍ମାନ ଛାତ୍ରୀ ସୁଶ୍ରୀ ମାମାଶ୍ରୀ ନାହାକ ୧୧୬୩ ମାର୍କ ରଖି ପଞ୍ଚମ ସ୍ଥାନ, ଇଂରାଜୀ ସମ୍ମାନର ଛାତ୍ରୀ ସୁଶ୍ରୀ ରୂପାଲି କୁମାରୀ ମହାନ୍ତି ୧୦୦୩ ମାର୍କ ରଖି ଦଶମ ସ୍ଥାନ, ଉଦ୍ଭିଦ ବିଜ୍ଞାନ ସମ୍ମାନ ଛାତ୍ରୀ ସୁଶ୍ରୀ ଆରତୀ ବେହେରା ୧୨୬୦ ମାର୍କ ରଖି ଚତୁର୍ଥ ସ୍ଥାନ, ହିନ୍ଦୀ ଭାଷା ସାହିତ୍ୟ ସମ୍ମାନର ଅନ୍ୟ ନଅ ଜଣ ଛାତ୍ରୀଛାତ୍ର ସୁଶ୍ରୀ ଉକ୍ରର୍ଷିକା ଆଚାରୀ ୧୨୪୧ ମାର୍କ ରଖି ଦ୍ୱିତୀୟ ସ୍ଥାନ, ପ୍ରିୟଙ୍କା ଗୌଡ଼ ୧୧୫୨ ମାର୍କ ରଖି ତୃତୀୟ ସ୍ଥାନ, ସ୍ୱରୂପା ରାଣୀ ରାଉତ ୧୧୩୭ ମାର୍କ ରଖି ଚତୁର୍ଥ ସ୍ଥାନ, ରେଶମା ରାଣୀ ପରିଡ଼ା ୧୧୩୪ ମାର୍କ ରଖି ପଞ୍ଚମ ସ୍ଥାନ, ପ୍ରିୟଦର୍ଶନୀ ପ୍ରଧାନ ୧୧୧୫ ମାର୍କ ରଖି ଷଷ୍ଠ ସ୍ଥାନ, କେ. ମମତା ରେଡ୍ଡି ୧୦୮୫ ମାର୍କ ରଖି ସପ୍ତମ ସ୍ଥାନ, ସାଧନା ମହାନ୍ତି ୧୦୮୦ ମାର୍କ ରଖି ଅଷ୍ଟମ ସ୍ଥାନ, ରଶ୍ମୀ କୁମାରୀ ସାହୁ ୧୦୭୯ ମାର୍କ ରଖି ନବମ ସ୍ଥାନ, ଶ୍ରୀ ସରୋଜ ସ୍ୱାଇଁ ୧୦୭୧ ମାର୍କ ରଖି ଦଶମ ସ୍ଥାନ ଅଳଂକୃତ କରିଛନ୍ତି। ଏହି ସଫଳତାର ପ୍ରଚ୍ଛଦପଟରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପିକା ଏବଂ ଅଧାପକଙ୍କ ଯୋଗଦାନ ଏବଂ ମାର୍ଗଦର୍ଶନକୁ ଅତ୍ୟନ୍ତ ପ୍ରସଂଶନୀୟ ବୋଲି ଛାତ୍ରଛାତ୍ରୀମାନେ ଦୃଢୋକ୍ତି ରଖିଛନ୍ତି। ଉଭୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପର ଶ୍ରୀ ସମୀର ସ୍ୱାଇଁ ନିଜ ଭବିଷ୍ୟତ ଜୀବନକୁ ଏକ ଅଧାପକ ରୂପେ ଗଢ଼ିତୋଳିବା ପାଇଁ ମନସ୍ତ କରିଥିବା ବେଳେ ଛାତ୍ରୀ ସୁଶ୍ରୀ ମାମାଶ୍ରୀ ନାହାକ ଭବିଷ୍ୟତରେ ଦେଶର ପ୍ରଶାସନିକ କ୍ଷେତ୍ରରେ ନିଯୁକ୍ତି ପାଇବା ପାଇଁ ଅଭିଳାଷା ରଖିଛନ୍ତି।

## ଓକିଲ ସଂଘ ପକ୍ଷରୁ ସ୍ୱର୍ଗତ ରାଜା ସାହେବଙ୍କ ପାଇଁ ଶୋକସଭା ଓ ଆତଙ୍କୀ ଆକ୍ରମଣକୁ ନିନ୍ଦା



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ଓକିଲ ସଂଘ ପକ୍ଷରୁ ବାର ସଭାପତି ସନ୍ତୋଷ ସାହୁଙ୍କ ଅଧକ୍ଷତାରେ ବାର ମଧୁସୂଦନ କକ୍ଷ ଠାରେ ଆଜି ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। କାରଣ ଗତ ସମୋବାର ୧୧୪୫ ମିନିଟିରେ ତାଳଚେରର ଲୋକପ୍ରିୟ ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ସୁଦୂର ରାୟପୁରର ଏକ ଘୋରଇ ଡାକ୍ତଖାନାରେ ପରଲୋକ ହୋଇଥଲା। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ତାଳଚେର ବାର ଆସୋସିଏସନ ପକ୍ଷରୁ ଏହି ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବଙ୍କ ଜୀବନୀ ଆଦର୍ଶ ଉପରେ ଆଲୋକପାତ କରି ଜଣେ ପ୍ରଜାବତ୍ସଳ ରାଜାଙ୍କୁ ତାଳଚେର ହରାଇଲା ବୋଲି ଉପସ୍ଥିତ ଆଇନଜୀବୀ ମାନେ ନିଜର ମତାମତ ପ୍ରଦାନ କରିଥିଲେ। ତେବେ ତାଙ୍କର ସ୍ମୃତି ତାଙ୍କୁ ଅମର କରି ରଖିବ ବୋଲି ମଧ ମତପ୍ରକାଶ ପାଇଥିଲା। ସେହିପରି ଗତକାଲି ଜାମୁ କାଶ୍ମୀରର ପହଲଗାମ୍‌କୁ ବୁଲିବାକୁ ଯାଇଥିବା ପର୍ଯ୍ୟଟକଙ୍କ ଉପରେ ଆତଙ୍କଙ୍କ ବର୍ବରୋଚିତ ଆକ୍ରମଣରେ ପ୍ରାଣ ହରାଇଥିବା ଓଡ଼ିଶାର ପର୍ଯ୍ୟଟକ ପ୍ରଶାନ୍ତ ଶତପଥୀଙ୍କ ସମେତ ଅନ୍ୟ ନିହତମାନଙ୍କ ନିମନ୍ତେ ଅନୁରୂପ ଭାବେ ତାଳଚେର ବାର ପକ୍ଷରୁ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଆତଙ୍କଙ୍କ ଏହି ବର୍ବରୋଚିତ ଆକ୍ରମଣକୁ ଭୀରୁତାର କାର୍ଯ୍ୟ ବୋଲି କହିବା ସହିତ ଏହାକୁ ଦୃଢ଼ ନିନ୍ଦା କରାଯାଇଥିଲା ଏବଂ ଏହି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମୃତାହତଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସାଧାରଣ ସମ୍ପାଦକ ମାନସ ବାଇ, ତାଙ୍କ ଶୋକ ବ୍ୟକ୍ତ କରିବା ସହ ଉପସଭାପତି ପ୍ରମୋଦ ଚନ୍ଦ୍ର ପ୍ରଧାନ, ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ ମାନସ ରାୟ, ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ନିର୍ମଳ ଚନ୍ଦ୍ର ତ୍ରୀପାଠୀ, ନରେଶ ନାୟକଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ରହି ସ୍ୱର୍ଗତ ରାଜାଙ୍କ ସ୍ମୃତିଚାରଣ କରିବା ସହିତ ଆତଙ୍କଙ୍କ ଆକ୍ରମଣଙ୍କୁ କଟୁ ସମାଲୋଚନା କରିଥିଲେ।

## ଆଗୁଆ ପ୍ରସ୍ତୁତ କେନ୍ଦ୍ରକୁ ଯାଇ ନାମକୁ ମାତ୍ର ଯାଞ୍ଚ



ଆସିକା (ଭାସ୍କର ନ୍ୟୁଜ୍) : ଆଜି ଆସିକା ବ୍ଲକରେ ୱାର୍ଲ୍ଡ ଫୁଡ୍ ପୋଗ୍ରାମ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭଞ୍ଜ ନଗରର ପକ୍ଷରୁ ମିଳିତ ଭାବେ ଏକ ଟିମ୍ ଆଜି ଆସିକାର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ତେବେ ଯାଞ୍ଚ ଟିମ୍ ଆସିକା ଚେରମାରିଆ ଅଙ୍ଗନୱାଡ଼ି କେନ୍ଦ୍ର, ଓ କାଳଷଣ୍ଢ ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟକୁ କିପରି ପ୍ରସ୍ତୁତ କରାଯାଉଛି, ଖାଦ୍ୟ ପ୍ରସ୍ତୁତି ସମୟରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଆଯାଉଛି କି ନାହିଁ, ମଧ୍ୟାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳକୁ ସୁରକ୍ଷିତ ଭାବେ ରଖା ଯାଇଛି କି ନାହିଁ, ସେସବୁ ଯାଞ୍ଚ କରିବା ସହ ସ୍କୁଲର ରୋଷେଇ ଶାଳ ବୁଲି ଦେଖିଥିଲେ। ଶେଷରେ ପ୍ରସ୍ତୁତ ଖାଦ୍ୟକୁ ଟେଷ୍ଟ କରିଥିଲେ। ସୂଚନାଯୋଗ୍ୟ, ଆସିକା ବ୍ଲକର ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡ଼ିରୁ ନିମ୍ନମାନର ଖାଦ୍ୟ ଓ ଅସୁରକ୍ଷିତ ଭାବେ ଖାଦ୍ୟ ପ୍ରସ୍ତୁତି କରିବାର ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ଆଜି ଆଗୁଆ ସତର୍କ କରିଥିବା କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ପରଖିବା ସାପ ମରିବନି କି ବାଡ଼ି ଭାଙ୍ଗିବନି ଏ ଭଳି ସଲାସୂତ୍ରରେ ଚାଲିଛି ଶିକ୍ଷା ବିଭାଗର ନୀତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା। ଓଡ଼ିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ୱାର୍ଲ୍ଡ ଫୁଡ୍ ପୋଗ୍ରାମ ପକ୍ଷରୁ ଏହି ଯାଞ୍ଚ କରାଯାଉ ଥିବାବେଳେ ୱାର୍ଲ୍ଡ ଫୁଡ୍ ନ୍ୟୁଟ୍ରିସିଆନ ମୋନା ଜେଠୁଆ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭଞ୍ଜ ନଗରର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିତା ପାତ୍ର, ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପୁସ୍ତକ ଦିବସ ପାଳିତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍) : ବାରିକପୁର ନିକଟ ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ପୁସ୍ତକ ଦିବସ ବୁଧବାର ପାଳିତ ହୋଇଯାଇଛି। ଶିକ୍ଷାବିତ ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କବି ସନ୍ତୋଷ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଦେବେନ୍ଦ୍ର କୁମାର ନାୟକ, ଖଗେଶ୍ୱର ସୁତାର, ଜଗନ୍ନାଥ ନାୟକ, ରବିନ୍ଦ୍ର କୁମାର ନନ୍ଦ, ଡା. ନିରଞ୍ଜନ ଓଝା, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜଗବନ୍ଧୁ ରାଉତ ଅତିଥି ପରିଚୟ ଓ ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ପକ୍ଷରୁ ଦାବିପତ୍ର ପ୍ରଦାନ

କଣିହାଁ (ଭାସ୍କର ନ୍ୟୁଜ୍) : ଏଆଇୟୁଟିୟୁସି ଓ ଏଆଇପିଏଫ୍ ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଏନଟିପିସି କଣିହାଁର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନଟିପିସି କଣିହାଁର ପ୍ରଗତି ଦ୍ୱାର ସମ୍ମୁଖରେ ୟୁନିୟନର ଶତାଧିକ ସକ୍ରୀୟ ସଂଗଠକ ସମବେତ ହୋଇ ଠିକାଶ୍ରମିକଙ୍କ ନାର୍ଯ୍ୟ ଦାବି ନେଇ ସ୍ଲୋଗାନ ଦେଇଥିଲେ। ଶ୍ରମ ଆଇନ ଅନୁସାରେ ବର୍ଷରେ ରିଟ୍ରେଞ୍ଚମେଣ୍ଟ ବେନିଫିଟ ବାବଦରେ ୧୫ ଦିନର ମଜୁରୀ, ୨୦ଦିନ କାମ ପାଇଁ ଏକ ଦିନର ମଜୁରୀ , ଜାତୀୟ ଛୁଟି ଓ ପର୍ବ ପର୍ବାଣୀ ଛୁଟି ପାଇଁ ଏକ ଦିନର ଦୈନିକ ମଜୁରୀ ପ୍ରଦାନ କରିବା, ଠିକାଶ୍ରମିକଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାରେ ସ୍ୱାସ୍ଥ୍ୟ ସମସ୍ୟା ଥିବା ଠିକାଶ୍ରମିକଙ୍କ ଚିକିତ୍ସା ପାଇଁ ଇଏସ୍‌ଆଇସି ହସ୍ପିଟାଲକୁ ରେଫର ସୁବ୍ୟବସ୍ଥା କରିବା କିମ୍ବା ଏନଟିପିସି ମେଡିକାଲରେ ମାଗଣାରେ ଚିକିତ୍ସାର ସୁବ୍ୟବସ୍ଥା କରିବା, ଠିକା ଶ୍ରମିକଙ୍କ ନାମରେ କୋର୍ଟରେ ବିଚାରାଧୀନ ମୋକଦ୍ଦମା ଥିବା କାରଣରୁ




ଠିକାଶ୍ରମିକଙ୍କୁ କାମ କରିବାରୁ ବଞ୍ଚିତ ନକରିବା, କଣ୍ଟିଜେଣ୍ଟ ନାମକ ଠିକାଶ୍ରମିକଙ୍କୁ ମେଣ୍ଟେନାନ୍ସ ଠିକାଶ୍ରମିକଙ୍କ ସହିତ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଠିକାଶ୍ରମିକଙ୍କୁ ପ୍ରତି ମାସର ଦୁଇ ତାରିଖ ସୁଦ୍ଧା ମଜୁରୀ ସ୍ଲିପ ସହିତ ମଜୁରୀ ପ୍ରଦାନ କରିବା, ୬୦ ବର୍ଷ ବୟସ୍କ ଠିକାଶ୍ରମିକଙ୍କ ଅବସର ପରେ ତାଙ୍କ ପରିବାରରୁ ଜଣଙ୍କୁ ଠିକାଶ୍ରମିକ ଭାବେ ନିଯୁକ୍ତି ଦେବା କିମ୍ବା ୫ ଲକ୍ଷ ଟଙ୍କାର ଅବସରକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା, ଦୁର୍ଘଟଣାରେ ମୃତ ଠିକାଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓ ବାର୍ଷିକ ଏକ ଲକ୍ଷ ଟଙ୍କା ବୃଦ୍ଧି ଏବଂ ଜଣଙ୍କୁ ନିଯୁକ୍ତି ଦେବା, ୱାଟର ସପ୍ଲାଇ ସିଷ୍ଟମ ଓ ମାନସରୋବର ଗେଷ୍ଟ ହାଉସରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ସମସ୍ୟାର ଆଶୁ ସମାଧାନ କରିବା, ଏନଟିପିସିର ୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଠିକାଶ୍ରମିକଙ୍କୁ ମଧ୍ୟ ଉପହାର ସାମଗ୍ରୀ ବା ଲାଭାଂଶ ପ୍ରଦାନ କରିବା ଏବଂ ଠିକାଶ୍ରମିକଙ୍କ ଯାତାୟତ ସମୟରେ ପାଉଁଶ ନେବା ଆଣିବା ପାଇଁ ଉଦ୍ଦିଷ୍ଟ ଭାରୀଯାନ ଚଳାଚଳ ବନ୍ଦ କରିବା ଆଦି ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି। ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ନିଳାମ୍ବର ତିରିଆ, ସିଙ୍ଗେଶ୍ୱର ସାହୁଙ୍କ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ଠିକାଶ୍ରମିକଙ୍କ ନାମରେ ବିଚାରାଧୀନ କୋର୍ଟ କେସ୍ ଥିବା ଯୋଗୁଁ ପୋଲିସ୍ କ୍ଲିଅରାନ୍ସ ନମିଳିବା କାରଣରୁ କାମରୁ ବଞ୍ଚିତ କରିବା ପ୍ରତିବାଦରେ ୨୯ ଏପ୍ରିଲ ଦିନ ସକାଳ ୯ଟା ସମୟରେ ଅନୁଗୁଳ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଏହି ୟୁନିୟନ ପକ୍ଷରୁ ଠିକାଶ୍ରମିକଙ୍କ ବିକ୍ଷୋଭ ସଂଗଠିତ କରାଯିବ ବୋଲି ଘୋଷଣା କରାଯାଇଛି।

## ଶିକ୍ଷକ ନେତା ଗଣେଶ୍ୱର ପଣ୍ଡାଙ୍କ ବିୟୋଗ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତଥା ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନର ବର୍ତ୍ତମାନ ଶିକ୍ଷକ ନେତା ସ୍ୱର୍ଗତ ଗଣେଶ୍ୱର ପଣ୍ଡା ଗତକାଲି ୯୦ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ମୃତ୍ୟୁ ଶିକ୍ଷକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ତଥା ତାଙ୍କ ଅବଦାନ ଶିକ୍ଷକ ସମାଜ କେବେ ଭୁଲିପାରିବ ନାହିଁ ବୋଲି ପୂର୍ବତନ ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ପାଣି ପ୍ରକାଶ କରିଛନ୍ତି। ଯେଉଁ ସମୟରେ ଓଡ଼ିଶାର ଶିକ୍ଷକ ସମସ୍ତ ପ୍ରକାର ସୁବିଧାରୁ ବଞ୍ଚିତ ଥିଲା ସେହି ସମୟରେ ତାଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁଁ ଶିକ୍ଷକ ସମାଜ ଉପକୃତ ହୋଇପାରିଥିଲା ବୋଲି ପୂର୍ବତନ ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ମହାପାତ୍ର ଜଣାଇଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ତୁଳସୀଚଉରା ସ୍ଥିତ ବାସଭବନକୁ ଯାଇ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଶେଷ ଦର୍ଶନ କରିଥିଲେ। ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ଆରତ କୁମାର ପରିଡା, ବଳରାମ ନାଥ, ସୋମନାଥ ସିଂହ ତଥା କମଳ ମହାକୁଡ଼, ଅସୀମ ଚକ୍ରବର୍ତ୍ତୀ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ଭଗବାନ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

## ରାଶିଫଳ


ଗୁରୁବାର, ୨୪ ଏପ୍ରିଲ ୨୦୨୫



**ମେଷ:** ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। ନୂଆ ଚିନ୍ତାଧାରା ମନକୁ ଆସିବ। ଛାତ୍ରଛାତ୍ରୀ ଶ୍ରେଣୀ ସଫଳତା ହାସଲ କରିବ। ବ୍ୟବସାୟ ବୃଦ୍ଧି ପାଇବ। ପାର୍ଟି ଏବଂ ପିକନିକ୍ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିବେ ।




**ବୃଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। କାମ କରିବା ଭଳି ଅନୁଭବ କରିବେ ନାହିଁ। ଅନ୍ୟମାନେ ଆପଣଙ୍କଠାରୁ ଅଧିକ ଆଶା କରିବେ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ।



**ମିଥୁନ:** ତୁମେ ସମ୍ମାନ ପାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଭଲ ହେବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ରିସ୍କ ନେବାକୁ ସାହସ କର। ଆୟ ବୃଦ୍ଧି ପାଇବ। ତତ୍ପରତା ନାହିଁ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଶକ୍ତି ବୃଦ୍ଧି ପାଇବ । ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇବେ ।




**କର୍କଟ:** ଅତିଥିମାନେ ଘରେ ପହଞ୍ଚିବେ। ସୁଖ ଏବଂ ଉତ୍ସାହ ରହିବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଅଳସୁଆମି ରହିବ । ପ୍ରଲୋଭିତ ହୁଅ ନାହିଁ । ବିବେକ ବ୍ୟବହାର କରନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ରିସ୍କ ନେବାକୁ ସାହସ କର।



**ସିଂହ:** ଚାକିରିରେ ପ୍ରାଧିକରଣର ବୃଦ୍ଧି ହୋଇପାରେ। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ହେବ। ଅପ୍ରତ୍ୟାଶିତ ଲାଭ ହୋଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଘର ବାହାରେ ଖୁସିର ପରିବେଶ ରହିବ। କିଛି କାମ ବିଷୟରେ ଚିନ୍ତା ହେବ। ଶାରୀରିକ ଯନ୍ତ୍ରଣା ସମ୍ଭବ।




**କନ୍ୟା:** ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ବିବାଦ ଆତ୍ମ ସମ୍ମାନକୁ କ୍ଷତି ପହଞ୍ଚାଇପାରେ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ଅପରିଚିତ ବ୍ୟକ୍ତିଙ୍କ କଥାରେ ଜଡିତ ହୁଅନ୍ତୁ ନାହିଁ।




**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ। ଲାଭ ସୁଯୋଗ ଆସିବ। ବ୍ୟବସାୟ ଲାଭଦାୟକ ହେବ। ଚାକିରିରେ ସୁସଙ୍ଗତତା ରହିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ।



**ବିଛା:** ତୁମେ ସମ୍ମାନ ପାଇବ। ନୂତନ ଆୟର ଉତ୍ସ ମିଳିପାରିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରୁ ଲାଭ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ସିଷ୍ଟମ୍ ଉନ୍ନତି କରିବ। ପ୍ରେମ କାର୍ଯ୍ୟରେ ତତ୍ପର ହୁଅନ୍ତୁ ନାହିଁ। ଥକ୍କା ଲାଗିବ। କିଛି କାମ ବିଷୟରେ ଚିନ୍ତା କର।




**ଧନୁ:** ଲାଭ ପାଇଁ ସୁଯୋଗ ଆସିବ। ବ୍ୟବସାୟ ଲାଭଦାୟକ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ସୁଖ ମିଳିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ। କୋର୍ଟ ଏବଂ କୋର୍ଟ କାର୍ଯ୍ୟ ଅନୁକୂଳ ଲାଭ ଦେବ। କୌଣସି ବଡ କାମର ବାଧା ଦୂର ହେବ।



**ମକର:** ହସ ଏବଂ ଥଟ୍ଟାରେ ହାଲୁକା ହୁଅ ନାହିଁ, ଯତ୍ନ ନିଅ। ମୂଲ୍ୟବାନ ସାମଗ୍ରୀ ମିଳିବ, ସେଗୁଡିକ ସୁରକ୍ଷିତ ରଖ। ବ୍ୟବସାୟ ଭଲ ହେବ। ଆୟରେ ନିଶ୍ଚିତତା ରହିବ। ଭ୍ରମଣ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶାରୀରିକ ଯନ୍ତ୍ରଣା ସମ୍ଭବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ।



**କୁମ୍ଭ:** ବ୍ୟବସାୟ ଭଲ ରହିବ । ଚାକିରିରେ ଶାନ୍ତି ରହିବ । ଯାତ୍ରା ଉପଭୋଗ୍ୟ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ରାଜନୈତିକ ପ୍ରତିବନ୍ଧକକୁ ହଟାଇ ପରିସ୍ଥିତି ଅନୁକୂଳ ହେବ। ଘର ବାହାରେ ସୁଖ ମିଳିବ । ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । କାରବାରକୁ ଶୀଘ୍ର କର ନାହିଁ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** ଆୟର ନୂତନ ଉତ୍ସ ମିଳିପାରିବ । ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ । ଜୀବନ ଖୁସି ହେବ । ଘର ବାହାରେ ସୁଖ ମିଳିବ । ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ। ରୋଜଗାର ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଆରାମ ମିଳିବ । ଚିନ୍ତା ଦୂର ହେବ । ଚାକିରି ସ୍ଥିତି ବୃଦ୍ଧି ପାଇବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବୌଦ୍ଧ, (ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ୧୦.୩୦ ମିନିଟ ସମୟରେ ବୌଦ୍ଧ ବସଷ୍ଟାଣ୍ଡ ଠାରେ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ଥାପିତ ବିଶୁଦ୍ଧ ପାନୀୟ ଜଳ ମେସିନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଲୋକାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଡେପୁଟି କଲେକ୍ଟର ତୃପ୍ତିମୟୀ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର ସିଂ ଯୋଗ ଦେଇଥିଲେ । ବୌଦ୍ଧ ବସଷ୍ଟାଣ୍ଡ ଠାରେ ଜନସାଧାରଣଙ୍କୁ ଖରାଦିନେ ବିଶୁଦ୍ଧ ପାନୀୟ ଜଳ ମେସିନର ସ୍ଥାପନ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କରା ଯାଇଥିବା ବେଳେ ଜିଲ୍ଲାପାଳ ସଙ୍ଘର ପ୍ରଶଂସା କରିଥିଲେ । ଲୋକାର୍ପଣ ଉତ୍ସବରେ ବସ୍ ମାଲିକ ସଂଘର ସଭାପତି ପ୍ରସନ୍ନ କୁମାର ସାହୁ, ଉପ ସଭାପତି ରାଜକିଶୋର ପଟ୍ଟନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ରାଜ୍, ବରିଷ୍ଠ ସଦସ୍ୟ ରାଧାମାଧବ ମିଶ୍ର, ଶେଖ ସୈମୁଲା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ରାସ୍ତା ସମ୍ପ୍ରସାରଣ ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ

# ଫାଟିଲା ପାଇପ୍, ପାନୀୟ ଜଳରେ ଆବର୍ଜନା ମିଶୁଥିବା ଅଭିଯୋଗ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ବେଖାତିର କାର୍ଯ୍ୟ ସମ୍ପାଦନରେ ପାଣି ପାଇପ ଫଟେଇବା ଓ ଆବର୍ଜନା ଜଳ ଗ୍ରାମବାସୀ ଏକ ମାସ ଧରି ପିଇବା କୁନେଇ କୋଷାଗୁମୁଡ଼ା ବ୍ଲକର ଟେମ୍ରା ପଞ୍ଚାୟତ ସଦର ମହକୁମାର ଗ୍ରାମବାସୀ ଏକ ଆଲୋଚନା ବୈଠକ କରି ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଧାରୀ ଠିକାସଂସ୍ଥାର ବେଖାତିର କାର୍ଯ୍ୟକୁ ନେଇ ଏକ ଆଲୋଚନା କରିବା ସହ ଅସନ୍ତୋଷ ସହ ଦୃଢ଼ ନିନ୍ଦା ଓ ଅଭିଯୋଗ ଆଣିଛନ୍ତି । ଟେମ୍ରା ଗ୍ରାମର ହରିଜନ ସାହି ଓ ବଜାର ସାହି ନିକଟରେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟରୁ ମେଘା ଜଳଯୋଗଣ ପାଇପ ଓ ଗ୍ରାମ୍ୟ ଜଳ ଯୋଗାଣ ପାଇପ ଫାଟି ରାସ୍ତା ଉପରେ



ପାଣିଜମି ଗୋଟିଏ ଫୁଟର କାଦୁଅ ଗୋଳିଆ ପାଣି ରହିଆସୁଛି । ସେହି ଗୋଳିଆ ପାଣିକୁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟରେ ଲଗାଇ ଆସୁଛନ୍ତି । ଯଦି ଏହି ପାଣି ପିଇ କୌଣସି ମହାମାରୀ ରୋଗର ଶିକାର ହେଲେ, କିଏ ଦାୟୀ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ସମସ୍ୟାକୁ ସାଧାରଣରେ ସରକାରୀ, ବେସରକାରୀ କର୍ମଚାରୀ, ରାଜନେତା, ଯନ୍ତ୍ରୀ, ତନ୍ତ୍ରୀ, ପଞ୍ଚାୟତ, ବ୍ଲକ କର୍ମଚାରୀ, ବିଦ୍ୟାଳୟ ଛାତ୍ର ଛାତ୍ରୀ, ଆମ୍ବୁଲାନ୍ସ, ସହ ପ୍ରାୟ ଏହି ରାସ୍ତା ଦେଇ ୯ଟା ପଞ୍ଚାୟତର ଜନସାଧାରଣ ଲୋକେ ଦିନକୁ ଯିବା ଆସିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ବିଭାଗ କାହିଁକି ନୀରବଦ୍ରଷ୍ଟା ହୋଇ ରହିଛି । ପ୍ରାୟ ୧ମାସରୁ ଅଧିକ ଦିନ ହେଲା ଏହି ସମସ୍ୟା ରହିଛି ତାହାକୁ ତୁରନ୍ତ ଉକ୍ତ କାର୍ଯ୍ୟ କରୁଥିବା ଠିକାସଂସ୍ଥା କିମ୍ବା ବିଭାଗ ପକ୍ଷରୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଟେମ୍ରା ଗ୍ରାମବାସୀ ଦାବି କରିଛନ୍ତି । ଯଦି ଏହି ସମସ୍ୟା କୁ ତୁରନ୍ତ ପଦକ୍ଷେପ ନେଇ ସମାଧାନ ନକଲେ ଆଗାମୀ ଦିନରେ ରାସ୍ତାକାର୍ଯ୍ୟ ବନ୍ଦ କରିବା ସହ ରାସ୍ତା ଅବରୋଧ କରି ଆନ୍ଦୋଳନ ରେ ବସିବେ ବୋଲି ଟେମ୍ରା ଗ୍ରାମର ଗୁଡୁ ହରିଜନ, ଶ୍ରୀଧର ସୋମରଥ,ଗୁରୁଧର ନାୟକ, ପ୍ରମୋଦ ଗୁପ୍ତା,ଶଙ୍କର ନାୟକ,୬ନମ୍ବର ୱାର୍ଡମେମ୍ବର-ଗୋବିନ୍ଦ ଭଣ୍ଡାରୀ, ପ୍ରଫୁଲ୍ଲ ସ୍ୱାଇଁ, ରୋଇନୁ ଭତ୍ରା ପ୍ରମୁଖଙ୍କ ସହ ଗ୍ରାମବାସୀ କହିଛନ୍ତି । ଏହି ସମସ୍ୟା କୁନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ପଚାରି ବୁଝିବାପାଇଁ ଲଗାଇଥିବାରୁ ନେଟୱର୍କ ବାହାରେ ବୋଲି ଜଣାପଡିବା ଯୋଗୁଁତାଙ୍କର କୌଣସି ପ୍ରତିକ୍ରିୟା ମିଳିନାହିଁ । ଏପଟେ ଏହି ସମସ୍ୟା କୁନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ କୋଷାଗୁମୁଡ଼ାଙ୍କୁ ପଚାରିବୁଝିବା ପାଇଁ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ଉଠେଇବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳିନାହିଁ । ତେବେ ଟେମ୍ରା ଗ୍ରାମବାସୀ ଙ୍କ ସମସ୍ୟାର ସମାଧାନ କେବେ ସୁଦ୍ଧା ହେବ ଆଗକୁ ସାଧାରଣ ରେ ଦେଖିବାକୁ ରହିଲା ।

# ଓଡ଼ିଶା ଜଳନିଗମ ନିର୍ଦ୍ଦେଶକଙ୍କ ନୂଆପଡା ଗସ୍ତ

ନୂଆପଡା,(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଓଡିଶା ଜଳନିଗମ ନିର୍ଦ୍ଦେଶକ ଇଂ ଦେବବ୍ରତ ମହାନ୍ତି ଆସିଛନ୍ତି । ରବିବାର ନୂଆପଡାରେ ପହଞ୍ଚିଥିବା ଇଂ ମହାନ୍ତି ନୂଆପଡା ଜିଲ୍ଲା ସର୍କିଟ ହାଉସରେ ଜିଲ୍ଲାର ତିନି ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡା, ଖରିଆରରୋଡ଼ ଓ ଖଡିଆଳର ବିଭାଗୀୟ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ । ଏହି ବୈଠକରେ କେନ୍ଦ୍ରସରକାରଙ୍କ ଅମୃତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସହର ଜଳ ପରିମଳ ବ୍ୟବସ୍ଥା ,ଗାରିମା ଯୋଜନାର ସମୀକ୍ଷା କରିଥିଲେ । ବୈଠକରେ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାଶନ ରଥ, ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ



ସ୍ୱାଧିନ ମହାରଣା, ଜନ ସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଅଶୋକ କୁମାର ବେହେରା, ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର ଯନ୍ତ୍ରୀ , ସାନିଟେସନ ଅଧିକାରୀ, ଆକାଉଣ୍ଟାଣ୍ଟ ପ୍ରମୁଖ ଯୋଗ ଦେଇଥିଲେ । ସମୀକ୍ଷା ପରେ ନିର୍ଦ୍ଦେଶକ କ୍ଷେତ୍ର ପରିଦର୍ଶନରେ ଯାଇ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଏମସିପି ଏମଆରଏଫ ସେଡର ପରିଦର୍ଶନ କରିବା ସହ ନୂଆପଡା ଓ ଖରିଆରରୋଡ ସହରକୁ ହେଉଥିବା ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ପତୋରା ଠାରେ ଥିବା ଇନଟେକ ୱାଲ୍ ପରିଦର୍ଶନ କରିଥିଲେ । ସେଠାରୁ ଖରିଆର ରୋଡ ମୁଣ୍ଡାଗାଁରେ ଅମୃତ ଯୋଜନାରେ ପୁନରୁଦ୍ଧାର କରାଯାଇଥିବା ମୁଣ୍ଡଗାଁ ବନ୍ଧ ଓ ସ୍ମାର୍ଟ ପାର୍କ ମଧ୍ୟ ପରିଦର୍ଶନ କରିଥିଲେ । ଏହାସହିତ ସେ ତିନି ସହରବାସୀଙ୍କୁ ପ୍ରର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଉପଲବ୍ଧ ହେଉଛିକି ନାହିଁ ପଚାରି ବୁଝିଥିଲେ ।

## ସୁମିତ୍ରା ଆଇଆର୍‌ପିଏମ୍ ଟପ୍ପର

ଗୁଣୁପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଫଳ ୨୦୨୫ ପ୍ରକାଶ ପାଇଥିବା ବେଳେ ସଫଳତାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ଗୁଣୁପୁର ସ୍ଥିତ ଥ୍ୟାରାମ୍ମା ସ୍ନାତକ ମହିଳା ମହାବିଦ୍ୟାଳୟ ର ଛାତ୍ରୀ ସୁମିତ୍ରା କୋଣ୍ଡାଗୋରୀ । ଆଇ.ଆର.ପି.ଏମ ପାଠ୍ୟକ୍ରମରେ ୧୨୦୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ତତ ସଙ୍ଗେ ସଙ୍ଗେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇ. ଆର. ପି. ଏମ ପାଠ୍ୟକ୍ରମର ପ୍ରଥମ ଦଶ ଜଣ ମଧ୍ୟରୁ ଲିପସା ବାଉରୀ ୧୧୯୫ ନମ୍ବର ରଖି ଦ୍ୱିତୀୟ, ଜୋସପିନା ଶବର ୧୧୬୦ ନମ୍ବର ରଖି ସପ୍ତମ, ବାଙ୍ଗୁ ସନ୍ତୋଷୀ ୧୧୫୮ ନମ୍ବର ରଖି ଅଷ୍ଟମ, ସଂଗୀତା ବାଉରୀ ୧୧୫୬ ନମ୍ବର ରଖି ନବମ ସ୍ଥାନ ଅଧିକାର କରିଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅନୁଷ୍ଠାନର ଅଧକ୍ଷ ସରୋଜ କୁମାର ସୀୟା, ପି. ଉମା ପ୍ରସାଦ ରାଓ ଏବଂ ସମସ୍ତ ଅଧ୍ୟାପକ, ଆଧାପିକା ଓ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।



# ନେହେରୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟକୁ କଲେଜ ମାନ୍ୟତା ଦାବି

ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ରାଜପୁର ନେହେରୁ ମେମୋରିଆଲ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ ସରକାରୀ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ ଲାଗି ଦାବି କରାଯାଇଛି । ଏନେଇ ୪ଟି ପଞ୍ଚାୟତ ଯଥା ରାଜପୁର, ଗୌଡ଼ମାଲ, ଲୋଇସିଂହ ଓ ଚନ୍ଦନୀମାଲର ସରପଞ୍ଚମାନେ ଲିଖିତ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦାବି ପତ୍ର ଅନୁସାରେ, ରାଜପୁର, ଲୋଇସିଂହ, ଚାନ୍ଦନୀମାଲ ଓ ଗୌଡ଼ମାଲ ଗ୍ରାମ ପଞ୍ଚାୟତର ଜନସଂଖ୍ୟା ପ୍ରାୟ ୩୦ ହଜାର ଥିବା ବେଳେ ଉକ୍ତ ଚାରୋଟି ପଞ୍ଚାୟତରେ ମାତ୍ର ୫ଟି ଉଚ୍ଚ ବିଦ୍ୟାଳୟ ରହିଛି । ସେପଟେ ଅଧିକାଂଶ ଛାତ୍ର ଛାତ୍ରୀ ଗରିବ ଶ୍ରେଣୀର ହୋଇଥିବାରୁ ଉଚ୍ଚ ବିଦ୍ୟାଳୟରୁ ପାଠପଢ଼ା ସାରିବା ପରେ ଗାଁଠାରୁ କଲେଜର ଦୂରତା ଅଧିକ ଥିବାରୁ କଲେଜରେ ପାଠପଢିବା ପାଇଁ ଅକ୍ଷମ ହେଉଛନ୍ତି । ଅନ୍ୟପଟେ ରାଜପୁର ଏହି ଚାରୋଟି ପଞ୍ଚାୟତର ମୁଖ୍ୟସ୍ଥଳୀ ଅଟେ । ତେଣୁ ରାଜପୁର ସ୍ଥିତ ନେହେରୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ଦୁଇ ସରକାରୀ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ଲାଗି ରାଜପୁର, ଲୋଇସିଂହ, ଚାନ୍ଦନୀମାଲ ଓ ଗୌଡ଼ମାଲ ଗ୍ରାମ ପଞ୍ଚାୟତର ବାସିନ୍ଦା ଦାବି କରିଛନ୍ତି । ଏନେଇ ଉକ୍ତ ଚାରୋଟି ଗ୍ରାମ ପଂଚାୟତର ସରପଞ୍ଚ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସୁରେଶ ପୂଜାରୀଙ୍କୁ ଲିଖିତ ଭାବେ ଅନୁରୋଧ କରି ସମସ୍ୟା ବାବଦରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାର ନକଲ ଝାରସୁଗୁଡ଼ା ଜିଲ୍ଲାପାଳ, ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଦାବି ପତ୍ରରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସଙ୍କ ସ୍ୱାକ୍ଷର ରହିଛି ।

## ୩ ଲକ୍ଷ ଇନାମୀ ମାଓବାଦୀ ଏନକାଉଣ୍ଟରରେ ମୃତ


ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମଧ୍ୟରେ ଏନକାଉଣ୍ଟରରେ ଜଣେ ହାର୍ଡକୋର ମାଓବାଦୀ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ ଛତିଶଗଡର ବିଜାପୁର ଜିଲ୍ଲାର ବେଦରେ ଥାନା ଅନ୍ତର୍ଗତ କେରପେ-ତୋଡସମପାରା ଅଞ୍ଚଳ ଜଙ୍ଗଲରେ ମାଓ ଗତିବିଧି ଥିବା ଖବର ମିଳିବା ପରେ ବେଦରେ ଥାନାରୁ ସିଏଏଫ ୭ ବାହିନୀର ଯବାନମାନେ କେରପେ-ତୋଡସମପାରା ନିକଟବର୍ତ୍ତୀ ଜଙ୍ଗଲରେ ପହଁଚି ତଲାସି ଅଭିଯାନ କରୁଥିବା ବେଳେ ମାଓବାଦୀ ସହ ମୁହାଁମୁହିଁ ହୋଇଥିଲେ ପରେ ଉଭୟ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏହି ଗୁଳିବିନିମୟ ବନ୍ଦ ହେବା ପରେ ସିଏଏଫ ଯବାନମାନେ ଘଟଣାସ୍ଥଳରେ ତଲାସି କରିବା ସମୟରେ ଜଣେ ପୁରୁଷ ମାଓବାଦୀର ଶବ ସହ ୩୧୫ବୋର ବନ୍ଧୁକ, ଗୁଳି ପାଉଚ, ଟିଫିନ ବୋମା ଟାଇଗର ବୋମା ଜବତ କରିଥିଲେ । ଏନକାଉଣ୍ଟରରେ ପ୍ରାଣ ହରାଇଥିବା ପୁରୁଷ ମାଓବାଦୀ ଜଣଙ୍କ ତିନି ଲକ୍ଷ ଇନାମୀ ଗୁଣ୍ଡିପୁରୀ ଆରପିସି ର ମିଲିସିଆ ପ୍ଲାଟୁନ କମାଣ୍ଡର ୱେଲ୍ଲା ୱାଚମ ହୋଇଥିବା ଜଣାପଡିଛି । ସେ ଦୀର୍ଘ ବର୍ଷ ଧରି ମାଓ ସଂଗଠନ ପାଇଁ କାର୍ଯ୍ୟ କରି ବିଭିନ୍ନ ହିଂସା କାଣ୍ଡରେ ଜଡିତ ଥିବା ସହ ଅମ୍ବେଲିରେ ହୋଇଥିବା ଆଇଇଡି ବିସ୍ଫୋରଣ ଘଟଣା ଜଡିତ ଥିବା ବିଜାପୁର ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ବିନା ଅଗ୍ନି ନିର୍ବାପକ ଯନ୍ତ୍ର ଓ ପ୍ରମାଣପତ୍ରରେ ଚାଲିଛି ଅନେକ ଶିକ୍ଷାନୁଷ୍ଠାନ

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନାହିଁ । ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଗ୍ନିକାଣ୍ଡ ଘଟିଲେ ଛାତ୍ରଛାତ୍ରୀଙ୍କୁ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି । ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀ କରଣରେ କୋଟିକୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ହେଲେ ବହୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇ ନାହିଁ । ସେଭଳି ଆକସ୍ମିକ ଅଘଟଣ ବେଳେ ଅଗ୍ନି ନିର୍ବାପକ ଯନ୍ତ୍ର ହିଁ ବହୁ କାମରେ ଲାଗିଥାଏ । ହେଲେ ଏଗୁଡ଼ିକର ସ୍ଥିତି ପରଖିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉନଥିବା ଅଭିଯୋଗ ହେଉଛି । ନିୟମ ଅନୁସାରେ, ଏକ ନୂତନ ଶିକ୍ଷାନୁଷ୍ଠାନ ଖୋଲିବା ପୂର୍ବରୁ ଅଗ୍ନିଶମ ବିଭାଗ ନିକଟରୁ ପ୍ରମାଣପତ୍ର ଆଣିବାକୁ ପଡ଼ିଥାଏ । କିନ୍ତୁ, ହାତଗଣତି କେତୋଟି ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ସଂସ୍ଥା ଗୁଡ଼ିକ ବିନା ଅଗ୍ନି ନିର୍ବାପକ ଯନ୍ତ୍ର ତଥା ପ୍ରମାଣପତ୍ରରେ ଚାଲିଛି । ଓଡ଼ିଶା ଅଗ୍ନି ସୁରକ୍ଷା ଓ ଅଗ୍ନି ନିରାପତ୍ତା ନିୟମାବଳୀ-୨୦୧୭ ଓ ସଂଶୋଧିତ ନିୟମାବଳୀ-୨୦୧୯ର ନିୟମ ୩ ଅନୁଯାୟୀ, ଯେଉଁ ଶିକ୍ଷାନୁଷ୍ଠାନ ଗୁଡ଼ିକର ଗୃହର ଉଚ୍ଚତା ୧୨ ମିଟର ବା ତଦୁର୍ଦ୍ଧ୍ୱ କିମ୍ବା ତିନି ମହଲା ବିଶିଷ୍ଟ ହୋଇଥିବ ଉକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ । କିନ୍ତୁ, କିଛି ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଠାରୁ ମାସିକ ହଜାର ହଜାର ଟଙ୍କା ଆଦାୟ କରୁଥିବା ବେଳେ ପିଲାଙ୍କ ସୁରକ୍ଷା ଦିଗରେ ଆଖିବୁଜି ଦେଇଛନ୍ତି । ଅଗ୍ନିଶମ ବିଭାଗ ପକ୍ଷରୁ ନିୟମ ଉଲଂଘନ କରୁଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନୋଟିସ୍ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ନୂଆପଡ଼ା ଜିଲ୍ଲା ଗଠନର ମୁଖ୍ୟ ପୁରୋଧାଙ୍କ ତିରୋଧାନ ଦିବସ

ନୂଆପଡ଼ା, (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଗଠନର ମୁଖ୍ୟ ପରୋଧା ତଥା ବର୍ଷୀୟାନ ନେତା ସ୍ୱର୍ଗୀୟ ଘାସିରାମ ମାଝୀଙ୍କ ସ୍ମୃତିରେ ତାଙ୍କ ତିରୋଧାମ୍ ଦିବସ ପାଳିତ ହୋଇଯାଇଛି । ସେ ନୂଆପଡ଼ା ଜିଲ୍ଲା ର



ଆଦିବାସୀ ନେତା ତଥା ତାଙ୍କ ବିକାଶ ହିଁ ଜୀବନର ସଂକଳ୍ପ, ଲୋକଙ୍କ ହିତକାଂକ୍ଷି ଥିଲେ । ୧୭ ଜୁଲାଇ ୧୯୨୪ ରେ ମାଝୀ ଜନ୍ମ ଗ୍ରହଣ କରିଥିଲେ । ସେ ୨୩ ଏପ୍ରିଲ ୧୯୯୭ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ । ଓଡ଼ିଶା ଦ୍ୱିତୀୟ ବିଧାନସଭା ୧୯୫୭ ରୁ ୧୯୬୧ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ରେ ବିଧାୟକ ହୋଇଥିଲେ । ତୃତୀୟ ବିଧାନସଭାରେ ମଧ୍ୟ ୧୯୬୧ ରୁ ୧୯୬୭ ସ୍ୱତନ୍ତ୍ର ପାର୍ଟି ବିଧାୟକ ଥିଲେ । ୫ମ ବିଧାନସଭା ରେ ୧୯୭୧ ରୁ ୧୯୭୩ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାର୍ଟି ରୁ ବିଧାୟକ ହୋଇଥିଲେ । ୭ମ ବିଧାନସଭା ୧୯୭୭ ରୁ ୧୯୮୦ ପର୍ଯ୍ୟନ୍ତ ଜନତା ପାର୍ଟି ରୁ ବିଧାୟକ ହୋଇଥିଲେ । ୯ମ ବିଧାନସଭା ୧୯୮୫ ରୁ ୧୯୯୦ ପର୍ଯ୍ୟନ୍ତ ବିଧାୟକ, ୧୦ମ ବିଧାନସଭା ୧୯୯୦ ରୁ ୯୫ ପର୍ଯ୍ୟନ୍ତ ବିଧାୟକ ହୋଇଥିଲେ । ୧୧ତମ ବିଧନସଭା ୧୯୯ ୫ ରୁ ବିଧାୟକ ରୂପେ ନିର୍ବାଚିତ ହୋଇ ୨୩ ଏପ୍ରିଲ ୧୯୯୭ ରେ ପରଲୋକ ହୋଇଥିଲା । ତେଣୁ ନୂଆପଡ଼ା ବିଧାନସଭାରେ ଉପନିର୍ବାଚନ ହୋଇଥିଲା ।

# ‘ହେଲ୍ପ ଲାଇନ’ର ବାର୍ଷିକ ଉତ୍ସବ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜ଼ିଲ୍ଲା ରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ‘ହେଲ୍ପ ଲାଇନ’ର ୩୪ ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିନା କୌଣସି ଅନୁଦାନରେ ନବରଙ୍ଗପୁର ଜ଼ିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ହେଲ୍ପ ଲାଇନ’ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ବୃକ୍ଷରୋପଣ, ସଡ଼କ ସୁରକ୍ଷା, ବାଲ୍ୟ ବିବାହ ସଚେତନତା,ମେଧାବୀ ଛାତ୍ର, ଛାତ୍ରୀଙ୍କୁ ସମ୍ମାନିତ କରିବା ସହ ଉଚ୍ଚ ଶିକ୍ଷା ପାଇଁ ସହଯୋଗ, କିଶୋରୀ ମେଳା ନିଶା ନିବାରଣ ଆଦି କାର୍ଯ୍ୟକ୍ରମ ମାନ ଦୀର୍ଘ ୩୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଜାରି ରହିଛି । ଏଥିପାଇଁ ସଂସ୍ଥାର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଦେବାସହ ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଓଡିଶାର ସୁପ୍ରସିଦ୍ଧ କବି, ଲେଖକ, ସାହିତ୍ୟିକ ଡ଼କ୍ଟର ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ରପଚାର ଶିବିର ଆଦି କରି ସଂସ୍ଥା ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ମାନପତ୍ର ସହ ପୁରସ୍କୃତ ହୋଇଛି । ଏଥିପାଇଁ



ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ସଂସ୍ଥାକୁ ଫୋନ ଯୋଗେ ଧନ୍ୟବାଦ ଅର୍ପଣ କରିଛନ୍ତି । ଆଗାମୀ ଦିନମାନଙ୍କରେ ଆହୁରି ଅଧିକରୁ ଅଧିକ ସମାଜସେବା କାର୍ଯ୍ୟ ସହ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜ଼ିଲ୍ଲା କ୍ରୀଡା ସଙ୍ଘର ଉପସଭାପତି ଏମ. ବାଳକୃଷ୍ଣ ରାଓ, ପୌର ପରିଷଦ ଉପାଧକ୍ଷ ସୁଧାଂଶୁ ଦାଶ, ଜିଲ୍ଲା କ୍ରିକେଟ ସଙ୍ଘର ସମ୍ପାଦକ ଅଶୋକ କୁମାର ନାୟକ, ଶଶାଙ୍କ ବେହେରା, ପ୍ରାକ୍ତନ ପ୍ରାଧପକ ଡ଼କ୍ଟର ପଙ୍କଜ ଲୋଚନ ମିଶ୍ର, ଶାନ୍ତନୁ ମହାପାତ୍ର ପ୍ରମୁଖ ଯୋଗଦେଇ ସଂସ୍ଥାର କାର୍ଯ୍ୟକୁ ବହୁ ପ୍ରଶଂସା କରିଥିବା ବେଳେ, ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟନାୟକ ସଭାପତିତ୍ୱ କରିଥିଲେ । ସଂସ୍ଥାର ନିର୍ଦ୍ଦେଶକ ସମାଜସେବୀ ଦୁର୍ଗା ପ୍ରସାଦ ମଲ୍ଲିକ ବିବରଣୀ ପାଠ କରିବା ସହ ସମାଜସେବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଅଛୁ ବୋଲି ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ସଂସ୍ଥାର ଉପସଭାପତି ଇଂ. ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ । ଉପସ୍ଥିତ ସମସ୍ତ ଅତିଥି ଏବଂ ମନ୍ତ୍ରୀ ଶ୍ରୀ ଗଣ୍ଡ ବସ୍ତ୍ର ବଣ୍ଟନ କରିବା ସହ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳିମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ରେ ସମାଜସେବା ପାଇଁ ଆଗଭର ହୋଇ ଅଶୋକ କୁମାର ପାତ୍ର, ହମିଦା ବାନୁ, ରାକେଶ କୁମାର ନାୟକ, ରାକେଶ ସରକାର, ସତ୍ୟ ସବନ ଦାସ, ଅଞ୍ଜନା ବୈଦ୍ୟ, ସ୍ୱପ୍ନା ପାଣିଗ୍ରାହୀ, ଶରତ ପ୍ରଧାନ ପ୍ରମୁଖ ନୂତନ ସଭ୍ୟ ଭାବେ ଯୋଗ ଦେଇଥିଲେ । ବରିଷ୍ଠ ସଭ୍ୟା ଅବସରପ୍ରାପ୍ତ ଟୀକାକାରଣ ଅଧିକାରୀ କୁସମ ନାୟକ, ସାଇକୃତି ପଣ୍ଡା ସମେତ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ । ଶେଷରେ ସଂସ୍ଥା ର ଉପଦେଷ୍ଟା ଶ୍ରୀନିବାସ ପଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁଆ ଆଡ୍ଡାରେ ଚଢ଼ାଉ

## ନଗଦ ୪୮,୨୨୫ ଟଙ୍କା ଜବତ, ଜୁଆଡି ଗିରଫ

ନୂଆପଡା, (ଭାସ୍କର ନ୍ୟୁଜ): ନୂଆପଡ଼ା କୋମନା ବ୍ଲକ ଜେଠୁପାଲି ଗ୍ରାମରେ ଏକ ଜୁଆଆଡ୍ଡା ଚଢାଉ କରିଛନ୍ତି । ବହୁ ଦିନ ରୁ ଜିଲ୍ଲା ର ବିଭିନ୍ନ ଅଞ୍ଚଳରେ ଜୁଆ ଆଡ୍ଡା ସକ୍ରିୟ ହୋଇ ଯୁବ ଗୋଷ୍ଠୀ ଏହାର ଖରାବ ପ୍ରଭାବରେ ପଡ଼ିଯାଉଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ କୋମନା ପୋଲିସ ଜେଠୁପାଲି ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ । ସେଠାରୁ ନଗଦ ୪୮,୨୨୫/- ଟଙ୍କା ଜବତ,୧୬ ଗୋଟି ମୋବାଇଲ୍, ୧୨ ଗୋଟି ଯାନବାହାନ,୨୩ ଯୁଆଡି ଗିରଫ କରିଛନ୍ତି । କୋମନା ଥାନା ରେ ଏକ ମାମଲା ୯୬/୨୨.୦୪.୨୦୨୫ ରେ ରୁଜୁ କରିଥିଲେ । ନୂଆପଡ଼ା ଏସ ପି ଜିଆର ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ଏହାର ସୂଚନା ଦେଇଛନ୍ତି । ଆଗାମୀ ଦିନରେ ପୋଲିସ ବ୍ୟାପକ ରୂପେ ପଦକ୍ଷେପ ନେବା ସହ ଜୁଆ ଖେଳ କୁ ନୂଆପଡ଼ା ରୁ ଉଚ୍ଛେଦ ପାଇଁ ପ୍ରଚେଷ୍ଟା କରିବ ।

## ବକେୟା ଦରମା ପ୍ରଦାନ ଦାବିରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସମାବେଶ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବକେୟା ଦରମା ପ୍ରଦାନ ଦାବିରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ୟୁନିଟି ସପୋର୍ଟ ଷ୍ଟାଫ ଯଥା ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ମାନେ ସେମାନଙ୍କ କାମ କରି ଆସୁଥିଲେ ମଧ୍ୟ ଏକ ବର୍ଷରୁ ଅଧିକ ସମୟ ହେଲା ଦରମା ପାଇ ନାହାନ୍ତି । ଏ ସମ୍ପର୍କରେ ବାରମ୍ବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନଥିବା ଅଭିଯୋଗ କରିଛନ୍ତି । ଗତ ଦୁଇ ସପ୍ତାହ ତଳେ ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କ ଦରମା ଖାତାକୁ ଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ମଧ୍ୟ କାର୍ଯ୍ୟକାରୀ ନ ହେବା ଫଳରେ ଆଜି ପୁଣି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମବେତ ହୋଇଥିଲେ । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଥିଲା ।

# ବିଭିନ୍ନ ୱାର୍ଡର ଉନ୍ନତିମୂଳକ କାର୍ଯ୍ୟ ପରିଦର୍ଶନ କଲେ ଜିଲ୍ଲାପାଳ

ନୂଆପଡ଼ା , (ଭାସ୍କର ନ୍ୟୁଜ): ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ । ଗତ ରବିବାର ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ାର କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଜୁନିୟର ଇଞ୍ଜିନିୟର ଅମିତ କୁମାର ରାଉଳ , ଏନ ଏ ସି ଯନ୍ତ୍ରୀ ରୋଷନ ପ୍ରଧାନଙ୍କ ଗହଣରେ ଜିଲ୍ଲାପାଳ ସମସ୍ତ ପ୍ରକଳ୍ପର ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ । ବର୍ତ୍ତମାନ ନୂଆପଡ଼ା ସହରରେ ୱାର୍ଡ୍ ନମ୍ବର ୧୩ ରେ ହେମଲାଲ୍ ଦଣ୍ଡସେନାଙ୍କ ଘରଠାରୁ ଦର୍ଲି ବନ୍ଧ ଓ ଏନଏଚରୁ ବିବେକାନନ୍ଦ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ପେଭର୍ ରୋଡ଼ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ



୧୭,୮୫,୦୦୦/- ରେ ସଡ଼କ ଓ ସେତୁ ଯୋଜନାରେ ଚାଲିଛି । ସେହିପରି ୱାର୍ଡ୍ ନମ୍ବର ୦୮ ରେ ସନ୍ତୋଷ ସାହୁଙ୍କ ଘରଠାରୁ ରଞ୍ଜନ ରଶ୍ମି ମହାନ୍ତି ଘର ପର୍ଯ୍ୟନ୍ତ ଓ ପୂର୍ଣ୍ଣିମା ଡେଲି ନିଡ୍ସରୁ ଜୟନ୍ତ ସାହୁଙ୍କ ଘର ପର୍ଯ୍ୟନ୍ତ ପେଭର୍ ରୋଡ଼ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ ୧୧,୭୭,୦୦୦/- ରେ ସଡ଼କ ଓ ସେତୁ ଯୋଜନାରେ ଚାଲିଛି । ୱାର୍ଡ ନମ୍ବର ୧୩ ରେ ମୋ ପୋଖରୀ ଯୋଜନାରେ ସର୍କିଟ୍ ହାଉସ୍ ନିକଟସ୍ଥ ଦର୍ଲି ବନ୍ଧର ପୁନରୁଦ୍ଧାର ଆନୁମାନିକ ବ୍ୟୟ ଅଟକଳ ଟ ୬୬.୬୭ ଲକ୍ଷରେ ଚାଲିଛି । ୱାର୍ଡ୍ ନମ୍ବର ୭ ରେ ମୋ ପୋଖରୀ ଯୋଜନାରେ ପଲଶାଗୁଡାରେ ଖମ୍ବା ବନ୍ଧର ପୁନରୁଦ୍ଧାର ଆନୁମାନିକ ବ୍ୟୟ ଅଟକଳ ଟ ୫୧.୯୦ ଲକ୍ଷରେ ହେଉଛି । ୱାର୍ଡ୍ ନମ୍ବର-୭ ରେ ପଲଶାଗୁଡାରେ ୫୦୦ ସିଟିଂ ବ୍ୟବସ୍ଥା ଥିବା ବହୁମୁଖି ହଲ , ମଲ୍ଟିପର୍ପୋଜ୍ ହଲ୍ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ – ଟ ୨.୧୬ କୋଟିରେ ଆଗେଇ ଚାଲିଛି । ୱାର୍ଡ୍ ନମ୍ବର ୧୩ ରେ ୩୦୦ ସିଟିଂ ବ୍ୟବସ୍ଥା ଥିବା ହବହୁମୁଖି ହଲ, ମଲ୍ଟିପର୍ପୋଜ୍ ହଲ୍ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ ୨.୧୦ କୋଟି ରେ ନିର୍ମିତ ହେଉଛି । ଦେଓ୍ୱାରପଡା ବସ୍ତିକୁ ସାଖାତୋରା, ୱାର୍ଡ୍ ନମ୍ବର ୧ କୁ ସ୍ଥାନାନ୍ତର କରିବା ପାଇଁ ଆନୁମାନିକ ବ୍ୟୟ ଅଟକଳ ଟ ୮୪ ଲକ୍ଷରେ ୧୫ତମ ଆର୍ଥିକ ଆୟୋଗ ଅନୁଦାନରେ ଆଗେଇ ଚାଲିଛି । ଜନସାଧାରଣଙ୍କୁ ଉଚିତ୍ ସେବା ଯୋଗାଇ ଦେବା ପାଇଁ ଏହି ସମସ୍ତ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ କର୍ମଶାଳା



ସଇଁତଲା, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ସଇଁତଲା ଡାକବଙ୍ଗଳା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ସଇଁତଲା ବିଜେପି ମଣ୍ଡଳ ସଭାପତି ଦର୍ଶନ ପ୍ରଧାନଙ୍କ ନେତୃତ୍ୱରେ ଟିଟିଲାଗଡ଼ ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ହିସାବରେ କମ୍ବୁ ବେହେରା, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବିଜେପି ଟିଟିଲାଗଡ଼ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ମୁଖ୍ୟ ସଂଗଠକ ମହେନ୍ଦ୍ର ଠାକୁର, କମ୍ବୁପାଣି ପାଢ଼ୀ, ପ୍ରଶାନ୍ତ ଷଡ଼ଙ୍ଗୀ, ଅକ୍ଷୟ ରଣା, ମନୋଜ ହାତୀ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମ ରେ ସଇଁତଲା, ଗୁଡଭେଲା ଓ ଟିଟିଲାଗଡ଼ ର ଶହ ଶହ ବିଜେପି ର ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଗକୁ ବହୁ ସକ୍ରିୟ ସଦସ୍ୟ ସାମିଲ କରାଇ ପଂଚାୟତ ନିର୍ବାଚନ ରେ ବିଜେପି କିଭଳି ସଫଳ ହେବ ତାହା ନେଇ ବେଶ ଆଲୋଚନା ହୋଇଥିଲା । ଗତ ନିର୍ବାଚନରେ ସାଂସଦ ଓ ବିଧାୟକଙ୍କୁ ଜିତାଇ ଥିବାରୁ ସମସ୍ତ ସଦସ୍ୟଙ୍କ ପରିଶ୍ରମକୁ ପ୍ରଶଂସା କରାଯାଇଥିଲା । ଆଗାମୀ ଦିନରେ ପାର୍ଟି କିପରି ଆହୁରି ମଜବୁତ ହେବ ତାହା ନେଇ ଜିଲ୍ଲା ସଭାପତି ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ତଥା ବ୍ଲକ ରୁ ବହୁ ସଂଖ୍ୟାରେ ବିଜେପି କର୍ମୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟିଟିଲାଗଡ଼ ନଗର ସଭାପତି ତଥା କାଉନସିଲର ସୁନୀଲ ଆଚାର୍ଯ୍ୟ, ଗୁନୁଗୋପାଳ ସାହୁ, ରାଜେଶ କୁମାର ସାହୁ, ନୈମିଷ ପାଣିଗ୍ରାହୀ, ଗିରିଧାରୀ ଚନ୍ଦନ, ଛନ୍ଦା ଚରଣ ବେହେରା, ପ୍ରକାଶ ସାହୁ, ସୁଶୀଳ ସାହୁ, ମୁନୁ ମେହେର ଙ୍କ ସହ ବହୁ ସକ୍ରିୟ ସଦସ୍ୟ ସାମିଲ ହୋଇଥିଲେ ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ

## ଦେଶୀ ମଦ ଓ ପୋଚ ଜବତ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦିନ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସଆଇ କୋଶିଙ୍ଗ ହାଲଦାର ଜାନି, ଦେବେନ୍ଦ୍ର ସମରଥ, ରୀନା ବଡ଼ନାୟକ, ରଞ୍ଜିତ ସିଂ ଓ ରମେଶ ପ୍ରଧାନ ମିଳିତ ଭାବେ ଚିର୍ମା ଗ୍ରାମରେ ଚଢ଼ଉ କରି ଦୁଇଟି ସ୍ଥାନରୁ ଦେଶୀ ମଦ ଓ ମହୁଲ ପଚ ଜବତ କରିନଷ୍ଟ କରାଯାଇଛି । ଏଥିରେ ପ୍ରାୟ ୭ଶହ ୨୦ ଲିଟର ଦେଶୀ ମଦ ଓ ପ୍ରାୟ ୭ଶହ ୨୦ଲିଟର ମହୁଲ ପଚକୁ ଜବତ କରି ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି । ଏନେଇ କେସ୍ ନଂ-୧୮/୨୫ ଓ ୧୩/୨୬ ରେ ଦୁଇ ଗୋଟି ମାମଲା ରୁଜୁ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ପ୍ରଶାସନର କଡା ଚେତାବନୀ,ନିଜେ ଭାଙ୍ଗ,ନଚେତ ଆମେ ଭାଙ୍ଗିବୁ ଏହି ଘଟଣା ଏବେ ନାରାୟଣ ପାଟଣା ବ୍ଲକର ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଛି। କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପ୍ରଶାସନ ତଥା ତହସିଲ ତରଫରୁ ଜବରଦଖଲ କାରୀ ଙ୍କୁ ସମୟସୀମା ଭିତରେ ମାଡିବସି ଜବରଦଖଲ କରିଥିବା ସରକାରୀ ଜାଗା ଖାଲି କରାବାକୁ ପୁର୍ବରୁ ଶହେରୁ ଅଧିକ ଜବରଦଖଲକାରୀଙ୍କୁ ନୋଟିସ ଜାରିକରିଥିଲେ । ନୋଟିସର ସମୟସୀମା ଭିତରେ ୫ ପ୍ରତିଶତ ଜନସାଧାରଣ ଜବରଦଖଲ ଖାଲି କରିଥିବା ବେଳେ ବଳକା ଅଣଦେଖା କରିଥିଲେ। ଫଳରେ ଆଜି ତହସିଲଦାର ଆକ୍ସନ ମୁଡକୁ ଆସି ନୋଟିସ୍ ଜାରି କରିଛନ୍ତି। ସମୟ ସୀମା ଭିତରେ ଜବରଦାଖଲକାରି ମାନେ ସରକାରୀ ଜାଗା ଖାଲି ନକଲେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି । ଥାନା ଛକରୁ ତଳଗୁମାଣ୍ଡି ଯାଏଁ ରାସ୍ତା ପ୍ରସସ୍ତି କରଣ ସହ ନୁଆ ରାସ୍ତା ପାଇଁ ରାସ୍ତା ଗୃହ ନିର୍ମାଣ ବିଭାଗ ତରଫରୁ ଟେଣ୍ଡର ହୋଇଛି । ଠିକାଦାର କମ କରୁଥିବା ବେଳେ ଜବରଦଖଲ ଯୋଗୁଁ କାମ ଆଗେଇ ପାରୁନି ।ବଡ଼ ଦାଣ୍ଡ ରେ ରାସ୍ତା ଜବରଦଖଲ ଯୋଗୁଁ ରଥ ଯାତ୍ରାରେ ନାନା ବିଭ୍ରାଟ ସୃଷ୍ଟି ହେଉଛି। ଏଥି ସହ ଲକ୍ଷ୍ମୀପୁର ଠାରୁ ପାର୍ବତିପୁର ଯାଏଁ ଲମ୍ବୀଥିବା ରାସ୍ତା କଡରେ ଜବରଦଖଲ କରି ଅନେକ ଲୋକ ରାସ୍ତା ମାଡି ବସିଥିବାରୁ ଯାନବାହାନ ଚଳ ପ୍ରଚଳରେ ବାଧା ସୃଷ୍ଟି ହେଉଛି।ଫଳରେ ପ୍ରଶାସନ ଏବେ ଆକ୍ସନ ମୁଡକୁ ଆସି ସମସ୍ତ ଜବର ଦଖଲକାରୀଙ୍କୁ ଚେତାବନୀ ଦେଇଥିବା ଜଣା ପଡିଛି। ଆଗାମୀ ଦିନରେ ଜବରଦାଖଲକାରି ଯଦି ଜାଗା ଖାଲି ନକରନ୍ତି ତେବେ ପ୍ରଶାସନ ତରଫରୁ କି ପଦକ୍ଷେପ ଗ୍ରହଣ କରାଯିବ ତାହା ଦେଖିବାକୁ ରହିଲା ବାକି।

# ମନ୍ତ୍ରୀ ପରିଷଦ ବୈଠକରେ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଉପସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦଙ୍କ ସପ୍ତମ ବୈଠକ ବୁଧବାର ଲୋକ ସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥିର ହୋଇଥିଲା ଯେ, ଆଗାମୀ ୧୫ ଦିନ ମଧ୍ୟରେ 'ଓଡ଼ିଶା ଭିଜନ୨୦୩୬ ଓ୨୦୪୭' ଉପରେ ରାଜ୍ୟର ୪ ଟି ସ୍ଥାନରେ ଆଂଚଳିକ କର୍ମଶାଳା ଅନୁଷ୍ଠିତ କରାଯିବ ସହ ବିଭିନ୍ନ ସ୍ତରରେ ଜନ ପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହିତ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜ କୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ମାର୍ଗଦର୍ଶନଏବଂ ନୀତି ଆୟୋଗଙ୍କ ସହଯୋଗରେ ସରକାର ଅଗଷ୍ଟ ୨୦୨୪ ଠାରୁ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି,ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର । ୨୦୪୭ ସୁଦ୍ଧା୧.୫ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବାଏବଂ ଭାରତର ଜିଡିପିର୫% ଅଂଶଦାର ହେବା ପାଇଁ ଓଡ଼ିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାର କୁ ଅତିକ୍ରମ କରିବା ସହ ଏହାକୁ ଦ୍ରୁତତର କରିବା ଆବଶ୍ୟକ । ଏହି ବୈଠକରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓବିଭିନ୍ନନିୟମାବଳୀର ଅନୁପାଳନ ଓ ସରକାରୀ ନିୟନ୍ତ୍ରଣ ର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ୬ ଟିସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟ ମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ '୩୬ ପାଇଁ ୩୬'ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ଗୁଡିକୁ ମିଳିତ ଭାବେ ଉପସ୍ଥାପନା କରିଥିଲେ । ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥା ର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ଆଲୋଚନାରେଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ,ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯୋଗାଣ ଓ ଖାଦ୍ୟ ସୁରକ୍ଷା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ରାଜ୍ୟରେ ରୌଦ୍ରତାପଜନିତ ଅସୁସ୍ଥ ୬୬ ଜଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଏ ଯାଏଁ ହିଟ ଷ୍ଟ୍ରୋକ ରୋଗୀ କେହି ନାହାନ୍ତି କି ମୃତ୍ୟୁ ହୋଇନି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର । ସେ କହିଛନ୍ତି ଯେ, ୬୬ ଜଣ ରୌଦ୍ରତାପଜନିତ ଅସୁସ୍ଥତା ଯୋଗୁଁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇ ଫେରିଛନ୍ତି । ଟିଟିଲାଗଡ଼ର ଜଣଙ୍କ ମୃତ୍ୟୁ ନେଇ ଖବର ଆସିଥିଲା । ମାତ୍ର ଯୁଗ୍ମ ତଦନ୍ତରୁ ଜଣାପଡିଲା ଯେ ସେ ହାର୍ଟ ଆଟାକରେ ମରିଛନ୍ତି । ଗ୍ରୀଷ୍ମ ପ୍ରବାହ ନେଇ ଲୋକଙ୍କୁ ସତର୍କ କରାଯାଉଛି । ସ୍କୁଲ ବନ୍ଦ ହୋଇଛି । ଛତା ନେଇ ବାହାରକୁ ଯିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଏହାସହିତ ସକାଳ ୧୦ରୁ ୩ ଯାଏଁ ଘରୁ ବାହାରନ୍ତୁ ନାହିଁ । ଗୁରୁତର ରୋଗୀଙ୍କ ଅଧିକ ଯତ୍ନ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଅଂଶୁଘାତ ପାଇଁ ଜିଲ୍ଲାସ୍ତରୀୟ ହସ୍ପିଟାଲରେ ୬ଟି, ସବଡ଼ିଭିଜନ ସ୍ତରୀୟ ମେଡିକାଲରେ ୪ଟି ସିଏଚସିରେ ୨ଟି ବେଡ଼ ପ୍ରସ୍ତୁତ ରଖାଯାଇଛି ।

# ଜେଲରୁ ମୁକୁଳିବେ ଦାରା ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜେଲରୁ ମୁକୁଳି ପାରନ୍ତି ଦାରା ସିଂ । ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ପ୍ରସ୍ତାବ ପଠାଇଲା ଜେଲ ବିଭାଗ । ରାଜ୍ୟର ସମସ୍ତ ଜେଲର ୮୫ଜଣ ଆଜୀବନ ସଜା କାଟୁଥିବା କଏଦୀଙ୍କ ତାଲିକା ପଠାଯାଇଛି । ଯେଉଁଥିରେ ଦାରା ସିଂଙ୍କ ନାଁ ରହିଛି । ୨୫ ବର୍ଷ ହେବ କେଉଁଝର ଜେଲରେ ଆଜୀବନ ସଜା କାଟୁଛନ୍ତି ଦାରା ସିଂ । ୧୯୯୯ ଜାନୁଆରି ୩୧ ତାରିଖରେ କେଉଁଝର ଜିଲ୍ଲା ମନୋହରପୁରରେ ଅଷ୍ଟ୍ରେଲିଆ ମିସନାରୀ ଗ୍ରାହମ ଷ୍ଟେନ୍ସ ତାଙ୍କର ଦୁଇ ପୁଅକୁ ଗାଡ଼ିରେ ଶୋଇଥିବା ବେଳେ ପୋଡି ହତ୍ୟା କରିଥିଲେ । ସେହି ଘଟଣାରେ ଦାରା ସିଂ ଓ ତାଙ୍କର ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେହିପରି ନୟାପଲି ବହୁଚର୍ଚ୍ଚିତ ପତ୍ନୀହନ୍ତା ସ୍ୱାମୀ ସୋମନାଥ ପରିଡାଙ୍କ ନାଁ ସୁପାରିଶ ହୋଇଛି । ଜେଲ ଡିଜି ସୁନୀଲ ରାୟ ଏନେଇ ସୂଚନା ଦେଇଛନ୍ତି ।

# ରାଜ୍ୟରେ ଗଠିତ ହେଲା ୩ଟି ସିଭିଲ୍ ଜଜ୍ କୋର୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗଠିତ ହୋଇଛି ୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟ ଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଠାରେ ସ୍ଥାପନ କରାଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ସମାପ୍ତ ହେଲା।

**AFFIDAVIT**

By virtue of an affidavit sworn before Notary Public, Keonjhar, dated 22nd April 2025, I Minati Dehury, Address: At-Gounighasa, Po-Chilikidhara, Po-Harichandanpur, Dist-Keonjhar, Odisha, PIN-758080, declare that I have changed my name from Sukumari Dehuri to Minati Dehury. Henceforth I shall be known as Minati Dehury for all purposes.

Sd/- Minati Dehury

# ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡର ଉନ୍ମୋଚନ କରିଛନ୍ତି। ଏହା ଦ୍ୱାରା ବିଭିନ୍ନ ଭିତିଭୂମି ପ୍ରକଳ୍ପ ଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇ ପାରିବ ଏବଂ ପ୍ରକଳ୍ପ ଗୁଡିକ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହେବା ସହିତ ଏଥିରେ ଅଧିକ ଦକ୍ଷତା ଆସି ପାରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା'ସହିତ ନିଷ୍ପତି ନେବାରେ ମଧ୍ୟ ବିଳମ୍ବ ହେଉଥିଲା। ଏହି ଉନ୍ନତ ଜିଆଇଏସ ଡ୍ୟାସବୋର୍ଡ ମାଧ୍ୟମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତି ଏବଂ ଚାଲୁରହିଥିବା ପ୍ରକଳ୍ପଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ। ଜିଲ୍ଲା ଏବଂ ବ୍ଲକସ୍ତରରେ ଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଜାଣିହେବ। ଏହା ସହିତ ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ସଠିକ୍ ସ୍ଥାନ ନିରୂପଣ କରିବାକୁ ରାସ୍ତା ଏବଂ ସାଟେଲାଇଟ୍ ମ୍ୟାପ୍ ମଧ୍ୟ ଦେଖିହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଏହି ବ୍ୟବସ୍ଥାରେ ଅଧିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ। ଏହା ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।

# ୩୦ରୁ ୱିମେନ୍ସ ବିଜିନେସ୍ ମେଳା




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଯାଉଛି ମହିଳା ବ୍ୟବସାୟ ମେଳା । ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ସହଯୋଗୀ ସଂଗଠନ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ନ୍ୟାସନାଲ୍ ୱିମେନ୍ସ ଏଣ୍ଟରପ୍ରିନ୍ୟୁରସିପ୍ କାଉନସିଲ୍ ପକ୍ଷରୁ ଏପ୍ରିଲ ୩୦ରୁ ଆରମ୍ଭ ହୋଇ ମେ ୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବ । ୨୦୨୨ରେ ଏହାର ପ୍ରଥମ ସଂସ୍କରଣର ବୃହତ୍ ସଫଳତା ଏବଂ ଉଚ୍ଚ ପ୍ରଶଂସା ସାଉଁଟିଥିବା ବେଳେ ଦ୍ୱିତୀୟ ସଂସ୍କରଣ ମଧ୍ୟ ମହିଳା ଉଦ୍ୟୋଗୀ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ତିଆରି କରିବ ବୋଲି ଆଶା ଓ ବିଶ୍ୱାସ । ଅନ୍ୟ ମେଳା ପରି ଏହି ମେଳା କେବଳ ବୁଲାବୁଲି-କିଣାକିଣି ପାଇଁ ନୁହେଁ । ଆପଣ ଏହି ମେଳାକୁ ଆସି ବ୍ୟବସାୟର ମୌଳିକ ତଥ୍ୟ ଅବା ଉଦ୍ୟୋଗ ବାବଦରେ ସାଧାରଣ ଜ୍ଞାନ ଅର୍ଜନ କରିପାରିବେ ଯାହାକି ସମ୍ପୂର୍ଣ୍ଣ ରୂପେ ମାଗଣା । ଏହି ମେଳାରେ କିଛି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବଛାବଛା ଉଦ୍ୟୋଗ, ଜନଜାତି ଉଦ୍ୟୋଗୀ, ଏସଏଚଜି ଗ୍ରୁପ୍ ଏବଂ ଶିଶୁ ଉଦ୍ୟୋଗୀଙ୍କୁ ସମ୍ପୂର୍ଣ୍ଣ ଭାବେ ମାଗଣା ଷ୍ଟଲ ଦିଆଯିବ । ମହିଳା ବିଜନେସ୍ ମେଳା ୨.୦ ଓଡ଼ିଶାର ଜିଲ୍ଲାଗୁଡ଼ିକରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହ ଅନ୍ତର୍ଭୁକ୍ତ ଉଦ୍ୟୋଗିତାକୁ ଆଗକୁ ନେବ ଏବଂ ସ୍ଥାୟୀ ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଆଇଏନଡବ୍ଲୁଇସିର ଜାତୀୟ ମହିଳା ବ୍ୟବସାୟ ମେଳା ରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ବଲିଉଡ୍ ସେଲିବ୍ରିଟି, ଶିଳ୍ପ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ଅନ୍ତର୍ଜାତୀୟ ଚେହେରା ଏବଂ ପ୍ରସିଦ୍ଧ ବକ୍ତା । ଯେଉଁମାନେ ଏହି ମେଳାରେ ସାମିଲ ହୋଇ ଆଲୋଚନା କରିବା ସହ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏନଡବ୍ଲୁଇସି ଆବାହକ ପ୍ରୀତି ପଲ୍ଲବୀ ପଟ୍ଟନାୟକ, ସହଆବାହକ ସ୍ୱାତୀ କେଜ୍ରିୱାଲ, ସୁମାଦେବୀ ଦାସ, ଆଇସିସି ଚେୟାରମ୍ୟାନ ରାଜୀବ ସାହୁ, ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ, ଏମଏସଏମଇ ବିଭାଗ ସ୍ୱତନ୍ତ୍ର ସଚିବ ଶୁଭେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Salipur, Cuttack, dated 19.04.2025, I Wajeda Afroz, Address: village-Anasarapur, Po-Asureswar, Ps-Nischintakoili, Dist-Cuttack, Odisha, PIN-754209, declare that I have changed my name from Wayeda Afroz to Wajeda Afroz. Henceforth, I shall be known as Wajeda Afroz for all purposes.

Sd/- Wajeda Afroz

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ପାକ୍ ନାଗରିକଙ୍କୁ...

ହୋଇଥିବା ସିନ୍ଧୁଜଳ ବୁଝାମଣା ଚୁକ୍ତିକୁ ବାତିଲ କରି ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁଷ୍ଠିତ ହୋଇ ପାକିସ୍ତାନକୁ କଡ଼ା ଜବାବ ଦେବାପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀ ସିଂହ କହିଛନ୍ତି ଯେ ପାକିସ୍ତାନର ପହଲଗାମରେ ସାଧାରଣ ଲୋକଙ୍କ ରକ୍ତରେ ହୋଲି ଖେଳିଥିବା ଆତଙ୍କୀ ଓ ସେମାନଙ୍କ ଗୁରୁମାନଙ୍କ ଉପରେ ଖୁବ୍‌ଶୀଘ୍ର ପ୍ରଚଣ୍ଡ ପ୍ରହାର କରାଯିବ। ସେ ଏ ନେଇ ଅପରେସନ ପହଲଗାମ ଘୋଷଣା କରିଛନ୍ତି। ସେ କହିଛନ୍ତି, ସରକାର ପ୍ରତିଟି ମାମଲାର ପ୍ରତିଶୋଧ ନେବେ, ଯାହା ଜରୁରି ଓ ଉପଯୁକ୍ତ। ସେ କହିଛନ୍ତି କେବଳ ଆତଙ୍କବାଦୀ ନୁହନ୍ତି, ପର୍ଦ୍ଦା ପଛରେ ରହି ଷଡ଼ଯନ୍ତ୍ର କରୁଥିବା ସଂଗଠନଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ ହେବ ବୋଲି ସେ ଚେତାଇ ଦେଇଛନ୍ତି। ରାଜନାଥ ଦେଶବାସୀଙ୍କୁ ନିର୍ଭୟରେ ରହିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସାଉଦୀଆରବରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ପାଲାମ ବିମାନବନ୍ଦରରେ ଏକ ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାର ତଦନ୍ତ ପାଇଁ ଏନଆଇଏର ଏକ ଟିମ୍ ପହଲଗାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୋଦୀ ଏହି ମର୍ମରେ କହିଥିଲେ ଯେ ଆତଙ୍କବାଦ ବିରୋଧରେ ଆମେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛୁ। ଆତଙ୍କଦ୍ୱାରା ସେମାନେ ଭାରତକୁ ଭୟଭୀତ କରାଇ ପାରିବେନି। ଅନ୍ୟପକ୍ଷରେ କାଶ୍ମୀରରେ ହୋଇଥିବା ଆକ୍ରମଣ ପରେ ୩ ହଜାରରୁ ଅଧିକ ନାଗରିକ କାଶ୍ମୀର ଛାଡ଼ି ସାରିଲେଣି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆତଙ୍କବାଦୀଙ୍କ ଆଗରେ ଭାରତ କେବେ ବି ନତମସ୍ତକ ହେବ ନାହିଁ । ଆକ୍ରମଣକାରୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ଏଥିସହ ସେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଆକ୍ରମଣରେ ଦୁଇଜଣ ଯବାନ ସହିଦ ହୋଇଛନ୍ତି। ସେମାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ ସହ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଗୁରୁବାର କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଆହୂତ ହୋଇଛି।

### ୨୬ ଯାଏ...

ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୬ ତାରିଖ ଦିନ ବିଭିନ୍ନ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ଲୋକମାନେ ସତର୍କ ରହିବାକୁ ଆଇଏମ୍‌ଡି ପରାମର୍ଶ ଦେଇଛି। ଏପରିକି ପାରଦ ୪୮ ଡିଗ୍ରୀ ଡେଇଁବାର ସମ୍ଭାବନା ରହିଛି। ତେଣୁ ଖରା ସମୟରେ ଅତି ଜରୁରି ନଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଶିଶୁ ଓ ବୃଦ୍ଧମାନଙ୍କ ପାଇଁ ଏହା ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ମଧ୍ୟ କୁହାଯାଇଛି।

### ଇଏମ୍‌ଏସ୍..

ଜରୁରିକାଳୀନ ସ୍ୱାସ୍ଥ୍ୟ ସେବାଜନିତ ଆମ୍ବୁଲାନ୍ସର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନ ରାଜ୍ୟରେ ମୋଟ ୮୬୬ ଗୋଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି ଏବଂ ସେଥି ମଧ୍ୟରୁ ୪୧୧ ଗୋଟି ଏ.ଏଲ.ଏସ, ୪୪୯ ଗୋଟି ବି.ଏଲ.ଏସ ଓ ୬ ଗୋଟି ବୋଟ ଆମ୍ବୁଲାନ୍ସ ଅଟେ । ଏହି ଯୋଜନା ଅଧୀନରେ ଓଡିଶାବାସୀଙ୍କ ପାଇଁ ମାଗଣାରେ ଆମ୍ବୁଲାନ୍ସ ଗାଡି ଯୋଗାଇ ରୋଗୀକୁ ଡାକ୍ତରଖାନା ନେବା ସହ ଜରୁରୀକାଳିନ ସ୍ୱାସ୍ଥ୍ୟ ଚିକିତ୍ସା ସେବାର ବ୍ୟବସ୍ଥା କରାଯାଇଅଛି । ଏହି ସେବା ଏକ ୧୫୦ ଆସନ ବିଶିଷ୍ଟ ୨୪ଘଣ୍ଟିଆ ଏକକ କେନ୍ଦ୍ରୀୟ ସମନ୍ୱିତ କଲ୍ ସେଣ୍ଟର ଦ୍ୱାରା ପରିଚାଳିତ ଏବଂ ତଦାରଖ କରାଯାଉଛି । ଏହି ଯୋଜନା ୨୦୨୩-୨୪ ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଛି। ଆନୁମାନିକ ବାର୍ଷିକ ୧୧-୧୨ ଲକ୍ଷ ଜରୁରିକାଳୀନ ରୋଗୀ / ମାମଲା ୨୦ ମିନିଟର ନିର୍ଦ୍ଧାରିତ ସମୟ ମଧ୍ୟରେ ଆମ୍ବୁଲାନ୍ସ ଦ୍ୱାରା ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ହେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆମ୍ବୁଲାନ୍ସ ସେବା ଏକ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ, ଯାହା ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଖୋଲା ପ୍ରତିଯୋଗିତାମୂଳକ ପ୍ରକ୍ରିୟା ମାଧ୍ୟମରେ ୫ ବର୍ଷ ପାଇଁ ଚୟନ କରାଯାଇଥାଏ । ଏହି ଯୋଜନାର କାର୍ଯ୍ୟକାରିତା ଦିଗରେ ୫ ବର୍ଷ ସମୟ ପାଇଁ ଟ. ୨୩୧୮୪୫.୨୬ ଲକ୍ଷ ବ୍ୟୟ ବରାଦ କରାଯାଇଛି ଏବଂ ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟ ଆଜିର ବୈଠକରେ ଅନୁମୋଦନ କରିଛନ୍ତି । ବିଭିନ୍ନ ସରକାରୀ ଯୋଜନାମାନଙ୍କର ନିରୀକ୍ଷଣ ଏବଂ ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା, ଉଭୟ 'ଓଡିଶା ମଙ୍ଗଳ ସେବା' ଏବଂ 'ଓଡିଶା ଅଧସ୍ତନ ମଙ୍ଗଳ ସେବା' ର ପୁନର୍ଗଠନ କରାଯାଇ ବିଭିନ୍ନ ପାହ୍ୟାରେ ୨୪ ଟି ନୂତନ ପଦବୀ ସୃଷ୍ଟି କରାଯିବାପାଇଁ ନିଷ୍ପତି ନିଆଯାଇଛି । ଏହି ପୁନର୍ଗଠନରେ, 'ଅତିରିକ୍ତ ଜିଲ୍ଲା'ଯୁଗ୍ମ ନିର୍ଦ୍ଦେଶକ' ପାହ୍ୟାରେ ୮ଟି ଏବଂ ମଙ୍ଗଳ ଅଧିକାରୀ' ପାହ୍ୟାରେ ୨ଟି, 'ଉପ ନିର୍ଦ୍ଦେଶକ' ପାହ୍ୟାରେ ୧୧ଟି,'ଅତିରିକ୍ତ ନିର୍ଦ୍ଦେଶକ' ପାହ୍ୟାରେ ୩ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯାଉଛି। ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଆଜି ଏହାର ବୈଠକରେ ଅନୁମୋଦନ କରିଛନ୍ତି। ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା ନିୟମ, ୧୯୮୯ ଅନୁସାରେ କନିଷ୍ଠ ବର୍ଗ ସେବା ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ରୂପେ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ପରିଚାଳିତ ମାଧ୍ୟମିକ ଶିକ୍ଷା ପରୀକ୍ଷା ଅଥବା ଆବଶ୍ୟକ ବୋର୍ଡ, ଓଡିଶା ଅଥବା ତତୂଲ୍ୟ ବୋର୍ଡ / ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ବର୍ତ୍ତମାନ ପ୍ରଚଳିତ ନିୟମର ସଂଶୋଧନ ଦ୍ୱାରା କନିଷ୍ଠ ବର୍ଗ ସେବା (ପରିଦର୍ଶିକା) ପଦବୀରେ ଚୟନଭିତ୍ତିକ ନିଯୁକ୍ତି ପ୍ରଦାନ ନିମନ୍ତେ ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ରୂପେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସଂଶୋଧନ ନିୟମ ପୂର୍ବ ନିର୍ଦ୍ଧାରିତ ଯୋଗ୍ୟତା ଅନୁଯାୟୀ କାର୍ଯ୍ୟ କରିଆସୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ । ଏହି ପଦକ୍ଷେପ ସେବା ବିତରଣ ମାନ ବୃଦ୍ଧି କରିବା, ଶିଶୁ ଓ ମହିଳାଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗୁଡିକର ସୁପରିଚାଳନା କରିବା ତଥା ବିଭାଗର ଦକ୍ଷତାକୁ ଦୃଢ଼ କରିବା ନିମନ୍ତେ ସହାୟକ ହୋଇପାରିବ। 'ଭୂତଳ ପାଇପ୍ ଲାଇନ ଜଳବଣ୍ଟନ ବ୍ୟବସ୍ଥା (ମାଧ୍ୟାକର୍ଷଣ ପ୍ରବାହ) ଦ୍ୱାରା (କ) ବୈତରଣୀ ବାମ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୨୮.୫୦ କି.ମି. ମଧ୍ୟରେ ୨୨୨୧ ହେକ୍ଟର ଏବଂ (ଖ) ବୈତରଣୀ ଦକ୍ଷିଣ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୯.୦୦ କି.ମି. ମଧ୍ୟରେ ୧୨୨୯ ହେକ୍ଟର ଚାଷଜମିରେ ଜଳ ଆବଣ୍ଟନ ଓ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଇପିସି ଏବଂ ଟର୍ନକି ବ୍ୟବସ୍ଥା ମାଧ୍ୟମରେ ସମ୍ପାଦନ ପୂର୍ବକ ପ୍ରବର୍ତିତ ପ୍ରଣାଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ' ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ମାଧ୍ୟମରେ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନିମନ୍ତେ ଯୋଜନା କରାଯାଇଥିଲା। ଉପରୋକ୍ତ କାର୍ଯ୍ୟଟି ଏହି ପ୍ରକଳ୍ପର ଏକ ଅଂଶ ଯାହା କେନ୍ଦୁଝର ଜିଲ୍ଲାରେ ବୈତରଣୀ ବାମ ପାର୍ଶ୍ୱ କେନାଲର ୦,୦୦ କି.ମି. ଠାରୁ ୨୮.୫୦ କି.ମି. ମଧ୍ୟରେ ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୯.୦୦ କି.ମି. ମଧ୍ୟରେ ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ ଲାଇନ ଜଳବଣ୍ଟନ ବ୍ୟବସ୍ଥା ଓ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟରର ଜଳସେଚନ ସୁବିଧା ଯୋଗାଇ ଦେବ । ରାଜ୍ୟ କ୍ୟାବିନେଟ ଉକ୍ତ କାର୍ଯ୍ୟ ନିମନ୍ତେ ଶହେ ୮କୋଟି ଟଙ୍କା (ଜିଏସଟି ବ୍ୟତୀତ) ଟେଣ୍ଡରକୁ ଅନୁମୋଦନ ପ୍ରଦାନ କରିଛନ୍ତି । ପ୍ରକଳ୍ପଟି ଅଠର (୧୮) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଛି। ଏହି କାର୍ଯ୍ୟଟି ସମ୍ପୁର୍ଣ୍ଣ ହେବା ଦ୍ୱାରା କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ହାଟଡ଼ିହି ଘଷିପୁରା ବ୍ଲକର ଚାଷୀମାନେ ଉପକୃତ ହେବେ ଏବଂ ଏହା ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ସହାୟକ ହେବ।

**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated 30.09.2024, I Akshaya Kumar Mishra, S/o- Aruna Kumar Mishra, resident of At- Kraisinghpur, Debabhumi, Dist-Ganjam, declares that my actual name is Akshaya Kumar Mishra which is mentioned in Aadhar Card. But wrongly mentioned as Akshaya Mishra in Birth Certificate of my son Sourav Mishra. Akshaya Kumar Mishra & Akshaya Mishra is same and one person myself. This affidavit is to be produced before concerned authority for necessary correction as Akshaya Kumar Mishra.

Sd/- Akshaya Kumar Mishra

**ପୂର୍ବତଟ ରେଳପଥ**

e-Tender Notice No.: ST-SBP-TENDER-2025-10, ତା.15.04.2025 ରିଖ

କାର୍ଯ୍ୟର ନାମ: କାର୍ଯ୍ୟର S&T ଅଂଶ: ଝାରସୁଗୁଡ଼ା ଜଙ୍କସନ-ଟିଟିଲାଗଡ଼ (UP, DN & SL) - TSR(P) - ୩୩.୫୪୬ TKM ସମ୍ବଲପୁର ଡିଭିଜନ ସହିତ ସଂଯୁକ୍ତ ଶିବିର ୟାର୍ଡ ଡ଼ିପୋର PQRS ନିର୍ମାଣ। ୨) ସମ୍ବଲପୁର ଡିଭିଜନର - TSR(P) -୩୩.୪୧୯ TKM ସହିତ ଝାରସୁଗୁଡ଼ା-ସରଳା-କେରେଜୋଙ୍ଗ (UP, DN & SL) ସହିତ ସଂଯୁକ୍ତ ବାମୁର ୟାର୍ଡ ଡ଼ିପୋର PQRS ନିର୍ମାଣ।

ଟେଣ୍ଡର ମୂଲ୍ୟ: ଟ.1,08,06,500.78

ବିଡ୍ ସିକ୍ୟୁରିଟି: ଟ. 2,04,000/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ: ତା. 08.05.2025 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍: www.ireps.gov.in. ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବସାଇଟ୍: www.ireps.gov.in

ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ସିଗ୍ନାଲ), ସମ୍ବଲପୁର

PR-61/Q/25-26

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
**Short Tender call Notice**

B-47

E-mail: rbcirclekhurda@gmail.com

Bid Identification No. CCE-Khordha (R&B) Circle-02/2025-26 Memo No - 1041 Dt. 21.04.2025

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No of Work : 2Nos
3. Tender Cost : Rs.10000.00 (On-Line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.25.04.2025 up to 05.00 PM of Dt.02.05.2025 up to 5.00 PM
6. Date of opening of Bid : Dt 03.05.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Chief Construction Engineer,
Khordha (R&B) Circle, Khordha

OIPR 34127/11/0038/2526

OFFICE OF THE NOTIFIED AREA COUNCIL,, KESINGA.

**SHORT QUOTATION CALL NOTICE**

C-162

No. 1201 Date 23.04.2025

Quotations are invited from the intending suppliers / manufacturers / registered firms etc. for supply of disinfectant materials, the detailed specification as per tender scheduled available in the NAC, Kesinga on payment of Rs. 1000/- one thousand only (Non-refundable). The tender scheduled will be available in the NAC office, Kesinga in between 25.04.2025 to 03.05.2025 upto 1 P.M. and the same shall be received by Regd. post/Speed post on 06.05.2025 upto 12.00 Noon .The Quotation will be opened on 07.05.2025 at 09.00 A.M. in presence of the quotationers or their representatives. The quotation documents should accompany 1% EMD of quoted value in shape of Cash Deposit Receipt of Kesinga NAC/ demand draft of scheduled Bank drawn / pledged in favour of Executive Officer, NAC, Kesinga, without which the Quotation is liable for rejection. Clearance form of GSTN, PAN, if any, shall also accompany the quotation documents. The rate should be quoted inclusive of all taxes, transportation, loading and unloading etc. all complete. The authority reserves the right to accept or reject any or all the quotation without assigning any reason thereof.

Sd/- Executive Officer,
N.A.C. Kesinga

OIPR 13109/11/0032/2526

Odisha Lift Irrigation Corporation Ltd.
(A Govt.of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, KEONJHAR
E-Procurement Notice – 01 / 2025-26
E-mail - olickjr@gmail.com,
No. 1521 / Dated : 22.04.2025

CAD-214

1. Name of the tender Inviting Officer : Executive Engineer, L.I. Division, Keonjhar
2. Name of the work : Repair and reinforcement of 23 nos. L.I. Project in different blocks under Keonjhar district.
3. No. of Packages : 10 Nos.
4. Tender Amount : Varies from 3.68 Lakhs to 18.75 Lakhs
5. Date and time of availability of bid documents in the portal for on line biding **from 10.00 hrs dated 25.04.2025 to 17.00hrs dated 02.05.2025.**
6. Last date and time of receipt of bids in the portal up to **17.00hrs. Dated- 02.05.2025.**
7. Last date and time of clarification upto **17.00hrs Dated- 30.04.2025.**
8. Date of opening of Tender at **11.00 hrs. Dated- 03.05.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.**
10. Subsequent corrigendum / addendum if required shall be available in the above portal.

Authority reserves the right to reject any or all the tenders, increase or decrease the quantities without assigning any reasons thereof.

Sd/-
Executive Engineer,
LI Division, Keonjhar.

OIPR 32156/11/0012/2526

GOVERNMENT OF ODISHA
PANCHAYAT SAMITI, DHARAMGARH
*E-Procurement Notice*
*Bid Identification No. PS- DHG-T-1/2025-26*

i-44

| | | | |
|---|---|---|---|
| 1 | No. of the work: | : | 02 Nos. of Building Works |
| 2 | Estimated cost: | : | Rs. 30.00 for Koshal Mali Samaj<br>Rs.26.11 for CDPO's Office |
| 3 | Class of Contractor: | : | "B & C" |
| 4 | Period of completion: | : | 6 months |
| 5 | Date and time of availability of bid document in the portal: | : | 11.00 hrs of 2[illegible].04.2025 to 17.00 hrs of 05.05.2025 |
| 6 | Last date/Time for receipt of bid in the portal: | : | 17.00hour of 05.05.2025 |
| 7 | Name and address of the Officer Inviting Bid: | : | Block Development Officer, Dharamgarh |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 06.05.2025 at 09.00 AM in the Office of the Panchayat Samiti, Dharamgarh |

Further details can be seen from the e-procurement portal **https://tendersodisha.gov.in**

Sd/-Block Development Officer
Dharamgarh

OIPR 19176/11/0005/2526

C-145

e- Mail - khurda_municipality@yahoo.co.in
Phone No-06755-220674
Website:-www.khordhamunicipality.in

OFFICE OF THE MUNICIPAL COUNCIL: KHORDHA
H & UD Department, Govt. of Odisha
Khordha-752055

No. 1238 Date. 21.04.2025

**INVITATION FOR BID**

The Executive Officer, Khordha Municipality, Khordha, Odisha invites Request for Proposal on behalf of Municipal Council Khordha for the work " Providing Consultancy services for Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha, Odisha in Double Cover (Technical & Financial) from Registered & eligible firm/consultant for tendering their bids through online mode only. The bidders are advised to examine carefully all instruction in the RFP document.

| Sl No. | Name of the Work | Bid Security/EMD (Online Remitance) (Rs.) | Cost of RFP Documents (Online Remitance)(Rs.) | Assignment Period |
|---|---|---|---|---|
| 1 | Preparation of Comprehensive Drainage Master Plan & DPR for Storm Water Drainage System of Khordha Municipality, District Khordha | 1,00,000/- | 10,000/- | 6 months |

Intending bidders can participate through "Online" bidding only. The bid document can be viewed/downloaded from e-procurement portal of the state govt. https://tendersodisha.gov.in/nicgep/app from date 22.04.2025 at 11:00 AM to 09.05.2025 at 05:00 PM.

The Bid must be submitted online in the website https://tendersodisha.gov.in/nicgep/app by the eligible bidder. Bid submitted through any other modes shall not be entertained.

The Khordha Municipality reserves the sole right to accept or reject any or all proposals without assigning any reason whatsoever.

Sd/-Executive Officer
Khordha Municipality

OIPR 13082/11/0011/2526



ନୂଆଦିଲ୍ଲୀ: ପହଲଗାମ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚେତାବନୀ ଦେବା ପରେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି। ଭାରତର ପାଲଟା ଜବାବ ଆଶଙ୍କାରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ବୁଧବାର ରୁଦ୍ଧଦ୍ୱାର ବୈଠକ ଡକାଇ ବାୟୁସେନା ଏବଂ ନୌସେନାକୁ ସଜାଗ ରହିବାକୁ ସତର୍କ କରାଇଛି। ଆକ୍ରମଣ ପରେ ପାକିସ୍ତାନ ପକ୍ଷରୁ ପ୍ରଥମ ବିବୃତି ଜାରି କରାଯାଇ ଏହି ଘଟଣାରେ ତା'ର ସମ୍ପୃକ୍ତି ନାହିଁ ବୋଲି କହିଛି। ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ପହଲଗାମ ଆକ୍ରମଣରୁ ଇସଲାମାବାଦକୁ ଦୂରେଇ ରଖିବା ସହିତ ଏହି ହିଂସା ଭାରତ ବିରୋଧରେ ବଢ଼ ବିଦ୍ରୋହର ଅଂଶ ବୋଲି କହିଛି। ଭାରତରେ ବଢ଼ୁଥିବା ଆତଙ୍କବାଦ ହିଁ ଏଥିପାଇଁ ଦାୟୀ। ସେ ଆହୁରି କହିଛନ୍ତି ଯେ, ନାଗାଲାଣ୍ଡଠାରୁ କାଶ୍ମୀର ଏବଂ ମଣିପୁର ପର୍ଯ୍ୟନ୍ତ ସବୁଠି ଭାରତ ସରକାର ବିରୋଧରେ ବିଦ୍ରୋହ ଚାଲିଛି। ଏହି ଆକ୍ରମଣ ହୋମ୍ ଗ୍ରୋନ ବା ଭାରତରେ ବିକଶିତ ଆତଙ୍କବାଦ ଦ୍ୱାରା ଘଟୁଛି।


## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁସଲିମ ୱାର୍ଲ୍ଡ ଲିଗର ମହାସଚିବ



ନୂଆଦିଲ୍ଲୀ: ମୁସଲିମ ୱାର୍ଲ୍ଡ ଲିଗର ମହାସଚିବ ଶେଖ ଡକ୍ଟର ମହମ୍ମଦ ବିନ୍ ଅବଦୁଲକରିମ୍ ଅଲ୍-ଇସା ମଙ୍ଗଳବାର ଜେଦ୍ଦାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ସେ ଜମ୍ମୁ-କାଶ୍ମୀରରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର କଡା ନିନ୍ଦା କରିଛନ୍ତି ଏବଂ ଜୀବନ ହରାଇଥିବା ନିର୍ଦ୍ଦୋଷ ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଜୁଲାଇ ୨୦୨୩ରେ ନୂଆଦିଲ୍ଲୀରେ ମହାସଚିବଙ୍କ ସହ ତାଙ୍କର ସାକ୍ଷାତକୁ ମନେ ପକାଇଛନ୍ତି। ସେ ସହନଶୀଳ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା, ସଂଯମତାକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ସଂହତି ତଥା ସଦ୍ଭାବକୁ ଆଗକୁ ବଢ଼ାଇବାରେ ମୁସଲିମ ୱାର୍ଲ୍ଡ ଲିଗର ଭୂମିକାକୁ ପ୍ରଶଂସା କରିଛନ୍ତି । ଭାରତର ପ୍ରାଚୀନ ଦର୍ଶନ ବସୁଧୈବ କୁଟୁମ୍ବକମ୍ (ବିଶ୍ୱ ଗୋଟିଏ ପରିବାର)କୁ ମନେ ପକାଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଭାରତ ଏକ ବହୁ-ସାଂସ୍କୃତିକ, ବହୁଭାଷୀ, ବହୁ-ଜାତିଗତ ଏବଂ ବହୁ-ଧାର୍ମିକ ସମାଜ ଭାବରେ ବିବିଧତାରେ ଏକତାରେ ବିଶ୍ୱାସ କରେ। ଭାରତର ଅବିଶ୍ୱସନୀୟ ବିବିଧତା ଏକ ମୂଲ୍ୟବାନ ଶକ୍ତି ଯାହା ଏହାର ସ୍ପନ୍ଦନଶୀଳ ସମାଜ ଏବଂ ରାଜନୀତିକୁ ଆକାର ଦେଇଛି । ସେ ଉଗ୍ରବାଦ, ଆତଙ୍କବାଦ ଏବଂ ହିଂସା ବିରୁଦ୍ଧରେ ମୁସଲିମ ୱାର୍ଲ୍ଡ ଲିଗର ଦୃଢ଼ ଦୃଷ୍ଟିକୋଣକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ରେଖାଙ୍କିତ କରିଛନ୍ତି ଯେ ସାଉଦି ଆରବ ସହିତ ସମ୍ପର୍କକୁ ଭାରତ ସର୍ବାଧିକ ଗୁରୁତ୍ୱ ଦିଏ, ଯାହା ଆଜି ବିଭିନ୍ନ କ୍ଷେତ୍ରରେ ଏକ ସ୍ଥାୟୀ ସହଭାଗିତାରେ ପରିଣତ ହୋଇଛି । ଘନିଷ୍ଠ ସାମାଜିକ-ସାଂସ୍କୃତିକ ସମ୍ପର୍କ ଏହି ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।

## ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ

ନୂଆଦିଲ୍ଲୀ:ବୁଧବାର ଦିନ ହଠାତ୍ ଥରି ଉଠିଲା ତୁର୍କୀ । ଅପରାହ୍ନ ୩:୧୯ରେ ଘଟିଥିବା ଏହି ଶକ୍ତିଶାଳୀ ଭୂମିକମ୍ପ କେବଳ ତୁର୍କୀରେ ନୁହେଁ ବରଂ ବୁଲଗେରିଆ, ଗ୍ରୀସ୍ ଏବଂ ରୋମାନିଆ ଭଳି ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ଲୋକଙ୍କୁ ଭୟଭୀତ କରିଥିଲା। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ଥିଲା, ଏହାର କେନ୍ଦ୍ରସ୍ଥଳ ଇସ୍ତାନବୁଲରୁ ପ୍ରାୟ ୮୦ କିଲୋମିଟର ଦୂରରେ ଥିଲା। କମ୍ପନ




ଅନୁଭୂତ ହେବାରୁ ଲୋକମାନେ ନିଜ ଘର ଛାଡି ବାହାରକୁ ଚାଲି ଆସିଥିଲେ। ଏହାର କେନ୍ଦ୍ରବିନ୍ଦୁ ଇସ୍ତାମ୍ବୁଲରୁ ପଶ୍ଚିମକୁ ପ୍ରାୟ ୮୦ କିଲୋମିଟର (୫୦ ମାଇଲ) ଦୂରରେ ସିଲିଭ୍ରି ଅଞ୍ଚଳରେ ଥିଲା। ଇଉଇଉ ଅନୁସାରେ, ଏହା ୬.୯୨ କିଲୋମିଟର (୪.୩ ମାଇଲ) ଗଭୀରତାରେ ଘଟିଥିଲା। ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ। ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକୁ ସତର୍କ ରଖାଯାଇଛି ଏବଂ ରିଲିଫ୍ ଏବଂ ଉଦ୍ଧାର ଦଳଗୁଡ଼ିକୁ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଏହା ସହିତ, ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି।

### ଆଜି ବିହାର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ, ଶିଳାନ୍ୟାସ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୪ ଅପ୍ରେଲରେ ବିହାର ଗସ୍ତ କରିବେ । ସେ ମଧୁବଣୀ ଯାତ୍ରା କରିବେ ଏବଂ ପ୍ରାୟ ୧୧:୪୫ ସମୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ୧୩,୪୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିବା ସହ ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ବିହାରର ଗୋପାଳଗଞ୍ଜ ଜିଲ୍ଲାର ହାଥୁଆଠାରେ ପ୍ରାୟ ୩୪୦ କୋଟି ଟଙ୍କାର ରେଳ ଅନଲୋଡିଂ ସୁବିଧା ବିଶିଷ୍ଟ ଏକ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର ଶିଳାନ୍ୟାସ କରିବେ । ଏହା ଯୋଗାଣ ଶୃଙ୍ଖଳାକୁ ସୁଗମ କରିବ ଏବଂ ମାତ୍ରାଧିକ ଏଲ୍‌ପିଜି ପରିବହନର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହି କ୍ଷେତ୍ରରେ ବିଦ୍ୟୁତ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ, ପ୍ରଧାନମନ୍ତ୍ରୀ ବିହାରରେ ବିଦ୍ୟୁତ କ୍ଷେତ୍ରରେ ବିତରଣ କ୍ଷେତ୍ର ଯୋଜନାର ନବୀକରଣ ଅଧୀନରେ ୧,୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ କରିବା ସହ ୫,୦୩୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଦେଶବ୍ୟାପୀ ରେଳ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ସହରସା ଏବଂ ମୁମ୍ବାଇ ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ, ଜୟନଗର ଏବଂ ପାଟନା ମଧ୍ୟରେ ନମୋ ଭାରତ ରାପିଡ ରେଳ, ପିପ୍ ?ରା ଏବଂ ସହରସା ଏବଂ ସହରସା ଏବଂ ସମସ୍ତିପୁର ମଧ୍ୟରେ ଟ୍ରେନକୁ ପତକା ଦେଖାଇ ଶୁଭାରମ୍ଭ କରିବେ । ସେ ଛାପ୍‌ରା ଏବଂ ବଗାହାଠାରେ ସୁପୌଲ ପିପ୍‌ରା ରେଳ ଲାଇନ୍, ହସନ୍‌ପୁର ବିଥାନ ରେଳ ଲାଇନ୍ ଏବଂ ଦୁଇଟି ୨-ଲେନ୍ ରେଳ ଓଭର୍ ବ୍ରିଜ ମଧ୍ୟରେ ଉଦ୍‌ଘାଟନ କରିବେ । ସେ ଖଗାରିଆ-ଅଲୌଲି ରେଳ ଲାଇନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ପ୍ରକଳ୍ପଗୁଡିକ ସଂଯୋଗୀକରଣକୁ ଉନ୍ନତ କରିବା ସହ ଉକ୍ତ ଅଞ୍ଚଳର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶ ତ୍ୱରାନ୍ୱିତ କରିବ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନ୍‌ଆରଏଲ୍‌ଏମ୍) ଅଧୀନରେ ପ୍ରଧାନମନ୍ତ୍ରୀ ବିହାରର ୨ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ପ୍ରଦାୟ ନିବେଶ ପାଣ୍ଠି ଅଧୀନରେ ପ୍ରାୟ ୯୩୦ କୋଟି ଟଙ୍କାର ଲାଭ ବଣ୍ଟନ କରିବେ । ପ୍ରଧାନମନ୍ତ୍ରୀ ପିଏମ୍‌ଏୱାଇ-ଗ୍ରାମୀଣର ୧୫ ଲକ୍ଷ ନୂତନ ହିତାଧିକାରୀଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରିବେ ଏବଂ ଦେଶବ୍ୟାପୀ ୧୦ ଲକ୍ଷ ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କୁ କିସ୍ତି ପ୍ରଦାନ କରିବେ । ସେ ବିହାରରେ ୧ ଲକ୍ଷ ପିଏମ୍‌ଏୱାଇ-ଜି ଏବଂ ୫୪,୦୦୦ ପିଏମ୍‌ଏୱାଇ-ୟୁ ଘରର ଗୃହ ପ୍ରବେଶ ଅବସରରେ କିଛି ହିତାଧିକାରୀଙ୍କୁ ଚାବି ପ୍ରଦାନ କରିବେ।

### ଭାରତ ପାଇଁ ଆଇଏମ୍‌ଏଫର ଆକଳନ

## ଚଳିତବର୍ଷ ୬.୨ ପ୍ରତିଶତ ଖସିବ ଅଭିବୃଦ୍ଧି

ନୂଆଦିଲ୍ଲୀ: ଘମାଘୋଟ ବାଣିଜ୍ୟ ଯୁଦ୍ଧ ଏବଂ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଭାରତ ଏବଂ ବିଶ୍ୱ ଜିଡିପି ଅଭିବୃଦ୍ଧି ଅନୁମାନକୁ ଖସାଇଛି ଆଇଏମ୍‌ଏଫ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଏହାର ସଂଶୋଧିତ ପୂର୍ବାନୁମାନରେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬.୨ ପ୍ରତିଶତ ରହିବ । ଏହା ପୂର୍ବ ଆକଳନ ତୁଳନାରେ ୩୦ ବେସିସ ପଏଣ୍ଟ କମ୍। ପୂର୍ବରୁ ଆକଳନ ଥିଲା ୬.୫ ପ୍ରତିଶତ। ନିଜର ୱାର୍ଲ୍ଡ ଇକୋନୋମିକ ଆଉଟ୍‌ଲୁକ୍ ରିପୋର୍ଟରେ ଆଇଏମ୍‌ଏଫ କହିଛି ଯେ ବାଣିଜ୍ୟ ଯୁଦ୍ଧ ଦିନକୁ ଦିନ ବଢି ଚାଲିଛି। ଏହା ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଚିନ୍ତାଜନକ ବିଷୟ ପାଲଟିଛି। ୨୦୨୬-୨୭ ଆର୍ଥିକ ବର୍ଷଲାଗି ଦେଶର ଜିଡିପି ଅନୁମାନକୁ ୬.୫ ପ୍ରତିଶତରୁ ୬.୩ ପ୍ରତିଶତକୁ ଖସାଇଛି ଆଇଏମ୍‌ଏଫ । ଆଇଏମଏଫ ଅନୁମାନ ଆଧାରରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିକାଶମୁଖୀ ଏବଂ ବିକଶିତ ଅର୍ଥନୀତିଗୁଡ଼ିକ ତୁଳନାରେ ସର୍ବାଧିକ ରହିବ। ଆମେରିକା ଭାରତ ଉପରେ ୨୭ ପ୍ରତିଶତ ଟାରିଫ ଘୋଷଣା କରିଛି। ଚୀନ୍‌କୁ ଛାଡ଼ି ଅନ୍ୟ ସମସ୍ତ ରାଷ୍ଟ୍ରଗୁଡ଼ିକ ପାଇଁ ୯୦ ଦିନ ଲାଗି ଶୁଳ୍କ ରିହାତି ପ୍ରଦାନ କରାଯାଇଛି। ଆଗକୁ ଟାରିଫ ଲାଗୁ ହେଲେ ବିଶ୍ୱ ଅର୍ଥନୈତିକ ଚିତ୍ର ବିକୃତ ହୋଇଯିବ ବୋଲି ଆଇଏମ୍‌ଏଫ ଆକଳନ କରିଛି। ତେବେ ୨୦୨୫ରେ ଭାରତର ଅଭିବୃଦ୍ଧି ଦୃଶ୍ୟପଟ୍ଟ ଅପେକ୍ଷାକୃତ ସ୍ଥିର ରହିଛି। ବିଶେଷକରି ଗ୍ରାମାଞ୍ଚଳରେ ମଜବୁତ ଚାହିଦା ଯୋଗୁ ଏହା ସମ୍ଭବ ହୋଇପାରିବ । ୨୦୨୫ରେ ଚୀନ୍ ପାଇଁ ଆଇଏମଏଫର ଅଭିବୃଦ୍ଧି ଅନୁମାନ ରହିଛି ୪ ପ୍ରତିଶତ। ପୂର୍ବରୁ ୪.୬ ପ୍ରତିଶତ ଆକଳନ କରାଯାଇଥିଲା। ତେବେ ବାଣିଜ୍ୟ ଯୁଦ୍ଧର ସିଧାସଳଖ ପ୍ରଭାବ ଚୀନ୍ ଓ ଆମେରିକା ଉପରେ ପଡ଼ିବ। ତେଣୁ ଉଭୟ ରାଷ୍ଟ୍ର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଆଇଏମ୍‌ଏଫ କହିଛି। ଆଇଏମ୍‌ଏଫର ଆକଳନ ଅନୁଯାୟୀ ୨୦୨୫ରେ ବିଶ୍ୱ ଜିଡିପି ୨.୮ ପ୍ରତିଶତ ରହିବ। ଏହା ପୂର୍ବରୁ ଅଭିବୃଦ୍ଧି ଆକଳନ ଥିଲା ୩.୩ ପ୍ରତିଶତ।

### ଗସ୍ତ କାଣ୍ଟଛାଣ୍ଟ କରି ସାଉଦୀରୁ ଫେରିଲେ ମୋଦୀ

## ବିଭିନ୍ନ କ୍ଷେତ୍ରରେ ୪ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ: ସାଉଦୀ ଆରବ ଗସ୍ତ କାଣ୍ଟଛାଣ୍ଟ କରି ଭାରତ ଫେରି ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କୀ ଆକ୍ରମଣ ଘଟଣା ପରେ ସେ ତାଙ୍କର ବିଦେଶ ଯାତ୍ରା ଅଧାରୁ ବନ୍ଦ କରି ବୁଧବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି। ତେବେ ତା ପୂର୍ବରୁ ଦୁଇଦେଶ ମଧ୍ୟରେ ୪ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମହାକାଶ, ଡୋପିଂ ବିରୋଧୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଞ୍ଚାର କ୍ଷେତ୍ରରେ ଏହି ଚୁକ୍ତିନାମା ହୋଇଛି। ମୋଦୀଙ୍କ ଜେଦା ଗସ୍ତ ସମୟରେ ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭାରତ ଏବଂ ସାଉଦୀ ଆରବ ମହାକାଶ, ସ୍ୱାସ୍ଥ୍ୟ ସମେତ ୪ଟି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ମହାକାଶ କାର୍ଯ୍ୟକଳାପ କ୍ଷେତ୍ରରେ ସହଯୋଗ ପାଇଁ ସାଉଦୀ ମହାକାଶ ଏଜେନ୍ସି ଏବଂ ଭାରତର ମହାକାଶ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ସାଉଦୀ ଆରବର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଭାରତର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ପାଇଁ ଆଉଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସାଉଦୀ ଆରବ ଆଣ୍ଟି ଡୋପିଂ କମିଟି ଏବଂ ଭାରତର ଜାତୀୟ ଆଣ୍ଟି ଡୋପିଂ ଏଜେନ୍ସି ମଧ୍ୟରେ ଡୋପିଂ-ରୋଧି ଶିକ୍ଷା ଏବଂ ନିବାରଣ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି। ସେହିପରି ସାଉଦୀ ପୋଷ୍ଟ କର୍ପୋରେସନ ଏବଂ ଭାରତର ସଞ୍ଚାର ମନ୍ତ୍ରଣାଳୟର ଡାକ ବିଭାଗ ମଧ୍ୟରେ ସହଯୋଗ ପାଇଁ ଅନ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସାଉଦୀ ଯୁବରାଜ ବିନ୍ ସଲମାନ ମଙ୍ଗଳବାର ଜେଦାରେ ଭାରତ-ସାଉଦୀ ଆରବ ରଣନୈତିକ ସହଭାଗିତା ପରିଷଦର ଦ୍ୱିତୀୟ ବୈଠକରେ ସହ ଅଧ୍ୟକ୍ଷତା କରିଥିଲେ।

### ଇସ୍ପାତ ଶିଳ୍ପ କ୍ଷେତ୍ରରେ ଗ୍ରୀନ୍ ଟେକ୍ ସଲ୍ୟୁସନ ଛତିଶଗଡରେ ବିନିଯୋଗ କରିବ ୧୨୪୫ କୋଟି

## ସୃଷ୍ଟି ହେବ ୫୦୦ରୁ ଅଧିକନିଯୁକ୍ତି ସୁଯୋଗ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ମୁମ୍ବାଇରେ ଗ୍ରୀନ୍‌ଟେକ୍ ସଲ୍ୟୁସନର ନିର୍ଦ୍ଦେଶକ ଏମ୍ ପ୍ରସାଦ ରେଡ୍ଡିଙ୍କୁ ସାକ୍ଷାତ କରି ରାଜ୍ୟରେ ଇସ୍ପାତ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରିଥିଲେ। ଶ୍ରୀ ସାଏଙ୍କ ଅନୁରୋଧ ରକ୍ଷା କରି ନିର୍ଦ୍ଦେଶକ ଶ୍ରୀ ରେଡ୍ଡି ଛତିଶଗଡରେ ଇସ୍ପାତ ଶିଳ୍ପ ପାଇଁ ୧୨୪୫କୋଟି ଟଙ୍କା ବିନିଯୋଗ କରିବେ। ଏହା ହେଲେ ୫୦୦ରୁ ଅଧିକ ପ୍ରତ୍ୟକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ସାଏ କହିଥିଲେ। ଏଥିନେଇ ଉଭୟ ପକ୍ଷ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଶ୍ରୀ



ସାଏ କହିଥିଲେ ଯେ, ଛତିଶଗଡ ସରକାର ୨୦୨୪ରୁ ୨୦୩୦ ପର୍ଯ୍ୟନ୍ତ ଏକ ଶିଳ୍ପ ନୀତି ଆପଣାଇଛନ୍ତି। ଏଥିରେ ଶିଳ୍ପପତିମାନଙ୍କୁ ଜମିଅଧିଗ୍ରହଣ ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକ ଦସ୍ତାବିଜ୍ ଏକକାଳୀନ ସହଜ ଓ ସୁବିଧାରେ ଯୋଗାଇ ଦିଆଯିବ। ସେ କହିଥିଲେ ଛତିଶଗଡରେ ଶିଳ୍ପ ସ୍ଥାପନ ହେଲେ ଆଗାମୀ ଦିନରେ ଛତିଶଗଡ ଶିଳ୍ପ ବହୁଳ ରାଜ୍ୟରେ ପରିଣତ ହେବ। ଅନ୍ୟପକ୍ଷରେ ପ୍ରାଇଡ୍ ହୋଟେଲ୍ସ ନିର୍ଦ୍ଦେଶକ ସତ୍ୟେନ ଜୈନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସାକ୍ଷାତ କରି ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ନିମନ୍ତ୍ରଣ ଜଣାଇଥିଲେ। ଶ୍ରୀ ଜୈନ କହିଥିଲେ ତାଙ୍କ ସଂସ୍ଥା ଅତିଥିମାନଙ୍କୁ ସମସ୍ତ ସେବା ଯୋଗାଇ ଦେଉଛି। ତେଣୁ ସେ ଏଠାରେ ଶିଳ୍ପ ସ୍ଥାପନ କଲେ କୌଣସି ଅସୁବିଧା ହେବନାହିଁ ବୋଲି କହିଥିଲେ।

# ବାଣିଜ୍ୟ

ନୂଆଦିଲ୍ଲୀ: ନ୍ୟାସନାଲ୍ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭିମ ସର୍ଭିସେସ ଲିମିଟେଡ (ଏନବିଏସଏଲ) ପକ୍ଷରୁ ଭିମ୍ ପେମେଂଟ ଆପରେ ପାର୍ସିଆଲ ଡେଲିଗେସନ (ଆଂଶିକ ଦାୟିତ୍ୱ ନ୍ୟସ୍ତ କରିବା) ସହ ୟୁପିଆଇ ସର୍କଲର ଶୁଭାରମ୍ଭ କରାଯାଇଛି। ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ବିଶ୍ୱସନୀୟ ବ୍ୟକ୍ତିଙ୍କୁ ୟୁପିଆଇ କାରବାର କ୍ଷମତା ପ୍ରଦାନ କରିବାରେ ଏହା ବ୍ୟବହାରକାରୀମାନଙ୍କୁ ସଶକ୍ତ କରିବ। ୟୁପିଆଇ ସର୍କଲରେ ପ୍ରାଥମିକ ବ୍ୟବହାରକାରୀ ନିଜ ଖାତାରେ ୟୁପିଆଇ କାରବାର ପରିଚାଳନା କରିବା ଲାଗି ପାଂଚ ଜଣ ମାଧ୍ୟମିକ ବ୍ୟବହାରକାରୀଙ୍କୁ ସ୍ୱୀକୃତି ଦେଇପାରିବେ। ଏନବିଏସଏଲର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଲଳିତା ନଟରାଜ କହିଛନ୍ତି ଯେ, 'ଭିମରେ ୟୁପିଆଇ ସର୍କଲ ଏକ ସୁବିଧାଠାରୁ ଯଥେଷ୍ଟ ଅଧିକ ।ଏହା ହେଉଛି ଅଧିକ ଅନ୍ତର୍ଭୁକ୍ତୀକରଣ ଓ କନେକ୍ଟେଡ ଆର୍ଥିକ ବ୍ୟବସ୍ଥା ଦିଗରେ ଏକ ପଦକ୍ଷେପ। ଅଧିକନ୍ତୁ, ୟୁପିଆଇ ଲିଙ୍କ ହୋଇଥିବା ବ୍ୟାଙ୍କ ଖାତା ନଥିବା ଲୋକମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିବା ପାଇଁ ୟୁପିଆଇ ସର୍କଲ ଉତ୍ସାହିତ କରିବ। ଏଥିରେବ ରିଷ୍ଠ ନାଗରିକଙ୍କ ପାଇଁ ସହାୟତା ରହିଛି ଯିଏ ନିଜ ସ୍ଥାନରେ ଅନ୍ୟକୁ ପେମେଂଟ ଦାୟିତ୍ୱ ନ୍ୟସ୍ତ କରିପାରିବେ।

## ତନିସ୍କ ପକ୍ଷରୁ ଆକର୍ଷଣୀୟ ବିବାହ ଗହଣା ସମ୍ଭାର 'ରିଭା ବାଏ'

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଅକ୍ଷୟ ତୃତୀୟାର ପବିତ୍ର ପର୍ବ ପାଖେଇ ଆସୁଥିବା ବେଳେ ତନିସ୍କର ସ୍ୱତନ୍ତ୍ର ବିବାହ ସବ୍ ବ୍ରାଣ୍ଡ୍ ରିଭା ଆଗାମୀ ଗ୍ରୀଷ୍ମକାଳୀନ ଭାରତୀୟ ବିବାହର ଭବ୍ୟତାକୁ ଏହାର ଉତ୍କୃଷ୍ଟ ବ୍ରାଇଡଲ୍ ଗହଣା ସହିତ ପାଳନ କରିବାକୁ ଯାଉଛି । ଭାରତର ବିବିଧ ବିବାହ ପରମ୍ପରାକୁ ଗଭୀର ଭାବରେ ବୁଝିବା ସହିତ, ରିଭା ବାଏ ତନିସ୍କ ବିଭିନ୍ନ ସମ୍ପ୍ରଦାୟର କନ୍ୟାମାନଙ୍କ ପାଇଁ ପ୍ରସ୍ତୁତ ଏକ ବିସ୍ତୃତ ଅଳଙ୍କାର ସମ୍ଭାର ପ୍ରଦାନ କରୁଛି ଯାହା ହଲ୍‌ଦୀ ଏବଂ ମେହେନ୍ଦି ସମାରୋହଠାରୁ ଆରମ୍ଭ କରି ସଙ୍ଗୀତ ଏବଂ ମୁଖ୍ୟ ବିବାହ ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ସମାରୋହ ପାଇଁ ଉପଯୁକ୍ତ ରହିଛି। ଭାରତର ବିବିଧ ସାଂସ୍କୃତିକ ଦୃଶ୍ୟକୁ ବୁଝି ରିଭା ବିଭିନ୍ନ ଅଂଚଳ ପାଇଁ ସୁହାଇବା ଭଳି ବ୍ରାଇଡଲ ଅଳଙ୍କାର ସଂଗ୍ରହ ପ୍ରଦାନ କରୁଛି ଯାହା ବିଭିନ୍ନ ସମ୍ପ୍ରଦାୟର କନ୍ୟାମାନଙ୍କୁ ସେବା



ପ୍ରଦାନ କରି ପ୍ରତ୍ୟେକ ବିବାହ ଉତ୍ସବ ପାଇଁ ଏକ ଉପଯୁକ୍ତ ଅଂଶ ସୁନିଶ୍ଚିତ କରୁଛି। ତନିସ୍କର ମୁଖ୍ୟ ମାର୍କେଟିଂ ଅଫିସର ପେଲ୍‌କି ସେରିଂ କହିଛନ୍ତି ଯେ, 'ଗ୍ରୀଷ୍ମକାଳୀନ ବିବାହ ଋତୁରେ ତନିସ୍କ ଦ୍ୱାରା ନିର୍ମିତ ରିଭା ଐତିହ୍ୟକୁ ଆଧୁନିକତା ସହ ମିଶାଇ ବ୍ରାଇଡଲ ଅଳଙ୍କାରର ବଢୁଥିବା ଚାହିଦାକୁ ପୂରଣ କରିବାରେ ଲାଗିଛି। ଅକ୍ଷୟ ତୃତୀୟା ଏହି ରୋମାଂଚକର ସମୟ ଆରମ୍ଭର ସଙ୍କେତ ଦେଉଥିବା ବେଳେ ଆମର ରିଭା ଗୋଲଡେନ୍ ଆଡଭାଣ୍ଟେଜ୍ ସ୍କିମ୍ ଏବଂ ଶ୍ରେଷ୍ଠ ସୁନା ଦର ଅଫର ଚଳିତ ବର୍ଷ ୨.୭ ଲକ୍ଷରୁ ଅଧିକ କ୍ରେତାଙ୍କୁ ସାହାଯ୍ୟ କରିଛି ।ପାର୍ବଣ ସପିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ତନିସ୍କ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ମୂଲ୍ୟ ନିର୍ଦ୍ଧାରଣ ଉପରେ ୨୦% ପର୍ଯ୍ୟନ୍ତ ରିହାତି ସହିତ ସୁନା କ୍ରୟ ଉପରେ ଗ୍ରାମ ପିଛା ୧୦୧ ଟଙ୍କା ରିହାତି ସହିତ ଏକ ଶକ୍ତିଶାଳୀ ମୂଲ୍ୟ ପ୍ରସ୍ତାବ ପ୍ରଦାନ କରୁଛି। ଗ୍ରାହକମାନେ ଆଗୁଆ ବୁକିଂ କରି ସୁନା ଦର ସୁରକ୍ଷାର ଲାଭ ଉଠାଇପାରିବେ ଏବଂ ମୂଲ୍ୟ ବୃଦ୍ଧିରୁ ରକ୍ଷା ପାଇପାରିବେ। ତନିସ୍କ କୌଣସି ଗହଣା ବ୍ୟବସାୟୀଙ୍କଠାରୁ ଅଣାଯାଇଥିବା ପୁରୁଣା ସୁନାର ଶତ ପ୍ରତିଶତ ବିନିମୟ ମୂଲ୍ୟ ପ୍ରତିଶ୍ରୁତି ଦେଇଛି ଯାହା ଚଳିତ ଋତୁରେ ବିଶ୍ୱାସ ଏବଂ ସ୍ମାର୍ଟ ସୁନା କ୍ରୟକୁ ସୁଦୃଢ଼ କରିବ। ତନିସ୍କ ନବବଧୂ ଏବଂ ସେମାନଙ୍କ ପରିବାରକୁ ରିଭାର ଅତୁଳନୀୟ କାରିଗରୀକୁ ପରିଭ୍ରମଣ କରିବାକୁ ନିମନ୍ତ୍ରଣ କରୁଛି।

## ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନକୁ ପିକେ ମିଶ୍ରଙ୍କ ପ୍ରଶଂସା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଆଇଆଇଏମ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ଆଇଜି ଡ୍ରୋନର ପ୍ରତିଷ୍ଠାତା ବୋଧିସତ୍ୱ ସଂଘପ୍ରିୟାଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର । ଓଡ଼ିଶାର ଏକ ମଧ୍ୟବିତ ପରିବାରରୁ ଆସୁଥିବା ବୋଧିସତ୍ୱ ସଂଘପ୍ରିୟା ବର୍ତ୍ତମାନ ଭାରତର ଅନ୍ୟତମ ଅଗ୍ରଣୀ ଡ୍ରୋନ ଟେକ କମ୍ପାନି ଆଇଜି ଡ୍ରୋନର ପ୍ରତିଷ୍ଠାତା ଯିଏକି ଦେଶର ଡ୍ରୋନ ପରିଦୃଶ୍ୟକୁ ଏକ ନୂଆ ରୂପ ଦେଇଛନ୍ତି । ତାଙ୍କ ଷ୍ଟାର୍ଟଅପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ପ୍ରତିଫଳିତ କରିବା ସହିତ ତୃଣମୂଳ ସ୍ତରର ଉଦ୍ଭାବନକୁ ଏକ ଦେଶବ୍ୟାପୀ ପ୍ରଭାବଶାଳୀ କାହାଣୀରେ ପରିଣତ କରିଛି । ଓଡ଼ିଶାର ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି (ଭିଏସଏସୟୁଟି)ର ଜଣେ ପୂର୍ବତନ ଇଞ୍ଜିନିୟରିଂ ଛାତ୍ର, ବୋଧିସତ୍ୱ ୨୦୧୭ରେ ଏସିଆର ପ୍ରଥମ ଛାତ୍ର ରକେଟ୍ରି ପ୍ରକଳ୍ପର ନେତୃତ୍ୱ ନେଇ ଶ୍ରୀ ମିଶ୍ରଙ୍କୁ ଭେଟିଥିଲେ। ତାଙ୍କର ଏହି ସାକ୍ଷାତ ଇସ୍ରୋ ସହିତ ଏକ ସହଭାଗୀତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇଥିଲା, ଯାହା ତାଙ୍କ ଉଦ୍ୟୋଗୀ ଯାତ୍ରା ପାଇଁ ପଥ ପ୍ରଶସ୍ତ କରିଥିଲା। ପ୍ରତିରକ୍ଷା, ଭିତିଭୂମି, କୃଷି ଏବଂ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରପାଇଁ ଏଆଇ ଚାଳିତ, ୫ଜି ସକ୍ଷମ ସମାଧାନ ପ୍ରଦାନ କରୁଥିବା ଏକ ଘରୋଇ ଡ୍ରୋନ୍ ଉଦ୍ୟୋଗ ଆଇଜି ଡ୍ରୋନ ପ୍ରତିଷ୍ଠା ପାଇଁ ବୋଧିସତ୍ୱ ଇନଫୋସିସର ଚାକିରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି କମ୍ପାନୀ ସରକାରୀ ଏଜେନ୍ସି, ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ କମ୍ପାନିମାନଙ୍କ ପାଇଁ ୫୦୦ରୁ ଅଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛି ଏବଂ ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଡ୍ରୋନ୍ ଇକୋସିଷ୍ଟମରେ ଏକ ପ୍ରମୁଖ ଖେଳାଳି ପାଲଟିଛି। ଏହାର ଡ୍ରୋନ ସେଂଟର ଅଫ ଏକ୍ସଲେନ୍ସ ମାଧ୍ୟମରେ ଆଇଜି ଡ୍ରୋନ ସମଗ୍ର ଭାରତରେ ୫୦,୦୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି । ଯାହା ଭାରତର ଡ୍ରୋନ୍ ନେତୃତ୍ୱାଧୀନ ଅଭିବୃଦ୍ଧି କାହାଣୀର ପରବର୍ତ୍ତୀ ପର୍ଯ୍ୟାୟକୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ ଏକ ଦକ୍ଷ ଶ୍ରମଶକ୍ତି ପ୍ରସ୍ତୁତ କରୁଛି। ଏହି ମାନ୍ୟତା ଓ ଯାତ୍ରା ସମ୍ପର୍କରେ ମତବ୍ୟକ୍ତ କରି ଆଇଜି ଡ୍ରୋନର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି ଯେ, 'ଆମର ମିଶନ ସର୍ବଦା ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନରୁ ଅନୁପ୍ରାଣିତ ହୋଇଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗ୍ରୀଷ୍ମ ସୁରକ୍ଷା ମାର୍ଗଦର୍ଶିକା ଜାରି

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ସମଗ୍ର ଦକ୍ଷିଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଖରା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସମ୍ଭାବ୍ୟ ବିଦ୍ୟୁତ ବିପଦରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏକ ବ୍ୟାପକ ଗ୍ରୀଷ୍ମ କାଳୀନ ସୁରକ୍ଷା ମାର୍ଗଦର୍ଶିକା ଜାରି



କରିଛି। ଦକ୍ଷିଣ ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳୁଛି। ତେଣୁ ଜନସାଧାରଣ ଏନେଇ ସତର୍କ ରହିବା, ସୁସ୍ଥ ଅଭ୍ୟାସ ଆପଣାଇବା ଏବଂ ସୁରକ୍ଷା ନିୟମାବଳୀ ପାଳନ କରିବା ଜରୁରୀ ହୋଇପଡିଛି । ଟିପିଏସ୍‌ଓଡିଏଲ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡିକ ମଧ୍ୟରେ ଅଛି -ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ। ବିଜୁଳି ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ କୁଇକ୍ ରେସପନ୍ସ ଟିମ୍ ନିୟୋଜିତ। ଟ୍ରାନ୍ସଫର୍ମର ଏବଂ ସବଷ୍ଟେସନଗୁଡ଼ିକର ନିୟମିତ ତଦାରଖ ଓ ରକ୍ଷଣାବେକ୍ଷଣ। ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି। ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିଦ୍ୟୁତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଶରୀରକୁ ଥଣ୍ଡା ରଖିବା ପାଇଁ ହାଲୁକା ଏବଂ ଢିଲା ପୋଷାକ ପରିଧାନ। ପଙ୍ଖା, ଶୀତତାପ ନିୟନ୍ତ୍ରକ, କୁଲର୍ ଇତ୍ୟାଦି ଉଚିତ ଢଙ୍ଗରେ ବ୍ୟବହାର କରିବା। ଓଭରଲୋଡ଼ିଂ ନହେବା ପାଇଁ ଆବଶ୍ୟକ ନଥିବା ସମୟରେ ବିଦ୍ୟୁତ ଉପକରଣକୁ ସ୍ୱିଚ୍ ଅଫ୍ କରିବା। ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ, ସବ ଷ୍ଟେସନ ଇତ୍ୟାଦି ବିଦ୍ୟୁତ ଭିତ୍ତିଭୂମିଠାରୁ ସୁରକ୍ଷିତ ଦୂରତା ଅବଲମ୍ବନ କରିବା। ଘରୁ ବାହାରକୁ ଯିବା ସମୟରେ ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ଟୋପି, ଛତା ଏବଂ ସନ୍ ଗ୍ଲାସ୍ ବ୍ୟବହାର କରିବା। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ସଠିକ୍ ସମୟରେ ସୂଚନା ଦେବା ସହ ସଚେତନତା ସୃଷ୍ଟି କରି ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ଉଦ୍ଦେଶ୍ୟ। ବର୍ଦ୍ଧିଷ୍ଣୁ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ସମସ୍ତେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ସମସ୍ତେ ସୁସ୍ଥ ରୁହନ୍ତୁ, ସତର୍କ ରୁହନ୍ତୁ ଏବଂ ଏଭଳି ସମୟରେ ପରସ୍ପର ସହଯୋଗ କରନ୍ତୁ। ପ୍ରତ୍ୟେକ ଉପଭୋକ୍ତାଙ୍କୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଛି।

## ଓଡ଼ିଶାରେ ଜିଓ ଏୟାର ଫାଇବରର ଅଧିକ ଗ୍ରାହକଙ୍କ ଅଂଶ ହାସଲ: ଟ୍ରାଇ

ନୂଆଦିଲ୍ଲୀ: ରିଲାଏନ୍ସ ଜିଓ ଓଡ଼ିଶାରେ ୫ଜି ଏଫଡବ୍ଲୁଏ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ସର୍ବାଧିକ ପସନ୍ଦର ସେବା ପ୍ରଦାନକାରୀ ଭାବରେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଜିଓର ୫ଜି ଏଫଡବ୍ଲୁଏ ସେବା ଜିଓ ଏୟାରଫାଇବର ଏହି କ୍ଷେତ୍ରରେ ରାଜ୍ୟରେ ୮୭% ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଚଳିତ ସପ୍ତାହରେ ଭାରତୀୟ




୮୪% ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୩୧ ଜାନୁଆରୀ, ୨୦୨୫ ସୁଦ୍ଧା, ଦେଶରେ ଜିଓର ୪୮ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲୁଏ ବା ଜିଓ ଏୟାରଫାଇବର ଗ୍ରାହକ ରହିଥିବା ବେଳେ ଏହା ପଛକୁ ଏୟାରଟେଲର ଦେଶରେ ପ୍ରାୟ ୮ ଲକ୍ଷ ୫ଜି ଏଫଡବ୍ଲୁଏ ଗ୍ରାହକ ରହିଥିଲେ।

ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ପ୍ରଥମ ଥର ପାଇଁ ଟ୍ରାଇ ପୃଥକ ଭାବରେ ୫ଜି ଏଫଡବ୍ଲୁଏ ବା ଏୟାର ଫାଇବର ଗ୍ରାହକ ସଂଖ୍ୟା ପ୍ରକାଶ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୩୧ ଜାନୁୟାରୀ, ୨୦୨୫ ସୁଦ୍ଧା ରିଲାଏନ୍ସ ଜିଓର ୫ଜି ଏଫଡବ୍ଲୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ୧.୩ ଲକ୍ଷରୁ ଅଧିକ ଏୟାର ଫାଇବର ଗ୍ରାହକ ସହିତ ବେଶ ଆଗରେ ରହିଥିବା ବେଳେ ଏହା ପଛକୁ ଭାରତୀ ଏୟାରଟେଲ ୧୮୦୦୦ ଗ୍ରାହକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତଥ୍ୟ ଅନୁଯାୟୀ, ଜାନୁୟାରୀ ୨୦୨୫ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୫ଜି ଏଫଡବ୍ଲୁଏ ବା ଏୟାରଫାଇବର ଗ୍ରାହକ ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ୫ଜି ଏଫଡବ୍ଲୁଏ ବା ଏୟାରଫାଇବର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଏବଂ ଜିଓ ଏୟାରଫାଇବର ଦେଶରେ ଏହି କ୍ଷେତ୍ରରେ ବ୍ରଡ଼ବ୍ୟାଣ୍ଡ ସଂଯୋଗର ଅଭାବ ଜନିତ ସମସ୍ୟାକୁ ଦୂର କରି ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରନ ସହିତ ସଂଯୁକ୍ତ କରଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୧ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱ ସ୍ତରୀୟ ସର୍ବାଧୁନିକ ଗୃହ ମନୋରନ ବା ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଓଡ଼ିଶାରେ, ଜିଓ ଜାନୁୟାରୀ ମାସରେ ସର୍ବାଧିକ ପ୍ରାୟ ୫୦୦୦୦ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିବା ସହିତ ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟରେ ଜିଓ ନେଟୱର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୧.୫୭ କୋଟି ଅତିକ୍ରମ କରିଛି।

## ସନ୍ କିଙ୍ଗ୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ ରାଜକୁମାର ରାଓ

ନୂଆଦିଲ୍ଲୀ: ବିଶ୍ୱର ଅଗ୍ରଣୀ ସୋଲାର ଏନର୍ଜି ଓ ଶକ୍ତି ଦକ୍ଷ ଇଲେକ୍ଟ୍ରିକାଲ ଉତ୍ପାଦ କମ୍ପାନୀ ସନ କିଙ୍ଗ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ ଅଭିନେତା ରାଜ କୁମାର ରାଓଙ୍କୁ ଚୟନ କରିଛି । ସନ କିଙ୍ଗ ସୌର ଚାଳିତ ଏବଂ ଶକ୍ତି - ଦକ୍ଷ ବୈଦ୍ୟୁତିକ ଉତ୍ପାଦ - ଯାହା ସମଗ୍ର ଭାରତରେ ଲକ୍ଷ




ଲକ୍ଷ ଲୋକଙ୍କ ଦ୍ୱାରା ବ୍ୟବହୃତ ହୁଏ - ଭରସାଯୋଗ୍ୟ ବିଜୁଳିର ଅଭାବ ଥିବା ଘରେ ଆଲୋକ, ଶକ୍ତି ଏବଂ ଆରାମ ଆଣିଥାଏ । ରାଜକୁମାର ରାଓଙ୍କୁ ନେଇ ଏହି ବ୍ରାଣ୍ଡ ଅଧିକ ରୁ ଅଧିକ ଲୋକଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛି ଯେଉଁମାନେ ଅଧିକ ଖର୍ଚ୍ଚ କିମ୍ବା ସ୍ମାର୍ଟ, ଶସ୍ତା, ପରିବେଶ ଅନୁକୂଳ ଉପକରଣ ବିନା ଭରସାଯୋଗ୍ୟ ଶକ୍ତି ଚାହୁଁଛନ୍ତି । ରାଜ କୁମାର ରାଓ କହିଛନ୍ତି ଯେ, 'ମୁଁ ସବୁବେଳେ ଏଭଳି ପରିବର୍ତ୍ତନରେ ବିଶ୍ୱାସ କରେ ଯାହା ଲୋକଙ୍କ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିଥାଏ । ସନ କିଙ୍ଗ ଏସିଆ ମାର୍କେଟିଂ ମୁଖ୍ୟ ସୁରଭି ଶର୍ମା କହିଛନ୍ତି ଯେ, 'ରାଜକୁମାର ରାଓ ଆମେ କରୁଥିବା ସମାନ ଜିନିଷ - ବାସ୍ତବ ଦୁନିଆର ପ୍ରଭାବ, ବିଶ୍ୱାସ ଏବଂ ଉପଲବ୍ଧତା ପାଇଁ ଠିଆ ହୋଇଛନ୍ତି । ଆମେ ସମସ୍ତେ ମିଶି ଏପରି କାହାଣୀ କହିବୁ ଯାହା ସମଗ୍ର ଭାରତରେ ପରିବାରର ଆଶା ଏବଂ ବାସ୍ତବତାକୁ ପ୍ରତିଫଳିତ କରେ ଏବଂ ଦେଖାଇବୁ ଯେ ସ୍ଥାୟୀ ଶକ୍ତି ସମସ୍ତଙ୍କ ପାଇଁ ଅଟେ।' ସନ କିଙ୍ଗର ଏସିଆ ଓ ଲାଟିନ ଆମେରିକାର ଜେନେରାଲ ମ୍ୟାନେଜର ସାହିଲ ଖାନ୍ନା କହିଛନ୍ତି, 'ବଲିଉଡ ସାରା ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ ଏବଂ ରାଜ କୁମାର ରାଓ ବାସ୍ତବ, ମାନବିକ କାହାଣୀ ସହିତ ତାଙ୍କର ଆନ୍ତରିକତା ଏବଂ ସଂପର୍କ ପାଇଁ ଜଣାଶୁଣା।

## ୧୨% ସେଫ୍‌ଗାର୍ଡ ଡ୍ୟୁଟି ଲାଗୁ ଏକ ଐତିହାସିକ ପଦକ୍ଷେପ : ନବୀନ ଜିନ୍ଦଲ

ନୂଆଦିଲ୍ଲୀ: ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛନ୍ତି, ଯାହା ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ । ଏହି ପଦକ୍ଷେପ ଚୀନ୍, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ। ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରେମେଡିଜ୍ ଦ୍ୱାରା କରାଯାଇଥିବା ଏକ ତଦନ୍ତରୁ ଜଣାପଡିଛି ଯେ ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁଁ ଘରୋଇ ଶିଳ୍ପର 'ଗମ୍ଭୀର କ୍ଷତି' ହେଉଛି । ଏହା ଉଲ୍ଲେଖନୀୟ ଯେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିଶ୍ଡ ଇସ୍ପାତର ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ ମସିହାରେ ଏହି ଆମଦାନୀ ନଅ ବର୍ଷର ସର୍ବୋଚ୍ଚ ସ୍ତର ୯.୫ ନିୟୁତ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି। ସେ କହିଛନ୍ତି ଯେ 'ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା ।



ରାଉରକେଲା (ଭାସ୍କର ନ୍ୟୁଜ୍) : ଫୁଟବଲ କ୍ରୀଡ଼ା ଜଗତରେ ପୁଣିଥରେ ଚମକିଛି ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ(ଆରଏସ୍ଏ)। ଏଠାରେ ପ୍ରଶିକ୍ଷଣ ନେଉଥିବା ତିନିଜଣ ଖେଳାଳି ୨୦ ବର୍ଷରୁ କମ୍ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଏହି ତିନି ଖେଳାଳି ହେଉଛନ୍ତି ରକି ମାଝୀ, ରୋହିତ କିସାନ ଓ ସୁର ସିଂ ପୂର୍ତ୍ତି। ସଂପ୍ରତି ଓଡ଼ିଶା ଦଳ ଛତିଶଗଡ଼ର ନାରାୟଣପୁରଠାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନ ଆୟୋଜିତ ବିବେକାନନ୍ଦ ଟ୍ରଫିରେ ଭାଗନେଇଛି। ଉଲ୍ଲେଖଯୋଗ୍ୟ, ରକି ଓ ରୋହିତ ସୁନ୍ଦରଗଡ଼ ଜିଲ୍ଲାର ବାସିନ୍ଦା ହୋଇଥିବାବେଳେ ସୁର ସିଂ ପୂର୍ତ୍ତି ହେଉଛନ୍ତି ଯାଜପୁର ଜିଲ୍ଲାର ମୂଳ ବାସିନ୍ଦା। ଏମାନେ ଆରଏସ୍ଏର ମୁଖ୍ୟ ପ୍ରଶିକ୍ଷକ ଆବୁଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଏହି ଖେଳାଳିମାନେ ଗତ ଦୁଇବର୍ଷ ହେଲା ଆରଏସ୍ଏର ଫୁଟବଲ ଦଳ 'ରାଉରକେଲା ରେଡ୍'ର ପ୍ରତିନିଧିତ୍ୱ କରି ରାଜ୍ୟ ତଥା ସର୍ବଭାରତୀୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଆସୁଛନ୍ତି। ଏହି ସଫଳତା ପାଇଁ ସଂଗଠନର ସଭାପତି ମିହିର ରାୟ, ସାଧାରଣ ସମ୍ପାଦକ ସୁବାଷ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଖେଳରେ ସଫଳତା ପାଇଁ ତାଙ୍କ ବାପା-ମା ଓ ଗ୍ରାମବାସୀମାନେ ଠାକୁରଙ୍କ ନିକଟରେ ଶୁଭକାମନା ଜଣାଇଛନ୍ତି।

୪୧ତମ ମ୍ୟାଚ୍ | ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ

# ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍‌ରେ ବିଜୟୀ



ହାଇଦ୍ରାବାଦ : ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ବୁଧବାର ସନରାଇଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ମଧ୍ୟରେ ଆଇପିଏଲ୍‌ର ୪୧ତମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟରେ ବିଜୟୀ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୩ ରନ କରିଥିଲା । ହାଇଦ୍ରାବାଦ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ ହରାଇ ସଂକଟରେ ପଡ଼ିଥିଲା । ଏପରିକି ଦଳ ୩୫ ରନରେ ୫ଟି ୱିକେଟ୍ ହରାଇଥିଲା। ତାରକା ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ୍ ଖାତା ଖୋଲିପାରିନଥିଲେ । ତେବେ ହେନେରିକ କ୍ଲାସେନ ମୁମ୍ବାଇ ବୋଲରଙ୍କ ମୁକାବିଲା ଜାରିରଖି ମାତ୍ର ୪୪ ବଲରେ ୭୧ ରନ କରିଥିଲେ । ସେହିପରି ଅଭିନବ ମନୋହର ୪୩ ରନ କରିଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ମାତ୍ର ୧ ରନ କରିଥିଲେ । ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲଟ୍ ୪ଟି ୱିକେଟ ନେଇଥିବାବେଳେ ଦିପକ ଚହର ୨ଟି ୱିକେଟ ନେଇଥିଲେ। ୧୪୪ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ମୁମ୍ବାଇ ୧୫.୪ ଓଭରରେ ୩ୱିକେଟ ହରାଇ ୧୪୬ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ମୁମ୍ବାଇ ପକ୍ଷରୁ ୱିକେଟକିପର ରିଆନ୍ ରିକ୍ଲେଟନ ଓ ରୋହିତ ଶର୍ମା ପାଳି ଆରମ୍ଭ କରିଥିଲେ। ଦୁହେଁ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିଲେ। କିନ୍ତୁ ୧୧ରନ୍ କରି ରିଆନ୍ ରିକ୍ଲେଟନ ଆଉଟ ହୋଇଯାଇଥିଲେ। ସେହିପରି ହିଟ୍ ମ୍ୟାନ୍ ରୋହିତ ଶର୍ମା ୪୦ଟି ବଲ୍ ଖେଳି ସର୍ବାଧିକ ୭୦ରନ୍ କରିଥିଲେ। ଏଥିରେ ୩ଛକା ଓ ୮ଚୌକା ସାମିଲ ଥିଲା। ଅନ୍ୟପକ୍ଷରେ ୱିଲ୍ ଜାକ୍ସ ୨୨ ରନ୍ କରିଥିବା ବେଳେ ରୋହିତ ଶର୍ମା ଓ ତିଳକ ବର୍ମା ଶେଷ ପର୍ଯ୍ୟନ୍ତ ରହି ମ୍ୟାଚ୍ ଜିତାଇଥିଲେ। ସୂର୍ଯ୍ୟକୁମାର ୧୯ଟି ବଲ ଖେଳି ୪୦ ରନ୍ କରିଥିଲେ। ଏଥିରେ ୨ଛକା ଓ ୫ଚୌକା ସାମିଲ ଥିଲା। ତିଳକ ବର୍ମା ୨ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନ୍‌ଦାକଟ୍, ହର୍ଷଲ ପଟେଲ, ଇଷାନ ମାଲିଙ୍ଗା ଓ ଜିସାନ ଆନ୍‌ସରୀ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ପହଲଗାମ ଆତଙ୍କୀ ଆକ୍ରମଣ ଘଟଣା


# ପାକିସ୍ତାନ ସହ କ୍ରିକେଟ ମ୍ୟାଚ ବନ୍ଦ କରିବାକୁ ବିସିସିଆଇ ନିକଟରେ ଦାବି



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପୂରା ଦେଶ ସ୍ତବ୍ଧ। ପାକିସ୍ତାନ ସ୍ଥିତ ଲସ୍କର ଏ ତୋଇବାର ଆତଙ୍କୀ ଗୋଷ୍ଠୀ 'ଦ ରେଜିଷ୍ଟାନ୍ସ ଫୋର୍ସ'(ଟିଆରଏଫ) ନିଜକୁ ଦାୟୀ କରିଛି। କ୍ରିକେଟ୍ ଜଗତ ମଧ୍ୟ ଏହି ଘଟଣାକୁ ନେଇ କ୍ଷୁବ୍ଧ। ସବୁ ମହଲରେ ପାକିସ୍ତାନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହା ମଧ୍ୟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ ପାକିସ୍ତାନକୁ ନେଇ ନିଜର କଡ଼ା ଆଭିମୁଖ୍ୟ ଦେଖାଇଛି। କ୍ରିକେଟ ମ୍ୟାଚ ବନ୍ଦ କରିବାକୁ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ନିକଟରେ ପୂର୍ବତନ କ୍ରିକେଟର ଶ୍ରୀବସ୍ତ ଗୋସ୍ୱାମୀ ଏହି ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଗୋସ୍ୱାମୀ ଏକ ପୋଷ୍ଟ କରି କ୍ରୀଡ଼ା ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହିବା ଉଚିତ ବୋଲି ଯେଉଁମାନେ କହୁଥିଲେ ସେମାନଙ୍କୁ ଗାଳି କରିଛନ୍ତି। ୨୦୨୫ ଚମ୍ପିଅନ୍ସ ଟ୍ରଫି ଖେଳିବାକୁ ଭାରତ ପାକିସ୍ତାନ ଯିବ ନାହିଁ ବୋଲି କହିବା ପରେ ବହୁ ପାକିସ୍ତାନୀ ଭାରତକୁ ନିନ୍ଦା କରି କ୍ରୀଡ଼ା ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହିବା ଦରକାର ବୋଲି ମତ ଦେଇଥିଲେ। ଏବେ ଗୋସ୍ୱାମୀ ସେମାନଙ୍କୁ ଟାର୍ଗେଟ କରିଛନ୍ତି। ଏପରି କି ପାକିସ୍ତାନର ଜାତୀୟ କ୍ରୀଡ଼ା ସାଧାରଣ ନାଗରିକଙ୍କ ହତ୍ୟା କରୁଛି ବୋଲି ସେ କହିବାକୁ ପଛାଇ ନାହାନ୍ତି। ଏହାର ଉଚିତ ଜବାବ ଦେବାର ସମୟ ଆସିଛି ବୋଲି ସେ କହିଛନ୍ତି। ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ଏହି ଆତଙ୍କବାଦୀ ଘଟଣା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ପୀଡ଼ିତାଙ୍କ ସହ ଅଛୁ ଏବଂ ଏହି ଘଟଣାର ତୀବ୍ର ନିନ୍ଦା କରୁଛୁ। ଭାରତ ଓ ପାକିସ୍ତାନ ଶେଷ ଥର ଦ୍ୱିପାକ୍ଷିକ ସିରିଜ୍ ୨୦୧୨-୧୩ରେ ଖେଳିଥିଲେ। ସେହି ସମୟରେ ପାକିସ୍ତାନ ଭାରତ ଗସ୍ତରେ ଆସିଥିଲା। ସେହି ସମୟରେ ୨ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳା ଯାଇଥିଲା। ଅନ୍ୟପଟେ ଭାରତ ପାକିସ୍ତାନ ମାଟିରେ ଶେଷ ଥର ୨୦୦୭ରେ ଟେଷ୍ଟ ସିରିଜ୍ ଖେଳିଥିଲା। ଅନ୍ୟପଟେ ପାକିସ୍ତାନ ୨୦୨୩ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଆସିଥିଲା। ଭାରତୀୟ ଦଳ ନିକଟରେ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରି ଦେଇଥିଲା। ଏହି କାରଣରୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରିଥିଲା। ଦୁବାଇକୁ ନିରପେକ୍ଷ ସ୍ଥାନ ଭାବେ ଚୟନ କରାଯାଇଥିଲା।

## ଆଇପିଏଲ୍‌ରେ କେ ଏଲ୍ ରାହୁଲଙ୍କ ଐତିହାସିକ ରେକର୍ଡ

ନୂଆଦିଲ୍ଲୀ: କେଏଲ ରାହୁଲ ଆଇପିଏଲ ଇତିହାସରେ ଦ୍ରୁତତମ ୫,୦୦୦ ରନ ପୂରଣ କରିଥିବା ଖେଳାଳି ହୋଇଛନ୍ତି। ସେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ସେ ୫୭ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଏହି କ୍ଷେତ୍ରରେ ସେ ଡେଭିଡ ୱାର୍ନରଙ୍କୁ ପଛରେ ପକାଇ ଦେଇଛନ୍ତି। ୱାର୍ନର ୧୩୫ ଇନିଂସରେ ୫ ହଜାର ରନ ପୂରଣ କରିଥିଲେ। ରାହୁଲ ୧୩୦ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ପୂର୍ବରୁ,



କେଏଲ ରାହୁଲ ୧୨୯ ଇନିଂସରେ ୪,୯୪୯ ରନ କରିଥିଲେ। ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ୫୧ ରନ କରି ସେ ଆଇପିଏଲ୍‌ରେ ୫ ହଜାର ରନ ଛୁଇଁଛନ୍ତି। ସେ ଏବେ ତାଙ୍କର ୧୩୯ ମ୍ୟାଚ ବିଶିଷ୍ଟ ଆଇପିଏଲ କ୍ୟାରିୟରରେ ୫,୦୦୬ ରନ କରିଛନ୍ତି। ଏଥିରେ ୪ଟି ଅର୍ଦ୍ଧଶତକ ଏବଂ ୪୦ଟି ଅର୍ଦ୍ଧଶତକ ସାମିଲ ଅଛି। ଆଇପିଏଲରେ, କେଏଲ ରାହୁଲ ୧୩୦ ଇନିଂସରେ ଦ୍ରୁତ ୫ ହଜାର ରନ ପୂରଣ କରିଛନ୍ତି। ଏହି ତାଲିକାରେ ଡେଭିଡ ୱାର୍ନର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିରାଟ କୋହଲି ୧୫୭ ଇନିଂସରେ ଏହି ସଫଳତା ହାସଲ କରି ତୃତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଏବି ଡିଭିଲିୟର୍ସ ଏବଂ ଶିଖର ଧାୱନଙ୍କ ନାମ ମଧ୍ୟ ସାମିଲ ଅଛି। କେଏଲ ରାହୁଲ ୧୩୦ ଇନିଂସ, ଡେଭିଡ ୱାର୍ଣ୍ଣର ୧୩୫ ଇନିଂସ, ବିରାଟ କୋହଲି ୧୫୭ ଇନିଂସ, ଏବି ଡିଭିଲିୟର୍ସ ୧୬୧ ଇନିଂସ, ଶିଖର ଧାୱନ ୧୬୮ ଇନିଂସ। କେଏଲ ରାହୁଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପ୍ରଥମ ୨ଟି ମ୍ୟାଚ ଖେଳିନ ଥିଲେ। ୨ଟି ମ୍ୟାଚ ନ ଖେଳିବା ସତ୍ତ୍ୱେ, ସେ ଅରେଞ୍ଜ କ୍ୟାପ ଦୌଡ଼ରେ ରହିଛନ୍ତି। ରାହୁଲ ଏପର୍ଯ୍ୟନ୍ତ ୭ଟି ଇନିଂସରେ ୬୪.୬ ହାରରେ ୩୨୩ ରନ କରିଛନ୍ତି ଏବଂ ଅରେଞ୍ଜ କ୍ୟାପ ଦୌଡ଼ରେ ସପ୍ତମ ସ୍ଥାନରେ ଅଛନ୍ତି। ସେ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ରନ ସ୍କୋରର ମଧ୍ୟ।

# ଏମ୍‌ସିଏଲ୍ ଅନ୍ତଃ କ୍ଷେତ୍ରୀୟ ଚେସ୍ ପ୍ରତିଯୋଗିତା



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ମହାନଦୀ କୋଇଲା ଖଣି ଇବ ଭ୍ୟାଲି ଜିଏମ କମ୍ପ୍ଲେକ୍ସ ସ୍ଥିତ ରିଲାକ୍ସ ଇନ ଠାରେ ଦୁଇଦିନ ଧରି ଚାଲିଥିବା ଏମସିଏଲ ଅନ୍ତଃ କ୍ଷେତ୍ରୀୟ ଚେସ ପ୍ରତିଯୋଗିତା ଗତକାଲି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଏମସିଏଲ ମହାପ୍ରବନ୍ଧକ (କଲ୍ୟାଣ) ସନ୍ଦୀପ କୁମାର ଶାହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଇବ ଭ୍ୟାଲି ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ, ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ପ୍ରକାଶ ସିଂହ, ଗୋବିନ୍ଦ ସିଂହ, ଅନିତ ଚକ୍ରବର୍ତ୍ତୀ, ଇବ କୋଲଫିଲଡ୍ସ ସିଷ୍ଟା ସଭାପତି ଅକାଲୁ ରାମ, ସିଏମଓଏଆଇ ସମ୍ପାଦକ ଚନ୍ଦ୍ରକାନ୍ତ ଶ୍ରୀବାସ୍ତବ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଇବ ଭ୍ୟାଲି କ୍ଷେତ୍ର ବିଜୟ ହୋଇଥିବା ବେଳେ ଇବ ଭ୍ୟାଲି (ସିଡବ୍ଲୁଏସ) ପ୍ରଥମ ରନର ଅପ ଓ ଓରିଏଣ୍ଟ କ୍ଷେତ୍ର ଦ୍ୱିତୀୟ ରନର ଅପ ହୋଇଥିଲା। ସେହିପରି ବ୍ୟକ୍ତିଗତ ଚମ୍ପିୟାନ ଭାବେ ଶ୍ରୀମାନ ଶ୍ରିତମ ବିରତିଆ ପ୍ରଥମ ସ୍ଥାନ, ବିଶ୍ୱରଞ୍ଜନ ବେହେରା ଦ୍ୱିତୀୟ ସ୍ଥାନ, ବିନୟ ଚନ୍ଦ୍ର ଜେନା ତୃତୀୟ ସ୍ଥାନ, ପ୍ରସନ୍ନ କୁମାର ନାୟକ ଚତୁର୍ଥ ସ୍ଥାନ, ଜୟଦେବ ପଟେଲ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଅତିଥିଗଣ ବିଜେତା, ଉପ ବିଜେତା ଓ ବ୍ୟକ୍ତିଗତ ଚମ୍ପିୟାନ ମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅର୍ବିଟର ଜ୍ୟୋତିଶଙ୍କର ନନ୍ଦ, ଉପ ମୁଖ୍ୟ ଅର୍ବିଟର ପ୍ରକାଶ କୁମାର ସାହୁ, ଉପ ଅର୍ବିଟର ସ୍ୱରୂପମୟୀ ଦାସ ଖେଳ ପରିଚାଳନା କରିଥିଲେ। କ୍ରିଷ୍ଣା ଦେ ଓ ମୌସୁମୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଷ୍ଟାଫ ଅଫିସର ମାଇନିଂ ରାଜେଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଇବ ଭ୍ୟାଲି କ୍ଷେତ୍ର କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ ବଂଶୀ କ୍ରିଷ୍ଣା, କାର୍ମିକ ପ୍ରବନ୍ଧକ ଅଶୋକ କୁମାର ପଣ୍ଡା, ମହେଶ୍ୱର ଗୌଡ଼, ଜେ. ସନମୁଖ, କମ୍ପାଉଣ୍ଡର ବେହେରା, ପ୍ରଦୀପ କୁମାର ନାୟକ, ସମୀର ରଞ୍ଜନ ବାରିକ, ଦିନେଶ ଦାସ, ସଚିନ ଯାଦବ, ରୋମାଞ୍ଚ ପଟେଲ, ସୁବାଷ ପ୍ରଧାନ, ରବି ରୋହିଦାସ, ରଞ୍ଜନ ନାୟକ, ଅଜିତ ପାଢ଼ୀ, ବିଶ୍ୱନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନୀରଜଙ୍କ ଅନୁରୋଧକୁ ପ୍ରତ୍ୟାଖାନ କଲେ ପାକିସ୍ତାନ ଖେଳାଳି



ନୂଆଦିଲ୍ଲୀ: ବେଙ୍ଗାଲୁରର କାନ୍ତିରାୱା ଷ୍ଟାଡିୟମରେ ମେ ୨୪ରେ କ୍ଲାସିକ ଜାଭେଲିନ ଥ୍ରୋ ପ୍ରତିଯୋଗିତା ଆୟୋଜିତ ହେବ । ୨ ଥର ଅଲିମ୍ପିକ ପଦକ ବିଜେତା ଭାରତର ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ପାକିସ୍ତାନର ଅର୍ଶାଦ ନଦୀମଙ୍କୁ ଏଥିପାଇଁ ଆମନ୍ତ୍ରଣ କରିଥିଲେ। ଅର୍ଶାଦ ଏଥର ଅଲିମ୍ପିକ୍ସରେ ନୀରଜଙ୍କୁ ପଛରେ ପକାଇ ଚାମ୍ପିୟନ ହୋଇଥିଲେ। ରିପୋର୍ଟ ମୁତାବକ ନଦୀମ ଭାରତ ଆସିବା ପାଇଁ ମନା କରି ଦେଇଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣା ଏହାର କାରଣ ଭାବେ ବିବେଚନା କରାଯାଉଛି। ଏପ୍ରିଲ ୨୨ରେ ଜମ୍ମୁ-କାଶ୍ମୀରରେ ହୋଇଥିବା ନାରକୀୟ କାଣ୍ଡରେ ୨୭ ଲୋକଙ୍କ ଜୀବନ ଚାଲି ଯାଇଛି । ଏଥିରେ ୨ ବିଦେଶୀ ନାଗରିକ ମଧ୍ୟ ସାମିଲ। ପୂର୍ବରୁ ନୀରଜଙ୍କୁ ଆମନ୍ତ୍ରଣ ନେଇ ନଦୀମ ଧନ୍ୟବାଦ ଜଣାଇଥିଲେ। ଏବେ ମୁଁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଭାରତ ଯାଇପାରିବି ନାହିଁ ବୋଲି ସେ କହିଛନ୍ତି। ସେ ଏବେ ମେ ୨୭ରୁ ଦକ୍ଷିଣ କୋରିଆରେ ହେବାକୁ ଥିବା ଏସୀୟ ଆଥଲେଟିକ୍ସ ଚାମ୍ପିୟନଶିପ ପାଇଁ ପ୍ରସ୍ତୁତି କରୁଛନ୍ତି।

## ପହଲଗାମ ଆତଙ୍କୀ ହମଲାକୁ ନେଇ ବିରାଟ-ଅନୁଷ୍କାଙ୍କ ପ୍ରତିକ୍ରିୟା



ନୂଆଦିଲ୍ଲୀ: ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାରେ ଭାରତୀୟ କ୍ରିକେଟର ବିରାଟ କୋହଲି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପ୍ରୋଫାଇଲ୍‌ରେ ଏକ ଷ୍ଟୋରୀ ସେୟାର କରିଛନ୍ତି। ଏହି ପୋଷ୍ଟରେ ସେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି 'ଘୃଣ୍ୟ' ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ପୀଡିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଏହି ହିଂସାତ୍ମକ ଆକ୍ରମଣ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଶାନ୍ତି ଏବଂ ଶକ୍ତି ମିଳୁ, ଏବଂ ଏହି ନୃଶଂସ ଆକ୍ରମଣ ପାଇଁ ନ୍ୟାୟ ମିଳୁ। ଏହି ସମୟରେ, ଅନୁଷ୍କା ଶର୍ମା ଲେଖିଛନ୍ତି- କାଶ୍ମୀରର ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି ଆତଙ୍କୀ ହମଲାରେ ମୁଁ ଗଭୀର ଭାବେ ଦୁଃଖିତ। ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଏବଂ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରୁଛି। ଅନ୍ୟ ପଟେ ଦୁଇ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ଏବଂ ପିଭି ସିନ୍ଧୁଙ୍କ ସମେତ କ୍ରୀଡା ଜଗତ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଶୋକ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି। ସିନ୍ଧୁ ଏକ ଭାବପ୍ରବଣ ପୋଷ୍ଟରେ ମଧ୍ୟ ଲେଖିଛନ୍ତି, 'ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ପାଇଁ ମୋର ହୃଦୟ ଦୁଃଖିତ।' ସାଇନା ନେହୱାଲ ଲେଖିଛନ୍ତି, 'ପହଲଗାମ ଆତଙ୍କବାଦୀ ଆକ୍ରମଣ ଆମେ ସମସ୍ତଙ୍କୁ ଦୁଃଖିତ କରାଉଛି।' ଶୁଭମାନ ଗିଲ, ଗୌତମ ଗମ୍ଭୀର, ପାର୍ଥିବ ପଟେଲ, ଆକାଶ ଚୋପ୍ରା, ମନୋଜ ତିୱାରୀ, ଯୁବରାଜ ସିଂ, ଇଶାନ୍ତ ଶର୍ମା, ଇରଫାନ ପଠାନ, ସୁରେଶ ରାଇନାଙ୍କ ଭଳି କ୍ରିକେଟର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କହିଛନ୍ତି ଯେ ଏହି ଆକ୍ରମଣ ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ନିଶ୍ଚିତ ଭାବରେ ଦଣ୍ଡ ଦିଆଯିବ।

## ୫ ମହିଳା ଚେସ୍ ଖେଳାଳିଙ୍କୁ ମିଳିବ ୧କୋଟି ଅନୁଦାନ

ହାଇଦ୍ରାବାଦ : ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି। ୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଢି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲୁଆଏଇଏମ୍ ସାହିଥି ଭାର୍ଷିନୀ।

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department,
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail— eercdapfsdran-jhr@nic.in
**e-Procurement very Short Notic**
2nd call
e-Tender Reference No .-RCD/FSD /AP/ RAN/02/25-26 Dated 22.04.2025

| | | |
|---|---|---|
| 1- | Name of Work | Consultancy Services for exploration of Feasibility Report cum Preparation of Detailed Project Report for construction of Vehicle Underpass near Loyabadh-Hatia more of Karkendra -Katras road including approaches, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal if any with clearance of all stages etc as required, at Dhanbad in the state of Jharkhand. __from Consultants empanelled in Category -II with the Road Construction Department, Government of Jharkhand vide letter no-3063(S) W.E dated 22-08-2022 are allowed to bid. |
| 2- | Work completion time | 30 Days |
| 3- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 40,000/- (Rupees Forty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 4- | Date and Time of Publishing of Tender on official website | 25.04.2025, 05.00 PM |
| 5- | Last date and Time of submission of Tender (With Tender Fee and EMD) | 05.05.2025, 12.30 PM |
| 6- | Date and Timing of Bid opening | 06.05.2025, 12.30 PM |
| 7- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 8- | Mode of Bid Submission | e-Tendering (http://jharkhandtenders.gov.in) |
| 9- | PR No | 349563 Road (24-25) |

For further information please go through the website http://jharkhandtenders.gov.in
Executive Engineer
Field Survey Division,A.P
Road Construction Department,Ranchi
PR 350908 Road(25-26)D

**ଭାରତ ସରକାର**
**ଭାବା ପରମାଣୁ ଗବେଷଣା କେନ୍ଦ୍ର**
**ବିଜ୍ଞାପନ ସଂଖ୍ୟା ୦୨/୨୦୨୫ (ଆର-ଭି)**

**ସଂକ୍ଷିପ୍ତ ସୂଚନା**

**ହୋମି ଭାବା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ (ଏଚ୍‌ବିଏନ୍‌ଆଇ)ର ତତ୍ତ୍ୱାବଧାନରେ ପରିଚାଳିତ ବିଏଆର୍‌ସି ଡିମ୍‌ଡ ଟୁ ବି ୟୁନିଭର୍ସିଟି ନିମ୍ନଲିଖିତ ତାଲିମ ପାଠ୍ୟକ୍ରମ ପାଇଁ ଆବେଦନ ଆମନ୍ତ୍ରଣ କରୁଛି।**

**ରେଡିଓଲୋଜିକାଲ୍ ଫିଜିକ୍ସରେ ଏକ ବର୍ଷିଆ ଏମ୍.ଏସ୍.ସି ଡିପ୍ଲୋମା (ଡିଆଇପି.ଆର.ପି.)**

| | |
|---|---|
| ପାଠ୍ୟକ୍ରମର ଅବଧି | ୧ ବର୍ଷ (ଅଗଷ୍ଟ ୨୦୨୫ରୁ ଜୁଲାଇ ୨୦୨୬) |
| ସିଟ୍ ସଂଖ୍ୟା | ୩୦ (୫ ଜଣ ପ୍ରାୟୋଜିତଙ୍କ ସମେତ) |
| ବୟସ ସୀମା (୦୧/୦୮/୨୦୨୫ ତାରିଖ ଅନୁସାରେ ବୟସ) | (କ) ସାଧାରଣ ବର୍ଗ - ୨୬ ବର୍ଷ<br>(ଖ) ଓବିସି- ୨୯ ବର୍ଷ<br>(ଗ) ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି-୩୧ ବର୍ଷ<br>ବେଞ୍ଚମାର୍କ ଅକ୍ଷମତା ଥିବା ବ୍ୟକ୍ତିମାନେ ସର୍ବାଧିକ ୧୦ବର୍ଷ ପର୍ଯ୍ୟନ୍ତ ବୟସ ଛାଡ଼ ପାଇଁ ଯୋଗ୍ୟ। କେବଳ ନିମ୍ନ ଅଙ୍ଗ ପର୍ଯ୍ୟନ୍ତ ସୀମିତ ଶାରୀରିକ ଅକ୍ଷମତା ଥିବା ପ୍ରାର୍ଥୀମାନଙ୍କୁ ବିଚାର କରାଯିବ, ଯେଉଁମାନେ ଠିଆ ହେବାକୁ, ଚାଲିବାକୁ ଏବଂ କେବଳ ପାଠ୍ୟକ୍ରମ ଆବଶ୍ୟକତା ପୂରଣ କରିବାକୁ ଶାରୀରିକ ଭାବରେ ସକ୍ଷମ।<br>ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ ୦୧/୦୮/୨୦୨୫ ତାରିଖରେ ବୟସ ସୀମା ୪୦ ବର୍ଷ। |
| ଶିକ୍ଷାଗତ ଯୋଗ୍ୟତା | ମୋଟ ୬୦% ନମ୍ବର ସହିତ ପଦାର୍ଥ ବିଜ୍ଞାନରେ ମାଷ୍ଟର ଡିଗ୍ରୀ (ଏମ୍‌ଏସ୍‌ସି ପଦାର୍ଥ ବିଜ୍ଞାନ) ଏବଂ ମୋଟ ୬୦% ନମ୍ବର ସହିତ ବିଏସସି ଡିଗ୍ରୀ (ମୁଖ୍ୟ ବିଷୟ ଭାବରେ ପଦାର୍ଥ ବିଜ୍ଞାନ)। ସମନ୍ୱିତ ଏମଏସ୍‌ସି (ପଦାର୍ଥ ବିଜ୍ଞାନ) ଏବଂ ମୋଟ ୬୦%ରୁ କମ୍ ନମ୍ବର ରଖିଥିବା ପ୍ରାର୍ଥୀମାନେ ମଧ୍ୟ ଯୋଗ୍ୟ। ଗ୍ରେଡ୍ ସିଷ୍ଟମ୍ କ୍ଷେତ୍ରରେ, ଡକ୍ୟୁମେଣ୍ଟ ଯାଞ୍ଚ/ସାକ୍ଷାତକାର ସମୟରେ ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ମାର୍କ ପରିବର୍ତ୍ତନ ଯୋଜନାର ଗ୍ରେଡ୍ ଟୁ ପ୍ରତିଶତ ଉପସ୍ଥାପନ କରାଯିବା ଉଚିତ। ଯେଉଁମାନଙ୍କର ଏମଏସସି (ପଦାର୍ଥ ବିଜ୍ଞାନ) ଡିଗ୍ରୀର ଚୂଡ଼ାନ୍ତ ଫଳାଫଳ ଅପେକ୍ଷାରେ ଅଛି, କିନ୍ତୁ ଅନ୍ୟଥା ଯୋଗ୍ୟ, ସେମାନେ ମଧ୍ୟ ଆବେଦନ କରିପାରିବେ। ଉପରୋକ୍ତ ଯୋଗ୍ୟତା ସହିତ, ପ୍ରାୟୋଜିତ ପ୍ରାର୍ଥୀମାନଙ୍କର ଭାରତର ସରକାରୀ ଅନୁଷ୍ଠାନର ରେଡିଓଥେରାପି ବିଭାଗରେ ଅତି କମରେ ଏକ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିବା ଉଚିତ (ବ୍ୟକ୍ତିଗତ ମନିଟରିଂ ସେବା ଦ୍ୱାରା ସମର୍ଥିତ)। |
| ଷ୍ଟାଇପେଣ୍ଡ | ମାସିକ ୩୦,୦୦୦ ଟଙ୍କା (ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ ନୁହେଁ) |
| ଆବେଦନ ଗ୍ରହଣର ଶେଷ ତାରିଖ | ୧୩/୦୫/୨୦୨୫ (ମଙ୍ଗଳବାର) |
| ଲିଖିତ ପରୀକ୍ଷାର ଆପାତକାଳୀନ ତାରିଖ | ୨୨/୦୬/୨୦୨୫ (ରବିବାର) |

ଆବେଦନଗୁଡ଼ିକ କେବଳ ଅନଲାଇନରେ ଗ୍ରହଣ କରାଯିବ। ଅନଲାଇନ୍ ଆବେଦନର ସୁବିଧା ୨୨/୦୪/୨୦୨୫ (ମଙ୍ଗଳବାର) ରୁ ୧୩/୦୫/୨୦୨୫ (ମଙ୍ଗଳବାର) ପର୍ଯ୍ୟନ୍ତ ଉପଲବ୍ଧ ହେବ।
ଏହି ବିଜ୍ଞାପନ ସହ ଜଡିତ ଯଦି କୌଣସି ଶୁଦ୍ଧିପତ୍ର/ପରିଶିଷ୍ଟ ଥାଏ, ତେବେ ତାହା କେବଳ ବିଏଆର୍‌ସି ୱେବସାଇଟରେ ପ୍ରକାଶିତ ହେବ।
ସାଧାରଣ ସର୍ତ୍ତାବଳୀ ଏବଂ ଅନଲାଇନ୍ ଆବେଦନ ଦାଖଲ ପାଇଁ ଦୟାକରି ୱେବସାଇଟ୍ www.recruit.barc.gov.in ପରିଦର୍ଶନ କରନ୍ତୁ।
**cbc 48103 / 12/ 0003/2526**

**कार्यालय मुख्य अभियंता, लोक स्वास्थ्य यांत्रिकी विभाग, रायपुर परिक्षेत्र रायपुर (छ.ग.)**

**:: ई-प्रोक्योरमेंट निविदा सूचना ::**

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र "ए" में प्रतिशत दर पर अनुबंध हेतु निम्नानुसार 12 समूह जल प्रदाय योजनाओं के कार्य हेतु **Risk and cost** पर ऑनलाईन निविदा आमंत्रित की गयी थी, विवरण निम्नानुसार है:-

| क्र. | निविदा आमंत्रण क्र. / दिनांक | सिस्टम नं. | जिला | समूह जल प्रदाय योजनाओं का नाम | निविदा की अनुमानित लागत (रू.लाख में) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 314/07-04-2025 | 166680 | बिलासपुर | हरदी-भटचौरा | 2236.55 |
| 2 | 315/07-04-2025 | 166681 | एम.सी.बी. | बरदर | 3124.93 |
| 3 | 316/07-04-2025 | 166682 | एम.सी.बी. | घुटरा | 1960.41 |
| 4 | 317/07-04-2025 | 166683 | कोरिया | नरकेली | 1676.85 |
| 5 | 318/07-04-2025 | 166684 | कोरिया | तामड़ांड | 3422.04 |
| 6 | 319/07-04-2025 | 166685 | कोरिया | कटघोड़ी | 2771.79 |
| 7 | 320/07-04-2025 | 166687 | सूरजपुर | रूनियाडीह | 2464.98 |
| 8 | 321/07-04-2025 | 166688 | सूरजपुर | केनापारा (गंगीकोट) | 2271.57 |
| 9 | 322/07-04-2025 | 166689 | सूरजपुर | बड़वार | 2001.09 |
| 10 | 323/07-04-2025 | 166690 | सूरजपुर | दुग्गा - बतरा | 2067.90 |
| 11 | 324/07-04-2025 | 166691 | सूरजपुर | झिलमिली | 5024.48 |
| 12 | 325/07-04-2025 | 166692 | सूरजपुर | बिहारपुर | 2023.12 |

उपरोक्त ऑनलाईन निविदा अपरिहार्य कारणों से स्थगित की जाती है।
कार्यपालन अभियंता (निविदा प्रकोष्ठ)
कार्यालय मुख्य अभियंता, लोक स्वास्थ्य यांत्रिकी विभाग, रायपुर परिक्षेत्र रायपुर (छ.ग.)
G-252600403/6



ମେଦ ବହୁଳତା ବର୍ତ୍ତମାନ ସମୟରେ ଭାରତର ବଡ଼ ସମସ୍ୟା ପାଲଟିଛି । ଲୋକମାନେ ପତଳା ହେବା ପାଇଁ ଡାଏଟିଂଠାରୁ ଆରମ୍ଭ କରି ଜିମ୍ ମଧ୍ୟ ଜଏନ କରୁଛନ୍ତି ହେଲେ ଖାସ୍ ପ୍ରଭାବ ପଡ଼ି ପାରୁ ନାହିଁ । ଶରୀରର ଓଜନ କମାଇବା ପାଇଁ ବ୍ୟାୟାମ ଯେତିକି ଜରୁରୀ । ଖାଦ୍ୟପେୟର ଧ୍ୟାନ ଦେବା ମଧ୍ୟ ସେତିକି ଜରୁରୀ ହୋଇଥାଏ । ଡାଏଟିଙ୍ଗ, ବ୍ୟାୟାମ ସାଙ୍ଗକୁ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଜିନିଷ ରହିଛି, ଯାହା ଓଜନ କମାଇବାରେ ବଡ଼ ଭୂମିକା ଗ୍ରହଣ କରିଥାଏ । ହେଲ୍‌ଥ ଏକ୍ସପର୍ଟଙ୍କଠାରୁ ଆରମ୍ଭ କରି ଡାଏଟିସିଆନମାନେ ଓଜନ କମାଇବା ପାଇଁ ପ୍ରଚୁର ପରିମାଣରେ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି ।

ପାଣି କେବଳ ଓଜନ କମାଇବା ପାଇଁ ଲାଭଦାୟକ ତାହା ନୁହେଁ, ଏହା ଆପଣମାନଙ୍କ ୱେଟ୍ ଲସ୍ ସ୍ପିଡକୁ ଜୋର କରିଥାଏ । ପାଣି ପିଇବାର ୧୦ ମିନିଟ ପରେ କ୍ୟାଲୋରି ବର୍ନିଂ ରେଟ୍ ବୁଷ୍ଟ ହୁଏ । ହେଲେ ଆପଣ ଜାଣିଛନ୍ତି କି ଓଜନ କମାଇବା ପାଇଁ ଦିନକୁ କେତେ ଗ୍ଲାସ ପାଣି ପିଇବା ଆବଶ୍ୟକ ତେବେ ଚାଲନ୍ତୁ ଜାଣିବା ଏହା ବିଷୟରେ ଅଧିକ...। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ପେଟ ଫୁଲ୍ ରୁହେ, ଯେଉଁ କାରଣରୁ ଭୋକ ଲାଗିବା କମିଯାଏ । ଯଦି ଆପଣ ଦ୍ରୁତ ବେଗରେ ଶରୀରର ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଦିନକୁ ଆପଣ ୮ ଗ୍ଲାସ ପାଣି ପିଇବା ଆବଶ୍ୟକ ।



# ‘ଡନ୍-୩’ ର ନାୟିକା ହେବେ କ୍ରୀତି

ଅମିତାଭ ବଚ୍ଚନ ଓ ଶାହରୁଖ୍ ଖାନ୍‌ଙ୍କ ପରେ ବଲିଉଡ୍‌ର ନୂଆ ଡନ୍ ରଣବୀର ସିଂହ ହେବେ ବୋଲି ୨୦୨୪ରେ ଘୋଷଣା ହୋଇଥିଲା । ‘ଡନ୍-୩’ ଜରିଆରେ ଦୀର୍ଘ ୧୦ ବର୍ଷ ପରେ ଫରହାନ ହଖ୍‌ତର ନିର୍ଦ୍ଦେଶନା ଦୁନିଆକୁ ଫେରୁଛନ୍ତି ବୋଲି ମଧ୍ୟ ଘୋଷଣା ହୋଇଥିଲା । ଫିଲ୍ମର ଫିମେଲ୍ ଲିଡ୍ ଭାବେ ପ୍ରଥମେ କିଆରା ଆଡ଼ଭାନିଙ୍କୁ କାଷ୍ଟ୍ କରାଯାଇଥିଲା । କିନ୍ତୁ ଗର୍ଭବତୀ ଥିବାରୁ ଏହି ହାଇ-ପ୍ରୋଫାଇଲ ପ୍ରୋଜେକ୍ଟରୁ ସେ ଓହରିଗଲେ । ତାଜା ଖବର ଅନୁସାରେ, ‘ଡନ୍-୩’ରେ ରଣବୀରଙ୍କ ଅପୋଜିଟ୍‌ରେ ଲିଡ୍ ଲେଡି ଭାବେ କ୍ରୀତି ସାନନ୍‌ଙ୍କ ନାଁ ଚର୍ଚ୍ଚାକୁ ଆସିଛି । ପିଙ୍କ୍‌ଭିଲ୍ଲାର ରିପୋର୍ଟ ଅନୁସାରେ, କ୍ରିତି ଫିଲ୍ମରେ ମୁଖ୍ୟ ନାୟିକା ହେବାକୁ ରାଜି ହୋଇଛନ୍ତି । କିଛି ଦିନ ମଧ୍ୟରେ ପ୍ରୋଜେକ୍ଟରେ ସେ ଔପଚାରିକ ଭାବେ ଚୁକ୍ତି କରିବେ ।

ଫିଲ୍ମରେ ରୋମା ଭୂମିକା ପାଇଁ ଫରହାନ ଓ ପ୍ରଡକ୍ସନ୍ ହାଉସ୍ ଜଣେ ଜଣାଶୁଣା ଓ ସଶକ୍ତ ଚରିତ୍ର ଖୋଜୁଥିଲେ । ସେମାନଙ୍କ ନଜରରେ କ୍ରିତି ପର୍‌ଫେକ୍ଟ ମ୍ୟାଚ୍ ହେଲେ । ପ୍ରୋଜେକ୍ଟରେ ଖୁବ୍‌ଶୀଘ୍ର ଯୋଗ ଦେବାକୁ କ୍ରୀତି ଉତ୍ସାହିତ ଅଛନ୍ତି । ଫିଲ୍ମଟି ମୁଖ୍ୟତଃ ୟୁରୋପରେ ସୁଟିଂ ହେବ । ସୁଟିଂ ସ୍ଥାନ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି । ପ୍ରାକ୍-ପ୍ରଯୋଜନା କାମ ଆଉ କିଛି ମାସ ଧରି ଚାଲିବ । ଏହା ପରେ ଅକ୍ଟୋବର କିମ୍ବା ନଭେମ୍ବରରେ ଫିଲ୍ମଟି ସୁଟିଂ ଫ୍ଲୋର୍‌କୁ ଆସିବ । ‘ଡନ୍-୩’ର ସୁଟିଂ ଆରମ୍ଭ ପୂର୍ବରୁ କ୍ରିତି ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ ‘ତେରେ ଇଶ୍କ ମେଁ’ ଓ ଦିନେଶ ଭିଜନଙ୍କ ପ୍ରଯୋଜିତ ‘କକ୍‌ଟେଲ୍-୨’ର ସୁଟିଂ ଶେଷ କରିବେ । ଆନନ୍ଦ ଏଲ୍ ରାୟଙ୍କ ହର୍‌ର ଫିଲ୍ମ ‘ନୟି ନବେଲି’ରେ ଅଭିନୟ ପାଇଁ ମଧ୍ୟ ତାଙ୍କର ଯୋଜନା ରହିଛି ।





# କତାରରେ ବିଳାସପୂର୍ଣ୍ଣ ଘର କିଣିଲେ ସୈଫ୍

ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନ ବହୁତ ଦିନ ଧରି ଚର୍ଚ୍ଚାରେ ଅଛନ୍ତି। କିଛି ମାସ ତଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ତାଙ୍କ ଘର ଭିତରେ ପଶି ଅଭିଯୁକ୍ତ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ଏହି ଆକ୍ରମଣ ହେବା ପରେ ଚର୍ଚ୍ଚାରେ ଥିବା ସୈଫ୍ ଏବେ ନିଜର ବିଳାସପୂର୍ଣ୍ଣ ଘର କିଣାକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ସୈଫ୍ ଅଲ୍ଲୀ ଖାନ ଏବେ କତାରରେ ନୂତନ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ପଟୌଦି ପ୍ୟାଲେସ୍ ଏବଂ ବାନ୍ଦ୍ରା ଆପାର୍ଟମେଣ୍ଟ, ଲଣ୍ଡନ ପରେ, ସୈଫ୍ ଏବେ କତାରରେ ଏକ ଘରର ମାଲିକ ହୋଇଛନ୍ତି। ସୈଫ୍ ନିଜେ ତାଙ୍କ ନୂତନ ଘର ବିଷୟରେ କହିଛନ୍ତି। ସୈଫ୍ କତାରର ସେଣ୍ଟ ରେଜିସ୍ ମାର୍ସା ଆରବିୟ ଆଇଲାଣ୍ଡ, ଦି ପର୍ଲ କତାରରେ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ଆଲଫର୍ଦାନ ଗ୍ରୁପର ଏକ ସାମ୍ବାଦିକ ସମ୍ମିଳନୀରେ ସୈଫ ଅଲ୍ଲୀ ଖାନ ଏହି ଘର କିଣିବା ବିଷୟରେ କହିଛନ୍ତି। ତାଙ୍କ କହିବା ମୁତାବକ, ‘ମୁଁ ସେଠାକୁ କିଛି କାମ କରିବାକୁ ଯାଇଥିଲି ଏବଂ କିଛି ଦିନ ପାଇଁ ସେଠାରେ ସୁଟିଂ କରୁଥିଲି। ସୁଟିଂ ପାଇଁ ମୁଁ ସେଣ୍ଟ ରେଜିସ୍ ମାର୍ସାରେ ରହିବା ପରେ ମୋତେ ତାହା ବହୁତ ପସନ୍ଦ ଆସିଥିଲା। ଏଠାରେ ମିଳୁଥିବା ସୁରକ୍ଷା ଓ ସୁବିଧାକୁ ଦେଖି ମୁଁ ଏଠାରେ ଘର କିଣିବାକୁ ନିଷ୍ପତ୍ତି ନେଲି। ମୋତେ ଏଠାରେ ଘରଠାରୁ ଦୂରରେ ଘର ପରି ଅନୁଭବ ହେଲା।

# ୨୦୨୬ରେ ପରଦାକୁ ଆସିବ ରାଣୀଙ୍କ ‘ମର୍ଦ୍ଦାନୀ-୩’

ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କ ଫିଲ୍ମ ‘ମର୍ଦାନୀ ୩’ କୁ ଅପେକ୍ଷା କରି ବସିଛନ୍ତି ଫ୍ୟାନ୍ସ। ଏହି ଫିଲ୍ମର ପୂର୍ବ ଦୁଇଟି ଭାଗ କୁ ଲୋକ ମାନେ ଖୁବ୍ ପସନ୍ଦ କରିଥିଲେ ଓ ଏହା ବକ୍ସ ଅଫିସ ରେ ମଧ୍ୟ ରେକର୍ଡ ଭାଙ୍ଗିଥିଲା। ତେବେ ବର୍ତ୍ତମାନ ଏହି ଫିଲ୍ମର ପାର୍ଟ ୩ର ରିଲିଜ ତାରିଖ ଘୋଷଣା କରାଯାଇଛି। ଏଥିରେ ଅଭିନେତ୍ରୀ ରାନୀ ମୁଖାର୍ଜୀ ପୁଣି ଥରେ ପୋଲିସ ଅଧିକାରୀ ଶିବାନୀ ଶିବାଜୀ ରୟଙ୍କ ଭୂମିକାରେ ନଜର ଆସିବେ। ଏହାର ପ୍ରଥମ ଲୁକ୍ ୟଶ ରାଜ ଫିଲ୍ମସ୍ ନିଜର ଇନଷ୍ଟାଗ୍ରାମ ସାଇଟରେ ସେୟାର କରିଛି । ଯେଉଁଥିରେ ରାଣୀ ବହୁତ୍ ଦମଦାର ଓ ପାୱାର ଫୁଲ ଲାଗିବା ସହ ସେ ହାତରେ ଏକ ବନ୍ଧୁକ ଧରି ଥିବାର ନଜର ଆସିଛନ୍ତି। ପ୍ରଡକ୍ସନ ହାଉସ ଏହି ଫିଲ୍ମର ଫାର୍ଷ୍ଟ ଲୁକ୍ ସେୟାର କରି ମର୍ଦାନୀ ୩ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହେବା ସହ ସତ୍ୟ ର ଜୟ ହେବ ବୋଲି କ୍ୟାପ୍ସନ ରେ ଲେଖିଛନ୍ତି।ଭତେବେ ଫିଲ୍ମଟି ଫେବୃଆରୀ ୨୭, ୨୦୨୬ରେ ଅର୍ଥାତ୍ ହୋଲିରେ ବଡ଼ ପରଦାକୁ ଆସିବ। ରାଣୀ ମୁଖାର୍ଜୀ କହିଛନ୍ତି ଯେ ମର୍ଦାନୀ ୩ର ସ୍କ୍ରିପ୍ଟ ଯଦି ପ୍ରକୃତରେ ପ୍ରଭାବଶାଳୀ ହୋଇଥିବ ତାହେଲେ ମୋ ପାଇଁ ଏହା ଖୁସିର ଖବର ଅଟେ। ଜଣେ ଅଭିନେତ୍ରୀ ଭାବରେ ମୁଁ ସବୁବେଳେ ଏକ ଭଲ ଓ ଷ୍ଟ୍ରଙ୍ଗ କାହାଣୀକୁ ନେଇ ଫିଲ୍ମ କରିବାକୁ ଚାହେଁ ଯାହାକି ସମାଜ ପ୍ରତି ସୁପ୍ରଭାବ ପକାଇବ ଓ ସେଥିରୁ କିଛି ଶିଖିବାକୁ ମିଳୁଥିବ। ସେ ମର୍ଦାନୀ ୨ ଫିଲ୍ମ କରୁଥିବା ବେଳେ ବହୁତ୍ ନର୍ଭସ ଥିବା କଥା କହିଛନ୍ତି। କାରଣ ସେ କେବେ ବି ଆଗରୁ କୌଣସି ଫିଲ୍ମ ର ସିକ୍ୱେଲ କରିନଥିଲେ। ତେବେ ସେ ଏହି ସିକ୍ୱେଲ୍ ରେ ନିଜ ଚରିତ୍ରକୁ ସୂଚାରୁ ରୂପେ ନିଭେଇ ପାରିବେ କି ନାଇଁ ସନ୍ଦେହ କରୁଥିଲେ। ଯଦିଓ ଅଭିନୟ କଲା ପରେ ତାଙ୍କୁ ଏହି ଚରିତ୍ର ପସନ୍ଦ ଆସିଥିଲା। ସେ ଏହାର ତୃତୀୟ ପାର୍ଟ ପାଇଁ ଉତ୍ସାହିତ ଥିବା କଥା ମଧ୍ୟ କହିଛନ୍ତି।

# ‘ମାଣ୍ଡିଆ ବରଫି’

ପୋଷକ ତତ୍ତ୍ୱରେ ଭରପୁର ମାଣ୍ଡିଆ । ମାଣ୍ଡିଆରେ ଅଧିକ ଫାଇବର,ମିନରାଲ, ଆଣ୍ଟିଅକ୍ସିଡାଣ୍ଟ ଓ ଏକାଧିକ ଭିଟାମିନ୍,କ୍ୟାଲସିୟମ ସହ ଏହା ଔଷଧୀୟଗୁଣ ରହିଛି । ଆସନ୍ତୁ ଏହି ମାଣ୍ଡିଆରେ ବରଫି ପ୍ରସ୍ତୁତ କରିବା..

ସାମଗ୍ରୀ:- ମାଣ୍ଡିଆ -୧ କପ୍, ମିଲ୍କ ପାଉଡର-୧ କପ୍, ଚିନି- ୧ କପ୍ , କାଜୁ- ୧୦ଟି, ଗୁଜୁରାତି-୪ଟି, ଘିଅ-ଅଧ କପ୍


ପ୍ରଣାଳୀ:- ମାଣ୍ଡିଆକୁ ଧୋଇ ଖରାରେ ଶୁଖାଇ ଗୁଣ୍ଡ କରନ୍ତୁ । ଘିଅରେ କାଜୁକୁ ଭାଜନ୍ତୁ । ସେଇ ଘିଅରେ ମାଣ୍ଡିଆ ଗୁଣ୍ଡକୁ ଭାଜି ଦେଇ ଗୋଟେ ପ୍ଲେଟ୍ ରେ କାଢି ଦିଅନ୍ତୁ । ଚିନି ଶିରା କରନ୍ତୁ । ମିଲ୍କ ପାଉଡର ସହିତ ମାଣ୍ଡିଆ ଗୁଣ୍ଡକୁ ମିଶାନ୍ତୁ । ଚିନି ଶିରାରେ ଏହାକୁ ପକାଇ ଗୋଳାନ୍ତୁ । ହେଇ ଆସିଲେ ଗୁଜୁରାତି ଗୁଣ୍ଡ ଓ କାଜୁ ପକାଇ ଓହ୍ଲାଇ ଦିଅନ୍ତୁ । ଚଉଡା ପାତ୍ରରେ ଘିଅ ମାରି ଏହାକୁ ରଖି ସାଇଜ କରନ୍ତୁ । ଥଣ୍ଡା ହେଲା ପରେ ଛୋଟଛୋଟ ଖଣ୍ଡ କରି କାଟନ୍ତୁ ।



# ଝାଳରୁ ମୁକ୍ତି ଚାହୁଁଥିଲେ ଆପଣାନ୍ତୁ ଏହି ଉପାୟ

ଖରାଦିନେ ଝାଳ ବୋହିବା ସ୍ୱାଭାବିକ କଥା। ବିଶେଷଜ୍ଞଙ୍କ ମତରେ, ଶରୀରରୁ ଝାଳ ବୋହିବା ପଛରେ ଅନେକ କାରଣ ରହିଥାଏ। ପ୍ରଥମତଃ, ଯଦି କୌଣସି ବ୍ୟକ୍ତି ଅତ୍ୟଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ତା’ହେଲେ ତାଙ୍କ ଦେହରୁ ଝାଳ ବୋହିଥାଏ। ଦ୍ୱିତିୟରେ ମୋଟାପଣର ଶିକାର ହୋଇଥିଲେ ବି ଶରୀରରୁ ଝାଳ ବୁହେ। ସେହିପରି ଅଧିକ ତେଲ, ମସଲାଯୁକ୍ତ କିମ୍ବା ରାଗ ଖାଦ୍ୟ ଖାଇବାକୁ ଭଲ ପାଉଥିବା କିଛି ଲୋକଙ୍କଠାରେ ମଧ୍ୟ ଝାଳ ବୋହିବା ସମସ୍ୟା ଦେଖାଯାଇଥାଏ। ଏହାଛଡ଼ା ହରମୋନ୍ ଇନ୍‌ବାଲାନ୍ସ ହେବା ବି ଝାଳ ବୋହିବାର ଆଉ ଏକ କାରଣ ହୋଇଥାଏ। ସେହିପରି ବଂଶାନୁଗତ ଭାବେ ବି ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକ ମତ ଦେଇଥାନ୍ତି। ତେବେ ଏହି ଝାଳ ବୋହିବା ଦ୍ୱାରା ବେଳେବେଳେ ଶରୀରରୁ ଦୁର୍ଗନ୍ଧ ବାହାରି ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛିଟା ସହଜ ଉପଚାର ମଧ୍ୟ ରହିଛି। ଯେମିତିକି...

- ପ୍ରତିଦିନ ପରିଷ୍କାର ହୋଇ ଗାଧୋଇବା ସହ ଭଲ ବ୍ରାଣ୍ଡର ବଡି ସ୍ପ୍ରେ ବ୍ୟବହାର କରିବା
- ଡାଏଟ୍‌ରେ ଅଧିକ ମାତ୍ରାରେ ସତେଜ ପନିପରିବା ଏବଂ ଫଳମୂଳ ଖାଇବା
- ପାଦକୁ ପରିଷ୍କାର ରଖିବା ସହ ପ୍ରତିଦିନ ପାଦରେ ପିନ୍ଧୁଥିବା ସକ୍ସକୁ ସଫା କରିବା
- ତେଲ, ମସଲାଯୁକ୍ତ ତଥା ରାଗ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା
- ଖରାଦିନେ ଢିଲା କଟନ୍ ପୋଷାକ ପିନ୍ଧିବା ସହ ପ୍ରଚୁର ପରିମାଣରେ ପାଣି ଓ ଫ୍ରୁଟ୍ ଜୁସ୍ ପିଇବା ଦରକାର।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ଚିତ୍ରକୋଣ୍ଡା ନିର୍ବାଚନ ବିଧାୟକ ମଙ୍ଗୁ ଖିଲଙ୍କ ଉପସ୍ଥିତିରେ ମାଥିଲି ବ୍ଲକର ଅଧ୍ୟୁଷିତ ଅଞ୍ଚଳର ନିରାହ ଭୂମିହୀନ ଆଦିବାସୀମାନଙ୍କୁ ବସ୍ତୁଧା ଜମି ପଟ୍ଟା ପ୍ରଦାନ କରିଛନ୍ତି। ଏଥିରେ ଉପ ଜିଲ୍ଲା ପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ଅଧ୍ୟକ୍ଷ ମହେଶ କୁମାର ବାକା, ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ବିଜେପି ଜିଲ୍ଲା ସଭାପତି ଅଶୋକ ପରିଡା, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା, ତହସିଲଦାର ସୁଶ୍ରୀ ମାନସୀ ଭୋଇ, ବ୍ଲକ ସଭାପତି ବନମାଳୀ ବରଡା, ବରିଷ୍ଠ ବିଜେପି କର୍ମୀ କୁନାଳ ମିଶ୍ର, ବସ୍ତୁଧା ଜମି ପଟ୍ଟା, ଆୟୁଷ୍ମାନ ଜନସ୍ୱାସ୍ଥ୍ୟ କାର୍ଡ ଓ ରାସନ କାର୍ଡ ବଣ୍ଟନ, ତଥା ବହୁ ସଂଖ୍ୟକ ଭାବେ ଜନସାଧାରଣ ମଧ୍ୟ ଅଭିଯୋଗ ନେଇ ଜଣେଇଥିଲେ। ସାଂସଦ ବଳଭଦ୍ର ମାଝୀ ପ୍ରାୟ ମାଥିଲି ବ୍ଲକର ବହୁ ପଂଚାୟତ ଏବଂ ଗ୍ରାମାଞ୍ଚଳଗୁଡିକରେ ମଧ୍ୟ ବୁଲି ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଯେଉଁମାନେ ମୌଳିକ ସୁବିଧାରୁ ବଞ୍ଚିତ ଏବଂ ଗ୍ରାମଗୁଡିକରେ ବିଭିନ୍ନ ପ୍ରକାର ସମସ୍ୟା ପଚାରି ବୁଝିବା ସହ ଲୋକଙ୍କୁ ମନରେଗା କାମ ସବୁବେଳେ ରହିଅଛି ତେଣୁ ବାହାରକୁ ଯିବାର ଆବଶ୍ୟକତା କିଛି ନାହିଁ ବୋଲି କହିଥିଲେ।

## ବସନ୍ତ ନାୟକଙ୍କ ସ୍ମୃତି ସମାରୋହ



ତିହିଡ଼ି, (ଭାସ୍କର ନ୍ୟୁଜ): ମର୍ତ୍ତ୍ୟ ମଣ୍ଡଳେ ହେଲେ ବହି, ଦେବତା ହେଲେବି ମରଇ। ଏ ଜଗତର ଧ୍ରୁବସତ୍ୟ ହେଲେବି ଏ ଦୁନିଆରେ ଏଭଳି କିଛି ମଣିଷ ଜନ୍ମ ହୋଇଥାନ୍ତି, ଯାହାଙ୍କର ଦେହାବସାନରେ ଏ ସମାଜ ତାଙ୍କୁ ଭୁଲି ହୁଏ। ସ୍ୱର୍ଗତଃ ବସନ୍ତ ନାୟକ ସେହିଭଳି ଜଣେ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। କେବଳ ସାମାଜିକ କ୍ଷେତ୍ରରେ ନୁହେଁ, ରାଜନୈତିକ, ଆନୁଷ୍ଠାନିକ, ଧାର୍ମିକ ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅବଦାନ ଭଦ୍ରକ ଜିଲ୍ଲା ତିହିଡ଼ି ତଥା ସାରା ଓଡ଼ିଶାରେ ଏମନେ ରାଜ୍ୟରେ ତାଙ୍କର ପ୍ରତିଷ୍ଠା ସର୍ବଜନ ବିଦିତ ବୋଲି ଆଜି ରାଜ୍ୟ ଓ ଜିଲ୍ଲା ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମମାଟି ପାଳିଆବିନ୍ଧା ବିଙ୍ଗଟି ନାରାୟଣ ମନ୍ଦିର ଷ୍ଟେଜ ହାଉସ୍‌ରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ପ୍ରଜୟ ନାୟକ, ରାଜ୍ୟ ମହାସଂଘର ସଭାପତି ଅଶୋକ କୁମାର ଲେଙ୍କା, ସମ୍ପାଦକ ବାରେନ ରାଉତ, କାର୍ଯ୍ୟକାରୀ ସଭାପତି ଗଣେଶ ନାୟକ, ଉପସଭାପତି ସ୍ମୃତାଂଶୁ ଶେଖର ବେହୁରା, କୋଷାଧ୍ୟକ୍ଷ ତପନ କୁମାର ବେଉରିଆ, ସଂଗ୍ରାମ କେଶରୀ ସାହୁ, ଅଜିତ କୁମାର ଜେନାଙ୍କ ସହ ଜିଲ୍ଲା ମହାସଂଘର କୋଷାଧ୍ୟକ୍ଷ ବାବୁଲା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଣ୍ଡାୟତ କ୍ଷତ୍ରୀୟ ଜାତିର ବିକାଶ କ୍ଷେତ୍ରରେ ସ୍ୱର୍ଗତଃ ନାୟକଙ୍କ ପ୍ରଚେଷ୍ଟା ଓ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତଃ ନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର କୁମାର ପଲେଇ, ଆଶିଷ କୁମାର ପହି, ଗଣେଶ ନାୟକ, ଆଶୁତୋଷ କରଣ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଆଇଆଇଏମ୍‌ସି ଢେଙ୍କାନାଳ ପକ୍ଷରୁ ଏକ-ଦିବସୀୟ ୱେବିନାର




ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସାମ୍ବାଦିକତା ପାଠ ପଢୁଥିବା ଶିକ୍ଷାର୍ଥୀ ତଥା କାର୍ଯ୍ୟରତ ସାମ୍ବାଦିକମାନେ ସବୁବେଳେ ନିଜର ଦକ୍ଷତା ବିକାଶ ଓ ସର୍ଜନଶୀଳତାକୁ ଗୁରୁତ୍ୱ ଦେବା ଉଚିତ। ଏହାସହ ଅଧିକରୁ ଅଧିକ ପଢ଼ିବା ମଧ୍ୟ ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳର ଓଡ଼ିଆ ସାମ୍ବାଦିକତା ବିଭାଗ ପକ୍ଷରୁ 'ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ'ର ୨୫ବର୍ଷ ଉପଲକ୍ଷେ ଏକ-ଦିବସୀୟ ୱେବିନାର (ଅନଲାଇନ ଆଲୋଚନା ଚକ୍ର) ଆୟୋଜିତ ହୋଇଛି। ଏହି ୱେବିନାରର ବିଷୟବସ୍ତୁ ରହିଥିଲା 'ଡିଜିଟାଲ ଯୁଗରେ ଓଡ଼ିଆ ସାମ୍ବାଦିକତା:ପ୍ରସଙ୍ଗ ଓ ଆହ୍ୱାନ'। ପ୍ରଥମ ବୈଷୟିକ ଅଧିବେଶନରେ ଆଲୋଚନାର ବିଷୟ ବସ୍ତୁ ରହିଥିଲା'ଓଡ଼ିଆ ସାମ୍ବାଦିକତା :ସୁଯୋଗ, ଆହ୍ୱାନ, ଭବିଷ୍ୟତ'। ଏଥିରେ ବକ୍ତାଭାବେ ଯୋଗଦେଇ ଆଇଆଇଏମ୍‌ସିର ପ୍ରଫେସର ଡ. ମୃଣାଳ ଚାଟାର୍ଜୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡ. ଭାରତୀବାଳା ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦେଇ ଆଲୋଚନା କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନ। ଏହି କାର୍ଯ୍ୟକ୍ରମ ସଂଯୋଜନା କରିଛନ୍ତି ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା। ସେହିପରି ଦ୍ୱିତୀୟ ବୈଷୟିକ ଅଧିବେଶନରେ 'ଡିଜିଟାଲ ଯୁଗରେ ଓଡ଼ିଆ ସାମ୍ବାଦିକତାର ରୂପାନ୍ତରଣ' ଉପରେ ବକ୍ତାମାନେ ଆଲୋଚନା କରିଛନ୍ତି। ଏଥିରେ ବକ୍ତାଭାବେ ଯୋଗଦେଇ ଓମ୍‌କମ୍ ନ୍ୟୁଜ୍‌ର ସମ୍ପାଦିକା ସଙ୍ଗୀତା ଅଗ୍ରୱାଲ୍ ଅନେକ ଉପାଦେୟ କଥା କହିଛନ୍ତି। ସେ କହିଛନ୍ତି, ଆଗ ଅପେକ୍ଷା ଏବେ ନ୍ୟୁଜ୍ ରୁମ୍‌ରେ ସାମ୍ବାଦିକଙ୍କ ପାଇଁ ଅନେକ ଆହ୍ୱାନ ଦେଖା ଦେଉଛି। ଆଜିକାଲି ଜାଲି ଖବର ବହୁତ ଆସୁଛି। ଏଣୁ ଜାଲି ଖବରକୁ କିପରି ଯାଞ୍ଚ କରାଯିବ, କିପରି ଜାଲି ଖବରକୁ ପ୍ରତିହତ କରାଯାଇପାରିବ, ସେନଇ ମଧ୍ୟ ସାମ୍ବାଦିକ ମାନେ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ଆଇଆଇଏମ୍‌ସି ଢେଙ୍କାନାଳର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍ ଓ ଡ.ଚିରସ୍ରୋତା ଜେନା ଏହି ବିଷୟବସ୍ତୁ ଉପରେ ଅତି ସୁନ୍ଦର ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନ ସଂଯୋଜନା କରିଥିଲେ ଆକାଡେମିକ ଆସୋସିଏଟ୍ ସୌମ୍ୟ ରଞ୍ଜନ ବିହାରୀ। ତୃତୀୟ ବୈଷୟିକ ଅଧିବେଶନର ବିଷୟବସ୍ତୁ ରହିଥିଲା 'ପରିବର୍ତ୍ତିତ ଦୃଶ୍ୟପଟରେ ସାମ୍ବାଦିକତା ଶିକ୍ଷା'। ଏଥିରେ ବକ୍ତାଭାବେ ଯୋଗଦେଇ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ.ପ୍ରଦୋଷ ରଥ ଆଞ୍ଚଳିକ ଭାଷାରେ ସାମ୍ବାଦିକତା ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଅଧିକାଂଶ ଶିକ୍ଷାର୍ଥୀ ଇଂରାଜୀ ଭାଷାରେ ସାମ୍ବାଦିକତା ପାଠ ପଢୁଛନ୍ତି ଆଉ ପରେ ଓଡ଼ିଆ ଗଣମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ତେବେ ଅନେକ ସମୟରେ ଭାଷା ବ୍ୟବହାର ନେଇ ଅନେକ ବ୍ୟବଧାନ ଦେଖିବାକୁ ମିଳେ। ଏଣୁ ଏହି ଭାଷାର ବ୍ୟବଧାନକୁ କିପରି କମାଯାଇପାରିବ, କିପରି ସମ୍ପୂର୍ଣ୍ଣ ଦୂର କରାଯାଇପାରିବ ସେନେଇ ସାମ୍ବାଦିକତା ଶିକ୍ଷା ଗୁରୁତ୍ୱ ଦେବା ଦରକାର ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ବକ୍ତା ଭାବେ 'ଓଡ଼ିଶା ଲାଇଭ୍'ର ସମ୍ପାଦକ ନୀଳାମ୍ବର ରଥ କହିଛନ୍ତି, ନୂଆ ପିଢ଼ିର ସାମ୍ବାଦିକ ବା ସାମ୍ବାଦିକତା ଛାତ୍ରଛାତ୍ରୀମାନେ ସବୁବେଳେ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେ ବିଶ୍ଳେଷଣ ଦକ୍ଷତା ହେଉ କି ଗବେଷଣା ଦକ୍ଷତା, ସର୍ଜନଶୀଳ ପ୍ରସ୍ତୁତି ହେଉ କି ନେତୃତ୍ୱ ନେବାର କ୍ଷମତା; ଏସବୁ କିପରି ବିକାଶ ହୋଇପାରିବ, ସେନେଇ ଧ୍ୟାନ ଦେବା ଜରୁରୀ। ଏହାସହ ବର୍ତ୍ତମାନ ସାମ୍ବାଦିକତା ଓ ଗଣ ଯୋଗାଯୋଗ କ୍ଷେତ୍ରରେ ଅନେକ ନିଯୁକ୍ତିର ସୁଯୋଗ ମଧ୍ୟ ରହିଛି। ଏଣୁ ନିଜ ରୁଚି ବା ଆଗ୍ରହ ଅନୁସାରେ ଶିକ୍ଷାର୍ଥୀମାନେ କ୍ୟାରିୟର ବିକଳ୍ପ ବାଛି ସେହି ଅନୁସାରେ ପ୍ରସ୍ତୁତ ହେବା ଉଚିତ ବୋଲି ସେ କହିଛନ୍ତି। ସେହିପରି ବକ୍ତାଭାବେ ଯୋଗଦେଇ ଆଇଆଇଏମ୍‌ସି ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ସାମ୍ବାଦିକତା ଶିକ୍ଷା କେମିତି ହେବା ଦରକାର, ଶିକ୍ଷକମାନେ କେମିତି ପ୍ରସ୍ତୁତ ହେବା ଆବଶ୍ୟକ ଏବଂ ଛାତ୍ରଛାତ୍ରୀମାନେ କେଉଁ ମାନସିକତା ନେଇ ଏକ୍ଷେତ୍ରକୁ ଆସିବା ଦରକାର ଆଦି ବିଷୟ ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ପ୍ରାକ୍ଟିକାଲ୍ (ବ୍ୟାବହାରିକ ଅଭ୍ୟାସ) ଏବଂ ଥିଓରୀ (ସିଦ୍ଧାନ୍ତ) ମଧ୍ୟରେ ଏକ ସାମଞ୍ଜସ୍ୟ ବା ସମତୁଳତା ରହିବା ଜରୁରୀ। ଏଥିସହିତ ବିଭିନ୍ନ ପ୍ରକାର ଦକ୍ଷତା ଗଠନ ଉପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଅଧିକରୁ ଅଧିକ ଧ୍ୟାନ ଦେଲେ ଏହା ଅଧିକ ଉପଯୋଗୀ ହୋଇପାରିବ। ଭାଷାଗତ ଦକ୍ଷତା କଥା କହିପାରନ୍ତି କିମ୍ବା କୌଣସି ଖବର ପରିବେଷଣବେଳେ ଦୃଶ୍ୟାୟନର ଦକ୍ଷତା ବା ଭିଜୁଆଲ୍ ବ୍ୟାକରଣର ଯେଉଁସବୁ କଳା, କୌଶଳ ରହିଛି; ସେଗୁଡ଼ିକୁ ସାମ୍ବାଦିକତା ଛାତ୍ରଛାତ୍ରୀଙ୍କ ସହ ସେୟାର କରାଗଲେ, ଏହା ଭବିଷ୍ୟତରେ ବହୁତ ସହଯୋଗୀ ହୋଇଥାଏ। ଲେଖିବାର କଳା ମଧ୍ୟ ନୂଆପିଢ଼ି ଭଲ ଭାବେ ଜାଣିବା ଜରୁରୀ। କାରଣ, ସର୍ଜନଶୀଳ କ୍ଷେତ୍ରର ଜନନୀ ହେଉଛି ଲେଖିବା। ଆଉ ଶିକ୍ଷାର୍ଥୀମାନେ ଯେତିକି ଅଧିକ ପଢ଼ିବେ ଏବଂ ଲେଖିବେ, ସେମାନଙ୍କ ଚିନ୍ତନ ଆହୁରି ତୀକ୍ଷ୍?ଣ ହୋଇପାରିବ। ଏସବୁ ଛଡ଼ା ସ୍ୱ-ଶିକ୍ଷା (ସେଲ୍ଫ ଲର୍ଣ୍ଣିଂ), ବିଶ୍ଳେଷଣାତ୍ମକ ଲିଖନ ଉପରେ ଅଧିକ ଗୁରୁତ୍ୱ ଦେବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ଏହି ଅଧିବେଶନ ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ତହସିଲ ଅଧିନସ୍ଥ ବିଳାଶୁଣୀ ପଞ୍ଚାୟତ ତରବଣ ଗ୍ରାମରେ ଅଂଶୁଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ସୂଚନା ମୁତାବକ ତରବଣ ଗ୍ରାମର ଚାଷୀ ବିମ୍ବାଧର ଦାଶ (୭୨)ବିଲରୁ ମୁଗ ଗୋଛା ନେଇ ଆସୁଥିବା ସମୟରେ ଦିନ ଗୋଟାଏ ବେଳେ ବିଲରେ ଟଳି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ଲୋକମାନେ ବିଲକୁ ଦଉଡିଯାଇ ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଛି। ଖରାରେ ମୁଗ ଆଣୁଥିବା ବେଳେ ଟଳି ପଡୁଥିବାରୁ ପରିବାର ଲୋକେ ଅଂଶୁଘାତ ରେ ରିଥିବା ଅଭିଯୋଗ ଆଣିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ନିଆଳି ତହସିଲି ଦାର ଲିଳନ ପ୍ରସାଦ ସାହୁ, ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏସ ନବୀନ, ବିଳାଶୁଣୀ ସରପଞ୍ଚ ସବିତା ନନ୍ଦ, ସମିତି ସଭ୍ୟ ସମ୍ପଦ ମହାନ୍ତି, ମନୋରଞ୍ଜନ ବେହେରା, ପ୍ରଦୀପ୍ତ ବେହେରା, ଆର ଆଇ ସୁଶାନ୍ତ ବିଶ୍ୱାଳ ଘଟଣା ସ୍ଥଳରେ ପହଂଚିଥିଲେ। ନିଆଳି ଥାନା ପୋଲିସ ପହଂଚି ଶବ ବ୍ୟବଛେଦ ନିମନ୍ତେ ବଡ଼ ଡାକ୍ତର ଖାନା ପଠାଇଛନ୍ତି। ଶାରିରୀ ବିଭିନ୍ନ ସ୍ଥାନରେ ପ୍ରବଳ ଖରା ରେ ସିଜିଜାଇଛି ବ୍ୟବଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ସତ୍ୟତା ଜଣାପଡ଼ିବ।

## ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଡିପିଏସ୍ ଗ୍ଲୋବାଲ ସ୍କୁଲ

ବାରିପଦା, (ଭାସ୍କର ନ୍ୟୁଜ): ସରକାରୀ ନିର୍ଦ୍ଦେଶକୁ ଖୋଲା ଅବମାନନା କରିଛନ୍ତି ଡିପିଏସ୍ ଗ୍ଲୋବାଲ, ବାରିପଦା,ନାମକ ଏକ ଇଂରାଜୀ ମାଧ୍ୟମ ଘୋରଇ ଶିକ୍ଷାନୁଷ୍ଠାନ। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୨ ତାରିଖରେ ଘୋଷଣା କରିଛନ୍ତି ଯେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏବଂ ସରକାରଙ୍କର କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଉଲଂଘନ କଲେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବା ନେଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଥିଲେ। କିନ୍ତୁ ଏହାର ବିପରୀତ ଚିତ୍ର ପରିଲକ୍ଷିତ ହୋଇଛି ବାରିପଦା ସହର ଉପକଣ୍ଠ ମହୁଲିଆ ସ୍ଥିତ ଡି.ପି.ଏସ୍ ଗ୍ଲୋବାଲ, ବାରିପଦା ନାମକ ଏକ ଘୋରଇ ଶିକ୍ଷାନୁଷ୍ଠାନରେ, ଉକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷ ସରକାରୀ ନିୟମ ବାହାରେ ଆଜି ବିଦ୍ୟାଳୟ ଖୋଲି ଶିକ୍ଷାଦାନ କରୁଥିବାର ଦୃଶ୍ୟ ଦେଖି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ବିଦ୍ୟାଳୟରେ ପହଞ୍ଚି ଦେଖିବାକୁ ପାଇଥିଲେ ଯେ ବିଦ୍ୟାଳୟ ପ୍ରତିଦିନ ପରି ଚାଲୁ ରହିଥିବା ଦେଖିବାକୁ ପାଇଥିଲେ ଏବଂ ଫୋଟ ସଂଗ୍ରହ ମଧ୍ୟ କରିଥିଲେ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିକ୍ରିୟା ମଧ୍ୟ ରଖିଛନ୍ତି। ଆଜିର ଶିଶୁ କାଲିର ଭବିଷ୍ୟତ, ସେମାନଙ୍କର ଗ୍ରୀଷ୍ମପ୍ରବାହ ହେତୁ କୌଣସି କ୍ଷତି ନହେଉ ଭାବି ସରକାର ବିଦ୍ୟାଳୟ ବନ୍ଦର ନିଷ୍ପତ୍ତି ନେଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏତେ ଖାମଖିଆଲି ହେଲେ କିପରି ଏ ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ସନ୍ତୋଷଜନକ ପ୍ରତିକ୍ରିୟା ନମିଳିବାରୁ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଶିକ୍ଷାଧିକାରୀ ମୟୂରଭଞ୍ଜଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବାରମ୍ବାର ପ୍ରୟାସ କରିଥିଲେ କିନ୍ତୁ ସେ ଫୋନ୍ ଉଠାଇ ନଥିଲେ କିମ୍ବା ତାଙ୍କ ତରଫରୁ ମଧ୍ୟ ପାଲଟା ଫୋନ୍ ମଧ୍ୟ ଅଦ୍ୟାବଧି କରିନାହାନ୍ତି। ତତ୍ପରେ ଗଣମାଧ୍ୟମ ପ୍ରତିନିଧି ମାନେ ଜିଲ୍ଲାପାଳ ମୟୂରଭଞ୍ଜ ହେମକାନ୍ତ ସୟଙ୍କ ଗୋଚରାର୍ଥେ ଘଟଣା ବାବଦରେ ଅବଗତ କରାଇଛନ୍ତି। ଘଟଣା ବାବଦରେ ଅବଗତ ହେଲାପରେ ଜିଲ୍ଲାପାଳ ଘଟଣା ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିସ୍ଥିତିର ପୁନରାବୃତ୍ତି ହେବନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଛନ୍ତି।

## ମୁକ୍ତିଲାଭ କରିବ ପ୍ରଥମ କୋୟା ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ଦେଓ୍ୱା'



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଦର୍ଶକ ମାନେ ଦେଖିପାରିବେ କୋୟା ଭାଷାରେ ନିର୍ମିତ ଚଳଚିତ୍ର 'ଦେଓ୍ୱା'। ଏହି ଦେଓ୍ୱା ଚଳଚ୍ଚିତ୍ରଟି ମାଲକାନଗିରି ଯେ-ମ୍ୟାକ୍ସ ସିନେମା ହଲ ପରଦାରେ ଚଳିତ ମାସ ୨୫ ତାରିଖରେ ଶୁଭ ମୁକ୍ତିଲାଭ ହେବାକୁ ଯାଉଥିବା ନେଇ ଏହାର ପ୍ରଯୋଜକ ରବି ଶଙ୍କର ରଥ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ କୋୟା ଜନଜାତି ଉପରେ ଆଧାରିତ ଏବଂ ଚଳଚ୍ଚିତ୍ରର ୮୦ଭାଗ କଳାକାର କୋୟା ସମ୍ପ୍ରଦାୟର ଲୋକ ଅଭିନୟ କରିଥିବା ସେ ପ୍ରକାଶ କରିଛନ୍ତି। ଏହି ଚଳଚ୍ଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକ ପ୍ରଥମେ କର୍ମଶାଳା ମାଧ୍ୟମରେ କୋୟା ଲୋକଙ୍କୁ ଚଳଚ୍ଚିତ୍ର ଉପରେ ଏକ ତାଲିମ ଦେବା ପରେ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ଏହି ଚଳଚ୍ଚିତ୍ର ମାଧ୍ୟମରେ କୋୟା ସମ୍ପ୍ରଦାୟର ଲୋକଙ୍କ ସରଳ ଜୀବନଶୈଳୀ ସେମାନଙ୍କ ସଂସ୍କୃତି, ପ୍ରଥା, ପରମ୍ପରା ଉପରେ ପରିବେଷଣ କରାଯାଇ ଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଘଟୁଥିବା ଘଟଣା ଯେପରି କି ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ଭଳି ଚିତ୍ର ଗୁଡିକୁ ଏହି ଚଳଚିତ୍ର ମାଧ୍ୟମରେ ସମ୍ପ୍ରଦାୟକୁ ସଚେତନ କରାଯାଇଥିବା କହିଛନ୍ତି। ଏହି ଚଳଚିତ୍ରଟି ୧ ଘଣ୍ଟା ୪୫ ମିନିଟ ସମୟର ଅବଧି ହୋଇଥିବା ବେଳେ ଏହା ଲୋକଙ୍କ ମନରେ ଥିବା ଅନ୍ଧ ବିଶ୍ୱାସ, ଭ୍ରମ ଧାରଣାକୁ ଦୂର କରିପାରିବ। ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ମାଲକାନଗିରି ଜିଲ୍ଲାର କୋୟା ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଗ୍ରାମଗୁଡିକରେ ନିର୍ମିତ ହୋଇଥିବା ବେଳେ ଏହି ଚଳଚିତ୍ର ରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଛି ଜଣେ ଶିକ୍ଷକଙ୍କୁ ସେ ହେଉଛନ୍ତି ରାମା ମାଡକାମୀ ନାମକ ଏହି ଶିକ୍ଷକ କୋୟା ସମ୍ପ୍ରଦାୟର ହେଇଥିବା ବେଳେ କୋୟା ସମ୍ପ୍ରଦାୟର ଲୋକ ମାନଙ୍କୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ସଚେତନା କରିବାରେ ସହାୟକ ହେବ ବୋଲି କହିଛନ୍ତି। ବିଶେଷ କରି ଏହି ଚଳଚ୍ଚିତ୍ର 'ଦେଓ୍ୱା' ନିର୍ମାଣ ପାଇଁ ପୂର୍ବତନ ବିଧାୟକ ତଥା ବିଜେଡ଼ିର ଜିଲ୍ଲା ସଭାପତି ମାନସ ମାଡକାମି ସମ୍ପୂର୍ଣ୍ଣ ସହଯୋଗ କରିଥିବା ପ୍ରଯୋଜକ କହିଛନ୍ତି। ଏହି ଚଳଚ୍ଚିତ୍ରଟି ମୋଟ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେଇଥିବା ବେଳେ ଏହା ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ଚଳଚିତ୍ର ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ଜନଜାତି ଆଦିବାସି ଚଳଚ୍ଚିତ୍ର ଭାବେ ମଧ୍ୟ ପୁରସ୍କୃତ ହୋଇଛି। ଏହି ଚଳଚ୍ଚିତ୍ରର ପଯୋଜକ ଓ ନିର୍ଦ୍ଦେଶକ ହେଉଛନ୍ତି ରବି ଶଙ୍କର ରଥ, କ୍ୟାମେରା ମେନ ରଞ୍ଜନ ପାଣିଗ୍ରାହୀ ଓ ହେମନ୍ତ ଦଣ୍ଡପାଟ, ସମ୍ପାଦନା ଅଶୋକ ପାଣିଗ୍ରାହୀ, ସଙ୍ଗୀତ ନିର୍ଦ୍ଦେଶନା ବିଦ୍ୟାଧର ସାହୁ କରିଥିବା ପ୍ରକାଶ କରିଛନ୍ତି। ଏହି ଚଳଚ୍ଚିତ୍ରଟି ମାଲକାନଗିରି ଜିଲ୍ଲା ସହ ସୀମାନ୍ତ ଛତିଶଗଡ ରାଜ୍ୟରେ ଲୋକପ୍ରିୟ ହେବା ସହ ଦର୍ଶକମାନେ ମନଭରି ଏହାର ମଜା ନେବା ସହ ସମାଜକୁ କିଛି ଭଲ ପ୍ରେରଣା ପ୍ରଦାନ କରିବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି।

## କେନାଲ୍ ରାସ୍ତାରୁ ମୃତଦେହ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ଅଧିନ ପାକଟିଆ ଛକଠାରୁ ପ୍ରାୟ ୧ କିମି ଦୂର କେନାଲ୍ ରାସ୍ତା ରୁ ଶୁଳିଆପଦା ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ଶୁଳିଆପଦା ବ୍ଲକ୍ ମହାବିଲା ପଞ୍ଚାୟତ ଅଧିନ ଧରମପୁରା ଗ୍ରାମର ସ୍ୱର୍ଗତ ସଦାଶିବ ମାଝିଙ୍କ ପୁଅ ରବିନ୍ଦ୍ର ମାଝି (୩୫) ବୋଲି ଜଣା ପଡିଛି। ମିଳିଥିବା ସୁଚନା ମୁତାବକ ରବିନ୍ଦ୍ର ପଡୋଶୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରକୁ କାମ କରିବାକୁ ଯାଇଥିଲେ। ଗତକାଲି ତାଙ୍କ ସ୍ତ୍ରୀ ମାଲିକଙ୍କ ସହିତ କଥା ହେଇଥିଲେ। ସ୍ୱାମୀର ଦେହ ଖରାପ ଲାଗିବାରୁ ସେ ଘରକୁ ଆସୁଥିବା ଜାଣିବାକୁ ପାଇଥିଲେ। ତେବେ ଆଜି ସକାଳୁ ସ୍ଥାନୀୟ ଲୋକ କେନାଲ୍ ରାସ୍ତା କଡରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବର ପ୍ରସାର ହେବା ପରେ ଘଟଣାସ୍ଥଳ ଲୋକାରଣ୍ୟ ପାଲଟି ଥିଲା। ଖବର ପାଇ ଶୁଳିଆପଦା ଓଆଇସି ସତ୍ୟ ନାରାୟଣ ବଳ ଓ ଏଏସଆଇ ରସାନନ୍ଦ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧନା




କଣାସ, (ଭାସ୍କର ନ୍ୟୁଜ): ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ରୋଗୀ ସେବାରେ ଲୋକପ୍ରିୟତା ହାସଲ କରିଥବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ଡାକ୍ତର ରମେଶ ଚନ୍ଦ୍ର ବେହେରା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସେବା ନିବୃତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଡାକ୍ତର ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମେ ତାଙ୍କୁ କଣାସ ବଜାରଠାରୁ ଓଡିଶା ସ୍କାଉଟ ଗାଇଡ ତଥା ସେଣ୍ଟଜହନ ଆମ୍ବୁଲାନ୍ସର ବିଗ୍ରେଡିଅରଙ୍କ କ୍ୟାଡଟ ମାନେ ଜନସାଧାରଣ, ସ୍ୱେଚ୍ଛାସେବୀ, ସାମ୍ବାଦିକ ଏବଂ ଡାକ୍ତରଖାନାର କର୍ମଚାରୀମାନେ ଶୋଭାଯାତ୍ରାରେ ଆଣି ଫୁଲତୋଡା ଦେଇ କଣାସ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପାଛୋଟି ଆଣିଥିଲେ। କଣାସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧ୍ୟକ୍ଷକ ଡାକ୍ତର କ୍ଷମାନିଧି ସେଠୀଙ୍କର ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେହି ଭଳି ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଶହେ ଦିନିଆ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କଣାସ ଉତ୍ତମ ପ୍ରଦର୍ଶନ କରିଥିଲା। ଏହି ସମୟ ମଧ୍ୟରେ କଣାସରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ କିଛି ସମାଜସେବୀ, ସାମ୍ବାଦିକ, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଟିବି ଚମ୍ପିୟାନ, ସୁପର ଭାଇଜର, ଏନଏଚଏମ ମ୍ୟାନେଜର ପ୍ରମୁଖ ଭୂମିକା ନେଇଥିଲେ। ବସନ୍ତପୁର ଗ୍ରାମର ଆଶାକର୍ମୀ ଝୁନାମଣି ପାଇକରାୟ, କେତେକ ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ମାନେ ପଥ ପ୍ରାନ୍ତ ନାଟକ ଆୟୋଜନ କରି ବ୍ୟାପକ ଜନସଚେତନତା କରାଇଥିଲେ। ଫଳରେ କଣାସରୁ ଶହେଦିନ କାର୍ଯ୍ୟକର୍ମ ସମୟରେ ୧୦ ଜଣ ନୂଆ ଯକ୍ଷ୍ମାରୋଗୀ କଫ ପରୀକ୍ଷାରୁ ଓ ୨୬ ଜଣ ନୂଆ ଯକ୍ଷ୍ମାରୋଗୀ ଏକ୍ସରେ ମାଧ୍ୟମରେ ଚିହ୍ନଟ ହୋଇପାରିଥିଲେ। ଏହି ସଫଳତାର ମନ୍ତ୍ରମୁଗ୍ଧ ହୋଇ ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତରଫରୁ ସେକ୍ସନ ଅଫିସର ନଗେନ୍ଦ୍ର ନାଥ ପ୍ରଧାନ ସେମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଡାକ୍ତର ବିବେକ ଅନୁରାଗ,ସବ୍ୟଶାଚୀ ମହାପାତ୍ର, କୁମାର ଅଭିନନ୍ଦନ, ସୌମ୍ୟରଞ୍ଜନ ସେଠୀ, ବଲ୍ଲଭ ଭଡ, ଡାକ୍ତର ସସ୍ମିତା ସାମନ୍ତରାୟ, ସ୍ୱର୍ଣ୍ଣଲତା ରଥ , କଳିଙ୍ଗ କୁମାର ଉପାଧ୍ୟାୟ, ଯକ୍ଷ୍ମାର ବ୍ଲକ ପରିଚାଳକ ତପନ କୁମାର ଚୌଧୁରୀ ଏବଂ ସମସ୍ତ କର୍ମଚାରୀ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ରୋଗୀକଲ୍ୟାଣ ସଦସ୍ୟ ଶ୍ରୀକାନ୍ତ ପଟ ଯୋଷୀ, ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଏମ ଧନେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ।

## ସମସ୍ୟା ଘେରରେ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଅସୁରେଶ୍ୱର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାନା ସମସ୍ୟା ଘେରରେ ରହିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଅସୁରେଶ୍ୱର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ୱାସ୍ଥ୍ୟସେବା ନିମନ୍ତେ ସ୍ଥାନୀୟ ଅସୁରେଶ୍ୱର, କେଣ୍ଡାଳୋ, କଟିକଟା, ସୁକରପଡା,ତରତ ସମେତ ଡେରାବିଶ ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତର ଶହଶହ ରୋଗୀ ନିର୍ଭର କରିଥାନ୍ତି। ମାତ୍ର ଏହି ଡାକ୍ତରଖାନାରେ ନିଯୁକ୍ତି ପାଇଥିବା ଡାକ୍ତର ଜଣକ ସପ୍ତାହକୁ ମାତ୍ର ୨ଦିନ ଆସୁଥିବାର ଅଭିଯୋଗ ହୋଇଛି। ଜରୁରୀକାଳୀନ ପରିସ୍ଥିତିରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଚିକିତ୍ସା ନିମନ୍ତେ ଆସୁଥିଲେ ମଧ୍ୟ ଡାକ୍ତରଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଏପରିକି ବହୁ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀ ଅକାଳରେ ମୃତ୍ୟୁବରଣ କରୁଥିବାର ଅଭିଯୋଗ ହୋଇଛି। ଦିନ ୧୨ଟା ବାଜିବା ମାତ୍ରେ ଏହି ଡାକ୍ତରଖାନାରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି। ରାତ୍ରିରେ ଏହି ଡାକ୍ତରଖାନା ପରିସରରେ କୌଣସି ଡାକ୍ତର ରହୁନଥିବାର ଅଭିଯୋଗ ହୋଇଛି। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ଉପଯୁକ୍ତ ଚିକିତ୍ସା ସୁବିଧା ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଥିବାର ଅଭିଯୋଗ ହୋଇଛି। ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୋଟି କୋଟି ଟଙ୍କା ବିନିଯୋଗରେ କେବଳ କୋଠା ଉପରେ କୋଠା ଗୃହ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରୁନଥିବାର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ଅଭିଯୋଗ କରାଯାଇଛି। ଆଜି ବିଜେପିର କେତେକ ସ୍ଥାନୀୟ ପ୍ରତିନିଧି ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ମାତ୍ର ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରୁନଥିବା କାରଣରୁ ପ୍ରତିନିଧିମାନେ ଘୋର ଉଦବେଗ ପ୍ରକାଶ କରିଥିଲେ। ଏପରିକି ଏହି ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ଆମ୍ବୁଲାନ୍ସ ନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ବିଜେପି ପ୍ରତିନିଧି ଦଳ ଦାବି କରିଛନ୍ତି।

## ଜମି ମାଫିଆଙ୍କ ଆତଙ୍କରାଜ

ଛତ୍ରପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ତହସିଲ ଅନ୍ତର୍ଗତ ଆଲିଆବାଦ ମୌଜାର ନୀଳାଦ୍ରିପୁର ଗ୍ରାମରେ ଜମି ମାଫିଆ, ଦଲାଲଙ୍କ ଆତଙ୍କରାଜ। କିଛି କୁଜି ନେତାମାନେ ଗତ କିଛି ମାସ ଧରି ମାଁ ରାମଚଣ୍ଡୀଙ୍କ ପାହାଡ ତଳେ ଥିବା ସରକାରୀ ଜମିକୁ ବେଧଡ଼କ ଭାବେ ବିକ୍ରି କରୁଛନ୍ତି। ଏନେଇ ପୂର୍ବରୁ ପଞ୍ଚାୟତ ବାସୀ ଓ ମନ୍ଦିର କମିଟି ତରଫରୁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ହୋଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଜନୈକ ବ୍ୟକ୍ତି କିଛି ଅସମାଜିକ ବ୍ୟକ୍ତିଙ୍କୁ ଧରି ସରକାରୀ ଜମି ବିକ୍ରି କରି ଚାଲିଛନ୍ତି। ଭଡାଟିଆ ଗୁଣ୍ଡାଙ୍କୁ ଲଗାଇ ବଟି ଆଦାୟ ସହ ଲୋକଙ୍କୁ ଭୟଭିତ କରୁଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ସେଠାରେ ମଦ ଓ ଗଂଜେଇ କାରବାର କରୁଥିବା ଜଣାପଡିଛି। ସନ୍ଧ୍ୟା ସମୟରେ ରାସ୍ତାକଡରେ ଗଂଜେଇ ଓ ମଦ୍ୟପ ବ୍ୟକ୍ତି ମାନଙ୍କ ଆଡା ଜମୁଛି। ଫଳରେ ସନ୍ଧ୍ୟା ପରେ ଅଞ୍ଚଳବାସୀ ଓ ମନ୍ଦିରକୁ ଆସୁଥିବା ଭକ୍ତମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହା ଦ୍ୱାରା ସବୁଜ ଜଙ୍ଗଲ ନଷ୍ଟ ହେବା ସହିତ ନିଶା କାରବାର ପେଣ୍ଠସ୍ଥଳ ପାଲଟିଗଲାଣି। ଆଗାମୀ ଦିନରେ ପ୍ରଶାସନ ଏହା ଉପରେ ପଦକ୍ଷେପ ଗ୍ରହଣ ନକଲେ ଗ୍ରାମବାସୀ ରାସ୍ତା ରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆମ୍ବେଦକର ଯୁବ ବିକାଶ ପରିଷଦ ତରଫରୁ ବିରୀଗୁଡା କଲୋନୀ ଠାରେ ଆଜି ୧୩୪ ତମ ଆମ୍ବେଦକର ଜୟନ୍ତୀ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ସିଇଓ ମେହଜର ବେଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି,ବସନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବହୁଜନ ସମାଜ ପାର୍ଟିର କୋରାପୁଟ ଲୋକଶୋଭା ପ୍ରଭାରୀ ସଂଜୀବ କୁମାର ନାଏକ ଓ ସରଜ କୁମାର ନାଏକ ଯୋଗ ଦେଇ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଲକ୍ଷ୍ମୀପୁର ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମିରିକା ଓ ବହୁଜନ ସମାଜ ପାର୍ଟି ଜୋନାଲ ସଞ୍ଯୋଜକ ନିରଞ୍ଜନ ଟାକ୍ରୀ ଓ ବିଶୋଇ କୁଲଦୀପଙ୍କ ସମେତ ଆପାରାଅ ୱାଡେକା, ଆବ୍ରାହାମ ୱାଡେକା, ଗଙ୍ଗା ସାଗର, ଗୋପାଳ ମହାନନ୍ଦିଆ ଓ ଡଉଳ ରନ୍ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆମ୍ବେଦକର ଯୁବ ବିକାଶ ପରିଷଦ ର ଆବାହକ ଘନଶ୍ୟାମ ହଲବା ମଞ୍ଚ ପରିଚାଳନା କରିଥିବା ବେଳେ ସଂଗଠନ ର ସଭାପତି ପୁରନ କୁମାର ହଲବାଙ୍କ ସହ ସଂଜୀବ ନାଚିକା, ସୁପାଲ ମହାନନ୍ଦିଆ, ଭୀମ ମିନିଆକା, ସୁଶାନ୍ତ ହଲବା ମନୋଜ କୁମାର ମାଣ୍ଡିଙ୍ଗା, ସୁଶାନ୍ତ ମାଣ୍ଡିଙ୍ଗା, ବସନ୍ତ ମାଣ୍ଡିଙ୍ଗା, ପୁରୁଷଉମ ମିନିଆକା ଏବଂ ସେକୁ ହିକକାଙ୍କ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ ରହିଥିଲା।

## ନିଆଳୀରେ ଖୋଲିଲା ବାଲ ବାଟିକା ପ୍ଲେ ସ୍କୁଲ

ନିଆଳି, (ଭାସ୍କର ନ୍ୟୁଜ୍): ଗତ ସୋମବାର ଦିନ ନିଆଳି ଅଞ୍ଚଳ ସିନେମା ହଲ ରେ ବାଲ ବାଟିକା ନାମକ ଏକ ଘରୋଇ ବିଦ୍ୟାଳୟ ଖୋଲିଚି। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିଆଳି ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିଦ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ନିଆଳି ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂ, ସତ୍ୟ ନାରାୟଣ ଖୁଣ୍ଟିଆ, ସୁରେନ୍ଦ୍ର କୁମାର ସାହୁ ଓ ବିଭିନ୍ନ ବୁଦ୍ଧିଜୀବୀ ମାନ୍ୟଗଣ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଉକ୍ତ ଉଦ୍ଘାଟନୀ ସଭାରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସଭ୍ୟ ଓ ସଭ୍ୟା, ସତ୍ୟ ରଂଜନ ଖୁଣ୍ଟିଆ, ରଶ୍ମିରଂଜନ ବଳ ସାମନ୍ତ, ବିଶ୍ୱନାଥ ସାହୁ, ସୁନୀଲ କୁମାର ସାହୁ ସେମାନେ ବିଦ୍ୟାଳୟ ଖୋଲିବାରେ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ସେଠାରେ ଥିବା ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନଙ୍କୁ ଜଣାଇଥିଲେ। ଶିକ୍ଷା ମଣ୍ଡଳ ଅଧିକାରିଣୀ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ଶିକ୍ଷାର ଉନ୍ନତି ସହିତ ଛୋଟଛୋଟ ପିଲା ମାନଙ୍କର ଜୀବନଶୈଳୀ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିବେଶ ଅତ୍ୟନ୍ତ ରାମଣୀୟ ହୋଇଛି ବୋଲି କହିଥିଲେ। ନିଆଳି ଅଞ୍ଚଳରେ ଏଭଳି ଏକ ନୂତନ ପ୍ରୟାସକୁ ପ୍ରଶଂସା କରିଥିଲେ।




## ଛାତ୍ରଛାତ୍ରୀମାନେ ମାତୃଭାଷା ଶିକ୍ଷାରୁ ବଞ୍ଚିତ, ଚିନ୍ତାରେ ଅଭିଭାବକ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଶିକ୍ଷାବିଭାଗ ଅଧୀନରେ ଥିବା କଟକଣା ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟରେ ସର୍ବ ମୋଟ (୭୯)ଜଣ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରୁଥିବା ବେଳେ ସେଥିରୁ (୭୫) ଜଣ ଛାତ୍ରଛାତ୍ରୀ ମାତୃଭାଷା ଉର୍ଦ୍ଦୁ ଶିକ୍ଷା ଗ୍ରହଣ କରିଥାନ୍ତି। ଏଠାରେ ନିଯୁକ୍ତି ପାଇଥିବା ଉର୍ଦ୍ଦୁ ଶିକ୍ଷକ ଗତ (୩୧/୮/୨୦୨୨)ରୁ ଅବସର ନେବାପରେ ତତ୍କାଳୀନ ଶିକ୍ଷାଧିକାରୀ ଜଣେ ଶିକ୍ଷକ ନିଯୁକ୍ତି କରିଥିଲେ। ଏବେ ସେ ମହାଶୟ ରୂପେ ଦାୟିତ୍ୱ ନେବା ପରେ ଛାତ୍ରଛାତ୍ରୀମାନଙ୍କର ମାତୃଭାଷା ଶିକ୍ଷାରେ ଡୋରି ବନ୍ଧା ହୋଇଛି। ତୁରନ୍ତ ଏହି ବିଦ୍ୟାଳୟକୁ ଜଣେ ସ୍ଥାୟୀ ଶିକ୍ଷକ ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକମାନେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଓ କାକଟପୁର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ବିଜୀପୁର ଶନି ମନ୍ଦିର ନିକଟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପକୁ ମୁଖ୍ୟ ଅତିଥି ଭାବରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପର ପରିଚାଳନା ଦାୟିତ୍ୱ ୬ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଛି। ବାଲିତୁଠ ପଞ୍ଚାୟତର ସିଆରପି ଶାନ୍ତି ଲତା ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଜେନା ଜଳ ହିଁ ଜୀବନ କହିବା ସହିତ ମହିଳା ମାନେ ଉକ୍ତ ପ୍ରକଳ୍ପର ଦାୟିତ୍ୱ ନେଇ ସ୍ୱଚ୍ଛ ମୂଲ୍ୟରେ ଜଳ ଯୋଗାଇ ଦେବା ସହ ରୋଜଗାର କ୍ଷମ ହେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଏରସମା ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀ ପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା,ବାଲିତୁଠ ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାଲିତୁଠ ପୂର୍ବତନ ସମିତି ସଭ୍ୟ ପ୍ରକାଶ ପରିଡ଼ା, ସମବାୟ ବିତ୍ ସମୀର ରଞ୍ଜନ ସ୍ୱାଇଁ, ଚଟୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଚଟୁଆ ସମବାୟ ସମିତିର ସଭାପତି ସଞ୍ଜୟ କୁମାର ମହାନ୍ତି, ଡ଼ ଦେବଦତ୍ତ ସାମନ୍ତରାୟ,ବିପିଏମ୍ ଅମିତା ସ୍ୱାଇଁ, ଜ୍ଞାନ ରଞ୍ଜନ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶଶୀ ରଞ୍ଜନ ପଣ୍ଡା, ଶଙ୍କର ମଲ୍ଲ, ବିଷ୍ଣୁ ପ୍ରିୟା ମଲ୍ଲ ଓ ସସ୍ମିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳିତ



ଗୋପ, (ଭାସ୍କର ନ୍ୟୁଜ୍ ) : ଗୋପ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ଗୋପ ପାଠାଗାର ଠାରେ ଗୋପ ସେକ୍ଟରର ୭ମ ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଅଙ୍ଗନବାଡି କର୍ମୀ ଗୀତାଞ୍ଜଳୀ ସିଂଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ସରପଞ୍ଚ ସୁଲୋଚନା ଦାସ ଯୋଗଦେଇଥିବା ବେଳେ ଗୋପ ସେକ୍ଟର ସୁପରଭାଇଜର ସୁଚିତ୍ରା ପ୍ରଧାନ ଯୋଗଦେଇ କିଶୋରୀ ଅବସ୍ଥାରୁ ଆରମ୍ଭ କରି ମାଆ ହେବା ପର୍ଯ୍ୟନ୍ତ କିପରି ପୋଷଣ ଯୁକ୍ତ ଖାଦ୍ୟ ଖାଇବେ ଏପରିକି ଗର୍ଭାବସ୍ଥାରେ ମହିଳାଙ୍କ ଶାରିରିକ ଓ ମାନସିକ ସ୍ଥିତି, ଆବଶ୍ୟକୀୟ ଭିଟାମିନ ଯୁକ୍ତ ଖାଦ୍ୟପେୟ ଯଥା ସଜନା ଶାଗ, ମାଛ, ଅଣ୍ଡା, କଦଳୀର ବହୁଳ ବ୍ୟବହାର ସହ ତ୍ରିରଙ୍ଗା ଜାତୀୟ ଖାଦ୍ୟ ଅର୍ଥାତ କମଳା, ସବୁଜ ଏବଂ ଧଳା ରଙ୍ଗର ଖାଦ୍ୟ ଖାଇବା ଦ୍ୱାରା ସଠିକ୍ ମାତ୍ରାରେ ଶରୀରରେ ପୋଷଣ ଯୋଗାଇ ପାରିବ ବୋଲି ପରାମର୍ଶ ଦେଇଥିଲେ । ସେହିପରି ଅଙ୍ଗନବାଡ଼ି କର୍ମୀ ବନିତା ମହାପାତ୍ର, ମାନସୀ ପ୍ରଧାନ, ସେହେନାଜ୍ ଅହେମଦ୍, ସସ୍ମିତା ସାହୁ, ମମତା ସାହୁ, ସର୍ମିଷ୍ଠା ମହାପାତ୍ର ପ୍ରମୁଖ ଗୋପ ସେକ୍ଟରର ୨୨ ଜଣ କର୍ମୀ ଯୋଗଦେଇ ଶିଶୁ, ଗର୍ଭବତୀ ଓ ପ୍ରସୂତି ମାଆ ମାନଙ୍କ ୧୦୦୦ ଦିନର ଗୁରୁତ୍ୱ, ହିତାଧିକାରୀଙ୍କ ସେବା, ପୁଷ୍ଟିହୀନତା ପରିଚାଳନା ଓ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ସହ ପୋଷଣ ପକ୍ଷର ତାତ୍ପର୍ଯ୍ୟ ଏବଂ ଏହାର ଆଭିମୁଖ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ । ପରେ କର୍ମୀମାନେ ନିଜେ ତିଆରି କରି ଆଣିଥିବା ପ୍ରାୟ ୫୦ ପ୍ରକାରର ପୁଷ୍ଟିକର ଓ ପୋଷଣଯୁକ୍ତ ଖାଦ୍ୟ ମାଣ୍ଡିଆ ଚକୁଳି, ମାଣ୍ଡିଆ ଖିରୀ, ସୁଜି ହାଲୁଆ, ଖିର ଗଁଇଠା, ଆରସା କାକରା ଆଦି ବିଭିନ୍ନ ପିଠା ସହ ଫଳ ଓ ପନିପରିବା ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ସେକ୍ଟରର ସମସ୍ତ ସହାୟିକା, ଆଶାଙ୍କ ସମେତ ୫୦ ରୁ ଉର୍ଦ୍ଧ କିଶୋରୀ, ଗର୍ଭବତୀ ଓ ପ୍ରସୂତି ମାଆ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କଲେ ଜିଲ୍ଲାପାଳ

### କୋରାପୁଟ ଶ୍ରେଷ୍ଠ ଜିଲ୍ଲା ଭାବେ ମନୋନୀତ



କୋରାପୁଟ, (ଭାସ୍କର ନ୍ୟୁଜ) : କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ୨୦୨୪ରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟକାରିତା ପାଇଁ କୋରାପୁଟ ଜିଲ୍ଲାପାଳ ଭି କିର୍ତି ଭାସନ ଦିଲ୍ଲୀରେ ଆୟୋଜିତ ସିଭିଲ ସର୍ଭିସ ଡେ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲ୍ଲାପାଳ ଭାସନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସମଗ୍ର ଦେଶରେ ୭୧୨ ଜିଲ୍ଲାକୁ ନେଇ ଆକାଳନ ହୋଇଥିବା ବେଳେ ସେଥିରୁ କୋରାପୁଟ ଜିଲ୍ଲା ସହ ୫ ଜିଲ୍ଲାକୁ ଚୟନ କରାଯାଇଥିଲା । କୋରାପୁଟକୁ ଶ୍ରେଷ୍ଠ ଜିଲ୍ଲା ଭାବେ ଏହି ଆୱାର୍ଡ ମିଳିଛି । ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସକ୍ଷମ ଅଙ୍ଗନବାଡି ଓ ପୋଷଣ, ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ପିଏମ ବିଶ୍ୱକର୍ମା, କିଷାନ କାର୍ଡ, ମିଶନ ଟିକାକରଣ, ପିଏମ୍ ଜନ ଆରୋଗ୍ୟ ଯୋଜନା, ହରଘର ଜଳ (ଜଳ ଜୀବନ ମିଶନ) ପିଏମ ସହରାଞ୍ଚଳ ଆବାସ ଓ ପିଏମ ଗ୍ରମାଞ୍ଚଳ ଆବାସ ଯୋଜନା ଆଦି ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ସହ ସାଧାରଣ ଜନତା ଓ ପ୍ରଶାସନର ସହଭାଗିତାରେ ନିଜ ଦକ୍ଷତା ପ୍ରତିପାଦନ କରି ଶ୍ରେଷ୍ଠ ଜିଲ୍ଲାପାଳ ଭାବେ ପୁରସ୍କୃତ ହୋଇଛନ୍ତି ।

## ମହାନ୍ତିପାଟଣାରେ ୫ ଦିନିଆ ବାଦିପାଲା ଉଦ୍‌ଯାପିତ



ଫୁଲନଖରା (ଭାସ୍କର ନ୍ୟୁଜ୍): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ମହାନ୍ତିପାଟଣା ଗ୍ରାମର ମା' ଗ୍ରାମ ଦେବତୀଙ୍କ ପିଠ ସ୍ଥଳୀରେ ଥିବା ସାଂସ୍କୃତିକ ମଣ୍ଡପରେ ପ୍ରତିବର୍ଷ ଭଳି ଚଳିତବର୍ଷ ୨୦୨୫ର ୫ ଦିନ ଧରି ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି । ଏହି ବାଦୀପାଲା ଦେଖିବା ପାଇଁ ଦୈନଦିନ ସନ୍ଧ୍ୟାରେ ଆଖପାଖ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଏହି ପାଲାକୁ ଉପଭୋଗ କରିଥାନ୍ତି। ଉଦ୍‌ଯାପନି ସନ୍ଧ୍ୟାରେ ସବୁଦିନ ଟି.ଭିର ପ୍ରତିଷ୍ଠାତା ଅଧ୍ୟକ୍ଷ ହୃଦାନନ୍ଦ ସାହୁ, ସମ୍ପାଦକ ସନାତନ ପରିଜା, ସାମ୍ବାଦିକ ଲଳିତ କୁମାର ଦାଶ, ଧୀରେନ୍ଦ୍ର ସାହୁ, ସତ୍ୟରଞ୍ଜନ ଦାସମହାପାତ୍ର ଓ ଗୁରୁପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗାୟକ ଚୂଡ଼ାମଣି ଭାସ୍କର ସାହୁ ଓ ତାଙ୍କର ସାଥି ଓ ବାୟକ ମାନଙ୍କୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଭାଷା କଳା ସଂସ୍କୃତିକୁ ପାଲାମାନେ ଗ୍ରାମାଞ୍ଚଳରେ ପାଲା ମାଧ୍ୟମରେ ପ୍ରଚାର ପ୍ରସାର କରି ଆଧାତ୍ମିକ ଚେତନା ସୃଷ୍ଟି କରିଥିବାରୁ ବିଭିନ୍ନ ମଣ୍ଡପରେ ପାଲା ଗାୟକମାନଙ୍କୁ ସବୁଦିନ ଟି.ଭି ପକ୍ଷରୁ ଉତ୍ସାହିତ କରିବା ପାଇଁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ସାମ୍ବାଦିକ ଲଳିତ କୁମାର ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଗ୍ରାମର ମୁରବୀ କେଳୁଚରଣ ବେହେରା, ବିଜୟ କୁମାର ବାରିକ ଓ କେଳୁଚରଣ ଖୁଣ୍ଟିଆଙ୍କ ସମେତ ପାଲା ପରିଚାଳନା କରୁଥିବା ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## କୃଷ୍ଣପ୍ରସାଦ ବ୍ଲକରେ ଅଗ୍ନିଶମ ସପ୍ତାହ ପାଳିତ




କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ମାଲୁଦ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ମାଲୁଦ କେନ୍ଦ୍ର ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ମାଲୁଦ ରାଜା ବଜାର ଚାରିଛକ ବଜାର ଓ ମାଲୁଦ ଠାରେ ଥିବା ଦୁଇଟି ପେଟ୍ରୋଲ ପମ୍ପ ଠାରେ ମକ ଡ୍ରିଲ ମାଧ୍ୟମରେ ହଠାତ୍ ବିଦ୍ୟୁତ ଜନିତ ଦୁର୍ଘଟଣା ରୋକିବା ବିପର୍ଯ୍ୟୟ ସମୟରେ ଘଟୁଥିବା ଦୁର୍ଘଟଣା ବିପର୍ଯ୍ୟୟ ସମୟରେ ରାସ୍ତା ସଫା କରିବା ଏବଂ ତୈଳ ଜାତୀୟ ଦୁର୍ଘଟଣା କିପରି ରୋକିବା ନିମନ୍ତେ ସଚେତନ କରାଇଥିଲେ। ମଟର ଗାଡ଼ିରେ ପେଟ୍ରୋଲ ପକାଇବା ସମୟରେ ମୋବାଇଲରେ କଥା ନ ହେବା ମଟର ସାଇକେଲରେ ବସି ଗାଡିରେ ନ ପକାଇବା ପରି ବହୁ ସଚେତନତା ବାର୍ତ୍ତା ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

### ଯୌତୁକ ନିର୍ଯାତନା ମାମଲା

## ଦୋଷୀଙ୍କୁ ସାଢେ ୩ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ଏକ ଯୌତୁକ ଜନିତ ନିର୍ଯ୍ୟାତନା ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତ ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଅଜୟ କୁମାର ନାଥକୁ ସାଢେ ତିନି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦୋଷୀକୁ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଦୋଷୀକୁ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ହରପ୍ରିୟା ନାଥ ସେହି ଗ୍ରାମର ଅଜୟ ନାଥଙ୍କୁ ଗତ ୨୦୧୭ ମସିହା ନଭେମ୍ବର ମାସ ୨୫ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ବିବାହ ପରେ ଅଜୟ ହରପ୍ରିୟାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ କରିଦେଇଥିଲେ। ଅଜୟଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ଥିବା ହରପ୍ରିୟା ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କର ଏତାଦୃଶ କାର୍ଯ୍ୟକୁ ହରପ୍ରିୟା ବିରୋଧ କରିବାରୁ ତାଙ୍କ ଉପରେ ମାନସିକ ଓ ଶାରିରିକ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା। ଏଥିସହିତ ଅଜୟ ତା'ର ଜଣେ ସାଙ୍ଗକୁ ଘରକୁ ଡାକି ତା'ସହ ଅନୈତିକ ସମ୍ପର୍କ ରଖିବାକୁ ପତ୍ନୀ ହରପ୍ରିୟାକୁ ବାଧ୍ୟ କରିଥିଲେ। ଏନେଇ ହରପ୍ରିୟା ଆଇନର ଆଶ୍ରୟ ନେଇଥିଲେ। ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ ଶ୍ରୀ ଚିନ୍ନାରା ଉପରୋକ୍ତ ରାୟ ଦେଇଛନ୍ତି। ଅଦାଲତରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## ମିଥ୍ୟା ମୃତ୍ୟୁ ପ୍ରମାଣପତ୍ର କରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଶିଖପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍.ଭି. ୧୭ ଗ୍ରାମର ଜଣେ ମହିଳା ତାଙ୍କ ପିତାଙ୍କ ନାମରେ ମିଥ୍ୟା ମୃତ୍ୟୁ ପ୍ରମାଣ ପତ୍ର ହୋଇଥିବା ନେଇ ଜିଲ୍ଲାପାଳଙ୍କୁ ଅଭି ଯୋଗ କରିଛନ୍ତି। ଏମ୍.ଭି. ୧୭ ଗ୍ରାମ ନିବାସୀ ସୁପ୍ରଭା ଶିକାରି ନାମକ ମହିଳା ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରି ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସୁପ୍ରଭାଙ୍କ ପିତା ନିରୋଦ ବିହାରୀ ବିଶ୍ୱାସ ଏମ୍.ଭି. ୧୬ ଗ୍ରାମରେ ବସବାସ କରୁଥିଲେ ଏବଂ ତାଙ୍କର ଚାରଟି ସନ୍ତାନ ଅଛନ୍ତି। ଏହି ଚାରିଜଣଙ୍କ ମଧ୍ୟରୁ ତିନିଜଣ କନ୍ୟା ସନ୍ତାନ ସୁପ୍ରଭା ଶିକାରି, ସବିତା ମିତ୍ର ଓ ସୁମିତ୍ରା ବେପାରୀ ଓ ଗୋଟିଏ ପୁତ୍ର ସନ୍ତାନ ନିତ୍ୟାନନ୍ଦ ବିଶ୍ୱାସ, ତେବେ ତାଙ୍କ ପିତାଙ୍କ ନାମରେ ମୌଜା ତଣ୍ଡାପାଲ୍ଲୀ ଓ ଶିଖପାଲ୍ଲୀରେ ଜମି ଥିବା ବେଳେ ଶିଖପାଲ୍ଲୀ ମୌଜାରେ ଖାତା ନଂ. ୧୫୨ରେ ତାଙ୍କ ପିତାଙ୍କ ନାମ ନିରୋଦ ବିହାରୀ ବିଶ୍ୱାସ ବୋଲି ଉଲ୍ଲେଖ ଥିବାବେଳେ ତଣ୍ଡାପାଲ୍ଲୀ ମୌଜା ଖାତା ନଂ. ୩୧୫ରେ ତାଙ୍କ ନାମ ଭୁଲ ବସତଃ ବିନୋଦ ବିହାରୀ ବିଶ୍ୱାସ ବୋଲି ଉଲ୍ଲେଖ ରହିଛି। ତେବେ ଏମ୍.ଭି. ୧୬ ଗ୍ରାମରେ ବିନୋଦ ବିହାରୀ ବିଶ୍ୱାସଙ୍କ ନାମରେ କୌଣସି ବ୍ୟକ୍ତି ନାହାନ୍ତି । ଅନ୍ୟଦିଗରେ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଭାବେ ଏହି ଚାରିଜଣ ସନ୍ତାନଙ୍କ ନାମ ଉତ୍ତରାଧିକାରୀ ପ୍ରମାଣ ପତ୍ରରେ ଉଲ୍ଲେଖ ରହିଥିବା ବେଳେ ନିରୋଦ ବିହାରୀ ବିଶ୍ୱାସଙ୍କ ସମସ୍ତ ଜମିକୁ ଚାରି ଭାଗରେ ବଂଟନ କରା ଯିବାର ନିୟମ ଥିବା ବେଳେ ସୁପ୍ରଭାଙ୍କ ଭାଇ ନିତ୍ୟାନନ୍ଦ ବିଶ୍ୱାସ ସମସ୍ତ ଜମି ଏକୁଟିଆ ହଡପ କରିବା ଉଦ୍ଦେଶ୍ୟରେ ନିତ୍ୟାନନ୍ଦଙ୍କ ପୁତ୍ର ନିଲ କମଲ ବିଶ୍ୱାସଙ୍କ ନାମରେ ସମ୍ପତି କରିବା ନିମନ୍ତେ ଜାଲିଆତି କରିଥିଲେ। ନିଲ କମଲ ବିଶ୍ୱାସ କିରାଣୀ ଭାବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ପଡିଆ ଠାରେ କାର୍ଯ୍ୟରତ ଥିବା ବେଳେ ବର୍ତ୍ତମାନ ଡେପୁଟେସନରେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ସୁପ୍ରଭାଙ୍କ ପିତାଙ୍କ ନାମ ଦୁଇଟି ପଟ୍ଟାରେ ଅଲଗା ଅଲଗା ଥିବାରୁ ଏହାର ସୁଯୋଗ ନେଇ ନିଲ କମଲ ଆଉ ଗୋଟିଏ ମୃତ୍ୟୁ ପ୍ରମାଣ ପତ୍ର ନିମନ୍ତେ ମାଲକାନଗିରି ତହସିଲରେ ଆବେଦନ କରିବା ସହ ଉକ୍ତ ମୃତ୍ୟୁ ପ୍ରମାଣ ପତ୍ରରେ ମୋ ପିତାଙ୍କ ନାମ ବିନୋଦ ବିହାରୀ ବିଶ୍ୱାସ ବୋଲି ଉଲ୍ଲେଖ କରି ଜାଲିଆତି କରିଛନ୍ତି। ଏହି ମୃତ୍ୟୁ ପ୍ରମାଣ ପତ୍ର ଆଧାରରେ ତଣ୍ଡାପାଲ୍ଲୀ ମୌଜାର ସମସ୍ତ ଜମି ତାଙ୍କ ନାମରେ ହଡପ କରିବା ନିମନ୍ତେ ଜାଲିଆତି କରା ଯାଇଛି। ଏ ସମ୍ବନ୍ଧରେ ସୁପ୍ରଭା ଜାଣିବା ପରେ ମାଲକାନଗିରି ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ଏହାର କୌଣସି ସୁଫଳ ମିଳିନାହି। ଅନ୍ୟ ପକ୍ଷରେ ଏ ସମ୍ବନ୍ଧରେ ଏମ୍.ଭି. ୧୬ ଗ୍ରାମରେ ତଦନ୍ତ କଲେ ପ୍ରକୃତ ତଥ୍ୟ ପଦାରେ ପଡିବ ଏବଂ ବିନୋଦ ବିହାରୀ ବିଶ୍ୱାସ ନାମରେ କୌଣସି ବ୍ୟକ୍ତି ଏମ୍.ଭି. ୧୬ ଗ୍ରାମରେ ରହୁ ନଥିବା ଜଣାପଡ଼ିବା ତେଣୁ ଏ ସମ୍ବନ୍ଧରେ ଉଚିତ ତଦନ୍ତ କରି ନିଲକମଲ ବିଶ୍ୱାସଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପ୍ରଭା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ବନ୍ଦ ହୋଇପଡ଼ିଥିବା ବିଦ୍ୟାଳୟରୁ ହଟିଲା ଜବରଦଖଲ

## ଅଙ୍ଗନୱାଡ଼ିକୁ ଅସ୍ଥାୟୀ ଭାବେ ହସ୍ତାନ୍ତର କଲେ ଉପଜିଲ୍ଲାପାଳ





ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନଥିବାରୁ ଦୀର୍ଘ ବର୍ଷ ହେବ ଭାଣ୍ଡିଲୋ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଚାଲିଥିଲା। ତେବେ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡ଼ି ନିମନ୍ତେ ୮ ବର୍ଷ ହେବ ଗୃହ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସରିବାର ନାଁ ଧରୁନାହିଁ। ଇତିମଧ୍ୟରେ ଭାଣ୍ଡିଲୋ ପ୍ରାଥମିକ ବିଦ୍ୟାଳୟଟିରେ ଛାତ୍ରଛାତ୍ରୀ ଉପସ୍ଥାନ କମିଯିବା କାରଣରୁ ଏହା ବନ୍ଦ ହୋଇଯାଇଥିଲା। ତେବେ ବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଏହି ବନ୍ଦ ବିଦ୍ୟାଳୟ ଗୃହକୁ ଅଙ୍ଗନୱାଡ଼ି କେନ୍ଦ୍ର କିମ୍ବା କୌଣସି ସରକାରୀ କାର୍ଯ୍ୟରେ ନଲଗାଇବା ଫଳରେ ଏହି ଗୃହକୁ କିଛି ବ୍ୟକ୍ତି ନିଜ ଅକ୍ତିଆରକୁ ନେଇ ଜବରଦଖଲରେ ରଖି ସେମାନଙ୍କ କାର୍ଯ୍ୟରେ ଲଗାଉଥିଲେ। ତେବେ ଗ୍ରାମର କୁନି କୁନି ପିଲାମାନେ ବିଦ୍ୟାଳୟ ପରିସରରେ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ରହି ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢୁଥିଲେ। ଏ ସମ୍ପର୍କରେ ସ୍ଥାନୀୟ କିଛି ବୁଦ୍ଧିଜୀବୀ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଗତକାଲି କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ବିଡ଼ିଓ ନମିତା ବାରିକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା, ସିଡ଼ିପିଓ ହରପ୍ରିୟା ଦେବୀଙ୍କ ସମେତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ପୋଲିସ୍ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ବିଦ୍ୟାଳୟକୁ ଜବରଦଖଲ ମୁକ୍ତ କରିଥିଲେ। ଏଥିସହିତ ବିଦ୍ୟାଳୟର ଏକ ଶ୍ରେଣୀଗୃହରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ନସରିବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଅଙ୍ଗନୱାଡ଼ି କେନ୍ଦ୍ର ଚଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଦ୍ୟାଳୟର ଅନ୍ୟ ଶ୍ରେଣୀଗୃହର ଚାବି ବସପୁର ସରପଂଚ କମଳା ଦାସଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରଶାସନ ତୁରନ୍ତ ଅର୍ଦ୍ଧନିର୍ମିତ ଅଙ୍ଗନୱାଡ଼ି ଗୃହକୁ ସମ୍ପୂର୍ଣ୍ଣ କରିବା ସହିତ ବିଦ୍ୟାଳୟର ବାଉଣ୍ଡରୀ ୱାଲ କରିବା ପାଇଁ ବ୍ୟୟବରାଦ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## କାକଟପୁର-ଅସ୍ତରଙ୍ଗ ଥାନା ଅଞ୍ଚଳରେ ସ୍ଥାଣୁ ପୋଲିସ ବ୍ୟବସ୍ଥା



**➡ ନିଶା କାରବାର, ଚୋରି, ଛିନତାଇ ବଢୁଛି**

**➡ କୁଖ୍ୟାତ ଅପରାଧୀ ଖୁଲମଖୁଲ୍ଲା ବୁଲୁଛି**

**➡ ସନ୍ଧ୍ୟା ହେଲେ ଦାମୀ ନାଲି ବାଇକ୍‌ରେ ବୁଲୁଛି**

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଯାଉଛି। ବଢ଼ି ଚାଲିଛି ନିଶା କାରବାର। ବ୍ରାଉନସୁଗାର, ଗଂଜେଇ ଓ ଦେଶୀ ମଦ ବିକ୍ରି ଜୋର ଧରିଛି। ନିଶା ପାଇଁ ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ ଚୋରି, ଛିନତାଇ ବଢୁଛି। ନିଶାଶକ୍ତ ଯୁବକ ଦ୍ରୁତ ଗତିରେ ବାଇକି ଚଳାଇ ଉତ୍ପାତ କରିବା ସହ ଲୁଟ କରୁଛନ୍ତି। ପ୍ରତିଦିନ ଚୋରି, ଛିନତାଇର ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ ଚୁପ୍। ଯାହା ନିଶାଡି ଓ ଅପରାଧୀଙ୍କୁ ସୁହାଉଛି। ପୋଲିସର ସ୍ଥାଣୁତା ପାରିବା ପଣିଆକୁ ନେଇ ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମନେ କଲେଣି। କିଛି ଦିନ ତଳେ ଅସ୍ତରଙ୍ଗ ଅଞ୍ଚଳରେ ଜଣେ ମହିଳାଙ୍କ ଘର ନିକଟରୁ ଚେନ ଛିଣ୍ଡାଇ ନେଇଥିଲେ। ଏ ନେଇ ନିକଟସ୍ଥ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଅଭିଯୋଗରେ ହିଁ ରହିଲା ଚୋର ଧରା ପଡିଲା ନାହିଁ। ପ୍ରତିଦିନ ଏମିତି ସମାନ ଅଭିଯୋଗ ଆସୁଥିଲେ ସୁଧା ପୋଲିସ କେବଳ ଷ୍ଟେସନ ଡାଏରୀ କରିଦେଉଛି। ଚୋର ଧରିବା କିମ୍ବା ନିଶା କାରବାର ଉପରେ ରୋକ ଲଗାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଉନି। ଯାହାର ଫାଇଦା ନେଉଛନ୍ତି ଅପରାଧୀ। ନିଶା କାରବାର ଉପରେ ଅଙ୍କୁଶ ଲାଗି ପାରୁନି। ଖୁଲମ ଖୁଲ୍ଲା ଦେଶୀ ଓ ବିଦେଶୀ ମଦ ଥାନା ସାମ୍ନାରେ ସ୍କୁଟିରେ ଗାଁ ଗାଁ ବୁହାହେଉଛି, ସବୁ ଜାଣି ପୋଲିସ ନିରବ। ନିଶାରେ ଚୁର ଯୁବକ ମାନେ କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଦ୍ରୁତଗତିରେ ବାଇକ ଚଳାଇ ରୋମିଓଗିରି ଦେଖାଉଛନ୍ତି। ବହୁ ଚର୍ଚ୍ଚିତ ଅପରାଧୀ ତଥା ଚୋର ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅଳ୍ପ କିଛି ଦୂରରେ ଥିବା ଏକ ଗ୍ରାମରେ ଯୁବକ ଦାମୀ ନାଲି ବାଇକରେ ସନ୍ଧ୍ୟା ହେଲେ ଦ୍ରୁତ ଗତିରେ ବୁଲିବା ସହ ଧଳାଜହର ବ୍ୟବସାୟ କରୁଛନ୍ତି। ସକାଳୁ ପ୍ରତ୍ୟେକ ଦିନ ସ୍କୁଟି ମାଧ୍ୟମରେ ଗଂଜେଇ ରାଜ୍ୟର କୋଣ ଅନୁକୋଣରୁ ଆଣି ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଗାଁରେ ଖୁଲମ୍ ଖୁଲ୍ଲା ଅପରାଧିକ ମାମଲାରେ ସଂଶ୍ଳିଷ୍ଟ ବ୍ୟକ୍ତି ବିକ୍ରି କରୁଛନ୍ତି। ନିଶା ପାଇଁ ଅର୍ଥ ଯୋଗାଡ଼ କରିବାକୁ ଚୋରି, ଛିନତାଇ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ କାକଟପୁର ଥାନା ଅନ୍ତର୍ଗତ ନଇଗୁଆଁ କ୍ଲସ ରୋଡ, ଖଣ୍ଡାସାହି, ଓସ୍ତପୁର, ତାଳଦା ଘାଟ, ଷାଠିଏବାଟି ରାସ୍ତା ପାର୍ଶ୍ୱ, ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ସେତୁ, ଅସନ, ଆଳସାହି, ନଗର, ବେଗୁନିଆବସ୍ତ, ମାଳଦା ଛକ, ଶିଶୁଅ, କୋରଣା, ମାଣ୍ଡୁକି ଛକ, ପୋଟଳ ଛକ, ବେଗୁନିଆବସ୍ତ, ଉକୁଳେଇ ଛକ, ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଝାଡ଼ଲିଙ୍ଗ, ନୂଆଗଡ ପେଟ୍ରୋଲ ପମ୍ପ ଛକ ସମେତ ବିଭିନ୍ନ ସ୍ଥାନରେ ଧଳା ଜହର ଅବା ବ୍ରାଉନସୁଗାର ହଟସ୍ପଟ ପାଲଟିଛି। ଅନେକ ଥର ତାଳଦା ସେତୁ, ଖଣ୍ଡାସାହି, ଉକୁଳେଇ ଛକ ଓ ମାଳଦା ଛକରୁ ଅନେକ ଥର ପୂର୍ବରୁ ଧରିଛି ପୋଲିସ। ନିଶା ଶକ୍ତ ଯୁବକ ମାନେ ନିଶା ଖାଇବା ପାଇଁ ଚୋରି ଓ ଛିନତାଇ ପ୍ରମୁଖ ମାଧ୍ୟମ କରିଛନ୍ତି। ଏ ସବୁ ଉପରେ ନିୟନ୍ତ୍ରଣ ନ ଆସିଲେ ଆଗକୁ ସ୍ଥିତି ଆହୁରି ବିଗିଡିବ ବୋଲି ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି। ପୋଲିସ ସ୍ଥାଣୁ ନ ହୋଇ ପାଟ୍ରୋଲିଂକୁ କଡାକଡି ସହ ଯାଞ୍ଚ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ଚୋରି ଓ ଛିନତାଇ ରୋକିବା ଦିଗରେ ପୋଲିସ ପଦକ୍ଷେପ ନ ନେଇ କେବଳ ବିଭିନ୍ନ ଛକ ସ୍ଥାନରେ ଲୁଚି ରହି ବାଇକର ଫଟୋ ଉଠାଇ ଫାଇନ କାଟିବାପାଇଁ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ଏ ଦିଗରେ ଦୃଷ୍ଟି ଦିଆଯାଉଛି, ପାଟ୍ରୋଲିଂ ଆହୁରି କଡାକଡି କରାଯିବ ବୋଲି ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।




## ହୃଦଘାତ୍ ରୋଗରେ ପୀଡିତ କୃଷ୍ଣଚନ୍ଦ୍ରଙ୍କୁ ଆର୍ଥିକ ସହାୟତା



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ଗ୍ରାମପଞ୍ଚାୟତ ବିଜିପୁର ଗ୍ରାମର ହୃଦଘାତ୍ ରୋଗରେ ପୀଡିତ କୃଷ୍ଣଚନ୍ଦ୍ର ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, କୃଷ୍ଣଚନ୍ଦ୍ର କିଛି ମାସ ହେବ ହୃଦଘାତ୍ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଚଲାବୁଲା କରିବାକୁ ଅକ୍ଷମ। ବର୍ତ୍ତମାନ ତାଙ୍କ ଆଖିକୁ ମଧ୍ୟ ଠିକ୍ ସେ ଦେଖା ଯାଉନି। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି। ଅର୍ଥାଭାବରୁ ତାଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ଜ୍ୟୋତିରଂଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ବାବାଜୀ ରାଉତ ଏବଂ ସମ୍ବିତ ଦାସ ପ୍ରମୁଖ କୃଷ୍ଣଚନ୍ଦ୍ରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର(୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ୍ ସାମଗ୍ରୀ ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଂ ହ୍ୟାଣ୍ଡସର ବଦାନ୍ୟତା ପାଇଁ କୃଷ୍ଣଚନ୍ଦ୍ର ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।



# ଆମ କଳାହାଣ୍ଡି





# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪ ଗୋଟି ଓ ସାମୂହିକ ୩ ଗୋଟି ରହିଥିବା ବେଳେ ୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମି ବିବାଦ, ରାସନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧ୍ୱମାନ ଚାକମା, ପଞ୍ଚାୟତ ସମିତି ଅଧକ୍ଷା ବବିତା ପାଟଯୋଷୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ସଂଜୟ ସାମନ୍ତରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଏସ.ଡି.ପି.ଓ. ଧର୍ମଗଡ଼ ମନୋଜ ବେହେରା, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲା, ସହ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଚୋରା ଗଞ୍ଜେଇ ଜବତ, ଜଣେ ଗିରଫ



ମ.ରାମପୁର, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ପାଜିବାହାଲି ଛକ ଠାରେ ଗଞ୍ଜେଇ ଚୋରାଚାଲାଣ ବେଳେ ମ.ରାମପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା । ୨୨ତାରିଖ ସଂନ୍ଧ୍ୟାରେ ଏକ କାର୍ ସହିତ ଗଞ୍ଜେଇ ଜବତ ହୋଇଛି । ପ୍ରାପ୍ତ ସୂଚନା ମୁତାବକ ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ମୋହନ ଗିରି ପଟୁ ଆସୁଥିବା ଏକ କାର ( ଗାଡ଼ି ନମ୍ବର୍ ସିଜି ୦୪ ଏନ୍ ଜେଡ ୮୪୪୯)କୁ ଅଟକାଇ ସେଠାରୁ ତିନି ବସ୍ତା ଗଞ୍ଜେଇ ସହିତ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ( ଚିନାଗୁଡ଼ା) ଅଞ୍ଚଳର ଇଶୁ ଦାସ ଛତ୍ରିଆଙ୍କୁ ଅଟକ ରଖିଛି । ଉକ୍ତ ବ୍ୟକ୍ତି ଜଣଙ୍କ ଖରୀଆର ଅଞ୍ଚଳକୁ ବିକ୍ରି ପାଇଁ ନେଉଥିବ ସ୍ୱୀକାର କରିଛନ୍ତି । ତେବେ ମ.ରାମପୁର ଅଞ୍ଚଳରେ ପ୍ରାୟ ସବୁ ସମୟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗର ଆଖି ଦୃଶିଆ ପଦକ୍ଷେପ ନେବାରେ ଅବହେଳା ଯୋଗୁଁ ଘଟୁଛି ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ଏହି ଚଢାଉ ବେଳେ ଥାନାଧିକାରୀ ଶ୍ରୀଯୁକ୍ତ ନାୟକଙ୍କ ସମେତ ମ.ରାମପୁର ତହସିଲ୍ ଦାର ସୁଧାକର ରଇତ, ଏସ୍ ଆଇ ଗୋପବନ୍ଧୁ ନାୟକ, ଏସ ଆଇ କବିତା ବାଗ,ଏ ଏସ ଆଇ ଜି ଅଭିମନ୍ୟୁ ରାଓ ପ୍ରମୁଖ ସାମିଲ ଥିଲେ ।

# ଜମ୍ମୁ-କାଶ୍ମୀରରେ ସଂଜୟ ପୁରୋହିତଙ୍କ ଭୂଗୋଳ ବହି




କୋକସରା, (ଭାସ୍କର ନ୍ୟୁଜ୍ ) : ପୃଥିବୀ ଓ ପ୍ରକୃତିକୁ ଭଲ ପାଉଥିବା ମଣିଷ ଅନେକ ଅଛନ୍ତି । ପୃଥିବୀର ଗତି, ମାଟି, ପାଣି, ପବନ, ଜଙ୍ଗଲ, ପାହାଡ, ଝରଣା, ନଈ, ସାଗର, ମହାସାଗର, ଭୂମିକମ୍ପ, ଲାଭା ଉଦ୍ଗିରଣ, ଜନସଂଖ୍ୟା, ଜନଜୀବନ ପ୍ରଭୃତି ବିଷୟରେ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ପ୍ରଦାନ କରିବା ସହଜ ସାଧ ନୁହେଁ । ସେମିତି ପ୍ରକୃତିକୁ ଆପଣାର କରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ବରିଷ୍ଠ ଅଧ୍ୟାପକ ସଂଜୟ କୁମାର ପୁରୋହିତ । କଳାହାଣ୍ଡି ତଥା ଓଡ଼ିଶା ପାଇଁ ଗୌରବର କଥା ଯେ ଅଧ୍ୟାପକ ପୁରୋହିତଙ୍କ ଦ୍ୱାଦଶ ଶ୍ରେଣୀର ଭୂଗୋଳ ବହି ଜମ୍ମୁକାଶ୍ମୀରରେ କଲ୍ୟାଣୀ ପବ୍ଲିଶର ଦ୍ୱାରା ପ୍ରକାଶିତ ହୋଇଯାଇଛି । ପୂର୍ବରୁ ଓଡ଼ିଶାରେ ଯୁକ୍ତଦୁଇ ପାଇଁ ଛ' ଖଣ୍ଡ ଭୂଗୋଳ ବହି ପ୍ରକାଶ ହୋଇ ସାରିଛି । କଲ୍ୟାଣୀ ପବ୍ଲିଶର ନୂଆଦିଲ୍ଲୀ କାର୍ଯ୍ୟାଳୟରେ ପବ୍ଲିଶର ଡଃ ତରୁଣ ଭଟିଜା ଅଧ୍ୟାପକ ପୁରୋହିତଙ୍କ ଦ୍ୱାରା ଜମ୍ମୁକାଶ୍ମୀର ସିଲାବସ୍ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପାଇଁ ଲିଖିତ 'ଫାଉଣ୍ଡେସନ ଅଫ୍ ହ୍ୟୁମାନ ଜିଓଗ୍ରାଫି' ବହିକୁ ଲୋକାର୍ପଣ କରିଛନ୍ତି । ଏହି ବହି ଏବେ ଜମ୍ମୁକାଶ୍ମୀର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଧୟନ କରିପାରିବେ । ଏହି ସଫଳତା ପାଇଁ ଶିକ୍ଷା ପ୍ରେମୀମାନେ ଅଧ୍ୟାପକ ସଂଜୟ କୁମାର ପୁରୋହିତଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି । ସଂପ୍ରତି ଶ୍ରୀପୁରୋହିତ କୋକସରା ବ୍ଲକ ଲଡୁଗାଁ ହାୟର ସେକେଣ୍ଡାରୀ ସ୍କୁଲରେ ଭୁଗୋଳ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟରତ ଅଛନ୍ତି ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଏଜେନସି ଫର୍ ଏନଭାରମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ୍ (କେଫ୍ୟୁ)ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନରେ ଥିବା ସାଇସୁରନି ରେଞ୍ଜର ଗୁଣପୁର ବନଖଣ୍ଡର ମିଳିତ ଆନୁକୂଲ୍ୟରେ ୨୨ ତାରିଖ ମଙ୍ଗଳବାର ଦିନ 'ବିଶ୍ୱ ଧରିତ୍ରୀ ଦିବସ-୨୦୨୫' ଗୁଣପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । କେଫ୍ୟୁ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଗ୍ରାମପଂଚାୟତର ସରପଞ୍ଚ ସୁଜାତା ମାଝୀ, କଳାହାଣ୍ଡି ଜିଲ୍ଲା ବନ କର୍ମଚାରୀ ସଂଘର ସଭାପତି, ଭବାନୀ ଶଙ୍କର ପରିଚ୍ଛା, ସାଇସୁରନି ସେକ୍ସନର ବନପାଳ ସନ୍ତୋଷ କୁମାର ଦଳପତି, ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ନାଏକ, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ନାୟକ, ସମାଜସେବୀ ରଥ ଦୁରିଆ, ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଓ ସ୍ଥାନୀୟ ବରିଷ୍ଠ ନାଗରିକ ଧୋବା ନାଏକ ପ୍ରମୁଖ ମଂଚାସୀନ ହୋଇ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଚଳିତ ବର୍ଷ ବିଶ୍ୱ ଧରିତ୍ରୀ ଦିବସର ବିଷୟ 'ଆମର ଶକ୍ତି ଆମର ଗ୍ରହ' ଶୀର୍ଷକ ଉପରେ ଅତିଥି ବୃନ୍ଦ ବିଶଦ୍ ଆଲୋଚନା କରିଥିଲେ । ଅକ୍ଷୟ ଶକ୍ତିକୁ ପ୍ରୟୋଗ କରି ତାପଜ ଶକ୍ତି ଓ ବିଦ୍ୟୁତ ଶକ୍ତି ଉତ୍ପାଦନ ଆଗାମୀ ୨୦୩୦ ସୁଦ୍ଧା ଶତକଡ଼ା ପଚାଶ ଭାଗ ଲୋକ ଏହାର ଉପଭୋକ୍ତା ସାଜିବେ ବୋଲି ନିର୍ଦ୍ଧାରିତ ହୋଇଥିବା ବିଷୟ ପ୍ରକାଶ କରିଥିଲେ । ବିଶେଷ କରି ସୌରଶକ୍ତିରୁ ଇନ୍ଧନ ଶକ୍ତି ପାଇଲେ ଜଙ୍ଗଲରୁ ଗଛ କାଟିବା ନିୟନ୍ତ୍ରଣ ହୋଇପାରିବ ବୋଲି ବକ୍ତାଗଣ ମତାମତ ରଖିଥିଲେ । ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଅନୁଷ୍ଠିତ ଜନ ସଚେତନତା ସଭାରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମାଆମାନେ ଭାଗ ନେଇ ଯଥା ଶୀଘ୍ର ଏହି କାର୍ଯ୍ୟକ୍ରମକୁ ଲାଗୁ କରାଯାଇ ସାଧାରଣ ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ । ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇସି ସଂଘ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକରେ ଇସି ସଂଘ ପୁନଃ ଗଠନ ପ୍ରକ୍ରିୟା ବନ୍ଦ କରିବା ପାଇଁ ମଙ୍ଗଳବାର ଇସି ସଂଘ ପକ୍ଷରୁ ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ନୂତନ ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାରେ କେନ୍ଦ୍ରୀୟ ସ୍କିମ ଏନ୍ଆରଏଲଏମ୍ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ ଓ ଓଡ଼ିଶା ମିଶନ ଶକ୍ତି ଅଧିନରେ ୩ ବର୍ଷରୁ ୨୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରତ ଥିବା ହଜାର ହଜାର ଇସି ସଦସ୍ୟଙ୍କୁ ପୁନଃ ଗଠନ ଆଳରେ ବାହାର କରିବା ପାଇଁ ରାଜ୍ୟ ବିଜେପି ସରକାର ପକ୍ଷରୁ ଜାନୁୟାରୀ ୮ ତାରିଖରେ ନିର୍ଦ୍ଦେଶନାମା ଓ ୨୨ ଜାନୁଆରୀରେ ନୂତନ ଗାଇଡ଼ ଲାଇନ ବାହାରିଥିଲା । ଏହା ଦ୍ୱାରା ରାଜ୍ୟରେ ହଜାର ହଜାର କାର୍ଯ୍ୟରତ ସଦସ୍ୟ କର୍ମଚ୍ୟୁତ ହେବା ଆଶଙ୍କା ରହିଥିଲା । ଯାହାକୁ ନେଇ ସଂଘ ପକ୍ଷରୁ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚତମ ନ୍ୟାୟାଳୟ ପୁନଃ ଗଠନ ପ୍ରକ୍ରିୟାକୁ ରହିତାଦେଶ ଜାରି କରିଛନ୍ତି । ତେଣୁ କୋକସରା ବ୍ଲକରେ ମଧ ଇସି ସଂଘ ପୁନଃ ଗଠନ ପ୍ରକ୍ରିୟା ବନ୍ଦ କରିବା ପାଇଁ ସଂଘ ପକ୍ଷରୁ ଦାବି ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଗିତାଞ୍ଜଳୀ ସୁନାନୀ, ସରସ୍ୱତୀ ଶବର, କନକ ଶବର, କଳ୍ପନା ପୁଝାରୀ, ସୁମତି ନାଏକ, ବିଳାସିନୀ ଶବର, କାନ୍ତି ପଟ୍ଟନାୟକ, ପ୍ରେମସିଲା ମାଝୀ, ରକ୍ଷୀ ରାଉତ, ଦଶ୍ମି ମାଝୀ ସମେତ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ ।

## ପରଲୋକରେ ମାଣ୍ଡେଲ ସରପଞ୍ଚ

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା । ବିଶାଖାପାଟଣାର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ବୁଧବାର ପୂର୍ବାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ନର୍ଲା ବ୍ଲକ ଯାଦବ ସମିତିର ସମ୍ପାଦକ ଭାବେ କାର୍ଯ୍ୟ କରି ଆସିଥିବା ସ୍ୱର୍ଗତ ଜାଲ ଜଣେ ସୁସଙ୍ଗଠକ ଓ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ମାଣ୍ଡେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ସେ କାର୍ଯ୍ୟରତ ଥିବାବେଳେ ଅନେକ ଜନହିତକର କାର୍ଯ୍ୟ କରି ଯାଇଛନ୍ତି । ତାଙ୍କର ଧର୍ମପତ୍ନୀ ଓ ଦୁଇ ପୁଅ ଅଛନ୍ତି । ତାଙ୍କ ବିୟୋଗରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ଉଦ୍ୟୋଗପତି ସୁମିତ ଅଗ୍ରୱାଲ, ଧିରେନ୍ଦ୍ର ଖେତାନ, ସମାଜସେବୀ ଅବିନାଶ ଠାକୁର, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ, ସାଧାରଣ ସମ୍ପାଦକ ଅଜିତ କରୁଆଁ, ଉପସଭାପତି ଲିଙ୍ଗରାଜ କରୁଆଁଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଶୋକ ପ୍ରକାଶ କରିଛନ୍ତି ।

# ଅବକାରୀ ଚଢ଼ାଉ: ୮ ଲିଟର ମଦ ସହ ଜଣେ ଗିରଫ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଖୁର୍ସେଲଗୁଡ଼ା ଗ୍ରାମରେ ଚଢ଼ାଉ କରାଯାଇ ଆଇଡି ଲିକର ସହ ଜଣକୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ହେଲେ ଖୁର୍ସେଲଗୁଡ଼ା ଗ୍ରାମର ବୈକୁଣ୍ଠ ବେହେରା(୪୮) ବୋଲି ସୂଚନା ମିଳିଛି । କୋକସରା ଅବକାରୀ ଥାନା ଓଆଇସି ନରେନ୍ଦ୍ର ମିଞ୍ଜିଙ୍କ ନେତୃତ୍ୱରେ ଏକ ଟିମ୍ ଖୁର୍ସେଲଗୁଡା ଗ୍ରାମରେ ଚଢ଼ାଉ କରିଥିଲେ । ଏହି ଚଢାଉ ସମୟରେ ଗ୍ରାମର ବୈକୁଣ୍ଠ ବେହେରାଙ୍କ ଘର ପଛପଟୁ ୮ ଲିଟର ଆଇଡ଼ି ଲିକର ଜବତ କରିବା ସହ ତାଙ୍କୁ ଗିରଫ କରାଯାଇ ଥାନାକୁ ଅଣାଯାଇ ପଚରାଉଚରା କରିଥିଲା ପୋଲିସ । ପରେ ବୈକୁଣ୍ଠଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଓଆସି ମିଞ୍ଜିଙ୍କ ସହ କନେଷ୍ଟବଳ ଖୁସିଦେବ କଟା, ବଳଭଦ୍ର ପାତ୍ର, ଅରୁଣାକ୍ଷ ଧଙ୍ଗଡ଼ାମାଝୀ, ସୁବଳ ମାଝୀ, ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ହୋଇଥିଲେ ।

# ବ୍ଲକସ୍ତରୀୟ ଡଃ ବି.ଆର.ଆମ୍ବେଦକର ଜୟନ୍ତୀ ପାଳିତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକସ୍ତରୀୟ ଡଃ. ବି.ଆର.ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ରାଜପୁର ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ସକାଳ ଘ.୯.ରେ ମୋଟରସାଇକଲ ଶୋଭାଯାତ୍ରାରେ ଆମ୍ବେଦକର ଜ୍ୟୋତି ପରିକ୍ରମା ରାଜପୁର ପଞ୍ଚାୟତରର ସିଆଲପଲା, ବାବେଯୋର, ଗୋଇନ୍ଦାମୁଣ୍ଡା, ସୁରୁଜୁ ଲି, ବାଞ୍ଜିପଦର ଦେଇ ରାଜପୁର ଗ୍ରାମକୁ ଆସିଥିଲା । ଦିବା ଘ.୧୨ଣ୍ଟା ସମୟରେ ଅଲ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡ଼େରେସନ କର୍ଲାମୁଣ୍ଡା ବ୍ଲକ୍ ସଭାପତି ଧ୍ୱମାନ ବରୁଣ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଲାଙ୍ଗିର ଜିଲ୍ଲା ଏପିଡି ଧ୍ୱମାନ ତରଣୀ ସୁନା ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଯୁଗେଶ୍ୱର ସାଗର ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ । ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ପି.ଡି. ମନିନ୍ଦ୍ର ହନାଗା, ସମ୍ମାନୀତ ଅତିଥି ରୁପେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଆ, ଏଓଏସ୍ସିଏଫ୍ କଳାହାଣ୍ଡି ଜିଲ୍ଲାସଭାପତି ଧ୍ୱମାନ ଶ୍ରୀବତ୍ସ ତାଣ୍ଡି, ସଂପାଦକ ଧ୍ୱମାନ ସୂର୍ଯ୍ୟନାରାୟଣ, କାର୍ଯକାରୀ ସଭପତି ରିଶିସୂଦନ ଛତ୍ରପାଳ, ଉପଦେଷ୍ଟା ଅବସରପ୍ରାପ୍ତ ଜେଲ ସୁପରିଟେଣ୍ଡେଣ୍ଟ ଧ୍ୱମାନ ପ୍ରେମାନନ୍ଦ ବାଗ, ଜିଲ୍ଲା ସଂଯୋଜକ ଧ୍ୱମାନ ବିଭିଷଣ ନାଏକ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, କର୍ଲାମୁଣ୍ଡା ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ରିଷିଡା ସରପଞ୍ଚ ସେବତୀ ରଣା, ସ.ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ, କୃଷ୍ଣଚନ୍ଦ୍ରପଟେଲ, ମଞ୍ଚାସିନ ଥିଲେ । ଅତିଥିମାନେ ବାବା ସାହେବ ଆମ୍ବେଦକର ଓ ଗୌତମ ବୁଦ୍ଧଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଦିଲିପ ବାଗ ସ୍ୱାଗତ ସଂଗୀତ ପରିବେଶଣ କରିଥିଲେ । ବ୍ଲକ ସଂଯୋଜକ ଧ୍ୱମାନ ମଧୁସୂଦନ ବାଗ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଦଣ୍ଡପାଣି ନାଏକ ଓ ଶରତ ବାରିକ ମଞ୍ଚ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ଦଇତରାମ ସୁନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକମରେ ରାଜପୁର ପଞ୍ଚାୟତ ସଭାପତି ତ୍ରିନାଥ ନାଏକ, ସଂପାଦକ ଲାଲ ବାହାଦୁର ସୁନା, କର୍ଲାମୁଣ୍ଡା ସଭାପତି ଟିକି ବାଗ, ଯୋରାଡ଼ୋବରା ସଭାପତି ଯୁଗଲ ନାଗ, ରାଧେଶ୍ୟାମ ବାଗ, ଅଜୟ ମହାନନ୍ଦ, ଶମ୍ଭୁନାଥ କରକରିଆ, ଶମ୍ଭୁ କୁମାର, ମନବୁଦ୍ଧ କୁମାର ସହଯୋଗ କରିଥିଲେ । ସଂଗଠନର ସଂପାଦକ ତ୍ରିଭୂନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୨ଗୋଟି ପଞ୍ଚାୟତରୁ ଆମ୍ବେଦକର ପ୍ରେମୀ ଅଂଶଗ୍ରହଣ କରିଥିଲେ ।

# ଲେଖିକା ସଂସଦର ବାର୍ଷିକ ଉତ୍ସବ କଳାହାଣ୍ଡି ଲେଖିକାଙ୍କୁ ସମ୍ବର୍ଦ୍ଧନା





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସାହିତ୍ୟ ରଚନା ଓ ସାରସ୍ୱତ ସଂଗଠନ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା କଳାହାଣ୍ଡିର ଅନ୍ୟତମ ଲେଖିକା କଳ୍ପନା ରଥଙ୍କୁ ଓଡିଶା ଲେଖିକା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂପ୍ରତି ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଓଡ଼ିଶା ଲେଖିକା ସଂସଦର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଓ ଲେଖିକା ସଂଯୁକ୍ତା ନାଏକ ଯୋଗ ଦେଇଥିଲେ । ଓଡ଼ିଆ ଲେଖିକା ସଂସଦର ସଭାପତି ଶକୁନ୍ତଳା ବଳିୟାରସିଂ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ କାନନ ବାଳା ପଟ୍ଟନାୟକ । ଅତିଥି ମାନେ ଓଡ଼ିଆ ସାହିତ୍ୟରେ ଲେଖିକା ମାନଙ୍କ ଉପସ୍ଥିତିକୁ ଶୁଭଙ୍କର ବୋଲି ପ୍ରକାଶ କରିବା ସହ ଆଗାମୀ ଦିନରେ ସେମାନଙ୍କ ଲେଖନୀ ଆହୁରି ଗତିଶୀଳ ହେଉ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ କଳାହାଣ୍ଡି ଜିଲ୍ଲାରୁ କଳାହାଣ୍ଡି ଲେଖିକା ସଂଘର ସଂପାଦିକା କଳ୍ପନା ରଥଙ୍କୁ ସମ୍ମାନିତ କରାଯିବା ସହ ଅନ୍ୟାନ୍ୟ ଜିଲ୍ଲା ମାନଙ୍କର ଲେଖିକା ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । କଳାହାଣ୍ଡିର ଲେଖିକା କଳ୍ପନା ରଥ ରାଜ୍ୟସ୍ତରରେ ସମ୍ମାନିତ ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଥିବାରୁ ତାଙ୍କୁ କଳାହାଣ୍ଡି ଲେଖିକା ସଂଘର ସଭାପତି ସୁଦେଷ୍ଣା ପଣ୍ଡା ଏବଂ ଅନୁଷ୍ଠାନର ସଭ୍ୟାମାନେ ଅଭିନନ୍ଦନ ଜ୍ଞାପନ କରିଥିଲେ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସଭ୍ୟସଭ୍ୟା ତଥା ଜିଲ୍ଲାର ସାହିତ୍ୟପ୍ରେମୀମାନେ ମାନେ ମଧ ତାଙ୍କୁ ଏହି ସମ୍ମାନ ପାଇଁ ଶୁଭେଚ୍ଛା ଜଣାଇଥିଲେ ।

# ରାଶିଫଳ

ଗୁରୁବାର, ୨୪ ଏପ୍ରିଲ ୨୦୨୫



**ମେଷ:** ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ । ନୂଆ ଚିନ୍ତାଧାରା ମନକୁ ଆସିବ । ଛାତ୍ରଛାତ୍ରୀ ଶ୍ରେଣୀ ସଫଳତା ହାସଲ କରିବ । ବ୍ୟବସାୟ ବୃଦ୍ଧି ପାଇବ । ପାର୍ଟି ଏବଂ ପିକନିକ୍ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିବେ ।




**ବୃଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । କାମ କରିବା ଭଳି ଅନୁଭବ କରିବେ ନାହିଁ । ଅନ୍ୟମାନେ ଆପଣଙ୍କଠାରୁ ଅଧିକ ଆଶା କରିବେ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ ।



**ମିଥୁନ:** ତୁମେ ସମ୍ମାନ ପାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଭଲ ହେବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର । ଆୟ ବୃଦ୍ଧି ପାଇବ । ତତ୍ପରତା ନାହିଁ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଶକ୍ତି ବୃଦ୍ଧି ପାଇବ । ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇବେ ।



**କର୍କଟ:** ଅତିଥିମାନେ ଘରେ ପହଞ୍ଚିବେ । ସୁଖ ଏବଂ ଉତ୍ସାହ ରହିବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ଅଳସୁଆମି ରହିବ । ପ୍ରଲୋଭିତ ହୁଅ ନାହିଁ । ବିବେକ ବ୍ୟବହାର କରନ୍ତୁ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର ।




**ସିଂହ:** ଚାକିରିରେ ପ୍ରାଧିକରଣର ବୃଦ୍ଧି ହୋଇପାରେ । ବ୍ୟବସାୟ ଯାତ୍ରା ସଫଳ ହେବ । ବିନିଯୋଗ ଅନୁକୂଳ ହେବ । ଅପ୍ରତ୍ୟାଶିତ ଲାଭ ହୋଇପାରେ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ଘର ବାହାରେ ଖୁସିର ପରିବେଶ ରହିବ । କିଛି କାମ ବିଷୟରେ ଚିନ୍ତା ହେବ । ଶାରୀରିକ ଯନ୍ତ୍ରଣା ସମ୍ଭବ ।




**କନ୍ୟା:** ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ବିବାଦ ଆତ୍ମ ସମ୍ମାନକୁ କ୍ଷତି ପହଞ୍ଚାଇପାରେ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୌଣସି ଅପରିଚିତ ବ୍ୟକ୍ତିଙ୍କ କଥାରେ ଜଡିତ ହୁଅନ୍ତୁ ନାହିଁ ।



**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ । ଲାଭ ସୁଯୋଗ ଆସିବ । ବ୍ୟବସାୟ ଲାଭଦାୟକ ହେବ । ଚାକିରିରେ ସୁସଙ୍ଗତତା ରହିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ ।



**ବିଛା:** ତୁମେ ସମ୍ମାନ ପାଇବ । ନୂତନ ଆୟର ଉତ୍ସ ମିଳିପାରିବ । ବ୍ୟବସାୟରେ ଅନୁକୂଳ ଲାଭ ହେବ । ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରୁ ଲାଭ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ସିଷ୍ଟମ୍ ଉନ୍ନତି କରିବ । ପ୍ରେମ କାର୍ଯ୍ୟରେ ତତ୍ପର ହୁଅନ୍ତୁ ନାହିଁ । ଥକ୍କା ଲାଗିବ । କିଛି କାମ ବିଷୟରେ ଚିନ୍ତା କର ।




**ଧନୁ:** ଲାଭ ପାଇଁ ସୁଯୋଗ ଆସିବ । ବ୍ୟବସାୟ ଲାଭଦାୟକ ହେବ । ପରିବାର ସହାୟତା ଉପଲବ୍ଧ ହେବ । ଘର ବାହାରେ ସୁଖ ମିଳିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ । କୋର୍ଟ ଏବଂ କୋର୍ଟ କାର୍ଯ୍ୟ ଅନୁକୂଳ ଲାଭ ଦେବ । କୌଣସି ବଡ କାମର ବାଧା ଦୂର ହେବ ।




**ମକର:** ହସ ଏବଂ ଥଟ୍ଟାରେ ହାଲୁକା ହୁଅ ନାହିଁ, ଯତ୍ନ ନିଅ । ମୂଲ୍ୟବାନ ସାମଗ୍ରୀ ମିଳିବ, ସେଗୁଡିକ ସୁରକ୍ଷିତ ରଖ । ବ୍ୟବସାୟ ଭଲ ହେବ । ଆୟରେ ନିଶ୍ଚିତତା ରହିବ । ଭ୍ରମଣ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଶାରୀରିକ ଯନ୍ତ୍ରଣା ସମ୍ଭବ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ ।



**କୁମ୍ଭ:** ବ୍ୟବସାୟ ଭଲ ରହିବ । ଚାକିରିରେ ଶାନ୍ତି ରହିବ । ଯାତ୍ରା ଉପଭୋଗ୍ୟ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ରାଜନୈତିକ ପ୍ରତିବନ୍ଧକକୁ ହଟାଇ ପରିସ୍ଥିତି ଅନୁକୂଳ ହେବ । ଘର ବାହାରେ ସୁଖ ମିଳିବ । ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । କାରବାରକୁ ଶୀଘ୍ର କର ନାହିଁ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** ଆୟର ନୂତନ ଉତ୍ସ ମିଳିପାରିବ । ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ । ଜୀବନ ଖୁସି ହେବ । ଘର ବାହାରେ ସୁଖ ମିଳିବ । ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ । ରୋଜଗାର ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଆରାମ ମିଳିବ । ଚିନ୍ତା ଦୂର ହେବ । ଚାକିରି ସ୍ଥିତି ବୃଦ୍ଧି ପାଇବ ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯